

ପୃଷ୍ଠା ୨ 'ଦୃଶ୍ୟମ୍' ସିକ୍ୱେଲରେ ଅଜୟ


RNI REGD NO: 42041/83

www.sakalaepaper.com

/thesakalanews

/TheSakala

www.thesakala.in

# ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR

◆ VOLUME- 19 ◆ ISSUE- 92 ◆ BHUBANESWAR ◆ SATURDAY ◆ 25 SEPTEMBER 2021 ◆ PAGE- 16 ◆ ₹ 5.00

◆ବର୍ଷ-୧୯ ◆ସଂଖ୍ୟା- ୯୨ ◆ଭୁବନେଶ୍ୱର ◆ଶନିବାର ◆୨୫ ସେପ୍ଟେମ୍ବର ୨୦୨୧ ◆ପୃଷ୍ଠା- ୧୬ ◆ଟ.୫.୦୦



EXPECTED RESULT IN NEET-2021

We Expect 25 to 30 admission in Govt. Medical College Out of 80 Students

TETRAHEDRON RESIDENTIAL COACHING

Tangi, Cuttack, Mob- 7008222977 / 8093064522

702/720 Sushree Sangita Sahoo, Roll No.: 3605014263, 1st Preparation, M- 9810975701 (F)

680/720 Debasis Sahoo, Roll No.: 3605015126, 2nd Preparation, M- 9861492793 (O), 9853700493 (F)

Botany: M.K.S. Sir (20 Yrs. Exp.), A.B. Sir (22Yrs. Exp.)

Zoology: KK Sir (42 Yrs. Exp.), SM Sir (25 Yrs. Exp.)


Physics: MP Sir (40Yrs. Exp.), Bikash Sir (32Yrs. Exp.), Manas Sir (22Yrs. Exp.)

Chemistry: KR Sir (40Yrs. Exp.), DD Sir (28Yrs. Exp.), Trideb Sir (20Yrs. Exp.)

100% NCERT based Coaching
100% Guidance and Care
No. Outside Movement.
Highest No. of Classes in Physics & Chemistry
Chapterwise MCQ discussion in Phy. Chem and Biology
Special Discount for a Student Securing More Than 500 Marks


# ମାଡ଼ି ଆସୁଛି 'ଗୁଲାବ'

- ବଙ୍ଗୋପସାଗରରେ ସୃଷ୍ଟି ହେଲା ଆଉ ଏକ ବାତ୍ୟା
- ଘଣ୍ଟାପ୍ରତି ୭ କିଲୋମିଟର ବେଗରେ ସ୍ଥଳଭାଗ ମୁହାଁ
- ୨୬ରେ କଳିଙ୍ଗପଟ୍ଟନମ୍ ନିକଟରେ ଛୁଇଁବ ସ୍ଥଳଭାଗ
- ଗଜପତି, ରାୟଗଡ଼ା, କନ୍ଧମାଳ ଏବଂ ଗଞ୍ଜାମ ଜିଲ୍ଲାରେ ଅତି ପ୍ରବଳ ବର୍ଷା; ୮ ଜିଲ୍ଲାକୁ ସତର୍କ ସୂଚନା ଜାରୀ
- ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ଖୋଲିବାକୁ ନିର୍ଦ୍ଦେଶ



■ **ଭୁବନେଶ୍ୱର, ୨୪।୯ (ସମିସ):** ମିଆଁମାର ଉପକୂଳରେ ସୃଷ୍ଟି ହୋଇଥିବା ଲଘୁଚାପ ବାତ୍ୟାରେ ପରିଣତ ହୋଇଛି। ସମୁଦ୍ର ମଧ୍ୟରେ ବାତ୍ୟା ବଳ ଗୋଟାଇ ଆଗକୁ ବଢ଼ୁଛି। ୨୬ ତାରିଖରେ ଏହା ଓଡ଼ିଶାର ଗୋପାଳପୁର ଦକ୍ଷିଣ ଭାଗ ତଥା ଉତ୍ତର ଆନ୍ଧ୍ରପ୍ରଦେଶର କଳିଙ୍ଗପଟ୍ଟନମ୍ ନିକଟରେ ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି। ୨୫ ତାରିଖ ରାତିରୁ ବାତ୍ୟାର ପ୍ରଭାବ ଆରମ୍ଭ ହୋଇଯିବ ବୋଲି ଆମେରିକାର ପ୍ରମୁଖ ପାଣିପାଗ ଆକଳନ ସଂସ୍ଥା ଜଏଣ୍ଟ ଟାଇଫୁନ୍ ୱାର୍ଣ୍ଣିଂ ସେଣ୍ଟର (ଜେଟିଡବ୍ଲ୍ୟୁସି) ପକ୍ଷରୁ ପୂର୍ବାନୁମାନ କରିଛି। ସଂସ୍ଥା ପକ୍ଷରୁ କୁହାଯାଇଛି ଯେ ମିଆଁମାର ଉପକୂଳରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଶୁକ୍ରବାର ଲଘୁଚାପ ସୃଷ୍ଟି ହୋଇଛି। ଗୋଟିଏ ଦିନ ମଧ୍ୟରେ ଏହା ଘନୀଭୂତ ହୋଇ ଲଘୁଚାପରୁ ବାତ୍ୟାରେ ପରିଣତ ହୋଇଛି। ବାତ୍ୟା କେନ୍ଦ୍ରବିନ୍ଦୁରେ ବର୍ତ୍ତମାନ ୬୫ କିମିରୁ ଅଧିକ ବେଗରେ ପବନ ବହୁଛି। ବାତ୍ୟା ଆଗକୁ ବଢ଼ିବା ପରେ ଧୀରେ ଧୀରେ ପବନର ବେଗ ବୃଦ୍ଧି ହେବ। ଉପକୂଳରେ ବାତ୍ୟା ମାଡ଼ ବେଳେ ପବନର ବେଗ ୧୦୦-୧୧୦ କିମି ରହିବ ବୋଲି ସଂସ୍ଥା ପକ୍ଷରୁ ପ୍ରାଥମିକ ଆକଳନରୁ କୁହାଯାଇଛି। ▶ପୃଷ୍ଠା-୧୦

## ଆଇଏମ୍‌ଡିର ରାତିଅଧିଆ ବାତ୍ୟା ସୂଚନା


■ **ଭୁବନେଶ୍ୱର, ୨୪।୯ (ସମିସ):** ଆମେରିକାର ପ୍ରମୁଖ ପାଣିପାଗ ଗବେଷଣା ସଂସ୍ଥା ଜେଟିଡବ୍ଲ୍ୟୁସି ପକ୍ଷରୁ ବଙ୍ଗୋପସାଗରରେ ବାତ୍ୟା ସୃଷ୍ଟି ନେଇ ବହୁ ପୂର୍ବରୁ ସୂଚନା ଦେଇଛି। ମାତ୍ର ଶୁକ୍ରବାର ସନ୍ଧ୍ୟା ପର୍ଯ୍ୟନ୍ତ ଆଇଏମଡି ପକ୍ଷରୁ ବାତ୍ୟା ନେଇ କୌଣସି ସୂଚନା ଦିଆଯାଇ ନ ଥିବା ବେଳେ ବିଳମ୍ବିତ ରାତିରେ ତରବରିଆ ଭାବେ ବାତ୍ୟା ଆସୁଥିବା ପୂର୍ବାନୁମାନ କରିଛି। ସାଧାରଣ ଭାବେ ଗଭୀର ଅବପାତର ମଧ୍ୟ ଭାଗରେ ୬୩ କିମି ବେଗରୁ ଅଧିକ ବେଗରେ ପବନ ବହିଲେ ଆଇଏମଡି ଏହାକୁ ବାତ୍ୟା ଭାବେ ବିବେଚନା କରିଥାଏ। ଏହି ଆଧାରରେ ଆଇଏମଡି ପକ୍ଷରୁ ଏହାକୁ ବାତ୍ୟାର ରୂପ ଦିଆଯିବା କଥା। ଜେଟିଡବ୍ଲୁସି ଏହାକୁ ବାତ୍ୟାର ରୂପ ଦେଇ ସାରିଥିବା ବେଳେ ଆଇଏମଡି ଏ କ୍ଷେତ୍ରରେ ବିଳମ୍ବ କରିବା ସାଧାରଣରେ ଉଦବେଗ ସୃଷ୍ଟି କରିଛି। ଯଦିଓ ଏହା ଓଡ଼ିଶା ଉପରେ ବିଶେଷ ପ୍ରଭାବ ପକାଇବ ନାହିଁ ବୋଲି ବିଭିନ୍ନ ମଡେଲ୍ କହୁଛି; ତଥାପି ପୂର୍ବରୁ ସୂଚନା ପ୍ରଦାନ କରିବାରେ ଆଇଏମ୍‌ଡି ▶ପୃଷ୍ଠା-୧୦

### ପାଞ୍ଚ ଦିନିଆ ଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

# ଦୋହରାଇବେ ରାଜ୍ୟର ହକ୍

■ **ଭୁବନେଶ୍ୱର, ୨୪।୯ (ସମିସ):** ଶୁକ୍ରବାରଠାରୁ ୫ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଆସନ୍ତା ୨୬ ତାରିଖରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁଥିବା ମାଓ ମୁକାବିଲା ସଂକ୍ରାନ୍ତ ବୈଠକରେ ଅଂଶଗ୍ରହଣ କରିବା ସହ ରାଜ୍ୟର ବିଭିନ୍ନ ହକ୍ ଉପସ୍ଥାପନ କରିବେ ବୋଲି ସୂଚନା ମିଳିଛି। କେନ୍ଦ୍ର ସରକାର ଗତ କିଛି ବର୍ଷ ମଧ୍ୟରେ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା, କେନ୍ଦ୍ରୀୟ ଯୋଜନାରେ ଧାରାବାହିକ ଭାବରେ ଅଂଶଧନ ହ୍ରାସ କରି ଚାଲିଛନ୍ତି। ଏହାବ୍ୟତୀତ ରାଜ୍ୟକୁ ପଞ୍ଚାୟତଓ ପୌର ନିର୍ବାଚନ ନିୟମରେ ସଂଶୋଧନ କରାଯାଇ ସର୍ବାଧିକ ୨୭% ପର୍ଯ୍ୟନ୍ତ ସଂରକ୍ଷଣ ନିମନ୍ତେ ବ୍ୟବସ୍ଥା କରିଛନ୍ତି। ମାତ୍ର ସମ୍ବିଧାନର ନବମ ଅନୁଚ୍ଛେଦରେ ସଂଶୋଧନ କରାଯାଇ ପଛୁଆ ବର୍ଗ ଜନସଂଖ୍ୟା ଆଧାରରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଗଲେ ଏହା ସମସ୍ତଙ୍କ ପାଇଁ ସହଜ ହୋଇ ପାରିବ ଏବ ୫୦% ସିଲିଂ ନେଇ ଅଦାଲତର ବାଧା ମଧ୍ୟ ରହିବ ନାହିଁ। ତେଣୁ ଏଥିନିମନ୍ତେ ପଛୁଆ ବର୍ଗଙ୍କ ଜନଗଣନା ଆବଶ୍ୟକ। ମୁଖ୍ୟମନ୍ତ୍ରୀ ବୈଠକରେ ଉଠାଇପାରନ୍ତି। ଏହାବ୍ୟତୀତ ଆହୁରି କିଛି ରାଜ୍ୟ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିପାରନ୍ତି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। କୋଇଲା ରାଜଭାଗ ବୃଦ୍ଧି କରା ନ ଯିବା ଦ୍ୱାରା ରାଜ୍ୟ ସରକାର ବିପୁଳ କ୍ଷତି ସହୁଛନ୍ତି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ସେସ୍ ବାବଦରେ ଆଦାୟ କରୁଥିବା ବିପୁଳ ଅର୍ଥରୁ ରାଜ୍ୟକୁ ଅଂଶ ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ରଖିପାରନ୍ତି ବୋଲି କୁହାଯାଉଛି।

କୋଇଲା ରାଜଭାଗ ବୃଦ୍ଧି କରାଯାଇ ନ ଥିବାରୁ ଗତ ୫ ବର୍ଷ ମଧ୍ୟରେ ରାଜ୍ୟ ସରକାର ଅନ୍ୟୁନ ୧୦ ହଜାର କୋଟି ଟଙ୍କା ହରାଇଛନ୍ତି; ଅନ୍ୟ ପକ୍ଷରେ କେନ୍ଦ୍ର ସରକାର ସ୍ୱଚ୍ଛ ଟିକସ (ଗ୍ରୀନ୍ ସେସ୍) ବାବଦରେ କୋଇଲାରୁ ଆଦାୟ କରିଛନ୍ତି ପ୍ରାୟ ୨୮ ହଜାର କୋଟି ଟଙ୍କା। କେନ୍ଦ୍ର ସରକାର ଆଦାୟ କରିଥିବା ଏହି ବିପୁଳ ଅର୍ଥରୁ ଫଟା ପାହୁଲାଟିଏ ମଧ୍ୟ ରାଜ୍ୟକୁ ମିଳିନାହିଁ।



**୨୬ରେ ମାଓବାଦୀ ମୁକାବିଲା ସଂକ୍ରାନ୍ତ ବୈଠକରେ ଭାଗ ନେବେ**

**ଉଠିପାରେ ପଛୁଆ ବର୍ଗ ଜନଗଣନା, ଅନୁଦାନ ଓ ବକେୟା ସହାୟତା ପ୍ରସଙ୍ଗ**

କେନ୍ଦ୍ରୀୟ ସହାୟତା ମଧ୍ୟ ହ୍ରାସ ହୋଇଛି। ଏହି ପ୍ରସଙ୍ଗ ଉପସ୍ଥାପନ କରିବା ସହ ମୁଖ୍ୟମନ୍ତ୍ରୀ ରାଜ୍ୟର ହକ୍ ସମ୍ବନ୍ଧିତ ଦାବିକୁ ଦୋହରାଇବାର ସମ୍ଭାବନା ରହିଛି। ପଛୁଆ ବର୍ଗ ଜନଗଣନା, କେନ୍ଦ୍ରୀୟ ଅନୁଦାନ ଓ ଜିଏସଟି ବକେୟା, ଆବାସ ସହାୟତା, ଏଫସିଆଇ ଦ୍ୱାରା ଚାଉଳ ଉଠାଣ, ମାଓ ପ୍ରଭାବିତ ଅଞ୍ଚଳରେ ଇଣ୍ଟରନେଟ୍ ସେବା, କୋଇଲା ରାଜଭାଗ ବୃଦ୍ଧି, କୋଇଲା ସେସ୍‌ରୁ ଭାଗ ଆଦି ସଂକ୍ରାନ୍ତରେ ଦାବି କରିପାରନ୍ତି ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମନେ କରୁଛନ୍ତି।

ନିଜ ପରିସର ମଧ୍ୟରେ ପଛୁଆ ବର୍ଗଙ୍କୁ ନ୍ୟାୟ ଦେବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ଉଦ୍ୟମ କରିଛନ୍ତି। ଏହା ଆଧାରରେ ସମ୍ବିଧାନରେ ଏ ସଂକ୍ରାନ୍ତ ସଂଶୋଧନ ହୋଇପାରିବ। ବିଜେଡି ସାଂସଦମାନେ ଏଥିନେଇ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ମାତ୍ର ଏ ଦିଗରେ କେନ୍ଦ୍ର ସରକାର କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ ସମୟରେ ରାଜ୍ୟର ଏହି ଦାବିକୁ ଶାଣିତ କରିବେ ବୋଲି ସୂଚନା ମିଳିଛି।

ମାଓ ମୁକାବିଲା ନିମନ୍ତେ କେନ୍ଦ୍ରୀୟ ବାହିନୀ ମୁତୟନ ନିମନ୍ତେ ରାଜ୍ୟକୁ କେନ୍ଦ୍ର ସରକାର ପୂର୍ବରୁ ବାରମ୍ବାର ଅର୍ଥ ଦାବି କରି ଆସିଛି। ରାଜ୍ୟ ସରକାର ଏହି ଅର୍ଥ ଛାଡ଼ କରିବାକୁ ମଧ୍ୟ କେନ୍ଦ୍ରକୁ ଅନୁରୋଧ କରିଛନ୍ତି। ଏହି ପ୍ରସଙ୍ଗ ମଧ୍ୟ

ଭାରତୀୟ ଖାଦ୍ୟ ନିଗମ ଏଫସିଆଇ ରାଜ୍ୟରୁ ଚାଉଳ ଉଠାଇବାରେ ଅବହେଳା କରୁଥିବା ପ୍ରସଙ୍ଗ ନେଇ ମଧ୍ୟ ମୁଖ୍ୟମନ୍ତ୍ରୀ ଆଲୋଚନା କରିପାରନ୍ତି। ଏଫସିଆଇ ଓଡ଼ିଶାକୁ ଅବହେଳା କରୁଥିବା ଅଭିଯୋଗ ହୋଇ ଆସୁଛି। ରାଜ୍ୟର ବିଭିନ୍ନ ଗୋଦାମରେ ପଡ଼ି ରହିଥିବା ପ୍ରାୟ ୭ ଲକ୍ଷ ଟନ୍ ଚାଉଳ ଏଫସିଆଇ ଉଠାଉ ନ ଥିବାରୁ ଏହି ଚାଉଳ ନଷ୍ଟ ହେବା ଆଶଙ୍କା ସୃଷ୍ଟି ହୋଇଛି। ସଂରକ୍ଷଣ ବ୍ୟବସ୍ଥାର ଅଭାବ ଦର୍ଶାଇ ଓଡ଼ିଶାରୁ ଚାଉଳ ଉଠାଇବା ନିମନ୍ତେ ▶ପୃଷ୍ଠା-୧୦

### ମହାନଦୀରେ ଓଲଟିଲା ଓଡ୍ରାଫ୍ ବୋଟ୍


# ସାମ୍ବାଦିକ ମୃତ, ଯବାନ ନିଖୋଜ



ଅରିନ୍ଦମ ଦାସ

- ୫ଜଣ ଏସ୍‌ସିବିରେ ଭର୍ତ୍ତି
- ଘଟଣାର ତଦନ୍ତ ଆରମ୍ଭ
- ମୁଖ୍ୟମନ୍ତ୍ରୀଙ୍କ ଶୋକ

■ **କଟକ / ବାରଙ୍ଗ, ୨୪।୯ (ସମିସ):** ହାତୀ ଫସିଥିବା ଖବର ସଂଗ୍ରହ ପାଇଁ ଓଡ୍ରାଫ୍ ବୋଟରେ ଯାଇଥିବା ଓଟିଭିର ସାମ୍ବାଦିକ ଅରିନ୍ଦମ ଦାସ ମହାନଦୀରେ ବୁଡ଼ିଯିବାରୁ ପ୍ରାଣ ହରାଇଛନ୍ତି। ଓଡ୍ରାଫ ଟିମର ବୋଟରେ ବସି ହାତୀ ଫସିଥିବା ଖବର ଲାଇଭ୍ କରୁଥିଲେ। କିନ୍ତୁ ଜଳରାଶିରେ ହାତୀର ନିକଟତର ହେବା ବେଳକୁ ସ୍ରୋତର ବିପରୀତରେ ଯାଉଥିବା ବୋଟ୍‌ଟି ହଠାତ୍ ଓଲଟି ପଡ଼ିଥିଲା। ବୋଟ୍‌ରେ ମୋଟ ୭ ଜଣ ଥିବା ବେଳେ ଓଡ୍ରାଫ୍ ଯବାନଙ୍କ ସହ ଅରିନ୍ଦମ ଓ ତାଙ୍କ କ୍ୟାମେରା ସହଯୋଗୀଙ୍କୁ ଉଦ୍ଧାର କରି ଏସ୍‌ସିବି ▶ପୃଷ୍ଠା-୧୦






www.flyusha.in

USHA TRAVELS

OFFER PRICE

BHUBANESWAR ⇌

| | |
|---|---|
| KOLKATA | 2533/-* |
| CHENNAI | 3433/-* |
| HYDERABAD | 3533/-* |
| BENGALURU | 3533/-* |
| DELHI | 3633/-* |
| MUMBAI | 3733/-* |
| AHMEDABAD | 3833/-* |
| PUNE | 4533/-* |
| ABUDHABI | 10,333/-* |
| DUBAI | 10,333/-* |

T&C Apply*

Mob. : 9937438896

TOLL FREE 1800 890 3566


### ୟୁପିଏସ୍‌ସି ପରୀକ୍ଷା ଫଳ ପ୍ରକାଶିତ

# ଶୁଭମ୍ କୁମାର ସର୍ବଭାରତୀୟ, ଜୁବିନ୍ ମହାପାତ୍ର ଓଡ଼ିଶା ଟପ୍ପର



ଶୁଭମ୍ କୁମାର



ଜୁବିନ୍ ମହାପାତ୍ର

■ **ଭୁବନେଶ୍ୱର, ୨୪।୯ (ସମିସ):** କେନ୍ଦ୍ର ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ୨୦୨୦ ବର୍ଷର ପ୍ରଶାସନିକ ସେବା ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ସର୍ବଭାରତୀୟସ୍ତରରେ ମୋଟ୍ ୭୬୧ ଜଣ ଛାତ୍ରଛାତ୍ରୀ ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବାବେଳେ ଶୁଭମ୍ କୁମାର ଦେଶରେ ଟପ୍ପର ହୋଇଛନ୍ତି। ଦ୍ୱିତୀୟ ସ୍ଥାନରେ ଜାଗ୍ରତି ଆୱାସ୍ତି ଥିବାବେଳେ ତୃତୀୟରେ ଅଙ୍କିତା ଜୈନ, ଚତୁର୍ଥରେ ୟସ୍ ଜାଲୁଜା ଓ ପଞ୍ଚମରେ ମମତା ଯାଦବ ରହିଛନ୍ତି। ସାଧାରଣ ବର୍ଗରେ ୨୬୩ ଜଣ କୃତକାର୍ଯ୍ୟ ହୋଇଥିବାବେଳେ ଇଡବ୍ଲ୍ୟୁଏସ୍ ବର୍ଗରେ ୮୬, ଓବିସି ବର୍ଗରେ ୨୨୯, ଅନୁସୂଚିତ ଜାତି ବର୍ଗରେ ୧୨୨ ଏବଂ ଅନୁସୂଚିତ ଜନଜାତି ବର୍ଗରେ ୬୧ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିବା ୟୁପିଏସସି ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ୧୫୦ ଜଣ ପ୍ରାର୍ଥୀଙ୍କୁ ରିଜର୍ଭ ତାଲିକାରେ ରଖାଯାଇଛି। ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ଓଡ଼ିଶାର ଜୁବିନ୍ ମହାପାତ୍ର ୪୬ ତମ ସ୍ଥାନରେ ରହିଛନ୍ତି। ସେହିପରି ୫୨ ତମ ସ୍ଥାନରେ ଆଶିଷ କୁମାର ମିଶ୍ର, ୬୮ ତମ ସ୍ଥାନରେ ଅପୂର୍ବ ତ୍ରିପାଠୀ, ୭୯ ତମ ସ୍ଥାନରେ ଶୁଭଙ୍କର ବଳ, ୮୨ରେ ସାର୍ଥକ ଚୌଧୁରୀ, ୧୯୪ରେ ରୀନା ପ୍ରଧାନ, ୨୪୪ରେ ପୂର୍ବୀ ନନ୍ଦ, ୩୦୭ରେ ମର୍ଲିନ ଦାସ, ୩୨୨ରେ ଆକାଶ ଚୌଧୁରୀ, ୩୯୫ରେ ନବଜ୍ୟୋତି ମିଶ୍ର, ୪୬୪ରେ ବିବର୍ତ୍ତନୀ ସ୍ୱାଇଁ, ୫୨୨ରେ ଅଙ୍କିତ ମିଶ୍ର, ୫୪୩ରେ ଚନ୍ଦ୍ର ଶେଖର ମେହେର, ▶ପୃଷ୍ଠା-୧୦

### ■ ରାଜଗାଙ୍ଗପୁରରେ ଓଲଟିଲା ବସ୍

# ମହିଳା ଯାତ୍ରୀଙ୍କ ସହ ୨ ମୃତ, ୧୦ ଆହତ

■ **ରାଉରକେଲା / ରାଜଗାଙ୍ଗପୁର, ୨୪।୯ (ସମିସ):** ଶୁକ୍ରବାର ରାତିରେ ରାଉରକେଲା ଆସୁଥିବା ଏକ ଯାତ୍ରୀବାହୀ ବସ୍ ରାଜଗାଙ୍ଗପୁର ରମାବାହାଲ ଛକ ୧୦ ନମ୍ବର ରାଜ୍ୟ ରାଜପଥ ଉପରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହାଫଳରେ ଘଟଣାସ୍ଥଳରେ ଜଣେ ମହିଳା ଯାତ୍ରୀଙ୍କ ସହ ଆଉ ଜଣେ ଅଜଣା ଯୁବକର ମୃତ୍ୟୁ ଘଟିଛି। ପ୍ରାୟ ୧୦ ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ୫ ଜଣ ଆରଜିଏଚ୍‌କୁ ସ୍ଥାନାନ୍ତର ହୋଇଛନ୍ତି। ସମସ୍ତ ଆହତ ନାଲା ରୋଡ୍ ଅଞ୍ଚଳର ବୋଲି ଜଣାପଡ଼ିଛି।

ସୂଚନା ଅନୁସାରେ, ରାଜଗାଙ୍ଗପୁର ଠାରେ ଆଜି ଅନୁଷ୍ଠିତ ଉର୍ଷ ପର୍ବରେ ଯୋଗ ଦେବା ପରେ ଲୋକମାନେ ଅନୀଲ ଟ୍ରାଭେଲ୍ସରେ ରାଉରକେଲା ଫେରୁଥିଲେ। ବସରେ ମୋଟ ୧୫ ଜଣ ଯାତ୍ରୀ ଥିଲେ। ରମାବାହାଲ ଛକରେ ଜଣେ ଅଜଣା ଯୁବକ ବସ୍ ସମ୍ମୁଖକୁ ଆସିଯାଇଥିଲା। ତାକୁ ବଞ୍ଚାଇବାକୁ ବସ୍‌ଟି ଭାରସାମ୍ୟ ହରାଇ ଡିଭାଇଡର ଉପରକୁ ଚଢ଼ିଯିବା ସହ ଓଲଟି ପଡ଼ିଥିଲା। ବସ ତଳେ ଚାପି ହୋଇ ମାନସିକ ବିକୃତ ଜଣାପଡୁଥିବା ଉକ୍ତ ଯୁବକ ସହ ବସରେ ବସିଥିବା ଜଣେ ମହିଳାଙ୍କ ବି ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା।

## ନାବାଳିକାଙ୍କୁ ଗଣଦୁଷ୍କର୍ମ; ଦୁଇ ଗିରଫ

■ **ଦେବଗଡ଼, ୨୪।୯ (ସମିସ):** ରିଆମାଳ ଥାନା ବୁରବୁଡ଼ା ଜଙ୍ଗଲ ରାସ୍ତାରେ ବୁଧବାର ସନ୍ଧ୍ୟାରେ ଟ୍ୟୁସନରୁ ଫେରୁଥିବାବେଳେ ଜଣେ ୧୨ ବର୍ଷୀୟା ନାବାଳିକାକୁ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁକରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ବୁଧବାର ସନ୍ଧ୍ୟାରେ ପୀଡ଼ିତା ଛାତ୍ରୀ ଜଣକ ଟ୍ୟୁସନରୁ ସାଇକଲରେ ଘରକୁ ଫେରୁଥିବାବେଳେ ନିକଟସ୍ଥ କଙ୍କରଖୋଲ ଗ୍ରାମର ସୁବାସ ବାଦୀ ଏବଂ ଚିନ୍ମୟ ରଞ୍ଜନ ବାଦୀ ବୁରବୁଡ଼ା ଜଙ୍ଗଲକୁ ଟେକିନେଇ ଦୁଷ୍କର୍ମ କରିଥିଲେ। ନାବାଳିକା ଜଣକ ସେଠାରୁ ଘରକୁ ଫେରି ପରିବାରଲୋକଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ପରିବାର ଲୋକେ ରିଆମାଳ ଥାନାକୁ ଆସି ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିବା ସହ ଦୁଷ୍କର୍ମକାରୀ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଶୁକ୍ରବାର ▶ପୃଷ୍ଠା-୧୦

### ଦେଶର ସୁନାମ ଲାଗି ଅଣ୍ଟାଭିଡ଼ିଛି ଓଡ଼ିଶା

# କ୍ରୀଡ଼ା କ୍ଷେତ୍ରରେ ନବୀନ ଏବେ ବ୍ରାଣ୍ଡ ଆମ୍ବାସାଡର

**ଯୁବ ବର୍ଗ, କ୍ରୀଡ଼ାବିତ୍, ରାଜନୈତିକ ମହଲରେ ଚର୍ଚ୍ଚା**

**କମିଲାଣି କ୍ରିକେଟ୍ ମାନିଆ, ବଢୁଛି ହକି ପ୍ରତି ଆଦୃତ୍ତି**

**ଖେଳର ରାଜଧାନୀ ଭୁବନେଶ୍ୱର, ବଦଳୁଛି ପରିଚୟ**

**ସବୁଠି ଏବେ ଓଡ଼ିଶାର ପ୍ରଶଂସା, ବିଶ୍ୱସ୍ତରରୁ ମିଳୁଛି ସ୍ୱୀକୃତି**

■ **ଭୁବନେଶ୍ୱର, ୨୪।୯ (ସମିସ):** ସାରା ଭାରତରେ କ୍ରିକେଟ୍ ପ୍ରତି ରହିଥିବା ଭଲପାଇବା ଓ ଯୁବ ବର୍ଗମଧ୍ୟରେ ଏହାର ଆଦୃତ୍ତି ପାଇଁ ଉଦାହରଣର ଆବଶ୍ୟକତା ନାହିଁ। ଏହା ସହିତ ଯୋଡି ହୋଇଥିବା ଅର୍ଥନୀତି ଓ ପଡିଆରା ଲଢ଼େଇ ସଂପର୍କରେ ମଧ୍ୟ ସମସ୍ତେ ଊଣା ଅଧିକ ଜାଣନ୍ତି।

ହେଲେ ହକି, ଫୁଟବଲ, ରଗ୍‌ବୀ ଭଳି କ୍ରୀଡା କ୍ଷେତ୍ରରେ ବିଶ୍ୱ ଦରବାରରେ ଦେଶ ପାଇଁ ଗୌରବ ଆଣିବା ଲାଗି କେନ୍ଦ୍ର ସରକାର କି ଦେଶ ନୁହେଁ, ଗୋଟିଏ ରାଜ୍ୟ (ଓଡ଼ିଶାର ମୁଖ୍ୟମନ୍ତ୍ରୀ) ଲଢିବା ଓ ସଫଳତା ଆଣିବା ଘଟଣା ଅବିଶ୍ୱାସ ମନେ ହେଲେ ବି ସତ। ଭାରତର ବିଶିଷ୍ଟ ରାଜନେତା, କ୍ରୀଡାପ୍ରେମୀ ସବୁ ମହଲରେ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନେଇ ଏମିତି ଚର୍ଚ୍ଚା ଆରମ୍ଭ ହୋଇଛି। କେହି କେହି ହକି ଓ କ୍ରୀଡାର ବିକାଶ କ୍ଷେତ୍ରରେ ନବୀନଙ୍କୁ ବ୍ରାଣ୍ଡ ଆମ୍ବାସାଡର ମଧ୍ୟ କହିବା ଆରମ୍ଭ କଲେଣି।

'ଯେହେତୁ ଦେଶର ପ୍ରତିଷ୍ଠା ବିପଦରେ, ଆମେ ଏହାକୁ ଆୟୋଜନ କରିବାକୁ ସହଜରେ ସହମତ ହୋଇଛୁ।' ଗତକାଲି (ଗୁରୁବାର) ଏଭଳି ମତପ୍ରକାଶ କରି ମୁଖ୍ୟମନ୍ତ୍ରୀ ଏଫଆଇଏଚ୍ ପୁରୁଷ ଜୁନିୟର ବିଶ୍ୱକପ୍ ଆୟୋଜନ ଦାୟିତ୍ୱ ମୁଣ୍ଡକୁ ନେଇଥିଲେ। ଉଭୟ ଟ୍ରଫି ଓ ଲୋଗୋର ଅନାବରଣ ଉତ୍ସବ ଆୟୋଜନ କରାଯାଇଥିଲା। ନବୀନ ଏହି ଅବସରରେ ଆହୁରି କହିଥିଲେ ଯେ ଦେଶର ପ୍ରତିଷ୍ଠା ପାଇଁ ଓଡ଼ିଶା ମାତ୍ର ଦୁଇମାସ ସମୟ ଅବଧି ମଧ୍ୟରେ ଏତେ ବଡ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପ୍ରସ୍ତୁତ ରହିଛି। କରୋନାର ତୃତୀୟ ଲହରର ମୁକାବିଲା ପାଇଁ ଯେତେବେଳେ ଅନ୍ୟରାଜ୍ୟମାନେ ସାହସ କୁଳେଇ ପାରୁନାହାନ୍ତି, ସେତେବେଳେ ନବୀନଙ୍କର ଏଭଳି ସାହସିକତା ଓ କ୍ରୀଡା ପ୍ରତି ଭଲପାଇବା ଅବଶିଷ୍ଟ ରାଜ୍ୟମାନଙ୍କୁ ବିସ୍ମିତ ▶ପୃଷ୍ଠା-୧୦



## ଲୋକକଥା



ପାର୍ବଣ ପାଖେଇ ଆସିଲା ବେଳକୁ
ବଢ଼ିଲାଣି ସଂକ୍ରମଣ,
ପୁଣି ମାତିବ କରୋନା ଅସୁର
କଟକଣା ନ କଲେ ଟାଣ।
ଶାସକ ବାବୁ ହେ ଜାଣ
ପୂରା ସ୍ଥିତି ଅଣାୟତ୍ତ ହୋଇଗଲେ,
ସଙ୍କଟେ ପଡ଼ିବ ପ୍ରାଣ...!!

ସକାଳ
THE SAKALA
www.sakalaepaper.com

# ଓଠରେ ଦୁଃଖୀ ଆଖିରେ ସୁଖୀ

କରୋନା କାଳ (ଦୀର୍ଘ ଦେଢ଼ବର୍ଷ)ର କ୍ଷୟକ୍ଷତି ଅନେକ। ନିଜ ନିଜ ଢଙ୍ଗରେ ସମସ୍ତେ ତାହା ଆକଳନ କରୁଛନ୍ତି। କରୋନା କାଳରେ ମାସ୍କ ବ୍ୟବହାର ଯୋଗୁଁ ଯେ ମଣିଷର ଶାରୀରିକ କ୍ଷତି ହେଉନାହିଁ ତାହା କହିବା ବି ଠିକ୍ ନୁହେଁ। ତେବେ ତାହା ବୈଜ୍ଞାନିକମାନଙ୍କ କାମ। ମାସ୍କ ବ୍ୟବହାରକୁ ନେଇ ହେଉଥିବା କ୍ଷତିର ଅନ୍ୟଦିଗକୁ ନେଇ ଆମ୍ଭେ କିଛି ବିଚାର ରଖୁଛୁ। ଶାରୀରିକ, ମାନସିକ, ଆର୍ଥିକ, ବ୍ୟବହାରିକ, ସାହିତ୍ୟିକ, ସାଂସ୍କୃତିକ ତଥା ଭାବାତ୍ମକ ଦୃଷ୍ଟିରୁ ବିଚାର କରି ଆମ୍ଭେ ଏହି ସିଦ୍ଧାନ୍ତରେ ଉପନୀତ ହେଇଅଛୁ ଯେ, କରୋନାର ସଙ୍କଟ କାଳରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହେଉଛି ଓଠ।

ଏଇ ଓଠକୁ ବନ୍ଦନା କରି ଗୀତ/କବିତା ଲେଖୁଥିବା ଗୀତିକାର/କବିମାନେ ଆଜି ନିରବି ଯାଇଛନ୍ତି। ରସିକ ତଥା କଣ୍ଠଶିଳ୍ପୀ ଆଜି ଓଠର ଜୟଗୀତି ଆଉ ଗାଉନାହାନ୍ତି। ଗଳିକନ୍ଦିରେ ଆଉ ଶୁଭୁନାହିଁ-

**"ଲିପ୍‌ଷ୍ଟିକ୍ ବାଲି ଓଠ ତୋର ଫୁଲ୍ ଝାଲାନାଲା,**
**ତୋ ପାଇଁକି ଲିପ୍‌ଷ୍ଟିକ୍‌ର ରେଟ୍ ବଢ଼ିଗଲା।"**


ଦିଶୁ ନ ଥିବା ଓଠରେ ଆଉ ଏବେ ଲିପ୍‌ଷ୍ଟିକ୍ ଲଗଉଚି କିଏ ଯେ! ଯାହାର ବ୍ୟବହାର କମିଯାଇଚି, ତା'ର ରେଟ୍ ବା ବଢ଼ିବ କେମିତି?

"ଭିଜା ଭିଜା ଓଠ ତୋର, ମନ ମୋ ରସିଲା।" ଗୀତକୁ ଆଜି ରସିକ ଗାଉନାହିଁ। ଭିଜା ଭିଜା ଓଠକୁ ଭୁଲି ନିଜ ଛେପ ନିଜେ ଢୋକି ସେ ତା ତୃଷା ମେଣ୍ଟେଇ ଦେଉଚି। "ହୋଁଠ୍ ରସିଲେ ତେରେ, ହୋଁଠ୍ ରସିଲେ.." – ଏ ରସାଳ ଓଠକୁ ଦେଖି ଏବେ କୋଉ ରସିକ ରସୁଚନ୍ତି? ସବୁ ଓଠଗୁଡ଼ା ତ କରୋନା ଡରରେ ଯାଇ ମୁଖାତଳେ ଫସିଚନ୍ତି।

ମୋଟାମୋଟି ଦେଖିଲେ ଏବେ ଓଠ ତା'ର ପ୍ରାଧାନ୍ୟ ହରେଇଚି। ପ୍ରସାଧନ କାଳରେ ଆଗଭଳି ସେ ଓଠରେ କେହି ଲାଇନର୍ ଟାଣୁ ନାହାନ୍ତି କି ରଙ୍ଗ ବୋଳୁ ନାହାନ୍ତି। ସାଲ୍‌ୱାର ଶାଢ଼ି ସାଙ୍ଗରେ ମ୍ୟାଚିଙ୍ଗ୍ କରି ଓଠରେ ଆଉ ଲିପ୍‌ଷ୍ଟିକ୍ ଲାଗୁନି। ଏଇ ଦୃଷ୍ଟିରୁ ଓଠ ଆଜି ସବୁଠୁ ବେଶୀ କ୍ଷତିଗ୍ରସ୍ତ।

କାଳେ କାଳେ ଜଣଙ୍କର କ୍ଷତିରେ ଅନ୍ୟଜଣଙ୍କର ଲାଭ ହେଇଥାଏ। ରୋଗୀର ରୋଗ ବଢ଼ିଲେ ଡାକ୍ତରଙ୍କ ଲାଭ। ବନ୍ୟାବାତ୍ୟା ହେଲେ କିଛି ଅଫିସରଙ୍କ ଲାଭ, ରାହୁ କେତୁ ମଣିଷଙ୍କୁ ଗ୍ରାସିଲେ ଜ୍ୟୋତିଷଙ୍କ ଲାଭ, ଜନତା ମୂର୍ଖ ଓ ଗରିବ ହେଲେ ନେତାଙ୍କୁ ଲାଭ ଇତ୍ୟାଦି ଇତ୍ୟାଦି। ସେହି ଆଧାରରେ ଆଜି ଓଠର କ୍ଷତିରେ ଆଖିର ହିଁ ଲାଭ ହୋଇଛି।

ମଉକା ପାଇଲେ ଅନେକ ନିଜ ନିଜ ପ୍ରାଧାନ୍ୟ ଦେଖେଇ ଥା'ନ୍ତି। ଅଭିଶାପ ବି କିଛି ସମୟରେ ଆଶୀର୍ବାଦ ପାଲଟିଯାଏ। ପୁରାଣକାଳରେ ବି ଏହା ଦେଖାଯାଇଛି। ଏକାଧିକ ଆଖିଥିବା ଦେବତାମାନେ ରାମଚନ୍ଦ୍ରଙ୍କ ବିବାହ କାଳରେ କିଭଳି ନିଜ ନିଜକୁ ଧନ୍ୟ ମନେ କରିଛନ୍ତି ତାହା ରାମଚରିତ ମାନସରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି। ପ୍ରତି ମୁଖରେ ତିନିଟି ଲେଖାଏଁ ଆଖିଥିବା ପଞ୍ଚାନନ ଶିବ ରାମଚନ୍ଦ୍ରଙ୍କ ସୁନ୍ଦର ରୂପ ଦେଖି 'ମୋର ପନ୍ଦର ଆଖି ଆଜି ଧନ୍ୟ ହେଲା' ବୋଲି କହିଛନ୍ତି। ଚତୁର୍ବଦନ ବ୍ରହ୍ମା ରାମରୂପ ଦର୍ଶନ କରି ଖୁସି ହେବା ସହ ମାତ୍ର ଆଠଟି ଆଖି ପାଇଁ ମନଦୁଃଖ କରିଛନ୍ତି। ଷଡାନନ କାର୍ତ୍ତିକ ବ୍ରହ୍ମାଙ୍କଠାରୁ ଦେଢ଼ଗୁଣ ଆଖି ପାଇ ନିଜକୁ ଅତ୍ୟନ୍ତ ସୁଖୀ ମଣିଛନ୍ତି। ଏପରିକି ଗୌତମଙ୍କ ଅଭିଶାପରେ ସହସ୍ର ଆଖି ପାଇଥିବା ଇନ୍ଦ୍ରଙ୍କୁ ଦେଖି ସବୁ ଦେବଗଣ ଈର୍ଷାନ୍ୱିତ ହେଇ କହିଛନ୍ତି:-



## ହାଟ ମଝିରେ ବ୍ରହ୍ମଜ୍ଞାନ

**"ଅଭିଶାପ ଦେଲେ ସିନା ଗୌତମ**
**ହେଲା ଅନୁଗ୍ରହ ଅତି ଉତ୍ତମ।"**

ଯୁଗେ ଯୁଗେ ସୁଯୋଗ ଉଣ୍ଡି ନିଜକୁ ଧନ୍ୟ କରିଥିବା ଆଖି ଏ କରୋନା କାଳର ସୁଯୋଗ ନେଇ ପୁଣି ଥରେ ନିଜକୁ ମହିମା ମଣ୍ଡିତ କରିଛି। ଆଗରୁ ମଧ୍ୟ ମଣିଷ ଆଖିକୁ ପ୍ରାଧାନ୍ୟ ଦେଇ ଆସିଛି ଏବଂ ବହୁ ପ୍ରକାର ବ୍ୟବହାର କରି ଆସିଛି। ଆଖିରେ ହାଣିଚି, ଆଖିରେ ଟାଣିଚି, ଆଖି ମାରିଚି, ଆଖି ଠାରିଚି, ଆଖି ପକେଇଚି, ଆଖି ଦେଖେଇଚି, ଆଖି ବୁଲେଇଚି, ଆଖି ନଚେଇଚି, ଆଖିକି କଥା କୁହେଇଚି, ଆଖିରେ ଲୁହ ବୁହେଇଚି। ମନର ଦୁଃଖ ତଥା ଅନ୍ତରର ଅବସାଦକୁ ଆଖି ମାଧ୍ୟମରେ ପ୍ରକାଶ କରିଚି:-

**"ମନ ତଳେ ଯେତେ ଅବସାଦ;**
**ଓଠର ଭାଷାରେ କହି ହୁଏ ନାହିଁ**
**ଆଖି ଲୁହ କରେ ଅନୁବାଦ।"**

ତେବେ, କରୋନାର ସଙ୍କଟ କାଳରେ ମାସ୍କ ତଳେ ଲୁଚି ଯାଇଥିବା ଓଠର ସମସ୍ତ ଦାୟିତ୍ୱ ବହନ କରିଚି ଆଖି। ଆଜି ଆଖିରେ ଆଖିରେ ଭାବବ୍ୟକ୍ତ କରିବାକୁ ପଡୁଚି। ଆଖି କଥା କହୁଚି। ଚକାଚକା ଆଖି ଦେଖି ଜଗନ୍ନାଥଙ୍କୁ, ପତ୍ର ଦେହରେ ଆଖି ଦେଖି ଦେବୀଙ୍କୁ ଓ ପଦ୍ମ ପ୍ରାୟ ନେତ୍ର ଦେଖି ରାମଚନ୍ଦ୍ରଙ୍କୁ ଚିହ୍ନିଲା ପରି ସାଧାରଣ ଆଖିକୁ ଦେଖି ସାଧାରଣ ମଣିଷଙ୍କୁ ଚିହ୍ନିବାକୁ ପଡୁଚି। ଆଖି ହିଁ ମଣିଷର ବଡ଼ ପରିଚୟ ପାଲଟିଚି। ପାର୍ଲରରେ କେବଳ ଆଖିର ହିଁ ପ୍ରସାଧନ। ସବୁଠି ଆଖିର ରାଜୁତି, ଆଖିର ଜୟଗୀତି। ଆଖିକୁ ନେଇ ଲେଖାଯାଇଥିବା ଗୀତ ଯେତେ, ଆଜି ପୁଣିଥରେ ଜୀବନ୍ତ:-

**"ଆଖି ତୋର ନୀଳସାଗର, ଓଠ ତୋର ବଂଶୀ"**
**"ଆଖି ଛୁରି ମାର୍ ବାବୁ, ଘାଏଲ ତୁ କରନା"**
**"ତୋର ଟଣାଟଣା ଆଖି ତୋର ତିରିଛି ଚାହାଣୀ"**
**"ମୁହାଁମୁହିଁ ଦେଖା ହେଲେ ଚାହୁଁନ**
**ଯଦି କେବେ ଚାହୁଁଚ, ଆଖିରେ ହାଣି ଦେଉଚ।"**
**"ଝୁମି ଝୁମି ଆସେ ଆଖି**
**ସପନଭରା ଜୀବନେ ମୋର ରାତି ଆଉ କେତେ ବାକି?"।**

**- ଜ୍ଞାନ ହୋତା**
ଚହଟା, ବିଡ଼ାନାସୀ, କଟକ-୧୪

## ଜଣା ଅଜଣା

- ୧୮୩୨ରୁ ୧୯୬୪ ପର୍ଯ୍ୟନ୍ତ କମ୍ପ୍ୟୁଟରରେ କି-ବୋର୍ଡ କିମ୍ବା ମାଉସ୍ ନ ଥିଲା।
- ଟାଇପ୍ କରୁଥିବା ମଣିଷଙ୍କ ଅଙ୍ଗୁଳି ପ୍ରତିଦିନ ୨୦ କି.ମି ଗତି କରିଥାଏ।
- ଭାରତରେ ନିର୍ମିତ ପ୍ରଥମ କମ୍ପ୍ୟୁଟରର ନାଁ 'ସିଦ୍ଧାର୍ଥ'।
- ପ୍ରତି ମାସରେ ପାଖାପାଖି ୬ ହଜାର କମ୍ପ୍ୟୁଟର ଭାଇରସ୍ ତିଆରି କରାଯାଏ।



# ଛାଡ଼ପତ୍ର ପାର୍ଟି




ସାଧାରଣତଃ ବିବାହ ତଥା ବୈବାହିକ ଜୀବନକୁ ସୁନ୍ଦର କରିବା ଲାଗି ଲୋକମାନେ ବହୁତ କିଛି କରିଥାନ୍ତି। ମାତ୍ର ଅନେକଙ୍କ ଦାମ୍ପତ୍ୟ ସମ୍ପର୍କ ବେଶି ଦିନ ପର୍ଯ୍ୟନ୍ତ ତିଷ୍ଠି ନ ଥାଏ। ଫଳରେ ସେମାନେ ପରସ୍ପରଠାରୁ ସବୁଦିନ ପାଇଁ ଅଲଗା ହେବାର ନିଷ୍ପତ୍ତି ନିଅନ୍ତି। ତେବେ ଜଣେ ମହିଳା ସ୍ୱାମୀଙ୍କଠାରୁ ଛାଡ଼ପତ୍ର ପାଇବା ପରେ ଦୁଃଖୀ ହେବା ପରିବର୍ତ୍ତେ ଖୁସି ମନାଉଛନ୍ତି। ୪୫ ବର୍ଷୀୟା ସୋନିଆ ଗୁପ୍ତା ନାମ୍ନୀ ଏହି ମହିଳା ଜଣକ ୧୭ ବର୍ଷର ବିବାହ ବନ୍ଧନରୁ ସବୁଦିନ ଲାଗି ମୁକ୍ତ ହୋଇଛନ୍ତି। ଆଉ ଛାଡ଼ପତ୍ର ପରେ ସେ 'ଡିଭୋର୍ସ ପାର୍ଟି' ବା 'ଛାଡ଼ପତ୍ର ପାର୍ଟି'ର ଆୟୋଜନ କରିଛନ୍ତି। କେବଳ ସେତିକି ନୁହେଁ, ତାଙ୍କର ଏଭଳି ଏକ ଖୁସିରେ ସାମିଲ ହେବା ଲାଗି ସେ ତାଙ୍କ ସମ୍ପର୍କୀୟ ତଥା ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ ବି କରିଛନ୍ତି। ସୋନିଆଙ୍କ ଛାଡ଼ପତ୍ର ପ୍ରକ୍ରିୟା ଶେଷ ହେବା ଲାଗି ପୂରା ତିନି ବର୍ଷ ଲାଗି ଥିଲା। ଏହି ଅବସରରେ ସେ ରଙ୍ଗିନ ଡ୍ରେସ୍ ପିନ୍ଧିବା ସହ ଛାଡ଼ପତ୍ର ପାଇଥିବା ଏକ ସାସ୍ (ପୋଷାକ ଉପରେ ପକାଯାଉଥିବା ବ୍ୟାନର୍ ଭଳି ଏକ ଜିନିଷ) ବି ପରିଧାନ କରିଥିଲେ। ଏହା ସହ ସେ ତାଙ୍କର ଅତିଥିମାନଙ୍କୁ ମଧ୍ୟ ରଙ୍ଗିନ ତଥା ସୁନ୍ଦର ଡ୍ରେସ୍‌ରେ ସାମିଲ ହେବାକୁ କହିଥିଲେ। ୨୦୧୩ରେ ସେ ବିବାହ କରିଥିଲେ ଓ ସ୍ୱାମୀଙ୍କ ସହ ବ୍ରିଟେନ୍‌ରେ ରହୁଥିଲେ। ବୈବାହିକ ଜୀବନକୁ ନେଇ ଖୁସି ନ ଥିଲେ ସୋନିଆ। ତାଙ୍କର ଓ ତାଙ୍କ ସ୍ୱାମୀଙ୍କ ସ୍ୱଭାବ ଖାପ ଖାଉ ନ ଥିବାରୁ ଉଭୟ ଅଲଗା ହୋଇଯିବା ପାଇଁ ନିଷ୍ପତ୍ତି ନେଲେ। ସୋନିଆ କହନ୍ତି ବାହାଘର ପୂର୍ବରୁ ସେ ବେଶ୍ ଖୁସିରେ ଥିଲେ। ମାତ୍ର ବାହାଘର ପରେ ତାଙ୍କ ଜୀବନରୁ ଖୁସି ଚାଲିଗଲା। ଅବଶ୍ୟ ଡିଭୋର୍ସ ପାର୍ଟି ମାଧ୍ୟମରେ ତାଙ୍କ ବିଚାରକୁ ସମର୍ଥନ କରିଥିବା ପରିବାର ତଥା ବନ୍ଧୁବାନ୍ଧବଙ୍କୁ ଏଥିପାଇଁ ଧନ୍ୟବାଦ ଜଣାଇଛନ୍ତି। ଛାଡ଼ପତ୍ର ପରେ ଜୀବନ ଶେଷ ହୋଇଯାଏ ବୋଲି ଅଧିକାଂଶ ଭାବନ୍ତି, ମାତ୍ର ଏଇଠୁ ଆଉ ଏକ ଜୀବନ ଆରମ୍ଭ ହୁଏ ବୋଲି କହିଛନ୍ତି ସୋନିଆ।

# ବିନା ଡ୍ରାଇଭରରେ ଚାଲିବ ଗାଡ଼ି

ଆମେ ସମସ୍ତେ ଫିଲ୍ମରେ ଦେଖିଛନ୍ତି ଯେ, ଗୋଟିଏ କାର୍ କିଭଳି ଭାବେ ବିନା ଡ୍ରାଇଭର୍‌ରେ ଚାଲିଥିଲା। ଫିଲ୍ମର ଏହି କାହାଣୀର କାର୍ ଏବେ ବାସ୍ତବ ରୂପ ନେଇସାରିଛି। ବିଦେଶରେ ଏଭଳି କାର୍ ଦେଖିବାକୁ ମିଳିସାରିଥିଲେ ମଧ୍ୟ ଭାରତରେ ଖୁବ୍ ଶୀଘ୍ର ଏମିତି ଏକ କାର୍‌ର ଶୁଭାରମ୍ଭ ହେବାକୁ ଯାଉଛି। ଏହି କାର୍ ବିନା ଡ୍ରାଇଭର୍‌ରେ ଚାଲିବ। ମାଲିକ ବା ଯାତ୍ରୀ ବିନା ଡ୍ରାଇଭର୍‌ରେ ଏଥିରେ ଆରାମରେ ବସିକି ତାଙ୍କର ଗନ୍ତବ୍ୟ ସ୍ଥଳରେ ପହଞ୍ଚି ପାରିବେ। ସ୍ୱତନ୍ତ୍ର ଓ ଅତ୍ୟାଧୁନିକ ଜ୍ଞାନକୌଶଳରେ ଏହି କାର୍ ନିର୍ମିତ। କ୍ଲଚ୍‌ଠାରୁ ଆରମ୍ଭ କରି ଷ୍ଟିୟରି ବୁଲାଇବା ଓ କାର୍‌ର ବେଗ ବଢ଼ାଇବା ଓ କମାଇବା ଯାଏଁ ସବୁ କାମ କାର୍ ନିଜେ ନିଜେ କରିଥାଏ। କାରଣ ଏଥିରେ ୮ଟି କ୍ୟାମେରା ଲାଗିଛି ଏବଂ ଏହାର ଦିଗ ନିର୍ଦ୍ଦେଶ ଅନୁଯାୟୀ କାର୍ ବିନା କୌଣସି ଅସୁବିଧାରେ ଏହି ସବୁ କାମ କରିପାରେ। ଏହି କାର୍‌ର ଆଉ ଏକ ସ୍ୱତନ୍ତ୍ର ଗୁଣ ହେଲା, ଏଥିରେ ପେଟ୍ରୋଲ୍ ବା ଡିଜେଲ୍ ନୁହେଁ, ବ୍ୟାଟେରି ଚାର୍ଜ କରିବାକୁ ପଡ଼ିଥାଏ, ଯାହାକି ପରିବେଶ ଅନୁକୂଳ। ଥରେ ଚାର୍ଜ ହେଲେ କାର୍‌ଟି ୫୦୦ ମାଇଲ୍ ପର୍ଯ୍ୟନ୍ତ ଯାଇପାରିବ। ଏହା ବ୍ୟକ୍ତିକୁ ଗନ୍ତବ୍ୟ ସ୍ଥଳ ପର୍ଯ୍ୟନ୍ତ ପହଞ୍ଚାଇବା ସହିତ ଚାର୍ଜିଂ ଷ୍ଟେସନ୍ କେଉଁଠି ଅଛି, ତାହାର ସୂଚନା ମଧ୍ୟ ଦେବ। ଚାର୍ଜ ସରିଗଲେ ମଧ୍ୟ କୌଣସି ସମସ୍ୟା ହେବ ନାହିଁ। ଫୁଲ୍ ଚାର୍ଜ ପାଇଁ ଏହା ମାତ୍ର ୩୫ରୁ୪୦ମିନିଟ୍ ସମୟ ନେଇଥାଏ। କିନ୍ତୁ ଭାରତରେ ଏହି କାର୍ ପାଇଁ ଚାର୍ଜିଂ ଷ୍ଟେସନ୍ ନାହିଁ। ଏହି ଚାର୍ଜିଂ ଷ୍ଟେସନ୍ ନିର୍ମିତ ହେବାପରେ କାର୍‌ଟି ଭାରତକୁ ଆସିବାର ସମ୍ଭାବନା ଦୃଢ଼ ହୋଇପାରିବ। ଏବେ ଆମେରିକାରେ ଏହି କାର୍‌କୁ 'ଲଗଜରି ଅନ୍ ହୁଇଲି' ନାମ ଦିଆଯାଇଛି।



# ରେଳ ଧାରଣାରେ କାହିଁକି ଲାଗେନି କଳଙ୍କି



ସାମାନ୍ୟ ଟିକେ ପାଣି କିମ୍ବା ଆର୍ଦ୍ର ଜଳବାୟୁର ସଂସ୍ପର୍ଶରେ ଆସିଲେ ଲୁହାରେ କଳଙ୍କି ଲାଗିଯାଏ। କିନ୍ତୁ ବର୍ଷ ବର୍ଷ ଧରି ବର୍ଷା ପାଣି, ଅସହ୍ୟ ଗରମ ଓ ଆର୍ଦ୍ର ଜଳବାୟୁରେ ରହୁଥିଲେ ମଧ୍ୟ ରେଳଧାରଣାଗୁଡ଼ିକ କଳଙ୍କି ଲାଗିନଥାଏ। ଏହାପଛରେ କ'ଣ କାରଣ ରହିଛି? ବୈଜ୍ଞାନିକ ତଥ୍ୟ ଅନୁଯାୟୀ, ଲୁହା ଯେତେବେଳେ ଆଦ୍ରତା ସଂସ୍ପର୍ଷରେ ଆସେ, ତେବେ ଅମ୍ଳଜାନ ସହିତ ରାସାୟନିକ ପ୍ରତିକ୍ରିୟା ସୃଷ୍ଟି ହୋଇ ଲୁହା ଉପରେ ଆଇରନ୍ ଅକ୍ସାଇଡର ପରସ୍ତ ଜମା ହୋଇଯାଏ। ଯାହା ଫଳରେ ଲୁହାର ରଙ୍ଗରେ ପରିବର୍ତ୍ତନ ଦେଖାଯାଏ। ଏହାକୁ ହିଁ ଲୁହାରେ କଳଙ୍କି ଲାଗିବା କୁହାଯାଏ, ଯାହାକି ଲୁହାକୁ ଦୁର୍ବଳ କରିଦିଏ। ଲୋକମାନେ ଭାବନ୍ତି ଯେ, ରେଳ ଧାରଣାଗୁଡ଼ିକ ଉପରେ ଲଗାତାର ବର୍ଷା ହେବା ସତ୍ତ୍ୱେ ଏଥିରେ କଳଙ୍କି କହିଁକି ଲାଗିନଥାଏ। ପ୍ରକୃତ କଥା ହେଲା ରେଳ ଧାରଣାରେ ମାଙ୍ଗାନିଜ ଷ୍ଟିଲ ବ୍ୟବହାର ହୋଇଥାଏ। ଏହି ମାଙ୍ଗାନିଜ ଷ୍ଟିଲରେ ୧୨ ପ୍ରତିଶତ ମାଙ୍ଗାନିଜ୍ ଓ ମାତ୍ର ୧ ପ୍ରତିଶତ କାର୍ବନ ରହିଥାଏ। ତେଣୁ ରେଳଧାରଣାଗୁଡ଼ିକରେ ସହଜରେ ଅକ୍ସିକରଣ ହୋଇପାରେ ନାହିଁ ଏବଂ କୌଣସି କ୍ଷତି ଘଟିନଥାଏ। ଯଦି କେବେ କଳଙ୍କି ଲାଗେ, ତାହେଲେ ତା' ପାଇଁ ବର୍ଷ ବର୍ଷ ସମୟ ଲାଗିଯାଏ।

## ଆଜିର ଇତିହାସ

- ୧୩୪୦: ଇଂଲଣ୍ଡ ଓ ଓ ଫ୍ରାନ୍ସ ମଧ୍ୟରେ ନିରସ୍ତ୍ରୀକରଣ ଚୁକ୍ତି ସ୍ୱାକ୍ଷର।
- ୧୬୩୯: ଆମେରିକାର ମାସାଚୁଏସଟସ୍‌ରେ ପ୍ରଥମ ପ୍ରିଣ୍ଟିଂ ପ୍ରେସ୍ ଆରମ୍ଭ।
- ୧୮୪୪: କାନାଡ଼ା ଓ ଆମେରିକା ମଧ୍ୟରେ ନ୍ୟୁୟର୍କରେ ପ୍ରଥମ ଅନ୍ତଃରାଷ୍ଟ୍ରୀୟ କ୍ରିକେଟ ମ୍ୟାଚ୍ ଆୟୋଜିତ।
- ୧୮୯୭: ବ୍ରିଟେନର ବସ୍ ସେବା ଆରମ୍ଭ।
- ୧୯୧୬: ଅର୍ଥଶାସ୍ତ୍ରୀ, ସମାଜଶାସ୍ତ୍ରୀ, ସାମ୍ବାଦିକ ତଥା ମହାନ ଚିନ୍ତାନାୟକ ଦୀନ ଦୟାଲ ଉପାଧ୍ୟାୟଙ୍କ ଜନ୍ମ।
- ୨୦୧୫: ପ୍ରଦୂଷଣ ଯୋଗୁଁ ସିଙ୍ଗାପୁରରେ ସ୍କୁଲ ବନ୍ଦ କରାଯାଇଥିଲା।

# 'ଦୃଶ୍ୟମ୍' ସିକ୍ୱେଲରେ ଅଜୟ



'ଦୃଶ୍ୟମ୍'ର ସଫଳତା ପରେ ଖୁବ୍ ଶୀଘ୍ର ପରଦାରେ ଆସିବାକୁ ଯାଉଛି 'ଦୃଶ୍ୟମ୍-୨'। ଏହାର ସିକ୍ୱେଲରେ ମଧ୍ୟ ନଜର ଆସିବେ ଅଭିନେତା ଅଜୟ ଦେବଗନ୍। ଏହି ସୁପରହିଟ୍ ଫିଲ୍ମ ପ୍ରଥମେ ମାଲାୟଲମ୍‌ରେ ୨୦୧୩ରେ ରିଲିଜ୍ ହୋଇଥିଲା। ଏହାର ହିନ୍ଦୀ ରିମେକ୍ ୨୦୧୫ରେ ମୁକ୍ତିଲାଭ କରିଥିଲା। ଯେଉଁଥିରେ ଅଜୟ ଓ ତବୁ ମୁଖ୍ୟ ଚରିତ୍ରରେ ନଜର ଆସିଥିଲେ। ସେହିପରି ମାଲାୟଲମ୍‌ରେ ଏହାର ସିକ୍ୱେଲ ଚଳିତବର୍ଷ ଫେବୃଆରୀ ମାସରେ ଆମାଜନ ପ୍ରାଇମ୍‌ରେ ରିଲିଜ୍ ହୋଇଥିଲା। ଆଉ ଏବେ ଏହାର ସିକ୍ୱେଲକୁ ହିନ୍ଦୀରେ ନିର୍ମାଣ କରାଯିବା ଲାଗି ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇଛି। ଡିସେମ୍ବର ଶେଷ ସୁଦ୍ଧା ଅଜୟ 'ଦୃଶ୍ୟମ୍ ୨'ର ସୁଟିଂ ଆରମ୍ଭ କରିପାରନ୍ତି। ଏଥର ବି ସେ ବିଜୟ ସାଲଗୋନକର ଚରିତ୍ରରେ ନଜର ଆସିବେ। ଅଜୟଙ୍କ ସମେତ ଅନ୍ୟାନ୍ୟ ଭୂମିକାରେ ତବୁ, ଶ୍ରିୟା ସରନ ଓ ଇଶିତା ଦତ୍ତ ପ୍ରମୁଖ ନଜର ଆସିବେ। ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ ଅଭିଷେକ ପାଠକ। ବର୍ତ୍ତମାନ ଅଜୟ 'ମୈଦାନ', 'ଥ୍ୟାଙ୍କ୍ ଗଡ୍', ୱେବ୍ ସିରିଜ୍ 'ରୁଦ୍ର' ସୁଟିଂରେ ବ୍ୟସ୍ତ ଅଛନ୍ତି। ଅଜୟ ଶେଷଥର ପାଇଁ 'ଭୁଜ୍: ଦ ପ୍ରାଇଡ୍ ଅଫ୍ ଇଣ୍ଡିଆ'ରେ ନଜର ଆସିଥିଲେ।



# ଏରୋପ୍ଲେନ୍ ଟିକେଟ୍ ଦାମ୍‌ରେ ଶଗଡ଼ ଯାତ୍ରା

ଶଗଡ଼କୁ ଦୁନିଆର ସର୍ବପୁରାତନ ପରିବହନର ସାଧନ କହିଲେ ଅତ୍ୟୁକ୍ତି ହେବନାହିଁ। ଏକଦା ଏହା ଭାରତର ଗ୍ରାମାଞ୍ଚଳଗୁଡ଼ିକରେ ବହୁଳ ଭାବରେ ବ୍ୟବହୃତ ହୁଏ। ଏହାକୁ ପରିବହନର ସବୁଠାରୁ ଶସ୍ତା ଓ ସ୍ଥାୟୀ ମାଧ୍ୟମ ଭାବେ ବିବେଚନା କରାଯାଏ। କିନ୍ତୁ ଏହାର ବ୍ୟତିକ୍ରମ ଦେଖିବାକୁ ମିଳେ ମଧ୍ୟପ୍ରଦେଶର ରତଲାମ ଜିଲ୍ଲାର ବିବରୋଡ୍ ଗ୍ରାମରେ। ଏଠାରେ ଜୈନଧର୍ମର ପ୍ରଥମ ତୀର୍ଥଙ୍କର ଋଷଭ ଦେବଙ୍କର ମନ୍ଦିର ଅଛି। ମନ୍ଦିର ପରିଦର୍ଶନାର୍ଥେ ବହୁ ଦୂରଦୂରାନ୍ତରୁ ଲୋକ ଏଠାକୁ ଆସନ୍ତି। ଗାଁ ମଧ୍ୟରୁ ମନ୍ଦିରକୁ ବଳଦଗାଡ଼ିରେ ଯାତ୍ରା କରିବା ପାଇଁ (ପାଞ୍ଚରୁ ଛଅ କିଲୋମିଟର) ଶ୍ରଦ୍ଧାଳୁ ୬ ହଜାର ଟଙ୍କା ଭଡ଼ା ଦେଇଥାନ୍ତି। ଅବଶ୍ୟ, ଏହା ବର୍ଷ ତମାମ ହୋଇ ନଥାଏ। ପୌଷ ମାସ ଅମାବାସ୍ୟା ଦିନ ଜୈନଧର୍ମାବଲମ୍ବୀଙ୍କ ଏଠାରେ ଭିଡ଼ ଜମିଥାଏ। ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ବିଶ୍ୱାସ ରହିଛି ଯେ, ଶଗଡ଼ ଗାଡ଼ିରେ ମନ୍ଦିରକୁ ଗଲେ ପରିବାରର ସୁଖ ସମୃଦ୍ଧି ବୃଦ୍ଧି ପାଇଥାଏ ଓ ସମସ୍ତ ସମସ୍ୟା ଦୂର ହୋଇଥାଏ। ଏହି କାରଣରୁ ଏହି ସମୟରେ ଏଠାରେ ଶଗଡ଼ ଗାଡ଼ି ବହୁ ସଂଖ୍ୟାରେ ଦେଖିବାକୁ ମିଳେ। ଅଧିକାଂଶ ଭକ୍ତ ଏଠାକୁ ଆସିବା ପୂର୍ବରୁ ଶଗଡ଼ ବୁକ୍ କରିଥାନ୍ତି।

## ଆଜିର ରାଶିଫଳ

**ମେଷ:** କିଛିଟା ଉତ୍ତେଜନା ଭିତରେ କାର୍ଯ୍ୟ ତୁଲାଇବେ। ରାଜନୀତିରେ ଚଳଚଞ୍ଚଳ ରହିବେ। ମହିଳାମାନେ ବିରକ୍ତିମନା ହେବେ। ପରିବହନ ଓ ବାଣିଜ୍ୟରେ ପରିସର ବୃଦ୍ଧି ପାଇବ। ଶିକ୍ଷାର୍ଥୀ ଚଞ୍ଚଳମନା ହେବେ। **ଶୁଭ ଅଙ୍କ-୧, ଶୁଭ ରଙ୍ଗ-ପିଙ୍କ୍**

**ବୃଷ:** ଅନ୍ୟର ସହଯୋଗ ପାଇଁ ଆଗେଇବେ। ଚାକିରିରେ ସହଯୋଗ ପାଇବେ। ରାଜନୀତିରେ ଦୂରଯାତ୍ରା କରିପାରନ୍ତି। ବାଣିଜ୍ୟରେ ସ୍ୱଳ୍ପ ଲାଭ ମିଳିବ। ଶିକ୍ଷାର୍ଥୀ ପରିଶ୍ରମୀ ହେବେ। **ଶୁଭ ଅଙ୍କ-୪, ଶୁଭ ରଙ୍ଗ-ମେଟାଲିକ୍**

**ମିଥୁନ:** ସାମାଜିକସ୍ତର, ପ୍ରଶାସନିକ ଓ ରାଜନୀତିରେ ସୁନାମ ପାଇବେ। ଚାକିରିରେ ସ୍ୱାଧୀନତା ରହିବ। ବାଣିଜ୍ୟରେ ସଞ୍ଚୟ ହେବ। ଶିକ୍ଷାର୍ଥୀ କୃତକାର୍ଯ୍ୟ ହେବେ। **ଶୁଭ ଅଙ୍କ-୬, ଶୁଭ ରଙ୍ଗ-ସିଲଭର୍**

**କର୍କଟ:** ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ। ଚାକିରିରେ ଧନସମ୍ମାନ ପାଇବେ। ମହିଳାମାନେ ଆଦରଣୀୟା ହେବେ। ବାଣିଜ୍ୟରେ ଉନ୍ନତି ହେବ। ଶିକ୍ଷାର୍ଥୀ ଉତ୍ସାହିତ ରହିବେ। **ଶୁଭ ଅଙ୍କ-୯, ଶୁଭ ରଙ୍ଗ-ମେରୁନ୍**

**ସିଂହ:** ଯୋଜନା କରି ଅସଫଳ ହେବେ। ସାଂସାରିକ ଧର୍ମାଦି କାର୍ଯ୍ୟରେ ବ୍ୟୟ କରି ଅଭାବରେ ପଡିବେ। ଚାକିରିରେ ସମସ୍ୟା ରହିବ। ବାଣିଜ୍ୟରେ ମାନ୍ଦା ରହିବ। ଶିକ୍ଷାର୍ଥୀ ଅସ୍ଥିର ରହିବେ। **ଶୁଭ ଅଙ୍କ-୨, ଶୁଭ ରଙ୍ଗ-ଧଳା**

**କନ୍ୟା:** କର୍ମକ୍ଷେତ୍ରରେ ଶତ୍ରୁବୃଦ୍ଧି ହେବେ। ରାଜନୀତିରେ ବିଷମ ପରିସ୍ଥିତି ରହିବ। ମହିଳାମାନେ ଅଶାନ୍ତିରେ ରହିବେ। ବାଣିଜ୍ୟରେ ହାନି ହୋଇପାରେ। **ଶୁଭ ଅଙ୍କ-୩, ଶୁଭ ରଙ୍ଗ-କ୍ରିମ୍**

**ତୁଳା:** କର୍ମକ୍ଷେତ୍ର ଉତ୍ସାହଜନକ ରହିବ। ଚାକିରିରେ ସହଯୋଗ ମିଳିବ। ବାଣିଜ୍ୟରେ ଲାଭ ମିଳିବ। ଶିକ୍ଷାର୍ଥୀ ସଫଳ ହେବେ। **ଶୁଭ ଅଙ୍କ-୮, ଶୁଭ ରଙ୍ଗ-କଳା**

**ବିଛା:** କର୍ମକ୍ଷେତ୍ରରେ ସମ୍ମାନ ପାଇବେ। ଚାକିରିରେ କର୍ତ୍ତବ୍ୟନିଷ୍ଠ ରହିବେ। ରାଜନୀତିରେ ଶତ୍ରୁମାନେ ଆୟତ୍ତାଧୀନ ହେବେ। ବାଣିଜ୍ୟରେ ଲାଭାନ୍ୱିତ ହେବେ। **ଶୁଭ ଅଙ୍କ-୨, ଶୁଭ ରଙ୍ଗ-ସିଲଭର୍**

**ଧନୁ:** କର୍ମକ୍ଷେତ୍ରରେ ଠକାମିରେ ପଡ଼ିପାରନ୍ତି। କାର୍ଯ୍ୟ ବିଳମ୍ବ ଓ ବିରକ୍ତିମନା ରହିବେ। ପ୍ରଶାସନିକ ସମସ୍ୟାରେ ରହିବେ। ବାଣିଜ୍ୟରେ ଆୟବ୍ୟୟ ସମାନ ରହିବ। **ଶୁଭ ଅଙ୍କ-୧, ଶୁଭ ରଙ୍ଗ-ପିଙ୍କ୍**

**ମକର:** ବହୁଚେଷ୍ଟା କରି ସଫଳ ହେବେ। ଅତିଥିଙ୍କ ଆଗମନ ହୋଇପାରେ। ରାଜନୀତିରେ ଲୋକସମ୍ପର୍କ ବୃଦ୍ଧି ପାଇବ। ବାଣିଜ୍ୟରେ ପ୍ରସାର ହେବ। ଶିକ୍ଷାର୍ଥୀ ସଫଳ ହେବେ। **ଶୁଭ ଅଙ୍କ-୮, ଶୁଭ ରଙ୍ଗ-ନୀଳ**

**କୁମ୍ଭ:** କୌଣସି ଗୁରୁତ୍ୱ କାର୍ଯ୍ୟରେ ସଫଳ ହେବେ। ପ୍ରଶାସନିକ ପ୍ରଭାବଶାଳୀ ରହିବେ। ଶିକ୍ଷାର୍ଥୀ ଅଧ୍ୟୟନରତ ରହିବେ। **ଶୁଭ ଅଙ୍କ-୬, ଶୁଭ ରଙ୍ଗ-ସିଲଭର୍**

**ମୀନ:** ଦିନଟି ସମସ୍ୟା ଭିତରେ ଗତି କରିବେ। ଚାକିରିରେ ଅସହଯୋଗ ଦେଖାଯିବ। ବାଣିଜ୍ୟରେ ମନ୍ଥରତା ରହିବ। ଶିକ୍ଷାର୍ଥୀ ତ୍ରୁଟି କରିପାରନ୍ତି। **ଶୁଭ ଅଙ୍କ-୩, ଶୁଭ ରଙ୍ଗ-ହଳଦିଆ**

**ପଣ୍ଡିତ ଅଭିମନ୍ୟୁ ଦୀକ୍ଷିତ, ବାଲେଶ୍ୱର, ମୋ -୯୭୭୭୭୬୬୨୨୦**

# ଓଡ଼ିଶାରେ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି



**ଭୁବନେଶ୍ୱର,୨୪।୯ (ସମିସ):** ସୁପ୍ରିମ୍‌କୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ଏନ୍.ଭି ରମ୍ମନା ଦୁଇଦିନିଆ ଓଡ଼ିଶା ଗସ୍ତରେ ଶୁକ୍ରବାର ଓଡ଼ିଶା ଆସିଛନ୍ତି। ଜଷ୍ଟିସ୍ ରମ୍ମନା ପ୍ରାୟ ସନ୍ଧ୍ୟା ୮ ଘଟିକା ସମୟରେ ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ଆର୍ନ୍ତଜାତିକ ବିମାନ ବନ୍ଦରରେ ପହଞ୍ଚିଥିଲେ। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍. ମୁରଲୀଧର, ପୁଲିସ୍ ମହାନିର୍ଦ୍ଦେଶକ ଅଭୟ, ଦ୍ୱୈତ ନଗରୀ ପୁଲିସ୍ କମିସନର ସୌମେନ୍ଦ୍ର ପ୍ରିୟଦର୍ଶୀ ପ୍ରମୁଖ ବିମାନ ବନ୍ଦରରେ ତାଙ୍କୁ ସ୍ୱାଗତ କରିଥିଲେ। ବିମାନ ବନ୍ଦରରେ ପହଞ୍ଚିବା ପରେ ଜଷ୍ଟିସ୍ ରମ୍ମନା ପୁରୀ ଗସ୍ତରେ ଯାଇଥିଲେ।

ପୁରୀରେ ପହଞ୍ଚିବା ପରେ ଜଷ୍ଟିସ୍ ରମ୍ମନାଙ୍କୁ ସ୍ଥାନୀୟ ଏମ୍‌ପି ତଥା ଆଇନଜୀବୀ ପିନାକୀ ମିଶ୍ର, ୫-ଟି ସଚିବ ଭି.କେ ପାଣ୍ଡିଆନ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷ୍ଣନ କୁମାର, ଜିଲ୍ଲାପାଳ ସମର୍ଥ ବର୍ମା ଏବଂ ଏସ୍‌ପି କନୱର ବିଶାଲ ସିଂ ପ୍ରମୁଖ ସ୍ୱାଗତ କରିଥିଲେ। ସେଠାରେ ମେଫେୟାର ହୋଟେଲରେ ରାତ୍ରି ଯାପନ କରିଛନ୍ତି।

### ଆଜି କରିବେ ଜଗନ୍ନାଥ ଦର୍ଶନ

ଶନିବାର ରମ୍ମନା ଶ୍ରୀଜଗନ୍ନାଥ ମନ୍ଦିର ପରିଦର୍ଶନ କରିବା ସହ ଶ୍ରୀଜୀଉମାନଙ୍କ ଦର୍ଶନ କରିବେ ବୋଲି ଜଣାପଡ଼ିଛି। ଏହା ପରେ ରମ୍ମନା କଟକ ଗସ୍ତ କରି ଏକ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ଜଣାପଡ଼ିଛି।

### ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିରେ ଗୁପ୍ତଚରୀ | ସରିଲା ରିମାଣ୍ଡ, ଜେଲ୍ ଗଲେ ୫ ଅଭିଯୁକ୍ତ

# ଲାପ୍‌ଟପ୍ ଓ ମୋବାଇଲ୍‌ର ଫୋରେନ୍‌ସିକ୍ ରିପୋର୍ଟକୁ ଅପେକ୍ଷା

**କଟକ, ବାଲେଶ୍ୱର, ୨୪।୯ (ସମିସ):** ବାଲେଶ୍ୱର ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିରେ ଗୁପ୍ତଚରୀ ଘଟଣାରେ ଗିରଫ ୫ ଜଣ ଅଭିଯୁକ୍ତଙ୍କ ୭ ଦିନିଆ ରିମାଣ୍ଡ ଅବଧି ଶୁକ୍ରବାର ସରିଛି। କ୍ରାଇମ୍‌ବ୍ରାଞ୍ଚ ଟିମ୍ ସମସ୍ତ ଅଭିଯୁକ୍ତଙ୍କୁ ଆଜି ବାଲେଶ୍ୱର ଏସଡିଜେଏମ୍‌ଙ୍କ କୋର୍ଟରେ ହାଜର କରିଥିଲା। କୋର୍ଟରୁ ଅଭିଯୁକ୍ତମାନଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି। ତେବେ ୭ ଦିନିଆ ରିମାଣ୍ଡର ଜେରା ସମୟରେ କ୍ରାଇମବ୍ରାଞ୍ଚ ଅଭିଯୁକ୍ତମାନଙ୍କ ମୋବାଇଲ ଓ ଲାପଟପ୍ ଜବତ କରି ଫୋରେନସିକ୍ ଆନାଲିସିସ୍ ପାଇଁ ପଠାଇଛି। ସେଥିରୁ ତଥ୍ୟ ମିଳିଲେ ଅଧିକ ତଦନ୍ତ କରାଯିବ ବୋଲି କ୍ରାଇମବ୍ରାଞ୍ଚର ଅତିରିକ୍ତ ଏସପି ପ୍ରଶାନ୍ତ ବିଶୋଇ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଚାନ୍ଦିପୁର ପ୍ରତିରକ୍ଷା ବିଭାଗରୁ ତଥ୍ୟ ଲିକ୍ ଅଭିଯୋଗରେ ୫ ଜଣ ଅଭିଯୁକ୍ତ ବସନ୍ତ ବେହେରା, ହେମନ୍ତ ବେହେରା, ତାପସ ରଞ୍ଜନ ନାୟକ, ସେକ୍ ମୁସାଫିର୍ ଓ ଆଇଟିଆର ନିର୍ଦ୍ଦେଶକଙ୍କ ଗାଡି ଚାଳକ ସଚିନ କୁମାର ଛତାଙ୍କୁ ଗତ ୧୮ ତାରିଖ ଦିନ କ୍ରାଇମବ୍ରାଞ୍ଚ ୭ ଦିନିଆ ରିମାଣ୍ଡରେ ନେଇ ଅଧିକ ଜେରା କରୁଥିଲେ।

ସପ୍ତାହେ ଧରି ଜେରା କରିବା ପରେ କ୍ରାଇମ୍‌ବ୍ରାଞ୍ଚ ବହୁ ଚାଞ୍ଚଲ୍ୟକର ତଥ୍ୟ ଜାଣିବାକୁ ପାଇଛି। ଅଭିଯୁକ୍ତମାନଙ୍କ ନିକଟକୁ ଦୁବାଇରୁ ଟଙ୍କା ଆସିଥିବା କ୍ରାଇମବ୍ରାଞ୍ଚ ସ୍ପଷ୍ଟ କରିସାରିଥିବା ବେଳେ ଟଙ୍କା ପଠାଇଥିବା ଲୋକର ପରିଚୟ ଜାଣିବାକୁ ପ୍ରଚେଷ୍ଟା ଜାରି ରହିଛି। ଏପରିକି ଅନ୍ୟ ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟ ଓ ସେଥିରେ ହୋଇଥିବା ଅର୍ଥକାରବାର ସଂକ୍ରାନ୍ତୀୟ ସମସ୍ତ ତଥ୍ୟ ପ୍ରଦାନ କରିବା ଲାଗି ସମ୍ପୃକ୍ତ ବ୍ୟାଙ୍କ ଗୁଡିକୁ କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ପ୍ରତୀରକ୍ଷା ସଂକ୍ରାନ୍ତୀୟ କେଉଁ କେଉଁ ତଥ୍ୟ ଲିକ୍ ହୋଇଥିଲା, ଅଭିଯୁକ୍ତଙ୍କୁ ସୁନ୍ଦରୀ ଯୁବତୀମାନେ କିପରି ଟ୍ରାପ୍ କରିଥିଲେ ଓ ଗପ୍ତଚରୀ କରିବା ଲାଗି ଉତ୍ତରପ୍ରଦେଶ ମିରଟ୍‌ର କେତେକ ବ୍ୟକ୍ତିଙ୍କ ସମ୍ପୃକ୍ତିକୁ ନେଇ ଏବେ ମାନସମନ୍ଥନ କରୁଛି କ୍ରାଇମବ୍ରାଞ୍ଚ। ବ୍ୟାଙ୍କ୍‌ରୁ ସମସ୍ତ ତଥ୍ୟ ମିଳିବାପରେ ଅଭିଯୁକ୍ତମାନଙ୍କୁ ପୁଣି ଥରେ ରିମାଣ୍ଡ ପାଇଁ ଅବେଦନ କରାଯିବ ବୋଲି ଜଣାପଡ଼ିଛି। ତେବେ ଅଭିଯୁକ୍ତ ବସନ୍ତ ବେହେରାଙ୍କୁ ଜଣେ ସୁନ୍ଦର ଯୁବତୀ ନିଜ ମାୟାଜାଲରେ ଫସାଇଥିଲା। ସେ ବସନ୍ତକୁ ବିବାହ କରିବେ ବୋଲି କହିଥିଲା। ଏପରିକି ବିବାହ ପରେ ଚାନ୍ଦିପୁରରେ ତାଙ୍କ ଲାଗି ଏକ ଚାକରି ବୁଝିଦେବାକୁ ଯୁବତୀ ଜଣକ ବସନ୍ତକୁ କହିଥିବା କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି। ସମ୍ପୃକ୍ତ ସୁନ୍ଦରୀ ଯୁବତୀକୁ ଧରିବା ଲାଗି ଉଦ୍ୟମ ଜାରି ରହିଛି। କ୍ରାଇମ୍‌ବ୍ରାଞ୍ଚ ସ୍କାନରରେ ଏବେ ଏକାଧିକ କର୍ମଚାରୀ ଓ ଅଭିଯୁକ୍ତଙ୍କ ସମ୍ପର୍କୀୟ ରହିଛନ୍ତି। ଖୁବ୍‌ଶୀଘ୍ର ସେମାନଙ୍କୁ ଜେରା କରିବା ଲାଗି ନୋଟିସ ଦେଇପାରେ କ୍ରାଇମବ୍ରାଞ୍ଚ। ଏ ସଂକ୍ରାନ୍ତରେ କ୍ରାଇମବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା କୁହନ୍ତି, ଆଜି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟରେ ହଜର କରାଯାଇଛି। କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପରେ ତର୍ଜମା ହେଉଛି। ଆବଶ୍ୟକ ପଡ଼ିଲେ ପୁଣି ଥରେ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣି ଅଧିକ ଜେରା କରିବୁ ବୋଲି ସେ କହିଛନ୍ତି।



**ଜେରାରୁ ମିଳିଥିବା ତଥ୍ୟର ଚାଲିଛି ମାନସମନ୍ଥନ**
**ପୁଣି ରିମାଣ୍ଡ ପାଇଁ ହେବ ଆବେଦନ !**
**ବସନ୍ତକୁ ବିବାହ ପ୍ରସ୍ତାବ ଦେଇଥିଲା ସୁନ୍ଦରୀ ଯୁବତୀ**

# ଘର ଭିତରେ ଚାଲିଥିଲା ବନ୍ଧୁକ କାରଖାନା




**ଭୁବନେଶ୍ୱର,୨୪।୯ (ସମିସ):** ଢେଙ୍କାନାଳ ଜିଲ୍ଲା ଭାପୁର ଅଞ୍ଚଳରେ ଚାଲିଥିବା ଏକ ବେଆଇନ୍ ବନ୍ଧୁକ ଫ୍ୟାକ୍ଟ୍ରି ଉପରେ ଏସ୍‌ଟିଏଫ୍ ଚଢଉ କରିଛି। ଚଢଉ ସମୟରେ ଉକ୍ତ ଘରକୁ ୯ଟି ଦେଶୀ ବନ୍ଧୁକ,ଗୋଟିଏ ଦେଶୀ ରିଭଲଭର୍‌ଏବଂ ବନ୍ଧୁକ ପ୍ରସ୍ତୁତ ପାଇଁ ଆବଶ୍ୟକ ସାମଗ୍ରୀକୁ ମଧ୍ୟ ଜବତ କରାଯାଇଛି। ଏହି ବେଆଇନ୍ ବନ୍ଧୁକ ଅସ୍ତ୍ରାଗାର ଚଳାଉଥିବା ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ କଟକ,ଖୁଣ୍ଟୁଣିର କାଳନ୍ଦୀ ନାୟକ ଏବଂ ଢେଙ୍କାନାଳ ବାଲିଆମ୍ବ ଅଞ୍ଚଳର ଶ୍ୟାମ ସୁନ୍ଦର ସିଠା। ଏସ୍‌ଟିଏଫ ସେମାନଙ୍କୁ ରିମାଣ୍ଡରେ ଆଣିବ। ଏଥିଲାଗି ଖୁବ୍ ଶୀଘ୍ର କୋର୍ଟରେ ଆବେଦନ କରାଯିବ। ଏହି ବେଆଇନ୍ ବନ୍ଧୁକ ଫ୍ୟାକ୍ଟ୍ରି କରିବା ପଛରେ କେଉଁମାନଙ୍କ ହାତ ରହିଛି ସେନେଇ ତଦନ୍ତ କରୁଛି ଏସ୍‌ଟିଏଫ। ଏହା ପଛରେ ଅନେକ ମୁଷ୍ଟିମୟ ଲୋକଙ୍କ ହାତ ରହିଥିବା ଏସ୍‌ଟିଏଫ ସନ୍ଦେହ କରୁଛି।

ମିଳିଥିବା ସୂଚନା ଅନୁସାରେ, ଖୁଣ୍ଟୁଣିର କାଳନ୍ଦୀ ନାୟକ ଜଣେ ଦୁର୍ଦ୍ଦାନ୍ତ ଅପରାଧୀ। ସେ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କୁ ବନ୍ଧୁକ ଦେଖାଇ ଦାଦାବଟି ମାଗିବା ସହ ବିଭିନ୍ନ ପ୍ରକାର ଧମକ ଦେଇଥାଏ। ଏପରିକି ତା ନାମରେ ସ୍ଥାନୀୟ ଥାନାରେ ଏକାଧିକ ମାମଲା ମଧ୍ୟ ରହିଛି। ଗୁରୁବାର ସନ୍ଧ୍ୟାରେ କାଳନ୍ଦୀ ଗୋଟିଏ ଦେଶୀ ବନ୍ଧୁକ ନିଜ ଅଣ୍ଟାରେ ଖୋସି ବୁଲୁଥିବା ନେଇ ଏସ୍‌ଟିଏଫ ଖବର ପାଇଥିଲା। ଭୁବନେଶ୍ୱରରୁ ଏସ୍‌ଟିଏଫର ଏକ ଟିମ୍ ଢେଙ୍କାନାଳ ଅଭିମୁଖେ ଯାଇଥିଲେ। ସେଠାରେ ସେମାନେ କାଳନ୍ଦୀକୁ କାବୁ କରି ଯାଞ୍ଚ କରିବା ପରେ ତା ନିକଟରୁ ଏକ ଦେଶୀ ରିଭଲବଲ୍‌କୁ ଜବତ କରାଯାଇଥିଲା। ତାକୁ ଏସ୍‌ଟିଏଫ ଉଠାଇ ନେଇ ପଚରାଉଚରା କରିବା ପରେ ଏହି ବନ୍ଧୁକ ଫ୍ୟାକ୍ଟ୍ରି ସମ୍ପର୍କରେ ସୂଚନା ଦେଇଥିଲା। ଶ୍ୟାମ ସୁନ୍ଦର ତା ଘରେ ଏଭଳି ବେଆଇନ୍ ଭାବେ ବନ୍ଧୁକ ଫ୍ୟାକ୍ଟ୍ରି କରିଥିବା ଏସ୍‌ଟିଏଫ ଅଧିକାରୀ ଖବର ପାଇ ତୁରନ୍ତ ଚଢଉ କରିଥିଲେ। ଚଢଉ ସମୟରେ ଶ୍ୟାମ ସୁନ୍ଦରଙ୍କ ଘରୁ ୯ଟି ଦେଶୀ ବନ୍ଧୁକକୁ ଜବତ କରାଯାଇଥିଲା। ଏହା ଏପଛରେ ଏକ ବଡ଼ ରାକେଟ୍ କାମ କରୁଛି। ଦେଶୀ ବନ୍ଧୁକକୁ ୧୫ରୁ ୧୭ ହଜାର ଟଙ୍କାରେ ବିକ୍ରି କରୁଛନ୍ତି। ଢେଙ୍କାନାଳ ଜିଲ୍ଲାର ଏକାଧିକ ଶିକାରୀ ଏବଂ ପେଷାଦାର ଅପରାଧିଙ୍କୁ ଏହି ଦେଶୀ ବନ୍ଧୁକ ବିକ୍ରି କରାଯାଇଥିବା ଏସ୍‌ଟିଏଫ ତଦନ୍ତରୁ ଜାଣିବାକୁ ପାଇଛି। ତେଣୁ କେଉଁମାନଙ୍କୁ ଏହି ବନ୍ଧୁକ ବିକ୍ରି କରାଯାଇଛି ସେନେଇ ଏସ୍‌ଟିଏଫ ଏକ ତାଲିକା କରୁଛି। ଦୁଇ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବା ପରେ ବନ୍ଧୁକ ନେଇଥିବା ବ୍ୟକ୍ତିଙ୍କ ଘରେ ଚଢଉ କରାଯିବ। ଗିରଫ ଦୁଇ ଅଭିଯୁକ୍ତ ବନ୍ଧୁକ ବିକ୍ରି କରୁଥିବା ବେଳେ ଏହାକୁ ନିର୍ମାଣ କରୁଥିବା ବ୍ୟକ୍ତି ଏବେବି ଫେରାର ଅଛନ୍ତି। ତେଣୁ ସେମାନଙ୍କୁ ଧରିବା ପାଇଁ ଏସ୍‌ଟିଏଫ ତାର ତଦନ୍ତକୁ ଜୋରଦାର କରିଛି।

# ୨୦୨୩ ମାଟ୍ରିକ ପରୀକ୍ଷା ପାଇଁ ପଞ୍ଜୀକରଣ ଆରମ୍ଭ

**କଟକ,୨୪।୯ (ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ୨୦୨୩ ମସିହା ମାଟ୍ରିକ ପରୀକ୍ଷା ଦେବାକୁ ଆରମ୍ଭ ହୋଇଛି ପଞ୍ଜୀକରଣ ପ୍ରକ୍ରିୟା। ଆଜିଠାରୁ ନବମ ଶ୍ରେଣୀ ଛାତ୍ରଛାତ୍ରୀମାନେ ଆସନ୍ତା ଅକ୍ଟୋବର ୮ ତାରିଖ ସୁଦ୍ଧା ପରୀକ୍ଷା ଦେବାକୁ ନିଜର ନାମ ପଞ୍ଜିକୃତ କରିପାରିବେ। ଏଥିପାଇଁ ବୋର୍ଡ ପକ୍ଷରୁ ରାଜ୍ୟର ସମସ୍ତ ହାଇସ୍କୁଲର ପ୍ରଧାନଶିକ୍ଷକ, ପ୍ରାଧାନଶିକ୍ଷୟିତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେମାନେ ଅନଲାଇନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କର ପଞ୍ଜୀକରଣ ଜିଲ୍ଲା ଶିକ୍ଷାଧିକାରୀଙ୍କ ସହାୟତାରେ କରିବାକୁ କୁହାଯାଇଛି। ଛାତ୍ରଛାତ୍ରୀଙ୍କର ନାମ ପଞ୍ଜୀକରଣ ଅକ୍ଟୋବର ୮ ତାରିଖ ରାତି ୧୧ଟା ୪୫ ମିନିଟ ପର୍ଯ୍ୟନ୍ତ ହୋଇପାରିବ। ଏହାପରେ ୯ ତାରିଖ ମଧ୍ୟରାତ୍ର ସୁଦ୍ଧା ଫର୍ମ ଦାଖଲର ଶେଷ ସମୟ ରଖାଯାଇଛି। ପଞ୍ଜୀକରଣ ପାଇଁ ଛାତ୍ରଛାତ୍ରୀଙ୍କୁ ୬୦ଟଙ୍କା ଫି' ଦେବାକୁ ପଡ଼ିବ।

### ଅକ୍ଟୋବର ୮ ସୁଦ୍ଧା ପଞ୍ଜିକୃତ ହେବେ ନବମ ଶ୍ରେଣୀ ଛାତ୍ରଛାତ୍ରୀ

ସେମାନେ ଅନଲାଇନ ଏବଂ ଅଫଲାଇନ ମାଧ୍ୟମରେ ଫି ଦେଇପାରିବେ ବୋଲି ସମ୍ପାଦକ ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି। ଯେଉଁ ଛାତ୍ରଛାତ୍ରୀମାନେ ଏହି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନାମ ପଞ୍ଜିକୃତ କରିପାରି ନଥିବେ ସେମାନେ ୨୦୨୩ ମାଟ୍ରିକ ପରୀକ୍ଷା ଦେବାରୁ ବଞ୍ଚିତ ହେବେ। ସ୍କୁଲ ରେଗୁଲାର ଭାବେ ସମ୍ପୃକ୍ତ ଛାତ୍ରଛାତ୍ରୀ ବୋର୍ଡ ଦ୍ୱାରା ପରିଚାଳିତ ପତ୍ରବିନିମୟ ପାଠ୍ୟକ୍ରମରେ ନାମ ପଞ୍ଜୀକରଣ କରି ପରୀକ୍ଷା ଦେଇପାରିବେ। ଅନ୍ୟପକ୍ଷରେ ହାଇସ୍କୁଲଗୁଡ଼ିକର ପଞ୍ଜିକୃତ ଶିକ୍ଷକମାନେ ସେମାନଙ୍କ ତଥ୍ୟ ସଂଶୋଧନ କରିପାରିବେ। ସମ୍ପୃକ୍ତ ଜିଲ୍ଲାଶିକ୍ଷା ଅଧିକାରୀଙ୍କ ସ୍ୱାକ୍ଷରକ୍ରମେ ବୋର୍ଡର ଶାଖା କାର୍ଯ୍ୟାଳୟରେ ଆସନ୍ତା ଅକ୍ଟୋବର ୨୨ ସୁଦ୍ଧା ଫର୍ମ ଦାଖଲ କରିପାରିବେ। ଏହି ପ୍ରକ୍ରିୟା ପାଇଁ କୌଣସି ଫି' ଦେବାକୁ ପଡ଼ିବ ନାହିଁ ବୋଲି ବୋର୍ଡ ପକ୍ଷରୁ ସ୍ପଷ୍ଟ କରାଯାଇଛି।

### ପୀଡ଼ିତାଙ୍କୁ କ୍ଷତିପୂରଣ ଅର୍ଥ ପ୍ରଦାନ ବିଳମ୍ବ ପ୍ରସଙ୍ଗ

# ଆଇନସେବା ପ୍ରାଧିକରଣକୁ ବକେୟା ପ୍ରଦାନ ବ୍ୟବସ୍ଥା କର: ହାଇକୋର୍ଟ

**କଟକ,୨୪।୯ (ସମିସ):** ବିଭିନ୍ନ ଅପରାଧିକ ମାମଲା, ବିଶେଷକରି ଦୁଷ୍କର୍ମ ମାମଲାରେ ପୀଡ଼ିତାଙ୍କୁ ଜିଲ୍ଲା ଆଇନସେବା ପ୍ରାଧିକରଣ ମାଧ୍ୟମରେ କ୍ଷତିପୂରଣ ରାଶି ପ୍ରଦାନର ବ୍ୟବସ୍ଥା ରହିଛି। ଏନେଇ ବିଳମ୍ବ ହେଉଥିବାରୁ ହାଇକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। ଓଡ଼ିଶା ହାଇକୋର୍ଟ ଏ ସଂକ୍ରାନ୍ତ ଏକ ଆବେଦନର ଶୁଣାଣି କରି ଆଇନସେବା ପ୍ରାଧିକରଣ ଗୁଡିକୁ ଆବଶ୍ୟକ ଅର୍ଥ ପ୍ରଦାନ କରିବାରେ ବିଳମ୍ବ ଘଟୁଥିବାରୁ ରାଜ୍ୟ ସରକାରଙ୍କୁ ଏସମ୍ପର୍କରେ ଅବଗତ କରାଇବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏପରିକି ଆଡଭୋକେଟ ଜେନେରାଲ ଏହି ପ୍ରସଙ୍ଗରେ ଏକ ଉଚ୍ଚସ୍ତରୀୟ ବୈଠକ କରିବାକୁ ହାଇକୋର୍ଟ ବିଚାରପତି ଜଷ୍ଟିସ ଚିତ୍ତରଞ୍ଜନ ଦାଶ କହିଛନ୍ତି। ସରକାରୀ ଅଧିକାରୀଙ୍କ ସହ ଏହି ଉଚ୍ଚସ୍ତରୀୟ ବୈଠକ କରିବାର ଏକ ମାସ ମଧ୍ୟରେ ବିଭିନ୍ନ ଆଇନସେବା ପ୍ରାଧିକରଣର ପୀଡ଼ିତାଙ୍କୁ ପ୍ରଦାନ କରାଯିବାକୁ ଥିବା କ୍ଷତିପୂରଣ ରାଶି ପ୍ରଦାନ କରାଇବାର ବନ୍ଦୋବସ୍ତ କରିବା ପାଇଁ ହାଇକୋର୍ଟ କହିଛନ୍ତି। ମାମଲାରୁ ପ୍ରକାଶ ଯେ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣରେ ଜନୈକା ଆବେଦନକାରୀ ପୀଡ଼ିତା କ୍ଷତିପୂରଣ ପାଇଁ ଆବେଦନ କରିବା ସତ୍ତ୍ୱେ ତାଙ୍କୁ ଏହା ପ୍ରଦାନରେ ବିଳମ୍ବ ଘଟିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଚୌଦ୍ୱାରରେ ରାଜ୍ୟର ପ୍ରଥମ ଟସର ସୂତା ଉତ୍ପାଦନ କେନ୍ଦ୍ର

**ଚୌଦ୍ୱାର,୨୪।୯ (ସମିସ):** ଚୌଦ୍ୱାରରେ ଆଜି ଶୁଭାରମ୍ଭ ହୋଇଛି ଓଡ଼ିଶାର ପ୍ରଥମ ଅତ୍ୟାଧୁନିକ ଟସର ସୂତା ଉତ୍ପାଦନ କେନ୍ଦ୍ର। କଜଳକଣା ଗୋପାଳପୁର ଇଡ୍‌କୋ ଶିଳ୍ପାଞ୍ଚଳରେ ନିର୍ମିତ ଏହି ଶିଳ୍ପ କେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି ଖଦୀ ଓ ଗ୍ରାମୋଦ୍ୟୋଗ ରାଷ୍ଟ୍ରୀୟ ଆୟୋଗ ଅଧ୍ୟକ୍ଷ ବିନୟ କୁମାର ସକ୍‌ସେନା। ଆଜି ପୂର୍ବାହ୍ନରେ କାରଖାନା ପରିସରରେ ଆୟୋଜିତ ଉଦଘାଟନୀ ଉତ୍ସବରେ ଶ୍ରୀ ସକ୍‌ସେନା ମୁଖ୍ୟଅତିଥି, ଖଦୀ ଓ ଗ୍ରାମୋଦ୍ୟୋଗ ପୂର୍ବାଞ୍ଚଳ ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ୱା.କେ. ବାରାମତିକର, ପୂର୍ବାଞ୍ଚଳ ସଦସ୍ୟ ମନୋଜ କୁମାର ସିଂହ ବରେଣ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଶ୍ରୀ ସକ୍‌ସେନା କହିଥିଲେ, ଚୌଦ୍ୱାରରେ ସ୍ଥାପିତ ଏହା ଓଡ଼ିଶାର ପ୍ରଥମ ଟସର ସୂତା ଉତ୍ପାଦନ କେନ୍ଦ୍ର ହୋଇଥିବାରୁ ଏହାଦ୍ୱାରା ପରୋକ୍ଷରେ ୩୦୦ରୁ ଊର୍ଦ୍ଧ୍ୱ ଟସର ଚାଷୀ ଓ ବୁଣାକାର ଲାଭାନ୍ୱିତ ହୋଇପାରିବେ। ବାର୍ଷିକ ୭୫ଲକ୍ଷ ଟଙ୍କାର ଉତ୍ପାଦନର ଲକ୍ଷ୍ୟ ରଖାଯାଇଥିବା ସ୍ଥଳେ ଏହି କେନ୍ଦ୍ରରେ ସିଧାସଳଖ ସ୍ଥାନୀୟ ୫୦ ଲୋକଙ୍କୁ ନିଯୁକ୍ତି ଦିଆଯିବାର ବ୍ୟବସ୍ଥା ହୋଇଛି। ବିଶେଷ କରି ଗ୍ରାମାଞ୍ଚଳର ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଏହା ଉଦ୍ଦିଷ୍ଟ ବୋଲି ଶ୍ରୀ ସକ୍‌ସେନା କହିଥିଲେ। ପ୍ରାଥମିକ ସ୍ତରରେ ୨୮କୋଟି ୫୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଶିଳ୍ପକେନ୍ଦ୍ରର ଉତ୍ପାଦନ କ୍ଷମତାକୁ ଆଗାମୀ ଦିନରେ ବୃଦ୍ଧି କରାଯିବ ବୋଲି ସେ ସୂଚନା ଦେଇଥିଲେ।




ରାଜ୍ୟରେ ଉପଲବ୍ଧ କଞ୍ଚାମାଲର ଉପଯୋଗ କରି ଟସର ସୂତା ଉତ୍ପାଦନ କରିବା ପାଇଁ ଏପରି ଅତ୍ୟାଧୁନିକ କାରଖାନାର ଆବଶ୍ୟକ ଅପରିହାର୍ଯ୍ୟ ଥିଲା ବୋଲି ପୂର୍ବାଞ୍ଚଳ ଯୁଗ୍ମ ମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ବାରାମତିକର କହିଥିଲେ। ଓଡ଼ିଶାର ବୁଣାକାର ମୁଖ୍ୟତଃ ଟସର ସୂତା ପାଇଁ ପଶ୍ଚିମବଂଗ, ଝାଡ଼ଖଣ୍ଡ, କର୍ଣ୍ଣାଟକ, ଆସାମ ଉପରେ ନିର୍ଭରଶୀଳ ହେଉଥିବାରୁ ଉତ୍ପାଦିତ ଦ୍ରବ୍ୟର ମୂଲ୍ୟ ଅଧିକ ହେବା ଯୋଗୁଁ କ୍ଷତି ସହିବାକୁ ପଡୁଥିଲା। ଏବେ ସେହି ଅଭାବକୁ ଚୌଦ୍ୱାରରେ ସ୍ଥାପିତ କାରଖାନା ପୂରଣ କରିବ ବୋଲି ପୂର୍ବାଞ୍ଚଳ ସଦସ୍ୟ ଶ୍ରୀ ସିଂହ କହିଥିଲେ। ଖଦୀ ଓ ଗ୍ରାମୋଦ୍ୟୋଗ ରାଜ୍ୟ ନିର୍ଦ୍ଦେଶକ ସମୀର କୁମାର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଦର୍ଶ ଖଦୀ ଉତ୍ପାଦକ ସଂଘ ସମ୍ପାଦକ ଜୟକୃଷ୍ଣ ଗୁଇଁ ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ ଭାରତ ସରକାରଙ୍କ ଖଦୀ ଓ ଗ୍ରାମୋଦ୍ୟୋଗ ଆୟୋଗଙ୍କ ତରଫରୁ ପ୍ରତିଷ୍ଠିତ ଏହି ଶିଳ୍ପ କେନ୍ଦ୍ର ଆଦର୍ଶ ଖଦୀ ଉତ୍ପାଦକ ସଂଘ ନୂଆପାଟଣା ଦ୍ୱାରା ପରିଚାଳିତ ହେବ। ଗତବର୍ଷ ଏହା ପ୍ରାକ୍ତନ ମତ୍ସ୍ୟ, ପଶୁସମ୍ପଦ ଏବଂ ଅଣୁ, ଲଘୁ ଓ ମଧ୍ୟମ ଶିଳ୍ପ କେନ୍ଦ୍ରମନ୍ତ୍ରୀ ପ୍ରତାପ କୁମାର ଷଡ଼ଙ୍ଗୀଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଥିଲା। ଏହି ଅବସରରେ ଆୟୋଜିତ ପ୍ରଦର୍ଶନୀ ଶିବିରକୁ ମୁଖ୍ୟଅତିଥି ଶ୍ରୀ ସକସେନା ବୁଲି ଦେଖିଥିଲେ। ଆଜିର ଉତ୍ସବରେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ, ସାଂସଦ ଭର୍ତ୍ତୃହରି ମହତାବ, ସ୍ଥାନୀୟ ବିଧାୟକ ସୌଭିକ ବିଶ୍ୱାଳ ଯୋଗଦାନ କରିବା ପାଇଁ କାର୍ଯ୍ୟକ୍ରମ ଥିଲେ ମଧ୍ୟ ସେମାନଙ୍କ ଅନୁପସ୍ଥିତି ସାଧାରଣରେ ଚର୍ଚ୍ଚା ସୃଷ୍ଟି କରିଥିଲା।

### ମୁଖ୍ୟମନ୍ତ୍ରୀ ଆରମ୍ଭ କରିଥିଲେ ବହୁମୁଖୀ ପାଇଲଟ ପ୍ରକଳ୍ପ

# ଏବେ ବିକାଶର ନୂଆ ରାସ୍ତାରେ ନବରଙ୍ଗପୁର

- ଆତ୍ମନିର୍ଭରଶୀଳ ହୋଇଛି ପଛୁଆ ଜିଲ୍ଲା
- ରାଜ୍ୟ ସରକାରଙ୍କ ୧୫ ବିଭାଗ ଦେଉଛନ୍ତି ପ୍ରୋତ୍ସାହନ
- ସହଯୋଗ କରୁଛନ୍ତି ୧୨ କେନ୍ଦ୍ରୀୟ ଗବେଷଣା ସଂସ୍ଥା




**ଭୁବନେଶ୍ୱର,୨୪।୯ (ସମିସ):** ଏକ ଅନୁନ୍ନତ ଓ ପଛୁଆ ଜିଲ୍ଲା ଭାବେ ନବରଙ୍ଗପୁର ଜିଲ୍ଲା ବେଶ୍ ଜଣାଶୁଣା ଥିଲା। ସମସ୍ତ ସାମାଜିକ ମାନକରେ ତଳେ ରହିଥିବା ଏହି ଜିଲ୍ଲାରେ ମୁଣ୍ଡପିଛା ଆୟ ସବୁଠାରୁ କମ୍ ରହିଥିଲା। କିନ୍ତୁ ଆଜି ସମୟ ବଦଳିଛି। ଲୋକଙ୍କୁ କାମ ମିଳିଛି, ରୋଜଗାର ବଢ଼ିଛି। ବିଭିନ୍ନ ସାମଗ୍ରୀ ପାଇଁ ନବରଙ୍ଗପୁର ଜିଲ୍ଲାକୁ ଆଉ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁନାହିଁ। ମାଛ, ଲେମନ୍ ଗ୍ରାସ୍, ଉନ୍ନତ ମାନର ହଳଦି, ଜୈବିକ ସାର, ଫଳ, ପନିପରିବା ଉତ୍ପାଦନରେ ନବରଙ୍ଗପୁର ଜିଲ୍ଲା ଆଖି ଦୃଶିଆ ବିକାଶ କରିପାରିଛି। ଏହା ସମ୍ଭବ ହୋଇ ପାରିଛି ରାଜ୍ୟ ସରକାରଙ୍କର ୧୫ଟି ବିଭାଗ ଏବଂ କେନ୍ଦ୍ର ସରକାରଙ୍କର ୧୨ଟି ପ୍ରତିଷ୍ଠାନର ମିଳିତ ଉଦ୍ୟମ ହେତୁ। ୨୦୧୯ ଅଗଷ୍ଟ ମାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୃଷିର ବିକାଶ ତଥା କୃଷକଙ୍କ ଆୟ ବୃଦ୍ଧି ପାଇଁ ଶୁଭାରମ୍ଭ କରିଥିବା ବହୁମୁଖୀ ପାଇଲଟ୍ ପ୍ରକଳ୍ପ ନବରଙ୍ଗପୁର ଜିଲ୍ଲାର ପ୍ରଗତିର ଆୟୁଧ ସାଜିଛି। ଗବେଷଣା, ପ୍ରଶିକ୍ଷଣ, ଆର୍ଥିକ ସହାୟତା ପ୍ରଦାନ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ପ୍ରୋତ୍ସାହନ ଆଜି ନବରଙ୍ଗପୁର ଜିଲ୍ଲାକୁ ବିକାଶ ଟ୍ରାକ୍‌ରେ ଆଣି ପାରିଛି।

ଦିନ ଥିଲା ଯେତେବେଳେ ମାଛ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର କୃଷି ଉତ୍ପାଦ ପାଇଁ ନବରଙ୍ଗପୁର ଜିଲ୍ଲା ଆନ୍ଧ୍ର ପ୍ରଦେଶ, ଛତିଶଗଡ଼, କଲକାତା ଉପରେ ନିର୍ଭରଶୀଳ ଥିଲା। କୃଷି କାର୍ଯ୍ୟ ବି ନୈରାଶ୍ୟଜନକ ଥିଲା। କିନ୍ତୁ ଏବେ ପରିସ୍ଥିତି ବଦଳିଛି। କାମ ଧନ୍ଦା ଆଶାରେ ଯୁବ ପିଢ଼ୀ ଆଉ ବାହାରକୁ ଯାଉ ନାହାନ୍ତି। ବରଂ ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ପାଇ ଜଣେ ଜଣେ ଉଦ୍ୟୋଗୀ ଭାବେ ନିଜର ପରିଚୟ ସୃଷ୍ଟି କରିଛନ୍ତି। ରାଜ୍ୟ ସରକାରଙ୍କ କୃଷି ଓ ମତ୍ସ୍ୟ ପଶୁ ସମ୍ପଦ ବିଭାଗ, ଅନୁସୂଚିତ ଜାତି ଓ ଜନଜାତି, ଗ୍ରାମ୍ୟ ଉନ୍ନୟନ, ହସ୍ତତନ୍ତ ଓ ହସ୍ତକଳା, ମହିଳା ଓ ଶିଶୁ ବିକାଶ, ଦକ୍ଷତା ବିକାଶ, ସରକାରୀ ଉଦ୍ୟୋଗ, ଏମ୍‌ଏସ୍‌ଏମ୍‌ଇ ଭଳି ୧୫ ବିଭାଗ ମିଳିତ ଭାବେ ନବରଙ୍ଗପୁର ଜିଲ୍ଲା ପାଇଁ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ସେହିପରି ଆଇଏମ୍‌ଏମ୍‌ଟି, ଏନବିଆରଆଇ, ସିମ୍ୟାପ୍, ସିଏଫ୍‌ଟିଆରଆଇ, ସିଫା, ଆଇଆଇଏଚ୍‌ଆର, ସିଟିସିଆରଆଇ, ସିଏଆଇଆଇ, ଆଇଆଇଟିଏମ୍ ଭଳି ଜାତୀୟ ପ୍ରତିଷ୍ଠାନ ବିଭିନ୍ନ ପ୍ରକାର ଆୟ ସୃଷ୍ଟିକାରୀ ପ୍ରଶିକ୍ଷଣ ଓ ବୃତ୍ତିଗତ ସହାୟତା ଦେଉଛନ୍ତି। ଜିଲ୍ଲାର ୫ ହଜାରରୁ ଅଧିକ କୃଷକ, ମହିଳା ଏସ୍‌ଏଚ୍‌ଜି, କଳାକାର ଜୀବନ ଜୀବିକା କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି ଆଉ ଏହି ସଂଖ୍ୟା ବଢ଼ିବାରେ ଲାଗିଛି। ମାଛ ଚାଷ, କୃଷି ସହିତ ଧୂପକାଠି, ଚକୋଲେଟ୍, ସୁଗନ୍ଧିତ ତୈଳ, ଜୈବିକ ସାର, ଜୈବିକ ତୈଳ, 'କେଶରୀ' ହଳଦୀ ପ୍ରସ୍ତୁତି ଓ ଉତ୍ପାଦନରେ ନିୟୋଜିତ ହୋଇଛନ୍ତି। ଏଥିରୁ ଅଧିକାଂଶ ଉତ୍ପାଦ ଦେଶର ବିଭିନ୍ନ ରାଜ୍ୟ ତଥା ବିଦେଶକୁ ରପ୍ତାନୀ କରାଯାଉଛି। ମହିଳା ଏସ୍‌ଏଚ୍‌ଜି ସଦସ୍ୟମାନେ ମାଛ ଯାଁଳ, ବିହନ ଉତ୍ପାଦନ କରି ଚାଷୀଙ୍କୁ ଯୋଗାଉଛନ୍ତି। କୃଷ୍ଣଚନ୍ଦ୍ର ନାୟକ ନାମକ ଜଣେ ବ୍ୟକ୍ତି କହନ୍ତି, ସବୁ କ୍ଷେତ୍ରରେ ନବରଙ୍ଗପୁର ଜିଲ୍ଲା ପଛରେ ରହିଥିଲା। ବିଭିନ୍ନ ସାମଗ୍ରୀ ପାଇଁ ଆମକୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ହେଉଥିଲା। କିନ୍ତୁ ବିଭିନ୍ନ ପ୍ରକାର ଆୟ ସୃଷ୍ଟିକାରୀ କାର୍ଯ୍ୟକ୍ରମ ହେତୁ ଜୀବନ ଧାରଣ ମାନରେ ପରିବର୍ତ୍ତନ ଆସିଛି। ଉପଯୁକ୍ତ ପ୍ରଶିକ୍ଷଣ ଏବଂ ପ୍ରୋତ୍ସାହନ ଯୋଗୁଁ ଆଜି ମୁଁ ଜୈବିକ ସାର ଉତ୍ପାଦନ ପ୍ରକଳ୍ପ ପାଇଁ ପୁଞ୍ଜିବିନିଯୋଗ କରିବାରେ ସଫଳ ହୋଇଛି ବୋଲି ସେ କହିଛନ୍ତି। ସରକାରଙ୍କ ଆର୍ଥିକ ପ୍ରୋତ୍ସାହନ ଅନେକ ଯୁବକ ଯୁବତୀଙ୍କୁ ଆତ୍ମନିର୍ଭରଶୀଳ ହେବାର ସୁଯୋଗ ପ୍ରଦାନ କରିଛି।

# ୪ ଅଧିକାରୀଙ୍କୁ ଏଏସ୍‌ପି ପଦୋନ୍ନତି ଓ ବଦଳି

**କଟକ,୨୪।୯ (ସମିସ):** ଓଡ଼ିଶା ପୁଲିସ ଏଷ୍ଟାବ୍ଲିସମେଣ୍ଟ ବୋର୍ଡର ନିଷ୍ପତ୍ତି ଅନୁସାରେ ୪ ଜଣ ଅଧିକାରୀଙ୍କୁ ଅତିରିକ୍ତ ଏସପି (ଏଏସ୍‌ପି) ପାହ୍ୟାକୁ ପଦୋନ୍ନତି ସହ ପୂର୍ବ ସ୍ଥାନରୁ ବଦଳି କରାଯାଇଛି। ଏ ସଂକ୍ରାନ୍ତରେ ପୁଲିସ ମୁଖ୍ୟାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଡିଏସ୍‌ପି ପାହ୍ୟାର ଏହି ଅଫିସରଙ୍କୁ ଗୃହ ବିଭାଗର ବିଜ୍ଞପ୍ତି ଅନୁସାରେ ପଦୋନ୍ନତି ମିଳିଥିଲା। ଏହିକ୍ରମରେ କଳାହାଣ୍ଡି ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଡିଏସପି ଥିବା ଭି.ଏସ ଚନ୍ଦ୍ରଶେଖର ରାଓଙ୍କୁ ସ୍ପେସାଲ ବ୍ରାଞ୍ଚ ଅତରିକ୍ତ ଏସପି ଭାବେ ବଦଳି କରାଯାଇଛି। ସେହିପରି ଢେଙ୍କାନାଳରେ ଅତିରିକ୍ତ ଏସପି ଥିବା ଗଣେଶଚନ୍ଦ୍ର ପ୍ରଧାନଙ୍କୁ ଭିଜିଲାନ୍ସ ଅତିରିକ୍ତ ଏସପି, କଟକ-ଭୁବନେଶ୍ୱର କମିଶନରେଟ ପୁଲିସରେ ଅତିରିକ୍ତ ଡିସିପି ଥିବା କେଦାରନାଥ ସାହୁଙ୍କୁ ଭିଜିଲାନ୍ସର ଅତିରିକ୍ତ ଏସପି ଓ ସ୍ପେସାଲ ବ୍ରାଞ୍ଚ ଅତିରିକ୍ତ ଏସପି ଥିବା ନରହରି ନାୟକଙ୍କୁ ଅତିରିକ୍ତ ଏସପି ଭିଜିଲାନ୍ସ ଭାବେ ପଦୋନ୍ନତି ପୂର୍ବକ ବଦଳି କରାଯାଇଛି।




ଭୂତକୋଠି ପାଲଟିଛି ଦୁଇ ଉପ ସ୍ୱାସ୍ଥ୍ୟକେନ୍ଦ୍ର

# ହେଉନି ପୁନରୁଦ୍ଧାର; ସ୍ୱାସ୍ଥ୍ୟସେବା ଅପହଞ୍ଚ

ରାଉରକେଲା, ୨୪।୯ (ସମିସ) :

ସମସ୍ତେ ସୁସ୍ଥ ରୁହନ୍ତୁ, ଉତ୍ତମ ସ୍ୱାସ୍ଥ୍ୟସେବା ପାଆନ୍ତୁ, ଏହା ରାଜ୍ୟ ସରକାରଙ୍କ ଲକ୍ଷ୍ୟ ରହିଛି। ବଶେଷ କରି ଗ୍ରାମାଞ୍ଚଳର ଅଭ୍ୟନ୍ତର ଗାଁକୁ ଅତ୍ୟାଧୁନିକ, ଉତ୍ତମ ସ୍ୱାସ୍ଥ୍ୟସେବା ପହଞ୍ଚିପାରିବା ପାଇଁ ରାଜ୍ୟ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ, ପ୍ରଶାସନିକ ସ୍ତରରେ ସ୍ଥାଣୁତା ଯୋଗୁଁ ଏହାର ସଫଳ ରୂପାୟନ ହୋଇପାରୁନାହିଁ। ଏଭଳି ଅବହେଳାର ଦୁଇଟି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ସୁନ୍ଦରଗଡ଼ ଜିଲ୍ଲାର ଉପାନ୍ତ ଗ୍ରାମାଞ୍ଚଳରେ।

ନୂଆଗାଁ ବ୍ଲକ ହାତୀବାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ନୂଆଗାଁ ଉପକେନ୍ଦ୍ର। ଯେଉଁଠି ନାଁ ଆସୁଛନ୍ତି ଡାକ୍ତର, ନାଁ ରହିଛି ସ୍ୱାସ୍ଥ୍ୟ ସେବା। ରକ୍ଷଣାବେକ୍ଷଣ ଅଭାବରୁ ଭୂତକୋଠିରେ ପରିଣତ ହେବା ପରେ ଦୀର୍ଘ ବର୍ଷ ଧରି ତାଲା ଝୁଲୁଛି ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ। ସେହିପରି ପୁରୁଣାପାଣି ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଅବସ୍ଥା ମଧ୍ୟ ସମଦଶାରେ ରହିଛି।

ହାତୀବାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ମୋଟ ୨୬ଟି ଉପ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରୁ କେତୋଟି ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ଝୁଲୁଛି। ନୂଆଗାଁ ବ୍ଲକ କର୍କଟନାସା ପଞ୍ଚାୟତ ପୋଟବ ଗାଁ ଉପ ସ୍ୱାସ୍ଥ୍ୟକେନ୍ଦ୍ର ହେଉଛି ଅନ୍ୟତମ। ଏହି ଉପ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ କର୍କଟନାସା ଓ ପୁରୁଣାପାଣି ୨ଟି ପଞ୍ଚାୟତ ଅନ୍ତର୍ଗତ ଆଣ୍ଠୁଗଡା, ପୋଟବ, ଜାମଦରା, ଗିରିଜାଟୋଲି, ପୁରୁଣାପାଣି କବିବସ୍ତି ୫ଟି ଗାଁର ପ୍ରାୟ ୭୦୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ନିର୍ଭର କରିଥାନ୍ତି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟି ଏବେ ରକ୍ଷଣାବେକ୍ଷଣ ଅଭାବରୁ ସମ୍ପୂର୍ଣ୍ଣ ଭୂତକୋଠିରେ ପରିଣତ ହୋଇଯାଇଛି। ଫଳରେ







ଏହି କେନ୍ଦ୍ରରେ ବର୍ଷ ବର୍ଷ ହେଲା ଝୁଲି ରହିଛି ତାଲା। ନା ଆସୁଛନ୍ତି ଡାକ୍ତର, ନା ଆସୁଛନ୍ତି ଏଏନଏମ ଦିଦି। ନା ନଜର ପଡୁଛି ସ୍ୱାସ୍ଥ୍ୟ ବିଭାଗର। ଲଟା ବୁଦା ଘେରରେ ରହିଛି ଏହି ପଟବା ଗାଁରେ ଥିବା ଉପ ସ୍ୱାସ୍ଥ୍ୟକେନ୍ଦ୍ର। ସ୍ୱାସ୍ଥ୍ୟ ସେବା ପାଇଁ ଲୋକେ ସେଠାରୁ ୬ କିଲୋମିଟର ଦୂରରେ ଥିବା ହାତୀବାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଛନ୍ତି। ଏ ବିଷୟରେ କର୍କଟନାସା ପଞ୍ଚାୟତର ସରପଞ୍ଚ ଇଗ୍ନସିଆ ହରୋ କହିଛନ୍ତି ଦୀର୍ଘ ବର୍ଷ ଧରି ଏହି ଉପକେନ୍ଦ୍ରଟି ବନ୍ଦ ହୋଇ ପଡିଛି। ଡାକ୍ତର ତଥା ସ୍ୱାସ୍ଥ୍ୟ କର୍ମଚାରୀ କେହି ଆସୁ ନଥିବାରୁ ଏହି ଅଞ୍ଚଳର ଲୋକମାନେ ତତ୍କାଳ ଚିକିତ୍ସା ପାଇଁ ହାତୀବାରି ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ଭର କରିବାକୁ ପଡୁଛି। ସେହିପରି ଅନୁରୂପ ଭାବେ ପୁରୁଣାପାଣି ପଞ୍ଚାୟତ ନିକଟରେ ଥିବା ଉପ ସ୍ୱାସ୍ଥ୍ୟ କେନ୍ଦ୍ରର ମଧ୍ୟ ସମାନ ଅବସ୍ଥା ଏଠି ବି କେହି ରହୁ ନ ଥିବା ଅଭିଯୋଗ ହୋଇଛି।

ସୁନ୍ଦରଗଡ ଜିଲ୍ଲାର ଉପାନ୍ତ ଅଞ୍ଚଳରେ ଶତାଧିକ ଗାଁରେ ସ୍ୱାସ୍ଥ୍ୟସେବା ଏଭଳି ବିପର୍ଯ୍ୟସ୍ତ ହୋଇପଡିଛି। ୨ ଦିନ ତଳେ ଲହୁଣୀପଡା ବ୍ଲକର ଦମାଲୁ ଗାଁରେ ଦେଖିବାକୁ ମିଳିଥିଲା, ଯେଉଁଠି ଉପଯୁକ୍ତ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇ କ୍ୱାକ୍ ଠାରେ ତ୍ରୁଟିପୂର୍ଣ୍ଣ ଚିକିତ୍ସିତ ହେବା ଏବଂ ୧୦୮ ଆମ୍ବୁଲାନ୍ସ ନ ଆସିବାରୁ ଦୁଇ ଦୁଇଟି ଶିଶୁଙ୍କ ପ୍ରାଣ ଚାଲି ଯାଇଥିଲା। ଜିଲ୍ଲାର ଅଧିକାଂଶ ବ୍ଲକର ଉପାନ୍ତ ଗାଁରେ ସ୍ୱାସ୍ଥ୍ୟସେବାର ଏଭଳି ଅବସ୍ଥା ଯୋଗୁଁ ଲୋକଙ୍କ ଅକାଳ ମୃତ୍ୟୁ ଘଟୁଛି। ଏମିତି ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ନଗ୍ନ ଚିତ୍ର ଦେଖିବାକୁ ମିଳୁଛି ସୁନ୍ଦରଗଡ଼ ଜିଲ୍ଲାରେ।

## ଓଡ଼ିଶା ରାଜ୍ୟ କରାଟେ ସଂଘର କାର୍ଯ୍ୟକାରୀ ସଦସ୍ୟ ହେଲେ ରାଜୀବ ସିଂ

ରାଉରକେଲା, ୨୪।୯ (ସମିସ)

ଓଡ଼ିଶା ରାଜ୍ୟ କରାଟେ ସଂଘର କାର୍ଯ୍ୟକାରୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି ରାଉରକେଲାର ରାଜୀବ ସିଂ। ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟ କରାଟେ ସଂଘର ବାର୍ଷିକ ଅଧିବେଶନ ଓ ସାଧାରଣ ନିର୍ବାଚନରେ ଶ୍ରୀ ସିଂ ନିର୍ବାଚିତ ହୋଇଥିଲେ। ସମସ୍ତ କାର୍ଯ୍ୟକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଡଃ ଅଭିନାଶ ପୃନ୍ଦିର ନିର୍ବାଚନ ଦାୟିତ୍ୱ ତୁଲାଇଥିଲେ। ରାଉରକେଲାର ଜଣାଶୁଣା କରାଟେ ପ୍ରଶିକ୍ଷକ ରାଉରକେଲା କରାଟେ ଆସୋସିଏସନ୍‌ର ପ୍ରତିଷ୍ଠାତା ସଦସ୍ୟ ତଥା ସାଧାରଣ ସମ୍ପାଦକ ରାଜୀବ ସିଂ ନିର୍ବାଚନରେ କାର୍ଯ୍ୟକାରୀ ସଦସ୍ୟ ମନୋନୀତ ହୋଇଛନ୍ତି। ରାଜ୍ୟରେ କରାଟେ କ୍ରୀଡ଼ାର ପ୍ରଚାର ଓ ପ୍ରସାର ସହ ପ୍ରତିଯୋଗିତାମୂଳକ କରାଟେ କ୍ରୀଡ଼ାରେ ରାଜ୍ୟର ସ୍ଥିତିକୁ ଆହୁରି ଆଗକୁ ନେବା ଦିଗରେ ସଂଘ ପକ୍ଷରୁ ନିର୍ଦ୍ଧାରିତ କାର୍ଯ୍ୟ ଓ ଦାୟିତ୍ୱକୁ ନିଷ୍ଠାପର ଭାବେ କରିବେ ବୋଲି ରାଜୀବ କହିଛନ୍ତି। ନୂତନ ଭାବେ ନିର୍ବାଚିତ ସମସ୍ତ ସଦସ୍ୟଙ୍କୁ କରାଟେ ଇଣ୍ଡିଆ ଅର୍ଗାନାଇଜେସନ୍‌ର ପର୍ଯ୍ୟବେକ୍ଷକ ସଞ୍ଜୀବ ଝାଙ୍ଗଡା, ଓଡ଼ିଶା ଅଲିମ୍ପିକ ଆସୋସିଏସନ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି।



## ଏନ୍‌ସିସି ପକ୍ଷରୁ ବାର୍ଷିକ ପ୍ରଶିକ୍ଷଣ ଶିବିର

**ରାଉରକେଲା, ୨୪।୯ (ସମିସ):** ନବମ ଓଡ଼ିଶା ବାଟାଲିୟନ ରାଉରକେଲା ଆନୁକୂଲ୍ୟରେ ବାର୍ଷିକ ପ୍ରଶିକ୍ଷଣ ଶିବିର ଗୁରୁବାର ୨୩ ତାରିଖରୁ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୨୬୦ ଜଣ ଶିକ୍ଷାର୍ଥୀ ବରିଷ୍ଠ ବାଳକ ଓ ବାଳିକା ଯୋଗ ଦେଇଛନ୍ତି। ସମ୍ବଲପୁର ଗ୍ରୁପ ଓ ଓଡ଼ିଶା ନିର୍ଦ୍ଦେଶାଳୟ ପକ୍ଷରୁ ଏହି ଶିବିରରେ ବନ୍ଧୁକ ଚାଳନା, ଡ୍ରିଲ ଆଦି ବିଷୟରେ ପ୍ରଶିକ୍ଷଣ ଦିଆଯାଉଛି। ମୁଖ୍ୟତଃ ବି' ସାର୍ଟିଫିକେଟ ପରୀକ୍ଷା ନିମନ୍ତେ ପ୍ରସ୍ତୁତି ପାଇଁ ସୁଯୋଗ ଦିଆଯାଉଛି। ଏହି ବାର୍ଷିକ ପ୍ରଶିକ୍ଷଣ ଶିବିର ବାଟାଲିୟନ କମାଣ୍ଡିଂ ଅଫିସର ଡୋନାଲ୍ଡ ସାଇମନ ପିଟର୍ସଙ୍କ ଦ୍ୱାରା ଉଦ୍ଘାଟିତ ହେବା ସହ ଆସନ୍ତା ୨ ଅକ୍ଟୋବରରୁ ୧୦ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଶିବିର ଅନୁଷ୍ଠିତ ହେବ ବୋଲି ପରିଚାଳନା ସହଯୋଗୀ ମୀନା ଦାସ ସୂଚନା ଦେଇଛନ୍ତି।



## ଉର୍ଷ ମେଳାରେ କୋଭିଡ୍ ନିୟମ ଉଲ୍ଲଙ୍ଘନ

ରାଜଗାଙ୍ଗପୁର, ୨୪।୯ (ସମିସ)

ରାଜଗାଙ୍ଗପୁର ଲାଲବାବା ମାଝାର ଠାରେ ଆଜି ପାଳନ ହୋଇଥିବା ୪୫ତମ ଉର୍ଷ ପର୍ବରେ କୋଭିଡ ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ କରାଯାଇଥିଲେ ହେଁ ପୁଲିସ ପ୍ରଶାସନ ନିରବଦ୍ରଷ୍ଟା ସାଜିବା ସମସ୍ତଙ୍କୁ ବିସ୍ମିତ କରିଛି। ଘଟଣାକୁ ଆଜି ସହରବାସୀ ତୀବ୍ର ବିରୋଧ କରିଛନ୍ତି। ମୁସଲିମ ସମ୍ପ୍ରଦାୟ ଦ୍ୱାରା ସୁଭାଷ ଛକ ନିକଟରେ ଥିବା ଲାଲବାବା ମଝାର ଠାରେ ୪୫ ତମ ଉର୍ଷ ପର୍ବ ପାଳନ କରାଯାଇଥିଲା। ଉକ୍ତ ପର୍ବ ପାଳନ ଅବସରରେ କୋଭିଡ ନିୟମକୁ ଖୋଲାଖୋଲି ଭାବେ ଉଲ୍ଲଙ୍ଘନ କରାଯିବା ସହ ମୁଖ୍ୟରାସ୍ତାକୁ ଜାମ କରିଥିଲେ। ସେମାନଙ୍କ ମଧ୍ୟରେ ସାମାଜିକ ଦୂରତା ନଥିଲା କି କାହାରି ମୁହଁରେ ମାସ୍କ ନଥିଲା। ଏ ସମସ୍ତ ଘଟଣା ପୁଲିସ ପ୍ରଶାସନ ଉପସ୍ଥିତିରେ ହୋଇଥିଲେ ହେଁ ଏହାକୁ ଅଣଦେଖା କରିବା ଘଟଣା ଆଜି ଚର୍ଚ୍ଚାର ବିଷୟ ହୋଇଥିଲା। ଏପରି ଘଟଣା ଦୃଷ୍ଟିରୁ ଆଗାମୀ ଦିନରେ ପାଳନ ହେବାକୁ ଥିବା



## ସ୍ୱାସ୍ଥ୍ୟ କର୍ମୀ ନ ଆସିବାରୁ କ୍ୱାକ୍‌ର ଶିକାର ହୋଇଥିଲେ ଇନ୍ଦୁ ତୁରୀ

ରାଉରକେଲା, ୨୪।୯ (ସମିସ)

ଲହୁଣୀପଡ଼ା ବ୍ଲକ୍‌ରେ ଘଟିଯାଇଥିବା ଇନ୍ଦୁ ତୁରୀଙ୍କ ଦୁଇ ଶିଶୁଙ୍କ ମୃତ୍ୟୁ ଘଟଣାର ଆଉ ଏକ ଦିଗ ସାମ୍ନାକୁ ଆସିଛି। ଦୀର୍ଘ ଦିନଠାରୁ ସେ ଏବଂ ତାଙ୍କ ତିନି ସନ୍ତାନ ରୋଗରେ ଆକ୍ରାନ୍ତ ହୋଇଥିଲେ। ତାଙ୍କ କଥା ବୁଝିବାକୁ କୌଣସି ସ୍ୱାସ୍ଥ୍ୟକର୍ମୀ କେବେ ଆସି ନଥିଲେ। ବାଧ୍ୟ ହୋଇ ଗାଁରେ ବୁଲି ବୁଲି ଚିକିତ୍ସା କରୁଥିବା ଜଣେ କ୍ୱାକ୍‌ର ଶିକାର ହୋଇଥିଲେ ଅସହାୟା ଇନ୍ଦୁ ତୁରୀ। ଏବିଷୟରେ ଆଜି ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ସମାଜସେବୀ ଶାନ୍ତନୁ କୁସୁମ ଇନ୍ଦୁ ତୁରୀଙ୍କୁ ସାକ୍ଷାତ କଲା ବେଳେ କାନ୍ଦି କାନ୍ଦି କହିଥିବା ଜଣାପଡିଛି। ପୁଷ୍ଟିହୀନତାର ଶିକାର ହୋଇ ତଥା ଚିକିତ୍ସାରୁ ବଞ୍ଚିତ ହୋଇ ଦୁଇ ସନ୍ତାନକୁ ହରେଇଥିବା ଲହୁଣୀପଡା ବ୍ଲକ ଶଶ୍ୟକଳା ପଞ୍ଚାୟତ ଅନ୍ତର୍ଗତ ଦମାଲୁ ଗ୍ରାମର ଅସହାୟା ବିଧବା ଏବେ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଗରିବ, ଅସହାୟ ହୋଇଥିବା ଯୋଗୁଁ ସ୍ୱାସ୍ଥ୍ୟକର୍ମୀମାନେ କେମିତି ଅବହେଳା କରିଛନ୍ତି ସେ ବିଷୟରେ ବର୍ଣ୍ଣନା କରିଛନ୍ତି। ଇନ୍ଦୁଙ୍କ କହିବାନୁସାରେ, ଗତ ସୋମବାର ଗୋଟେ ସନ୍ତାନର ମୃତ୍ୟୁ ଘଟିବା ପରେ ମଧ୍ୟାହ୍ନରେ ତା'ର ଅନ୍ତିମ ସଂସ୍କାର କରି ଫେରିବା ବେଳକୁ ଆଉ ଗୋଟେ ସନ୍ତାନର ସ୍ୱାସ୍ଥ୍ୟବସ୍ଥା ଜଟିଳ ହୋଇଥିଲା। ସେତେବେଳେ ସ୍ଥାନୀୟ ଆଶା, ଅଙ୍ଗନବାଡି ଏବଂ ସ୍ୱାସ୍ଥ୍ୟକର୍ମୀଙ୍କୁ ଝିଅର ଚିକିତ୍ସା ବ୍ୟବସ୍ଥା କରିବାକୁ ବହୁତ ନେହୁରା ହୋଇଥିଲେ ମଧ୍ୟ ସେ ଜଣେ ଗରିବ, ଅସହାୟା ବିଧବା ମହିଳା ହୋଇଥିବା ଯୋଗୁଁ ତାଙ୍କ କଥାକୁ କେହି ଧ୍ୟାନ ଦେଇ ନଥିଲେ। ତେଣୁ ସୋମବାର ରାତିରେ ଛଟପଟ ହୋଇ ତାଙ୍କ ଆଖି ସାମ୍ନାରେ ମୃତ୍ୟୁବରଣ କରିଥିଲା ଆଉ ଗୋଟେ ସନ୍ତାନ। ଇନ୍ଦୁଙ୍କ ଠାରୁ ଏସବୁ କଥା ଶୁଣିଲା ପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ପ୍ରଶାସନର ନିଷ୍କ୍ରିୟତାକୁ ଶ୍ରୀ କୁସୁମ ସମାଲୋଚନା କରିଥିବା ବେଳେ ଜଣେ ମାଆ ପାଇଁ ତା ସନ୍ତାନ ଠାରୁ ମୂଲ୍ୟବାନ ଆଉ କ'ଣ ହୋଇପାରେ ବୋଲି ପ୍ରଶ୍ନ କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ବିରୁଦ୍ଧରେ ଅତିଶୀଘ୍ର ହତ୍ୟା ମାମଲା ରୁଜୁ କରି ସେମାନଙ୍କୁ ଅତି କଠୋରରୁ କଠୋର ଦଣ୍ଡରେ ଦଣ୍ଡିତ କରିବା ପାଇଁ ସେ ଦାବି କରିଛନ୍ତି।




## ବେଥାନି ପଡ଼ିଆରେ ଗ୍ରାମୀଣ ହକି ପ୍ରତିଯୋଗିତା

**ରାଉରକେଲା, ୨୪।୯ (ସମିସ):** ସେକ୍ଟର-୧୯ ବେଥାନି ପଡ଼ିଆରେ ଗ୍ରାମୀଣ ହକି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସାଗରିକା ୱେଲଫେୟାର୍ ଟ୍ରଷ୍ଟ ତରଫରୁ ଏହି ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ହରିହର ରାଉତରାଏ, ରମେଶ ବଳ ଯୋଗ ଦେଇଥିଲେ। ଭାରତୀୟ ହକି ଦଳରେ ସ୍ଥାନ ପାଇଥିବା ସିଲାନନ୍ଦ୍ ଲାକ୍ରା ଓ ନୀଲମ ସଞ୍ଜୀବ ଖେସ ମଧ୍ୟ ଉପସ୍ଥିତ ଥିଲେ। ଶ୍ରୀ ରାୟ ଖେଳାଳିଙ୍କୁ ତଥା ପୂର୍ବତନ ଖେଳାଳିଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଟ୍ରଷ୍ଟର ସାଧାରଣ ସମ୍ପାଦକ ସନ୍ତୋଷ ତନ୍ତି ମଞ୍ଚ ପରିଚାଳନା କରିଥିଲା ବେଳେ ସଭାନେତ୍ରୀ ଜୟନ୍ତୀ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଶ୍ରୀ ରାୟ ଆଗାମୀ ଦିନରେ ରାଉରକେଲାରେ ହେବାକୁ ହକି ବିଶ୍ୱକପକୁ ଆଖି ଆଗରେ ରଖି ଏହି ଖେଳ ହେଉଥିବାରୁ ଟ୍ରଷ୍ଟର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ହକି ପରିଚାଳନା କମିଟି ଉପାଧ୍ୟକ୍ଷ ପିଟର ତିର୍କୀ, ଅନୀଲ ବୁଡ, ପୁରୁଷୋତ୍ତମ ତନ୍ତି ପରିଚାଳନା କରିଥିଲେ। ଏଥିରେ ସର୍ବ ମୋଟ ୧୬ଟି ଦଳ ଭାଗ ନେଇଥିଲେ। ଟ୍ରଷ୍ଟର ସମ୍ପାଦିକା ସୌଦାମିନୀ ସାହୁ, ରାଜେଶ୍ୱରୀ ମହାପାତ୍ର, ଆରତୀ ମିଶ୍ର, ଶିଶିର ସାହୁ, ରବି ତନ୍ତି, ଶରତ ସେନାପତି, ସୁଶାନ୍ତ ପ୍ରଧାନ, ସୁଧୀର ଜେନା, ନିରଞ୍ଜନ ପଟେଲ ପ୍ରମୁଖ ସହଯୋଗ କରିଥିଲେ।



## ଆର୍‌ଜିଏଚ୍‌ରେ ଆଶାକର୍ମୀଙ୍କ ଧର୍ମଘଟ

ରାଉରକେଲା, ୨୪।୯ (ସମିସ)

ରାଉରକେଲା ତଥା ସୁନ୍ଦରଗଡ଼ ଜିଲ୍ଲାରେ ଓଡ଼ିଶା ଆଶାକର୍ମୀ ଆସୋସିଏସନ୍ (ସିଟୁ) ସୁନ୍ଦରଗଡ଼ ଜିଲ୍ଲା କମିଟି ପକ୍ଷରୁ ରାଉରକେଲା ସରକାରୀ ଡାକ୍ତରଖାନା ସମ୍ମୁଖରେ ଧାରଣା ସହ କାର୍ଯ୍ୟବନ୍ଦ କରି ଧର୍ମଘଟରେ ସାମିଲ ହୋଇଥିଲେ ଆଶାକର୍ମୀ। ଏହି ଅବସରରେ ସେମାନେ ଡାକ୍ତରଖାନାର ନିର୍ଦ୍ଦେଶକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଆଶାକର୍ମୀଙ୍କୁ ସ୍ଥାୟୀ କର୍ମଚାରୀର ମାନ୍ୟତା ଓ ମାସିକ ୨୧ ହଜାର ଟଙ୍କା ଦରମା, ଏନଏଚଏମକୁ ସ୍ଥାୟୀ କରିବା ଓ ଜିଡିପିର ୬ ଭାଗ ସ୍ୱାସ୍ଥ୍ୟ ସେବା ପାଇଁ ବ୍ୟୟ କରିବା, ଶ୍ରମିକ ବିରୋଧୀ ୪ଟି ଲେବର କୋର୍ଡକୁ ବାତିଲ କରିବା, ୪୫ତମ ଓ ୪୬ ତମ ଆଇଏଲସି ନିଷ୍ପତିକୁ ଆଶାକର୍ମୀ ମାନଙ୍କ ପାଇଁ ଲାଗୁ କରିବା, ମାସିକ ୧୦ ହଜାର ଟଙ୍କା ପେନସନ ପ୍ରଦାନ, ସାମାଜିକ ସୁରକ୍ଷା ସହ ଇଏସଆଇ ଓ ପିଏଫ୍ ସୁବିଧା, ମୃତ୍ୟୁକଳୀନ ସହାୟତା ୫ ଲକ୍ଷ ଟଙ୍କା ପ୍ରଦାନ, କରୋନା ଯୋଦ୍ଧା ଭାବେ ଘୋଷଣା ଓ ୫୦ ଲକ୍ଷ ଟଙ୍କାର ବୀମା ଆଦି ୧୫ ଦଫା ଆଦି ଦାବି ଉପସ୍ଥାପନ କରାଯାଇଥିଲା। ଧର୍ମଘଟରେ ସିଟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, ଆଶାକର୍ମୀ ଆସୋସିଏସନ୍ ସୁନ୍ଦରଗଡ଼ ଜିଲ୍ଲା ସଭାପତି ହୃଦୟନନ୍ଦ ଯାଦବ, ରାଜ୍ୟ ସାଧାରଣ ସମ୍ପାଦିକା ଶକୁନ୍ତଳା ମହାକୁଡ, ସିଟୁ ଜିଲ୍ଲା ସାଧାରଣ ସମ୍ପାଦକ ବିମାନ ମାଇତି, ଉପସଭାପତି ଶ୍ରୀମନ୍ତ ବେହେରା, ସମ୍ପାଦକ ରାଜକିଶୋର ପ୍ରଧାନ, ଯଯାତୀ କେଶରୀ ସାହୁ, ରୀନା ଭୂମିଜ, ଗୌରୀ ଭୂମିଜ୍ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



## ଯୁବ କଂଗ୍ରେସ ରାଜ୍ୟ ସଭାପତି ଓ ସହପ୍ରଭାରୀଙ୍କୁ ବିରୋଧ

**ରାଉରକେଲା, ୨୪।୯ (ସମିସ):** ଯୁବ କଂଗ୍ରେସ ରାଜ୍ୟ ସଭାପତି ସ୍ମୃତି ଲେଙ୍କା ଓ ରାଜ୍ୟ ସହପ୍ରଭାରୀ ରିଆଜଉଦ୍ଦିନଙ୍କ ବହିଷ୍କାର ଦାବି କରିଛନ୍ତି ପୂର୍ବତନ ଯୁବ କଂଗ୍ରେସର ଶତାଧିକ କର୍ମୀ। ଭାରତୀୟ ଯୁବ କଂଗ୍ରେସ ସଭାପତି ଶ୍ରୀନିବାସ ବିଭିଙ୍କ ରାଉରକେଲା ଗସ୍ତ ଅବସରରେ ପାନପୋଷ ଗାନ୍ଧୀ ଛକ ଠାରେ ପୂର୍ବତନ ଯୁବ କଂଗ୍ରେସ ଉପସଭାପତି ପ୍ରସନ୍ନ କୁମାର ବଳିଆର ସିଂହଙ୍କ ନେତୃତ୍ୱରେ ଶତାଧିକ କର୍ମୀ ତାଙ୍କୁ ସ୍ୱାଗତ କରିବା ସହ ଏହି ଦାବି ରଖିଥିଲେ। ଏହାସହ ସ୍ମୃତି ଲେଙ୍କା ଗୋ ବ୍ୟାକ୍ ସ୍ଲୋଗାନ ଦିଆଯାଇ କଳା ପତାକା ପ୍ରଦର୍ଶନ କରାଯାଇ ଉଭୟ ନେତୃବୃନ୍ଦଙ୍କୁ ବିରୋଧ କରାଯାଇଥିଲା। ଆଗାମୀ ରାଉରକେଲା ଗସ୍ତରେ କେନ୍ଦ୍ରୀୟ ନେତାଙ୍କୁ ଘୋର ବିରୋଧ କରାଯିବ ବୋଲି ଶ୍ରୀ ବଳିଆର ସିଂହ କହିଛନ୍ତି।




# ବୁଲାଗୋରୁଙ୍କ ଅବାଧ ବିଚରଣ; ଟ୍ରାଫିକ ସମସ୍ୟା ଗୁରୁତର

ବିଶ୍ରା, ୨୪।୯ (ସମିସ)

ବିଶ୍ରା ସହରର ମୁଖ୍ୟରାସ୍ତାରେ ଗାଇଗୋରୁଙ୍କ ଅବାଧ ବିଚରଣ ଯୋଗୁଁ ଯାତାୟାତରେ ଅସୁବିଧା ହେବା ସହ ଗୁରୁତର ଟ୍ରାଫିକ ସମସ୍ୟା ଦେଖାଯାଉଛି। ରାସ୍ତା ମଝିରେ ବହୁ ସଂଖ୍ୟାରେ ଗାଇଗୋରୁ ଦିନ ଦିନ ଧରି ବସି ରହି ଏକପ୍ରକାର ଗୁହାଳ କରି ପକାଇଛନ୍ତି। ଏହାଦ୍ୱାରା ଦୈନିକ ଛୋଟବଡ଼ ଦୁର୍ଘଟଣା ହେଉଥିବା ପରିଲକ୍ଷିତ ହୋଇଛି। ରାଉରକେଲାରୁ ଜରେଇକେଲା ହୋଇ ଝାଡ଼ଖଣ୍ଡ ରାଜ୍ୟକୁ ବିଶ୍ରା ଦେଇ ଯିବାକୁ ପଡ଼ିଥାଏ। ଆନ୍ତଃରାଜ୍ୟ ଗମନାଗମନ ପାଇଁ ଏହି ରାସ୍ତା ଏକ ମୁଖ୍ୟ ମାଧ୍ୟମ ହୋଇଥିଲା ବେଳେ ବେଆଇନ ପାର୍କିଂ ଏବଂ ଗାଈଗୋଠ ଯୋଗୁଁ ଟ୍ରାଫିକ୍ ସମସ୍ୟା ଜଟିଳ ରହିଛି। ରାସ୍ତା ଉପରେ ଗାଇଗୋରୁଙ୍କ ଅବାଧ ବିଚରଣ ଏହି ସମସ୍ୟାକୁ ଦ୍ୱିଗୁଣିତ କରିଛି। ବିଶ୍ରାର ଛୋଟବଡ଼ ରାସ୍ତା ସମେତ ରାଉରକେଲା - ଜରେଇକେଲା ମୁଖ୍ୟରାସ୍ତାରେ ଗାଇଗୋରୁ ଅବାଧରେ ଚରାବୁଲା କରୁଛନ୍ତି। ବିଶେଷ କରି ବିଶ୍ରା ଚେକ୍ ଗେଟ୍ ଠାରୁ ଆରମ୍ଭ କରି ବିଶ୍ରା ତହସିଲ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିବା ମୁଖ୍ୟରାସ୍ତା ଉପରେ ଏବେ ବୁଲା ଗାଈଗୋରୁଙ୍କ ରାଜୁତି ଦେଖାଦେଇଛି। ଦିନ ଦିନ ଧରି ରାସ୍ତା ମଝିରେ ଗୋରୁମାନେ ବୁଲାବୁଲି କରି ଶୋଇ ରହୁଛନ୍ତି। ଫଳରେ ବାଇକ ଆରୋହୀମାନେ ନିୟନ୍ତ୍ରଣ ହରାଇ ଦୁର୍ଘଟଣାର ସମ୍ମୁଖୀନ ହେବାର ନଜିର ରହିଛି। ରାଉରକେଲାରୁ ବିଶ୍ରା ଦେଇ ଉକ୍ତ ରାସ୍ତାରେ ଦୁଇ ଚକିଆ ଠାରୁ ଆରମ୍ଭ କରି ୧୦ ଚକିଆ ଯାନ ପର୍ଯ୍ୟନ୍ତ ଅନ୍ୟ ସହରକୁ ଯାଉଛି। ଗାଈ ପାଳିଥିବା ମାଲିକ କ୍ଷୀର ସଂଗ୍ରହ ପରେ ସେମାନଙ୍କୁ ଗୋରୁଙ୍କୁ ରାସ୍ତା ଉପରକୁ ଛାଡ଼ି ଦେଉଛନ୍ତି। ବିଶ୍ରା ଟାଉନରେ କାଞ୍ଜିଆ ହୁଦାର ସର୍ବାଧିକ ଆବଶ୍ୟକ ଥିଲା ବେଳେ ଏପର୍ଯ୍ୟନ୍ତ କିନ୍ତୁ ତାହା ସମ୍ଭବ ହୋଇପାରିନାହିଁ। ଏଦିଗରେ ବିଶ୍ରା ବ୍ଲକ ଏବଂ ଗ୍ରାମପଞ୍ଚାୟତ ପକ୍ଷରୁ ଦୃଷ୍ଟି ଦିଆଯାଉନି ବୋଲି ଅଭିଯୋଗ ହେଉଛି। ବିଭାଗୀୟ କର୍ତ୍ତୃପକ୍ଷ ଏହି ଦିଗ ପ୍ରତି ଧ୍ୟାନ ଦେବାକୁ ଦାବି ହେଉଛି।



### ଆହତ ବାଛୁରିର ମୃତ୍ୟୁ, ସତ୍‌କାରକଲେ ବଜରଙ୍ଗ କର୍ମୀ

ଗାଈ ଏକତ୍ରିତ ହୋଇ ଗୁରୁବାର ମୁଖ୍ୟରାସ୍ତାରେ ଥିଲାବେଳେ ଅଳ୍ପ ବର୍ଷା ହେଉଥିବାରୁ ଏକ ଛୋଟ ବାଛୁରି ବିଶ୍ରା ସହରର ଡ୍ରେନରେ ଖସି ପଡ଼ିଥିଲା। ଗାଈର ମାଲିକ କେହି ଜଣା ନ ପଡିବାରୁ ନୋବେଲ ପାଠକ ନାମକ ଜଣେ ଯୁବକ ଏବଂ ସହଯୋଗୀ ରାଜେଶ ଗୋଏଲ ବାଛୁରିଟିକୁ ନାଳ ପାଣିରୁ ଉପରକୁ ଉଠାଇଥିଲେ। ପରେ ବିଶ୍ରା ବଜରଙ୍ଗ ଦଳ ସହାୟତାରେ ବିଶ୍ରା ପଶୁ ଡାକ୍ତର ଆସି ଚିକିତ୍ସା ଆରମ୍ଭ କରିଥିଲେ। ମେଡିକାଲ ନେଇ ଡାକ୍ତରଙ୍କ ସହ ଚିକିତ୍ସା କରିଥିଲେ ମଧ୍ୟ ବାଛୁରିକୁ ବଞ୍ଚାଇ ପାରି ନଥିଲେ। ଏହାପରେ ବଜରଙ୍ଗ ଦଳ ମୃତ ବାଛୁରିକୁ ଗାତ ଖୋଳି ପୋତି ଦେଇଥିଲେ। ନିରଞ୍ଜନ ଭୂତିଆ, ଚନ୍ଦନ ମିଶ୍ର, ଶକ୍ତି ପ୍ରକାଶ, ସୁଗମ ଖଣ୍ଡାୟତ, ଭାନୁ ଶର୍ମା, ବବି ସାହୁ , ଡି. କେ ନୀୟୋଗି, ନୟା ନନ୍ଦୀ ପ୍ରମୁଖ ବିଶ୍ରା ବଜରଙ୍ଗ ଦଳର କର୍ମୀ ଉପସ୍ଥିତ ଥିଲେ। ସମସ୍ତ ବୁଲା ଗୋରୁକୁ ଗୋ-ଶାଳାକୁ ପଠାଇବାର ବ୍ୟବସ୍ଥା କରିବାକୁ ଦୃଢ଼ ଦାବି ଜଣାଇଛନ୍ତି।



# କୋଏଲ ନଗର ମୁଖ୍ୟରାସ୍ତାରେ ଯାତାୟାତ ପ୍ରଭାବିତ

## ସରୁନି ଗ୍ୟାସ୍ ପାଇପ୍ ବିଛା କାର୍ଯ୍ୟ
## ଲୋକେ ଭୋଗୁଛନ୍ତି ଯନ୍ତ୍ରଣା

ରାଉରକେଲା,୨୪।୯ (ସମିସ)

ସ୍ମାର୍ଟସିଟି ରାଉରକେଲାର ବିଦ୍ୟାନଗରୀ କୁହାଯାଉଥିବା କୋଏଲନଗରରେ ରହିଛି ଅନେକ ସମସ୍ୟା। ବିପର୍ଯ୍ୟସ୍ତ ରାସ୍ତାଘାଟ ସାଙ୍ଗକୁ ଡ୍ରେନେଜ୍ ସମସ୍ୟାର ସମ୍ମୁଖୀନ ହେଉଛନ୍ତି କୋଏଲନଗରବାସୀ। ଗେଲ ଇଣ୍ଡିଆ ପକ୍ଷରୁ ରାସ୍ତାକଡ଼ରେ ବିଛା ଯାଉଥିବା ଗ୍ୟାସ୍ ପାଇପ୍‌ଲାଇନ୍ କାର୍ଯ୍ୟରେ ଅହେତୁକ ବିଳମ୍ବ ଯୋଗୁଁ ଲୋକେ ଭୋଗୁଛନ୍ତି ଦୁର୍ଦ୍ଦଶା।

ଆର୍‌ଏମ୍‌ସି ଅନ୍ତର୍ଗତ କୋଏଲ ନଗରରେ, ବିଶେଷ କରି, ଅବସରପ୍ରାପ୍ତ କର୍ମଚାରୀ ଓ ଅଧିକାରୀମାନେ ବସବାସ କରୁଛନ୍ତି। ପ୍ରାୟତଃ ଘରୋଇ ଶିକ୍ଷାନୁଷ୍ଠାନ ତଥା କୋଚିଂ ସେଣ୍ଟର୍ ରହିଥିବାରୁ ଏହାକୁ ରାଉରକେଲାର ବିଦ୍ୟାନଗରୀ ବୋଲି ବିବେଚନା କରାଯାଏ। ସମଗ୍ର ରାଉରକେଲା ସହର ସମେତ ପଡୋଶୀ ରାଜ୍ୟ ଝାଡ଼ଖଣ୍ଡ, ବିହାର ପ୍ରଭୃତି ବାହାର ରାଜ୍ୟର ଛାତ୍ରଛାତ୍ରୀ କୋଏଲନଗରକୁ ଆସି ଏହି କୋଚିଂ ସେଣ୍ଟରଗୁଡ଼ିକ ଉପରେ ନିର୍ଭର କରିଥାନ୍ତି। ସକାଳ ହେବା ମାତ୍ରକେ କୋଏଲନଗରର ମୁଖ୍ୟରାସ୍ତାରେ ଛାତ୍ରଛାତ୍ରୀଙ୍କ ଭିଡ଼ ଦେଖିବାକୁ ମିଳିଥାଏ। ସମସ୍ତ ଘରୋଇ କୋଚିଂ ସେଣ୍ଟର୍ କୋଏଲନଗରର ପ୍ରବେଶ ପଥ ତଥା ମୁଖ୍ୟରାସ୍ତାରେ ରହିଛି। ହେଲେ ବର୍ତ୍ତମାନ ଏହି ମୁଖ୍ୟରାସ୍ତା ସମସ୍ତଙ୍କ ପାଇଁ ଯନ୍ତ୍ରଣା ପାଲଟିଛି। ଦୁଇ ମାସରୁ ଅଧିକ ହେବ ସ୍ମାର୍ଟ ସିଟି ପ୍ରୋଜେକ୍ଟ ମୁତାବକ, ଗେଲ ଇଣ୍ଡିଆ ପକ୍ଷରୁ ଭୂତଳ ଗ୍ୟାସ ପାଇପ୍‌ଲାଇନ ବିଛା କାର୍ଯ୍ୟ ଜାରି ରହିଛି। ରାସ୍ତାକଡ଼ ଖୋଳାଯାଇ ପାଇପ୍‌ଲାଇନ୍ କାର୍ଯ୍ୟ କରାଯାଉଛି। ପାଇପ ବିଛାଇବା ପରେ ଆଉ ରାସ୍ତାକୁ ସଠିକ୍ ମରାମତି କରାଯାଇନାହିଁ। ଫଳରେ ରାସ୍ତା କଡ଼ରୁ ରାସ୍ତା ଫାଟି ଆଁ କରି ମଝି ରାସ୍ତାକୁ ମାଡ଼ି ଆସିଛି। ଯାହାକି ଯାତାୟତରେ ଅସୁବିଧା ଉପୁଜିଛି। ସେକ୍ଟର-୨୦ରୁ କୋଏଲନଗର ଆଡ଼କୁ ସଂଯୋଗ କରିଥିବା ମୁଖ୍ୟରାସ୍ତା ତଥା ଅଞ୍ଚଳର ପ୍ରବେଶ ପଥର ପ୍ରାୟ ୪ କିମି ଯାଏଁ ଏଭଳି ଅବସ୍ଥା ଦେଖାଦେଇଛି। ତେବେ ରାସ୍ତା ଫାଟି ଆଁ କରିବା ଯୋଗୁଁ ଅନେକ ଛୋଟଛୋଟ ଦୁର୍ଘଟଣା ଘଟିଚାଲିଛି। କେବଳ ସେତିକି ନୁହେଁ ଝିରପାଣି ଆରମ୍ଭରୁ କୋଏଲନଗରର ମୁଖ୍ୟରାସ୍ତା ତମାମ ଏହିପରି ଖୋଳାଯିବା ଦ୍ୱାରା ଲୋକେ ଘରୁ ବାହାରି ପାରୁ ନଥିବା ଅଭିଯୋଗ ହୋଇଛି। ଝିରପାଣି ଥାନା ସମ୍ମୁଖରେ ଥିବା କୋଏଲନଗର କ୍ୱାର୍ଟର ସମ୍ମୁଖରେ ରାସ୍ତା ଖୋଳା ଯାଇଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଥଚାରୀ ତା ବାଇକ ଆରୋହୀମାନେ ଜାଣି ନପାରି ଦୁର୍ଘଟଣାର ଶିକାର ହେଉଛନ୍ତି। ଏହାଛଡା କିଛି ସ୍ଥାନରେ ଷ୍ଟ୍ରିଟ ଲାଇଟ ଅଚଳ ହେବା ଯୋଗୁଁ ରାତି ସମୟରେ ଯାତାୟାତରେ ସମସ୍ୟା ଉପୁଜିଛି। ଏହି ରାସ୍ତା ଦେଇ ଝିରପାଣି ଓ ଜଗଦାକୁ ମଧ୍ୟ ଯାତାୟାତ କରିଥାନ୍ତି ଦୈନନ୍ଦିନ ଶହ ଶହ ଲୋକ। ସେହିପରି କୋଏଲନଗରର ଆଭ୍ୟନ୍ତରୀଣ ରାସ୍ତାର ଅବସ୍ଥା ମଧ୍ୟ ଅନେକ ସ୍ଥାନରେ ଭାଙ୍ଗିରୁଜି ନଷ୍ଟ ହୋଇଯାଇଛି। କୋଏଲନଗରବାସୀ ମହାନଗର କର୍ତ୍ତୃପକ୍ଷଙ୍କୁ ଟିକସ ଦେବାରେ ହେଳା କରୁ ନଥିବା ବେଳେ ଏହି ଅଞ୍ଚଳ ପ୍ରତି ବିଭାଗୀୟ ଉଦାସୀନତା ପରିଲକ୍ଷିତ ହୋଇଛି ବୋଲି ପ୍ରତିକ୍ରିୟା ପ୍ରକାଶ ପାଇଛି। ସ୍ଥାନୀୟ ବିଭିନ୍ନ ସଂଗଠନ ତଥା ବରିଷ୍ଠ ବ୍ୟକ୍ତିଙ୍କ ପକ୍ଷରୁ କୋଏଲନଗରର ଏହି ସମସ୍ୟାକୁ ନେଇ ମହାନଗର ନିଗମ ନିକଟରେ ଅଭିଯୋଗ କରାଯାଇଥିଲେ ସୁଦ୍ଧା କୌଣସି ପ୍ରକାର ଫଳ ମିଳି ନଥିବା ଅଭିଯୋଗ ହୋଇଛି। ଗୋଟିଏ ପଟେ ସ୍ୱେରେଜ ପ୍ରକଳ୍ପରେ ବାସିନ୍ଦା ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଅନ୍ୟପଟେ ଗ୍ୟାସ ପାଇପ କାମରେ ଅଧିକ ଯନ୍ତ୍ରଣା ପାଉଛନ୍ତି। ମହାନଗର ନିଗମ କର୍ତ୍ତୃପକ୍ଷ ଏହି ଦିଗପ୍ରତି ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି।





ରାଉରକେଲା: କିଛି ବିନା ଟିକଟ ଯାତ୍ରୀ ଟିଟିଇ ଠାରୁ ବଞ୍ଚିବାକୁ ଯାଇ ପାଚେରି ଡେଇଁଛନ୍ତି।

## ୨୭ରେ ଭାରତ ବନ୍ଦ ପାଇଁ ସଚେତନତା ପଥପ୍ରାନ୍ତ ସଭା

ରାଉରକେଲା,୨୪।୯ (ସମିସ)

କେନ୍ଦ୍ର ସରକାରଙ୍କ ଜନବିରୋଧୀ ଶ୍ରମିକ, କୃଷକ ବିରୋଧୀ ନୀତି ବିରୁଦ୍ଧରେ ସମସ୍ତ କେନ୍ଦ୍ରୀୟ ଟ୍ରେଡ ୟୁନିଅନ, ଗଣ ସଂଗଠନ ଓ କୃଷକ ମୋର୍ଚ୍ଚା ପକ୍ଷରୁ ଆସନ୍ତା ୨୭ ତାରିଖରେ ଦିଆଯାଇଥିବା ଭାରତ ବନ୍ଦ ଡକରାକୁ ରାଉରକେଲା ସମେତ ସମଗ୍ର ସୁନ୍ଦରଗଡ଼ ଜିଲ୍ଲାରେ ସମ୍ପୂର୍ଣ୍ଣ ସଫଳ କରିବା ପାଇଁ ଆଜି ସଂଧ୍ୟାରେ ସହରର ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଛେଣ୍ଡ ହାଟ, ଗଜପତି ମାର୍କେଟ, ସେକ୍ଟର - ୧୮, ୬ ମାର୍କେଟ ଅଞ୍ଚଳରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ଶନିବାର ମଧ ଏହି ପଥପ୍ରାନ୍ତ ସଭା, ପ୍ରଚାର ପତ୍ର ବଣ୍ଟନ କାର୍ଯ୍ୟକ୍ରମ କରାଯିବ ବୋଲି ମିଳିତ ଟ୍ରେଡ ୟୁନିୟନ ପକ୍ଷରୁ କୁହାଯାଇଛି। ଆସନ୍ତା ୨୬ ତାରିଖ ଦିନ ମୁଖ୍ୟ ମାର୍ଗ ଠାରୁ ପାନପୋଷ ପର୍ଯ୍ୟନ୍ତ ମଶାଲ ଶୋଭାଯାତ୍ରା ଓ ବାଇକ ରାଲି କରାଯିବ ବୋଲି ସୂଚନା ଦିଆଯାଇଛି। ସିଟୁ ନେତା ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ଶ୍ରୀମନ୍ତ ବେହେରା, ବସନ୍ତ ନାୟକ, ରାଜକିଶୋର ପ୍ରଧାନ, ଯଯାତୀ କେଶରୀ ସାହୁ, ବିଶ୍ୱଜିତ୍ ମାଝୀ, ଦିବାକର ମହାରଣା, ପ୍ରଭାତ ମହାନ୍ତି, ଏଆଇଟିୟୁସି ନେତା ଅଜିତ ନାୟକ, କୃଷକ ମୋର୍ଚ୍ଚା ନେତା ସୁରେନ୍ଦ୍ର ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ।




## ଛେଣ୍ଡ ପ୍ରଧାନପାଲିରେ ଫଳବଣ୍ଟନ

**ରାଉରକେଲା, ୨୪।୯ (ସମିସ):** ବିଜେପି ପକ୍ଷରୁ ଜିଲ୍ଲାରେ ଚାଲିଥିବା ସେବା ଓ ସମର୍ପଣ କାର୍ଯ୍ୟକ୍ରମ ଅବସରରେ ଜିଲ୍ଲା ଓବିସି ମୋର୍ଚ୍ଚା ତରଫରୁ ଫଳ ବଣ୍ଟନ କରାଯାଇଛି। ପ୍ରଭାରୀ ଲଲାଟେନ୍ଦୁ ନାୟକଙ୍କ ଆହ୍ୱାନକ୍ରମେ ଓ ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ରୋଶନ ସାହୁଙ୍କ ନେତୃତ୍ୱରେ ଛେଣ୍ଡ କଲୋନୀସ୍ଥିତ ପ୍ରଧାନପାଲିର ସାଇଶ୍ରଦ୍ଧା ଆଶ୍ରମରେ ଅନ୍ତେବାସୀ ବିଦ୍ୟାର୍ଥୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରାଯାଇ ଫଳ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ରାଜ୍ୟ ମୁଖପାତ୍ର ଧୀରେନ ସେନାପତି, କମଳେଶ ସାହା, ପ୍ରବାଳ ରଞ୍ଜନ ବାରିକ, କେଦାର ମହାନ୍ତି, ହିରୋଜ ରାୟ, ରମେଶ ମୁଣ୍ଡାରୀ, ଅବୋଧ ରାୟ, ରାମ ଅଗ୍ରୱାଲ, ଟିଙ୍କୁ ସାମଲ, ପାର୍ଥପ୍ରତିମ ମହାପାତ୍ର, ଅଭିଷେକ ସିଂ, ସନ୍ତୋଷ ଯାଦବ, ସୁରେନ୍ଦ୍ର ପ୍ରସାଦ ଆଦି କର୍ମୀମାନେ ଅଂଶଗ୍ରହଣ କରିଥିଲେ।

## ସେବା ଓ ସମର୍ପଣ ଅଭିଯାନରେ ଚାରାରୋପଣ

**ରାଉରକେଲା,୨୪।୯ (ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିବସ ଠାରୁ ଆରମ୍ଭ କରାଯାଇଥିବା ସେବା ଓ ସମର୍ପଣ ଅଭିଯାନର ୭ମ ଦିବସରେ ବ୍ୟାପକ ଚାରାରୋପଣ କରାଯାଇଛି। ଜିଲ୍ଲା ସେବା ଓ ସମର୍ପଣ କାର୍ଯ୍ୟକ୍ରମ ପ୍ରଭାରୀ ଲଲାଟେନ୍ଦୁ ନାୟକଙ୍କ ଆହ୍ୱାନ ଓ ପଶ୍ଚିମ ମଣ୍ଡଳ କୃଷକ ମୋର୍ଚ୍ଚା ତାରକନାଥ ମହାପାତ୍ରଙ୍କ ନେତୃତ୍ୱରେ ସେକ୍ଟର-୬ର ଅନୁସୂଚିତ ଜାତି ଓ ଜନଜାତି କ୍ଲବର ସହଯୋଗରେ କ୍ଲବ୍‌ର ଚତୁପାର୍ଶ୍ୱରେ ବ୍ୟାପକ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଛି। ବୃକ୍ଷରୋପଣ ଦ୍ୱାରା ପରିବେଶ ସନ୍ତୁଳନ ରକ୍ଷା ସହ ସାମ୍ପ୍ରତିକ କରେନା ମହାମାରୀକୁ ପ୍ରତିହତ କରିବା ଦିଗରେ ଏହା ମହୌଷଧ ଭାବେ କାର୍ଯ୍ୟ କରିବାରେ ସହାୟକ ହେବ। ଏହି କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗବନ୍ଧୁ ବେହେରା, ଜିଲ୍ଲା ସେବା ଓ ସମର୍ପଣ କାର୍ଯ୍ୟକ୍ରମ ସହପ୍ରଭାରୀ ଦୀପକ ତିୱାରୀ, ବ୍ୟାସଦେବ ନାଥ, ଆଲୋକ ନାୟକ, ମନୋଜ ପଟ୍ଟନାୟକ, ଅଶୋକ ଲେଙ୍କା, ତରୁଣ ତନ୍ତି, ହେମନ୍ତ ଜେନା, ରାଜକୁମାର ହିର, କ୍ଲବର ସଦସ୍ୟ କ୍ଷୀରୋଦ କୁମାର, ମହେନ୍ଦ୍ର କୁମାର, ଦୁଲା ମହାନ୍ତ, ବଣ୍ଟି ସୁନା, ପ୍ରଦୀପ ବାଗ, ବାସୁଦେବ ସୁନା, ଭୁବନ ମହାନନ୍ଦ, ମିଲୁ ନନ୍ଦ, ରଞ୍ଜନ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ରାଷ୍ଟ୍ରୀୟ ଯୁବ କଂଗ୍ରେସ ସଭାପତିଙ୍କ ଗସ୍ତ

# ରାଉରକେଲାରେ ଜନଆକ୍ରୋଶ ରାଲି

ରାଉରକେଲା, ୨୪।୯ (ସମିସ)

ରାଉରକେଲାରେ ଯୁବ କଂଗ୍ରେସର ଜନଆକ୍ରୋଶ ରାଲି ଆୟୋଜିତ ହେବା ସହ ଜିଲ୍ଲା କଂଗ୍ରେସ ତରଫରୁ ରାଷ୍ଟ୍ରୀୟ ଯୁବ କଂଗ୍ରେସ ସଭାପତି ଶ୍ରୀନିବାସଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଗତ ୨୩ ତାରିଖରୁ କଲୁଙ୍ଗା ଠାରେ ଆରମ୍ଭ ହୋଇଥିବା ତିନିଦିନିଆ ଆଦିବାସୀ ଯୁବ ନେତୃତ୍ୱ ତାଲିମ୍ ଶିବିରରେ ଶିବିରାର୍ଥୀଙ୍କୁ ସମ୍ବୋଧନ କରିବା ପାଇଁ ରାଷ୍ଟ୍ରୀୟ ଯୁବ କଂଗ୍ରେସ ସଭାପତି ରବି ଶ୍ରୀନିବାସ ରାଉରକେଲା ଗସ୍ତରେ ଆସିଛନ୍ତି। ତାଙ୍କୁ ଉଦିତନଗର ଆମ୍ବେଦକର ଛକଠାରୁ ପାଛୋଟି ନିଆଯାଇ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ପ୍ରାଙ୍ଗଣ ପର୍ଯ୍ୟନ୍ତ ନିଆଯାଇଥିଲା। ଶ୍ରୀ ଶ୍ରୀନିବାସନ ଜିଲ୍ଲା ଯୁବ କଂଗ୍ରେସ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିବା ସହ ହଜାର ହଜାର କଂଗ୍ରେସ କର୍ମୀ ଓ ଯୁବ ବନ୍ଧୁଙ୍କୁ ସମ୍ବୋଧିତ କରିଥିଲେ। ଜିଲ୍ଲା କଂଗ୍ରେସ ସଭାପତି ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏସଭାରେ ଶ୍ରୀନିବାସନ ବେକାରୀ ସମସ୍ୟା ସହ ସମ୍ପ୍ରତି ଡିଜେଲ, ପେଟ୍ରୋଲ, ରନ୍ଧନ ଗ୍ୟାସ ସମେତ ଅତ୍ୟାବଶ୍ୟକ ସାମଗ୍ରୀ ଦରଦାମ ବୃଦ୍ଧିକୁ ସମାଲୋଚନା କରିଥିଲେ। ଅଖିଳ ଭାରତ କଂଗ୍ରେସ କମିଟି ସମ୍ପାଦକ ଡ.ବିଶ୍ୱରଞ୍ଜନ ମହାନ୍ତି ରାଉରକେଲା ଜିଲ୍ଲା କଂଗ୍ରେସର ଆକ୍ରମଣାତ୍ମକ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଜନଆକ୍ରୋଶ ଶୋଭାଯାତ୍ରା ରାଉରକେଲା ସମେତ ସୁନ୍ଦରଗଡ ଜିଲ୍ଲାର ସରକାରୀ କଳ ଓ ଦଳ ପାଇଁ ଏକ ଚେତାବନୀ ବୋଲି ଉଲ୍ଲେଖ କରିଥିଲେ। ରିଂ ରୋଡ ଛକ ଠାରୁ ଜିଲ୍ଲା କଂଗ୍ରେସର ଶହ ଶହ କର୍ମୀ ଅତିଥିଙ୍କୁ କଂଗ୍ରେସ କାର୍ଯ୍ୟାଳୟକୁ ପାଛୋଟି ଆଣିଥିଲେ। ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ବୀରେନ ସେନାପତି, ରଘୁନାଥପାଲି କଂଗ୍ରେସ ନେତା ପ୍ରଶାନ୍ତ ସେଠୀ, ଯୁବ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ରୋହିତ ଯୋଶେଫ ତିର୍କୀ, ଦେବଗଡ ଜିଲ୍ଲା ପୂର୍ବତନ ସଭାପତି ସେନ ହେମ୍ବ୍ରମ ତଥା ପ୍ରଦେଶ ଯୁବ କଂଗ୍ରେସର କର୍ମକର୍ତ୍ତା ବୀରେନ୍ ଦଳାଇଙ୍କ ସମେତ ବହୁ ଯୁବନେତା ମଞ୍ଚାସୀନ ଥିଲେ। ଜିଲ୍ଲା କଂଗ୍ରେସ ଉପସଭାପତି ଦେବବ୍ରତ ବିହାରୀ ସଭା ସଞ୍ଚାଳନ କରିଥିବା ବେଳେ ଅନ୍ୟତମ ଉପସଭାପତି ଉମେଶ ଶରଣ ଓ ସନ୍ତୋଷ ବିଶ୍ୱାଳ, ମୁଖପାତ୍ର କୈଳାସ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସେବାଦଳ ମୁଖ୍ୟ ସଙ୍ଗଠକ ବିନୋଦ ରାଉତ ରାଷ୍ଟ୍ରୀୟ ଯୁବ ସଭାପତିଙ୍କ ସମେତ ଅନ୍ୟ ଅତିଥିମାନଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରିଥିଲେ। ଯୁବନେତା ହିତେନ ନାଗଙ୍କ ନେତୃତ୍ୱରେ ପ୍ରାୟ ୪୦୦ ଯୁବ କର୍ମୀ କଂଗ୍ରେସ ଦଳରେ ଯୋଗ ଦେଇଥିବା ସୂଚନା ଦିଆଯାଇଛି।



## ଚୋରି ଘଟଣାରେ ୨ ଗିରଫ

**ରାଉରକେଲା, ୨୪।୯ (ସମିସ):** ସେକ୍ଟର-୧୫ ଥାନାଞ୍ଚଳରେ ଜୁନ୍ ମାସରେ ହୋଇଥିବା ଚୋରିର ପର୍ଦ୍ଦାଫାସ କରିଛି ପୁଲିସ। ୨ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ମୁଖ୍ୟ ଅଭିଯୁକ୍ତ ହେଉଛି ମାଲଗୋଦାମ ଅଞ୍ଚଳର ଦାନିଏଲ ସିଦ୍ଦିକ୍ ଏବଂ ଅନ୍ୟ ଜଣେ ହେଉଛି ସେକ୍ଟର-୬ ଅଞ୍ଚଳର ରାକେଶ ବାଗ। ସେକ୍ଟର-୧୫ ଥାନା ଅନ୍ତର୍ଗତ ସେକ୍ଟର-୧୫ର ନଂ ଆଇ/୪୭ ଓ ଏଚ୍/୨୭ କ୍ୱାର୍ଟରରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ପୁଲିସ ଦାନିଏଲ ସିଦ୍ଦିକ ନିକଟରୁ ଚୋରି ହୋଇଥିବା ହାତଘଡ଼ି ସହ କିଛି ଅଳଙ୍କାର ମଧ୍ୟ ଜବତ କରିଥିବା ସହ ସେକ୍ଟର-୧୮ ଅଞ୍ଚଳରୁ ଚୋରୀ ହୋଇଥିବା ଏକ୍ଟିଭାକୁ ବି ପୁଲିସ ଜବତ କରିଛି। ସେହିପରି ତିନି ଦିନ ପୂର୍ବେ ସେକ୍ଟର-୧୮ ଅନ୍ତର୍ଗତ କ୍ୱାର୍ଟର ନଂ- ସି-୧୫୬ ସାମନାରୁ ଚୋରି ହୋଇଥିବା ଏକ୍ଟିଭାକୁ ମଧ୍ୟ ପୁଲିସ ଉଦ୍ଧାର କରି ରାକେଶକୁ ଗିରଫ କରିଛି। ଏହି ମାମଲରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତକୁ ଧରିବା ପାଇଁ ପୁଲିସ୍ ତଦନ୍ତ ଅବ୍ୟାହତ ରହିଛି।

## ସଙ୍ଗୀତ ଓ ବ୍ୟାୟାମ ସାମଗ୍ରୀ ଚୋରି

**ରାଉରକେଲା,୨୪।୯ (ସମିସ):** ଉଦିତନଗର ଥାନା ମାଲଗୋଦାମ ସୁଇପର ବସ୍ତିରୁ ସଙ୍ଗୀତ ଓ ବ୍ୟାୟାମ ସାମଗ୍ରୀ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଉକ୍ତ ବସ୍ତିରେ ରଞ୍ଜିତ ନାଏକଙ୍କ ଘରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି କରି ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଶୁକ୍ରବାର ସକାଳେ ପରିବାର ଲୋକେ ଉଠିବା ପରେ ଚୋରି ସମ୍ପର୍କରେ ଜାଣିପାରି ପୁଲିସକୁ ସୂଚନା ଦେଇଥିଲେ।

## ସରକାରୀ ମହାବିଦ୍ୟାଳୟର କାର୍ଯ୍ୟକାରୀ କମିଟି ବୈଠକ

**ରାଉରକେଲା,୨୪।୯ (ସମିସ):** ପାନପୋଷ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ୧୩ତମ କାର୍ଯ୍ୟକାରୀ କମିଟି ବୈଠକ କମ୍ପ୍ୟୁଟର ବିଭାଗ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଏହି ନବଗଠିତ ସମିତିର ବୈଠକ ଡ. ସମର ମୁଦାଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଅନ୍ୟତମ ସଦସ୍ୟ ରୂପେ ସମ୍ବଲପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ପ୍ରଫେସର ପ୍ରଭାବତୀ ଗୁରୁ, ରାଉରକେଲା ଚାମ୍ବର ଅଫ କମର୍ସ ସଭାପତି ପ୍ରବୀଣ ଗର୍ଗ, ରାଉରକେଲା ସିନିୟର୍ ସର୍ଜନ ସିଭିଲ ଟାଉନସିପ ଡ. ଯଦୁମଣି ନାୟକ, ଇତିହାସ ବିଭାଗର ବାସନ୍ତୀ କୁଜୁର, ରାଜନୀତି ବିଭାଗର ଚୌଧୁରୀ ପ୍ରଦୋଷ ରଞ୍ଜନ, ଉଦ୍ଭିଦ ବିଜ୍ଞାନର ରଞ୍ଜିତ ଦାସ ଗୁପ୍ତା ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଗଣିତ ବିଜ୍ଞାନର ପ୍ରଫେସର ଡ. ପ୍ରଶାନ୍ତ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଏକାଡେମୀ ଅଧିକାରୀ ଡ. ଦୀପକ ସିହ୍ନା ଓ ଆକାଉଣ୍ଟାଣ୍ଟ ଧୀରେନ ମହନ୍ତ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିବା ପରେ ଆଲୋଚନା ହୋଇ ନିଷ୍ପତ୍ତି ନିଆଯାଇଥିଲା। ପ୍ରଶାସନିକ ଅଧିକାରୀ ସୁରତ ଗିରି ଧନ୍ୟବାଦ ଦେଇଥିଲେ।

## ଡେଲି ମାର୍କେଟ ପୂଜା କମିଟିର ପାର୍ବଣ ପ୍ରସ୍ତୁତି

**ରାଉରକେଲା,୨୪।୯ (ସମିସ):** ଡେଲି ମାର୍କେଟ ପୂଜା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆଗାମୀ ଦୁର୍ଗାପୂଜା, ଲକ୍ଷ୍ମୀ ପୂଜା, କାଳୀ ପୂଜା ଓ ଜଗଦ୍ଧାତ୍ରୀ ପୂଜାକୁ କୋଭିଡ ଗାଇଡ୍‌ଲାଇନ ଅନୁଯାୟୀ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। କମିଟିର ସଭାପତି ବିଷ୍ଣୁଚରଣ ମହାନ୍ତି, ସଦସ୍ୟ ସତ୍ୟାନନ୍ଦ ମହାନ୍ତି, ରମେଶ ବଳ, ରାମାନନ୍ଦ ଶ୍ରୀଚନ୍ଦନ, ସୁନାକର ନାୟକ, ଭରତ ସାହୁ, ବାସୁଦେବ ବାରିକ, ପୱନ୍ ସେଠୀ ପ୍ରମୁଖ ଉପସ୍ଥିତ ରହି ନିଜ ମତ ରଖିଥିଲେ। ସମ୍ପାଦକ ରଞ୍ଜିତ ନାୟକ ପୂଜା ପାଳନ ନେଇ ସମସ୍ତ ପ୍ରସ୍ତୁତି ହୋଇଛି ବୋଲି କହିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଅରିନ୍ଦମ ଦାସଙ୍କ ପରଲୋକରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। କୈଳାସ ପାତ୍ର, ନବଘନ ଜେନା, ବି. ସେଠୀ, ଦେବାନନ୍ଦ ଶ୍ରୀଚନ୍ଦନ, ପବନ ସେଠୀ ପ୍ରମୁଖ ଉପସ୍ଥିତ ଥିବା ବେଳେ ଗତବର୍ଷର କମିଟିକୁ ଚଳିତ ବର୍ଷର ପୂଜା ପରିଚାଳନାର ଦାୟିତ୍ୱ ଦିଆଯାଇଥିବା ସୂଚନା ଦିଆଯାଇଛି।





### ଦିଲ୍ଲୀ ଓ ଗୁଜରାଟରେ କମିଲାଣି କରୋନା

# ଓଡ଼ିଶାରେ ୪ଶହ ତଳକୁ ଖସୁନି

## ଆହ୍ୱାନ ସୃଷ୍ଟି କରିବ ପାର୍ବଣ ଋତୁ

ଭୁବନେଶ୍ୱର,୨୪।୯ (ସମିସ): ସବୁ ଆଡ଼େ କୋଭିଡ୍ ସଂକ୍ରମଣ ହ୍ରାସ ପାଉଛି। କିନ୍ତୁ ଓଡ଼ିଶାରେ ବିଶେଷକରି ଭୁବନେଶ୍ୱର ଓ ଖୋର୍ଦ୍ଧା ସମେତ କିଛି ଉପକୂଳ ଜିଲ୍ଲାରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିପାରୁ ନାହିଁ। ସର୍ବାଧିକ ପ୍ରଭାବିତ ଥିବା ନୂଆଦିଲ୍ଲୀ, ଗୁଜୁରାଟ ସମେତ ପଡ଼ୋଶୀ ଝାରଖଣ୍ଡ, ଛତିଶଗଡ଼ରେ ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ଆଶାତୀତ ଭାବେ ହ୍ରାସ ପାଇଛି। ସେଠାରେ ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ୨୦ରୁ ୫୦ ମଧ୍ୟରେ ସୀମିତ ରହୁଛି। କିନ୍ତୁ ଓଡ଼ିଶାରେ ଆଜି ବି ଦୈନିକ ସଂକ୍ରମିତଙ୍କ ସଂଖ୍ୟା ୪୫୦ରୁ ୭ ଶହ ମଧ୍ୟରେ ରହୁଛି। କେବଳ ଭୁବନେଶ୍ୱରରୁ ୫୦ ପ୍ରତିଶତ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ସଂକ୍ରମଣ ହ୍ରାସ ନ ପାଇବା ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ କିଛି ଦିନ ତଳେ କହୁଛନ୍ତି ଏଠାରେ ବାହାରୁ ଆସୁଥିବା ଲୋକଙ୍କ ସଂଖ୍ୟା ଅଧିକ ଥିବାରୁ ସଂକ୍ରମଣ ହ୍ରାସ ପାଉ ନାହିଁ। କିନ୍ତୁ ଭୁବନେଶ୍ୱର, କଟକ ତୁଳନାରେ ଦିଲ୍ଲୀ, ଗୁଜରାଟରେ କିଛି କମ୍ ଲୋକ ଚଳପ୍ରଚଳ କରୁନଥିବା ବେଳେ ଏଠାରେ ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ ରହିବା ଚିନ୍ତାଜନକ ବୋଲି କୁହାଯାଉଛି। ଗୁରୁବାର ଦିନ ରାଜ୍ୟରେ ୬୮୮୧୮ ନମୁନା ପରୀକ୍ଷା ହୋଇଥିବା ବେଳେ ସେଥିରୁ ୫୩୯ (୦.୭୮%) ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୮ ବର୍ଷରୁ କମ୍ ଆକ୍ରାନ୍ତଙ୍କ ସଂଖ୍ୟା ୭୭ ରହିଛି। ଆଜି ଚିହ୍ନଟ ହୋଇଥିବା ପଜିଟିଭ୍‌ଙ୍କ ମଧ୍ୟରୁ ୩୧୬ ଜଣ କ୍ୱାରେଣ୍ଟାଇନ୍‌ରେ ଥିବା ବେଳେ ୨୨୩ ହେଉଛନ୍ତି ସ୍ଥାନୀୟ ଆକ୍ରାନ୍ତ।

ଆଜି ଖୋର୍ଦ୍ଧାରୁ ୨୫୪ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ଆଉ ସେଥିରୁ ଭୁବନେଶ୍ୱରର ୨୦୭ ଜଣ ଆକ୍ରାନ୍ତ ଥିବା ଜଣାପଡ଼ିଛି। ଆଜି ସଂଧ୍ୟା ସୁଦ୍ଧା ୪୯୪ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

ଭୁବନେଶ୍ୱରରେ ଶତପ୍ରତିଶତ ହିତାଧିକାରୀଙ୍କୁ ଟିକା ଦିଆଯାଇ ଥିବା ବେଳେ ସଂକ୍ରମଣ ହ୍ରାସ ନ ପାଇବା ସ୍ୱାସ୍ଥ୍ୟ ବିଭାଗ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଇଣ୍ଡିଆନ୍ ସାରସ୍ କୋଭିଡ୍-୨ ଜିନୋମିକ୍ସ କର୍ସୋଟିୟମ୍ (ଆଇଏନ୍ଏସ୍ଏସିଓଜି)ର ତଥ୍ୟ ଅନୁସାରେ ଜାନୁଆରୀ ମାସରୁ ଆଜି ସୁଦ୍ଧା ରାଜ୍ୟରେ ୪୨୧୫ ନମୁନାର ଜିନୋମ୍ ସିକ୍ୱେନ୍ସିଂ କରାଯାଇ ଥିବା ବେଳେ ସେଥିରୁ ୨୪୬୬ ନମୁନାରେ ଡେଲ୍ଟା ଭାରିଆଣ୍ଟ ଚିହ୍ନଟ କରାଯାଇଛି। ଏପ୍ରିଲ ମାସ ପରେ ସ୍ୱିକ୍ୱେନ୍ସିଂ ହୋଇଥିବା ନମୁନାରେ ଡେଲ୍ଟା ଭାରିଆଣ୍ଟ ଥିବା ପ୍ରମାଣ ମିଳିଥିବା ବେଳେ ସେଥିରୁ ୯୦ ପ୍ରତିଶତ ନମୁନାରେ ନୂଆ ପରିବର୍ତ୍ତନ ଦେଖାଯାଇଛି। ଆଉ ଏହା ସଂକ୍ରମଣ ବୃଦ୍ଧି ପଛରେ ମୁଖ୍ୟ କାରଣ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତବ୍ୟକ୍ତ କରିଛନ୍ତି। ତେବେ ଖୁସିର କଥା ଯେ ଭାରିଆଣ୍ଟରେ ପରିବର୍ତ୍ତନ ଯୋଗୁଁ କୋଭିଡ୍ ଆକ୍ରାନ୍ତ ଗୁରୁତର ଅବସ୍ଥାକୁ ଯାଉ ନଥିବା କୁହାଯାଇଛି। ଓଡ଼ିଶାର ଉପକୂଳ ଜିଲ୍ଲାରେ ଦୈନିକ ସଂକ୍ରମଣ ହାର ୧ ପ୍ରତିଶତରୁ ୨ ପ୍ରତିଶତ ମଧ୍ୟରେ ରହୁଛି। ତେବେ ଖୋର୍ଦ୍ଧା ଓ କଟକରେ ଅଧିକ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ଫଳସ୍ୱରୂପ ଏଠାରେ ସକ୍ରିୟ ମାମଲା ମଧ୍ୟ ଆଶାନୁରୂପ ଭାବେ ହ୍ରାସ ପାଉ ନାହିଁ। ଆଗକୁ ପାର୍ବଣ ଋତୁ ଥିବାରୁ ପରିସ୍ଥିତି ଜଟିଳ ହେବା ଆଶଙ୍କା ଦେଖା ଦେଇଛି।

# ଏମ୍ସ ଡାକ୍ତରଙ୍କ ମଧ୍ୟରେ କୁହୁଳୁଛି ଅସନ୍ତୋଷ

- ସ୍ୱାସ୍ଥ୍ୟ ସେବା ଭୁଶୁଡ଼ିପଡ଼ିବା ଆଶଙ୍କା
- ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ସଂଘ

ଭୁବନେଶ୍ୱର,୨୪।୯ (ସମିସ): ଏମ୍ସ ଭୁବନେଶ୍ୱରରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ବାରମ୍ବାର ଆକ୍ରୋଶ ମୂଳକ କାର୍ଯ୍ୟାନୁଷ୍ଠାନକୁ ନେଇ ଏମ୍ସ ଫାକଲ୍ଟି ଆସୋସିଏସନ୍ ମଧ୍ୟରେ ପ୍ରତିବାଦର ସ୍ୱର ଘନୀଭୂତ ହେବାରେ ଲାଗିଛି। ଏପରିକି ପ୍ରଶାସନ ଓ ଡାକ୍ତରଙ୍କ ମଧ୍ୟରେ ଉପୁଜିଥିବା ବିବାଦୀୟ ପରିସ୍ଥିତି ହେତୁ ଆଗକୁ ଏମ୍ସ, ଭୁବନେଶ୍ୱରରେ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ିଯିବା ପରିସ୍ଥିତି ସୃଷ୍ଟି ହେଲାଣି। ଏପରି ଅବସ୍ଥାରେ ଏମ୍ସ ଫାକଲ୍ଟି ଆସୋସିଏସନ୍ ନିର୍ଦ୍ଦେଶକଙ୍କୁ ସ୍ମାରକପତ୍ର ଦେଇ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଚଳିତ ମାସ କାର୍ଯ୍ୟକାଳ ପୂରଣ କରୁଥିବା ଏମ୍ ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ଆଉ ତିନି ମାସ ବୃଦ୍ଧି କରାଯାଇ ଥିବା ବେଳେ ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ବାରମ୍ବାର ବୃଦ୍ଧିକୁ ସଂଘ ତୀବ୍ର ବିରୋଧ କରିଛି। ଫଳ ସ୍ୱରୂପ ଜଣକ ପରେ ଜଣେ ଅସନ୍ତୁଷ୍ଟ ଡାକ୍ତର ଇସ୍ତଫା ଦେଇ ଏମ୍ସ ଛାଡ଼ୁଛନ୍ତି। ସମସ୍ୟାର ସମାଧାନ ପରିବର୍ତ୍ତେ ସଂଘର କର୍ମକର୍ତ୍ତାଙ୍କୁ ହଇରାଣ କରିବା ଉଦ୍ଦେଶ୍ୟରେ ବେନାମୀ ଅଭିଯୋଗ ଦର୍ଶାଇ କାର୍ଯ୍ୟାନୁଷ୍ଠାନ ଧମକ ଦିଆଯାଉ ଥିବା ଫାକଲ୍ଟିଙ୍କ ପକ୍ଷରୁ ଅଭିଯୋଗ ହୋଇଛି।

ଅଭିଯୋଗ ଅନୁସାରେ ଏମ୍ସରେ ବିଭିନ୍ନ କାରଣରୁ ଅନେକ ଦିନ ହେବ ପ୍ରଶାସନ ଓ ଫାକଲ୍ଟି ଆସୋସିଏସନ୍ ମଧ୍ୟରେ ବିବାଦ ଲାଗି ରହିଛି। ବିରୋଧ କରୁଥିବା ଡାକ୍ତରଙ୍କୁ ବିଭିନ୍ନ ଆଳ ଦେଖାଇ ପଦୋନ୍ନତିରୁ ବଞ୍ଚିତ କରାଯାଉ ଥିବା ବେଳେ ଉଦ୍ଦେଶ୍ୟମୂଳକ ଭାବେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଉ ଥିବା ଅଭିଯୋଗ ହୋଇଛି। ନିକଟରେ ସଂଘର ସଭାପତି ଡାକ୍ତର ସୁନୀଲ କୁମାର ରାଉତଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ ଆପଣ ଠିକ୍ ଭାବେ ଚିକିତ୍ସା କରୁ ନାହାନ୍ତି କିମ୍ବା ପାଠ ପଢ଼ାଉ ନାହାନ୍ତି। କନିଷ୍ଠ ଡାକ୍ତରଙ୍କୁ ପଦୋନ୍ନତି ମିଳୁଥିବା ବେଳେ ବରିଷ୍ଠଙ୍କୁ ଉପେକ୍ଷା କରାଯାଉ ଥିବା ଅଭିଯୋଗ ହୋଇଛି। ଫଳରେ ଇତିମଧ୍ୟରେ ପ୍ରାୟ ୨୭ ଜଣ ଡାକ୍ତର ଚାକିରୀ ଛାଡ଼ିଥିବା ବେଳେ ଚଳିତ ବର୍ଷ ୪ ଜଣ ଡାକ୍ତର ଏମ୍ସରୁ ନିଜକୁ ଦୂରେଇ ନେଇଛନ୍ତି। ଏମ୍ସରେ ପ୍ରାୟ ଶହେ ଡାକ୍ତର ପଦବୀ ଖାଲି ପଡ଼ିଛି। ଫଳରେ ଯେଉଁମାନେ କାମ କରୁଛନ୍ତି ସେମାନଙ୍କ ଉପରେ ପ୍ରବଳ ଚାପ ପଡୁଛି। ଠିକାରେ କାମ କରି ନିର୍ଯ୍ୟାତନା ସହିବାକୁ ସେମାନେ ଆଉ ଗ୍ରହଣ କରିପାରୁ ନାହାନ୍ତି। ଏନେଇ ଏମ୍ସ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରି ନାହିଁ।

### ଏସଏଲବିସି ବୈଠକରେ କରୋନା ପରବର୍ତ୍ତୀ ଅର୍ଥନୀତିକୁ ଗୁରୁତ୍ୱ

# ସାମାଜିକ ଭିତ୍ତିଭୂମିର ବିକାଶରେ ବ୍ୟାଙ୍କ ଗୁରୁତ୍ୱପୂର୍ଣ୍ଣ



## ଋଣ ପରିମାଣ ବଢ଼ାଇବା ଉପରେ ଅର୍ଥମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର,୨୪।୯ (ସମିସ): ଧୀରେଧୀରେ ଅର୍ଥନୀତି ପୂର୍ବ ଅବସ୍ଥାକୁ ଫେରିବାକୁ ଲାଗିଛି। ତେଣୁ ସାମାଜିକ ଭିତ୍ତିଭୂମିର ପ୍ରତି କ୍ଷେତ୍ରର ବିକାଶ ପାଇଁ ବ୍ୟାଙ୍କ୍‌ଗୁଡିକ ଆଗେଇ ଆସିବା ଉଚିତ ବୋଲି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି। ଏହା ସହିତ ରାଜ୍ୟର ଦୁଇ-ତୃତୀୟାଂଶ ଗ୍ରାମ ପଞ୍ଚାୟତରେ ସ୍ଥାୟୀ ବ୍ୟାଙ୍କ୍ ଶାଖା ନାହିଁ। ତେଣୁ ଚଳିତ ଆର୍ଥିକ ବର୍ଷରେ ମୁଖ୍ୟ ଶାଖା ଗୁଡିକ ବ୍ୟାଙ୍କ୍ ନ ଥିବା ସ୍ଥାନରେ ଖୋଲିବାକୁ ପଦକ୍ଷେପ ନେବାକୁ ଶୁକ୍ରବାର ଏସ୍ଏଲ୍ବିସି ବୈଠକରେ ଶ୍ରୀ ପୂଜାରୀ ପରାମର୍ଶ ଦେଇଛନ୍ତି।

ବୈଠକରେ ଯୋଗ ଦେଇ ଉନ୍ନୟନ କମିସନର ପ୍ରଦୀପ ଜେନା କହିଥିଲେ ଯେ, କିଛିମାତ୍ରାରେ ସ୍ଥିତି ସୁଧୁରିଛି। କୃଷି, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଶିଳ୍ପ କ୍ଷେତ୍ରରେ ଋଣ ଯୋଗାଣ ଜାରି ରହିଛି। ହେଲେ ନଗଦ ଜମା ଅନୁପାତ ହ୍ରାସ ପାଇବା ଉଦବେଗର ବିଷୟ। ତେଣୁ ବ୍ୟାଙ୍କ୍‌ମାନେ ମିଳିତ ଉଦ୍ୟମ କରିବାକୁ ଶ୍ରୀ ଜେନା ପରାମର୍ଶ ଦେଇଛନ୍ତି।

ଚଳିତ ବର୍ଷ ବ୍ୟାଙ୍କ୍ ୧, ୧୦,୦୦୦ କୋଟି ଟଙ୍କାରୁ ଅଧିକ ଋଣ ପ୍ରଦାନ କରି ବାର୍ଷିକ ଟାର୍ଗେଟ ହାସଲ କରିବାକୁ ଅର୍ଥ ବିଭାଗ ପ୍ରମୁଖ ସଚିବ ବିଶାଳ ଦେବ ବ୍ୟାଙ୍କ ପ୍ରତିନିଧିମାନଙ୍କୁ କହିଥିଲେ। ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଋଣ ଯୋଗାଇଥିବା ସର୍ବୋତ୍କୃଷ୍ଟ ବ୍ୟାଙ୍କ୍ ଶାଖାଗୁଡିକ ୨୦୨୦-୨୧ ବର୍ଷ ପାଇଁ ଚୟନ କରାଯାଇ ମୁଖ୍ୟମନ୍ତ୍ରୀ ପୁରସ୍କାର ସମ୍ମାନରେ ସମ୍ମାନିତ କରାଯିବ ବୋଲି ସେ ସୂଚନା ଦେଇଥିଲେ। ସ୍ୱୟଂ ସହାୟିକା ଗୋଷ୍ଠୀକୁ ଋଣ ପରିମାଣକୁ ୩ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ପାଇଁ ମଧ୍ୟ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍ଏସ୍ଏମଇ ସଚିବ ସତ୍ୟବ୍ରତ ସାହୁ, କୃଷି ସଚିବ ସୁରେଶ ବଶିଷ୍ଠ ସେମାନଙ୍କ କ୍ଷେତ୍ରରେ ଅଧିକ ଋଣ ପ୍ରଦାନ ପାଇଁ ପରାମର୍ଶ ଦେଇଥିଲେ। ବ୍ୟାଙ୍କ୍ ଗୁଡିକ ନୋଡାଲ ଅଧିକାରୀମାନଙ୍କୁ ହିତାଧିକାରୀଙ୍କ ତଥ୍ୟ ପ୍ରଦାନ କରନ୍ତୁ ବୋଲି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ସଚିବ ଆର. ରଘୁ ପ୍ରସାଦ କହିଥିଲେ।

ଏସଏଲବିସି ସାଧାରଣ ପରିଚାଳକ ତଥା ଆବାହକ ଅରୂପାନନ୍ଦ ଜେନା ସ୍ୱାଗତ ଭାଷଣ ଦେଇଥିଲେ। ସେହିପରି ଏସଏଲବସି ଅଧ୍ୟକ୍ଷ ତଥା ୟୁକୋ ବ୍ୟାଙ୍କ୍‌ର ପରିଚାଳନା ନିର୍ଦ୍ଦେଶକ ଏ.କେ ଗୋଏଲ, ଆରବିଆଇ ଆଞ୍ଚଳିକ ନିର୍ଦ୍ଦେଶକ ଏଚ.ଏନ୍ ପଣ୍ଡା,ନାବାର୍ଡ ମୁଖ୍ୟ ସାଧାରଣ ପରିଚାଳକ ସି. ଉଦୟ ଭାସ୍କର, ଏସବିଆଇ ମୁଖ୍ୟ ସାଧାରଣ ପରିଚାଳକ ବିଦ୍ୟା କ୍ରିଷ୍ଣନ୍, ୟୁକୋ ବ୍ୟାଙ୍କ ଅଫ ଇଣ୍ଡିଆର ରମାକାନ୍ତ ପ୍ରଧାନ, ଇଣ୍ଡିଆନ ବ୍ୟାଙ୍କ୍‌ର ସାଧାରଣ ପରିଚାଳକ ଏସ୍.ଏନ୍ ରୟ ଏବଂ ମତ୍ସ୍ୟ ବିଭାଗ ନିର୍ଦ୍ଦେଶକ ସ୍ମୃତି ରଞ୍ଜନ ପ୍ରଧାନ ଓ ଆର୍ଥିକ ସେବା ବିଭାଗ ଅଧିକାରୀ ଦେବାଶିଷ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ଉତ୍ତର ବାଲେଶ୍ୱର ଅବସ୍ଥା ବିପନ୍ନ

# ଖସୁନି ଜଳକା, ପୁଣି ବୁଡ଼େଇଲା ସୁବର୍ଣ୍ଣରେଖା

ବାଲେଶ୍ୱର,୨୪।୯ (ସମିସ): ସୁବର୍ଣ୍ଣରେଖା ନଦୀରେ ପୁଣି ବନ୍ୟା। ଝାଡ଼ଖଣ୍ଡର ଛୋଟନାଗପୁର ଉପତ୍ୟକାରେ ଅଧିକ ବୃଷ୍ଟିପାତ ସାଙ୍ଗକୁ ମୟୂରଭଞ୍ଜ ଶିମିଳିପାଳ ଜୈବମଣ୍ଡଳରେ ଅଧିକ ବର୍ଷାରେ ସୁବର୍ଣ୍ଣରେଖା ଫୁଲିଛି। ଲଗାତାର ଝାଡ଼ଖଣ୍ଡର ଗାଲୁଡ଼ିହି ଗ୍ୟାରେଜରୁ ପାଣି ନିଷ୍କାସିତ ହେଉଥିବାରୁ ସୁବର୍ଣ୍ଣରେଖାରେ ପୁଣି ବନ୍ୟା ପରିସ୍ଥିତି ଉଦବେଗଜନକ ହୋଇଛି। ଗତ କିଛିଦିନ ଧରି ଲଗାତାର ବର୍ଷା ପାଇଁ ତଳି ଅଞ୍ଚଳରୁ ପାଣି ଛାଡ଼ି ନଥିବା ବେଳେ ପୁଣି ସୁବର୍ଣ୍ଣରେଖା ଉଛୁଳିବା ଲୋକଙ୍କ ପାଇଁ ଚିନ୍ତା ବଢ଼ାଇଛି। ଅଧିକାଂଶ ସ୍ଥାନରେ ସତର୍କ ସଂକେତ ଉପରେ ପ୍ରବାହିତ ହେଉଛି ସୁବର୍ଣ୍ଣରେଖା ନଦୀର ଜଳସ୍ତର। ଝାଡଖଣ୍ଡର ଗାଲୁଡିହି ବ୍ୟାରେଜରୁ ଗତ ଦୁଇ ଦିନରେ ପର୍ଯ୍ୟାୟ କ୍ରମେ ୧୧ ହଜାର ୩ ଶହ କ୍ୟୁସେକ ପାଣି ନିଷ୍କାସନ କରାଯାଇଛି। ଫଳରେ ସୁବର୍ଣ୍ଣରେଖା ନଦୀର ଜଳସ୍ତର କ୍ରମଶଃ ବୃଦ୍ଧି ପାଇବାରେ ଲାଗିଥିଲା। ସୁବର୍ଣ୍ଣରେଖା ନଦୀର ରାଜଘାଟ ନିକଟରେ ସତର୍କ ସଂକେତ ୯.୪୫ ମିଟର ଥିବା ବେଳେ ଆଜି ସନ୍ଧ୍ୟା ୫ଟା ସୁଦ୍ଧା ଜଳସ୍ତର ବୃଦ୍ଧି ପାଇ ୧୦.୩୬ ମିଟର ଉପରେ ପ୍ରବାହିତ ହେବାରେ ଲାଗିଛି। ନଦୀର ଜଳସ୍ତର ବୃଦ୍ଧି ପାଉଥିବାରୁ ବାଲିଆପାଳ, ଭୋଗରାଇ ଏବଂ ଜଳେଶ୍ୱର ବ୍ଲକର ତଳିଆ ଅଞ୍ଚଳରେ ବନ୍ୟା ପାଣି ପଶିଛି। ଅନେକ ଗାଁରେ ପାଣି ପଶିଥିବାରୁ ଲୋକଙ୍କ ବିପନ୍ନ ଅବସ୍ଥା ଦେଖିବାକୁ ମିଳୁଛି। ସୁବର୍ଣ୍ଣରେଖା ନିକଟସ୍ଥ ସନ୍ତୋଷପୁର, ଭେଲୋରା, ପାଉଁଶକୁଲି, ରଘୁନାଥପୁର ଓ କାଦରାୟାଁ ଆଦି ପଞ୍ଚାୟତରେ କିଛି ଗାଁରେ ବନ୍ୟାଜଳ ପଶିଥିବା ଜଣା ପଡ଼ିଛି। ନଦୀର ଜଳସ୍ତର ବଢୁଥିବାରୁ ଲୋକେ ଆତଙ୍କିତ ହୋଇ ପଡ଼ିଛନ୍ତି।

ଭୋଗରାଇ ବ୍ଲକର ୧୮ ପଞ୍ଚାୟତର ୮୦ରୁ ଅଧିକ ଗାଁ ସୁବର୍ଣ୍ଣରେଖା ବନ୍ୟାରେ ପ୍ରଭାବିତ ହୋଇଛି। ୧୦ ହେକ୍ଟରରୁ ଅଧିକ ଚାଷ ଜମି ପୁଣି ଜଳମଗ୍ନ ହୋଇଛି। ୧୫ରୁ ଅଧିକ ପ୍ରଧାନମନ୍ତ୍ରୀ ସଡ଼କ ଉପରେ ୩ରୁ ୪ଫୁଟ ଉଚ୍ଚରେ ବନ୍ୟା ଜଳ ପ୍ରବାହିତ ହେଉଥିବା ବେଳେ ସମସ୍ତ ଗାଁ ରାସ୍ତା ବୁଡ଼ି ଯାଇ ଯାତାୟାତ ବାଧାପ୍ରାପ୍ତ ହୋଇଛି।


ସେହିପରି ସୁବର୍ଣ୍ଣରେଖା ବନ୍ୟାରେ ବାଲିଆପାଳ ବ୍ଲକର ଚଡବଡ଼ାପାଳ, ବଡ଼ ଖାନପୁର, ସର୍ଦ୍ଦାର ସାହି, ପାଳଚମ୍ପି, କଣ୍ଟାବଣୀ, ସୂର୍ଯ୍ୟାପୁର, ରାମନଗର ରସଲପୁର, ବିଷ୍ଣୁପୁର, ଇକଡ଼ପାଳ, ନୟାବାଲି, କୁଦମାନସିଂ, ସୁଂଗମୁହ, ଗୁନାପୁର, ଆଠବାଟିଆ, ତଳ ବାଲିଆପାଳ, ଜାମକୁଣ୍ଡା, ପାଳ ଜାମକୁଣ୍ଡା, କାଳରୁଇ, କୁଲାଚଡ, ତାଳପଦା, ନଖପାଳ,ଚୌଧୁରୀକୁଦ, ଚଡବସ୍ତ କାଳରୁଇ ଆଦି ଅଞ୍ଚଳରେ ବନ୍ୟା ଜଳ ପ୍ରବେଶ କରିଥିବା ଜଣାପଡ଼ିଛି।

ମୟୂରଭଞ୍ଜ ଜିଲ୍ଲାର ମୋରଡ଼ା, ରାସଗୋବିନ୍ଦପୁର ବ୍ଲକ ଅଞ୍ଚଳରେ ପ୍ରବଳ ବୃଷ୍ଟିପାତ ହେତୁ ବସ୍ତା ବ୍ଲକରେ ପ୍ରବାହିତ ଜଳକା ନଦୀରେ ବନ୍ୟା ପରିସ୍ଥିତି ଗମ୍ଭୀର ହୋଇଛି। ଜଳ ସ୍ତର ଆଜି ଗତକାଲି ଠାରୁ ସାମାନ୍ୟ କମି ଥିବା ବେଳେ ଏବେ ବି ଜଳକା ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ଜଳକା ମଥାନି ଠାରେ ବିପଦ ସଂକେତ ୫.୫ ମିଟର ରହିଥିବା ବେଳେ ସନ୍ଧ୍ୟା ସୁଦ୍ଧା ୬.୪୧ ମିଟର ଉପରେ ପ୍ରବାହିତ ହେଉଛି। ଜଳକା ବନ୍ୟାରେ ବସ୍ତା ବ୍ଲକ ଅଞ୍ଚଳବାସୀ ଅଧିକାଂଶ କ୍ଷତି ହେଉଛ। ତତ ସହିତ ସଦର ବ୍ଲକ ଅଞ୍ଚଳକୁ ପୁଣି ବନ୍ୟା ପାଣି ପ୍ରବେଶ କରିଛି। ବାଲେଶ୍ୱର ସଦର ବ୍ଲକର ଶ୍ରୀରାମପୁର ଏବଂ ରସୁଲପୁର ଗ୍ରାମ ପଞ୍ଚାୟତରେ ବନ୍ୟାଜଳ ଘେରରେ ଅଛି। ରାସ୍ତା ଉପରେ ବନ୍ୟା ପାଣିର ସ୍ରୋତ ଥିବାରୁ ଗମନାଗମନ ସମ୍ପୂର୍ଣ୍ଣ ଭାବେ ବିଚ୍ଛିନ୍ନ ହୋଇଅଛି। ଜିଲ୍ଲା ପ୍ରଶାସନ ବନ୍ୟା ଅଞ୍ଚଳରେ ଶୁଖିଲା ଖାଦ୍ୟ, ଅତ୍ୟାବଶ୍ୟକ ସାମଗ୍ରୀ, ଔଷଧ ଓ ପାନୀୟ ଜଳ ବ୍ୟବସ୍ଥା କରିଥିବା ବେଳେ ସ୍ଥାନୀୟ ପ୍ରଶାସନ ରିଲିଫ କାମରେ ଲାଗିଛନ୍ତି।

### • ଭୁୟାଁ ଜୁଆଙ୍ଗପୀଢ଼ ଅଞ୍ଚଳରେ ବାର୍‌ହା ଓ ହାତୀଙ୍କ ଉତ୍ପାତ

# ଫସଲ ବଞ୍ଚାଇବାକୁ ଗଛ ଉପରେ ରାତି ଅନିଦ୍ରା

କେନ୍ଦୁଝର,୨୪।୯ (ସମିସ): କେନ୍ଦୁଝର ଜିଲ୍ଲା ଏକ ବଣ ଜଙ୍ଗଲ ଘେରା ଜିଲ୍ଲା ଅଟେ। ଏଠାକାର ବିଭିନ୍ନ ବଣ ଜଙ୍ଗଲରେ ଜଙ୍ଗଲୀ ହାତୀ ସହିତ ବାର୍‌ହା ରହିଛନ୍ତି। ବର୍ତ୍ତମାନ ଖରିଫ ଋତୁରେ ଗୋଡ଼ା ଧାନ ପାଚିବା ବେଳ ଆସିଛି। ଏଥିସହ ମକା, କାକୁଡ଼ି ଏବଂ ଅନ୍ୟାନ୍ୟ ଫସଲର ଅମଳ ବେଳ। ପାହାଡ଼ି ଲୋକେ ଜଙ୍ଗଲକୁ ଲାଗିଥିବା ଜମିଗୁଡ଼ିକରେ ଗୋଡ଼ା ଧାନ ଅଧିକ ପରିମାଣରେ ଚାଷ କରିଥାନ୍ତି ଏବଂ ପୋଡୁଚାଷ ମଧ୍ୟ କରିଥାନ୍ତି। ବର୍ତ୍ତମାନ ଭୁୟାଁ ଜୁଆଙ୍ଗ ପୀଢ଼ ବନାଞ୍ଚଳର ବିଭିନ୍ନ ସ୍ଥାନରେ ଶହଶହ ଏକର ଜମିରେ ଗୋଡ଼ାଧାନ ପାଚି ଆସୁଚି। ଏଭଳି ପରିସ୍ଥିତିରେ ଜଙ୍ଗଲ ନିକଟ ଜମିଗୁଡ଼ିକର ଧାନକୁ ହାତୀ ଓ ବାର୍‌ହା ନଷ୍ଟ କରୁଛନ୍ତି। ଏହାକୁ ନେଇ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ତେଣୁ ନିଜ ଫସଲକୁ ସୁରକ୍ଷା ଦେବା ଲକ୍ଷ୍ୟରେ କେତେକ ସ୍ଥାନରେ ବଡ଼ବଡ଼ ଗଛରେ ମଞ୍ଚା ବାନ୍ଧି ରାତ୍ରି ଉଜାଗର ହୋଇ ଫସଲକୁ ସୁରକ୍ଷା ଦେଉଛନ୍ତି ଲୋକେ। ମଞ୍ଚା ଉପରେ ରାତିରେ ରହିବା ବିପଦ ଥିଲେ ମଧ୍ୟ ଜୀବନକୁ ଅଦରି ଫସଲକୁ ବଞ୍ଚାଇବା ଲକ୍ଷ୍ୟରେ ଗଛ ଉପର ମଞ୍ଚାରେ ରାତ୍ରିଯାପନ କରିବାକୁ ବାଧ୍ୟ ହେଉଛନ୍ତି। ବିଶେଷକରି ଯାତ୍ରା ପଞ୍ଚାୟତ ଅଞ୍ଚଳର ବିଭିନ୍ନ ଅଞ୍ଚଳ, କାଦକଳା ପଞ୍ଚାୟତର କେତେକ ଅଞ୍ଚଳ, ଚମ୍ପେଇ ପଞ୍ଚାୟତର କେତେକ ଅଞ୍ଚଳ ତରମାକାନ୍ତ, ଦଇଁଳା ପ୍ରଭୃତି ଅଞ୍ଚଳରେ ଲୋକେ ଫସଲ ବଞ୍ଚାଇବା ପାଇଁ ଗଛରେ ମଞ୍ଚା ବାନ୍ଧିଥିବା ଦେଖାଯାଇଛି।



# ୨ଦିନ ହେଲାଣି ପ୍ରସବ ବେଦନାରେ ଛଟପଟ



ଚମ୍ପୁଆ,୨୪।୯ (ସମିସ): ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ଜାମୁଦଲକ ଜଙ୍ଗଲରେ ରହିଥିବା ଜଙ୍ଗଲୀ ହାତୀପଲ ମଧ୍ୟରେ ଗୁରୁବାର ସକାଳୁ ୨ ଶାବକ ଜନ୍ମ ନେଇଥିବାବେଳେ ଗୋଟିଏ ମାଇହାତୀ ୨ଦିନ ହେଲା ପ୍ରସବ ବେଦନାରେ ଛଟପଟ ହେଉଥିବାବେଳେ ବନବିଭାଗ, ପୁଲିସ ଓ ପ୍ରାଣୀଧନ ଚିକିତ୍ସକ ଘଟଣା ସ୍ଥଳରେ ରହି ତୀକ୍ଷ୍ଣ ନଜର ରଖିଛନ୍ତି। ମାଆ ହାତୀଟି କଷ୍ଟରେ ମାଟିରେ ଗଡୁଥିବାବେଳେ ଅନ୍ୟ ହାତୀ ତାକୁ ଜଗିରହିଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ, କିଛିଦିନ ପୂର୍ବରୁ ୨୫ଟି ହାତୀ ମୟୂରଭଞ୍ଜରୁ ଚମ୍ପୁଆ ରେଞ୍ଜ ଅଞ୍ଚଳକୁ ପଶି ଆସିଥିବାବେଳେ ଜାମୁଦଲକ ଜଙ୍ଗଲରେ ଗୁରୁବାର ୨ଟି ହାତୀ ଭୋର୍ ସମୟରେ ହାତୀଛୁଆ ଜନ୍ମ ଦେଇଥିବାବେଳେ ଆଉ ଗୋଟେ ମାଇହାତୀ ପ୍ରସବ ବେଦନାରେ ଛଟପଟ ହେଉଛି। ବନବିଭାଗ ଘଟଣାସ୍ଥଳରେ ଜଗି ରହିଛି। ହାତୀ ଦେଖିବାକୁ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିବା ସହିତ ହାତୀକୁ ହଇରାଣ ହରକତରୁ ଦୂରେଇ ରଖିବା ପାଇଁ ସେଠାରେ ପୁଲିସ ଜଗିରହିଛି।

# ବିଜେଡି ଏକ ଦଳ ନୁହେଁ; ସାମାଜିକ ଆନ୍ଦୋଳନ: ପ୍ରଣବ




- ବିଜେଡିରେ ଯୋଗଦେଲେ ଧର୍ମଶାଳା ବିଜେପି ନେତା ଓ କର୍ମୀ
- ଦଶରଥପୁର ବ୍ଲକର ଶତାଧିକ ବିଜେପି ଓ କଂଗ୍ରେସ ନେତା ମିଶିଲେ

ଭୁବନେଶ୍ୱର,୨୪।୯ (ସମିସ): ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ଧର୍ମଶାଳା ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ତିନି ଥର ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ପରିଡ଼ା (ତୁଷାର) ଆଜି ନିଜର ଶତାଧିକ ସମର୍ଥକଙ୍କ ସହ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଶୁକ୍ରବାର ବିଜୁ ଯୁବ ଜନତା ଦଳ ରାଜ୍ୟ କାର୍ଯ୍ୟାଳୟ ଠାରେ ଆୟୋଜିତ ମିଶ୍ରଣ ସଭାରେ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ଅନ୍ୟ ବରିଷ୍ଠ ନେତୃବୃନ୍ଦ ତାଙ୍କୁ ସ୍ୱାଗତ କରିଥିଲେ। ଧର୍ମଶାଳା ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ପ୍ରଣବ ବଳବନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବରିଷ୍ଠ ବିଜେଡି ନେତା ତଥା ବିଧାୟକ ପ୍ରତାପ କେଶରୀ ଦେବ, କୋରେଇ ବିଧାୟକ ଅଶୋକ କୁମାର ବଳ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ଶ୍ରୀ ପରିଡ଼ା କହିଥିଲେ ଯେ ଓଡ଼ିଶାର ବରପୁତ୍ର ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସୁପୁତ୍ର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହେଉଛନ୍ତି ଓଡ଼ିଶାର ଅଦ୍ୱିତୀୟ ନେତା। ଦୀର୍ଘ ୨୨ ବର୍ଷ ଧରି ତାଙ୍କର ବଳିଷ୍ଠ ନେତୃତ୍ୱରେ ଓଡ଼ିଶା ବିକାଶ ପଥରେ ଅଗେଇ ଚାଲିଛି। ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ଓ ନିଷ୍ପାପର ସେବା ମନୋଭାବ ମୋତେ ସର୍ବଦା ଆକୃଷ୍ଟ କରିଛି। ଏଥିସହ ବିଜେଡିର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦୃଢ଼ ମାର୍ଗଦର୍ଶନ ମୋତେ ବିଜେଡିରେ ଯୋଗ ଦେବା ପାଇଁ ପ୍ରେରଣା ଦେଇଛି, ଶେଷରେ ଆଜି ମୁଁ ମୋ ପୁରୁଣା ପରିବାରକୁ ପ୍ରତ୍ୟାବର୍ତ୍ତନ କରିଛି। ଆମେ ସମସ୍ତେ ମିଳି ମିଶି ବିଜୁ ଜନତା ଦଳକୁ ଅଧିକ ବଳଶାଳୀ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ପରିଡ଼ା କହିଛନ୍ତି।


ଯାଜପୁର ବିଧାୟକ ତଥା ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କହିଛନ୍ତି ଯେ ଶ୍ରୀ ପରିଡ଼ାଙ୍କ ଯୋଗଦାନ ଏହି ଦଳକୁ ଆହୁରି ମଜବୁତ କରିବ। ଜନତା ଦଳରେ ସେ ରାଜନୀତି ଆରମ୍ଭ କରିଥିଲେ ଆଉ ଏହା ହିଁ ତାଙ୍କ ପରିବାର। ଆଜି ତାଙ୍କର ପ୍ରତ୍ୟାବର୍ତ୍ତନ ଆମ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ତାଙ୍କ ସହିତ ଅନ୍ୟ ନେତାମାନେ ମଧ୍ୟ ନିଜର ପୁରୁଣା ଦଳକୁ ଫେରିଛନ୍ତି। ଏହି ଦଳରେ ସମସ୍ତଙ୍କ ପାଇଁ ସୁଯୋଗ ରହିଛି। ବିଜେଡିରେ କାହାରିକୁ କେବେ ବି ଅସମ୍ମାନ କିମ୍ବା ହତାଦର କରାଯାଏ ନାହିଁ। ବିଜେଡି କେବଳ ଲୋକଙ୍କ ସେବା ପାଇଁ କାମ କରେ। ବିଜେଡି ହେଉଛି ଏକ ସାମାଜିକ ଆନ୍ଦୋଳନ, ଏହି କଥାକୁ ଶ୍ରୀ ପରିଡ଼ା ଏବଂ ତାଙ୍କ ସମର୍ଥକମାନେ ଭଲ ଭାବେ ହୃଦୟଙ୍ଗମ କରିଛନ୍ତି। ଆଗକୁ ଧର୍ମଶାଳାର ବିକାଶ ତ୍ୱରାନ୍ୱିତ ହେବ ବୋଲି ଶ୍ରୀ ଦାସ କହିଥିଲେ।

ଶ୍ରୀ ପରିଡ଼ା ୨୦୦୯, ୨୦୧୪ ଏବଂ ୨୦୧୯ରେ ଧର୍ମଶାଳା ବିଧାନସଭା ଆସନରୁ ପ୍ରତିଦ୍ୱନ୍ଦିତା କରିଥିଲେ। ଜଣେ ଟାଣୁଆ ନେତା ଭାବେ ତାଙ୍କର ସୁନାମ ରହିଛି। ବିଜେଡିରେ ତାଙ୍କର ଯୋଗଦାନ ବିଜେପି ପାଇଁ ଏକ ଶକ୍ତ ଧକ୍କା ବୋଲି କୁହାଯାଉଛି। ଶ୍ରୀ ପରିଡ଼ାଙ୍କ ସହିତ ଯାଜପୁର ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଚୈତନ୍ୟ ସାମଲ, ବିଜେପିର ଟାଣୁଆ ନେତା ମହେନ୍ଦ୍ର କୁମାର ପଣ୍ଡା, ସମ୍ପାଦିକା ମୋନାଲିସା ଦାଶ, କବାଟବନ୍ଧ ମଣ୍ଡଳ ସଭାପତି ବିଜୟ ନାୟକ, ଜେନାପୁର ମଣ୍ଡଳ ସଭାପତି ନିରଞ୍ଜନ ବେହେରା, ଆରୁହା ମଣ୍ଡଳ ସଭାପତି ଅଶୋକ କୁମାର ସାହୁ, ବିଜେପି ରାଜ୍ୟ ପରିଷଦ ସଦସ୍ୟ ଆଶିଷ କୁମାର ବଳ, ଜେନାପୁର ମଣ୍ଡଳ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ବେହେରା, ମାନସ ମହାନ୍ତି, ପ୍ରଭଞ୍ଜନ ମହାନ୍ତି, ଧବଳେଶ୍ୱର ରାଉତ, ରଘୁନାଥ ବେହେରା, ଶୁକଦେବ ସ୍ୱାଇଁ, ସଚ୍ଚିଦାନନ୍ଦ ପାତ୍ର, ପ୍ରଫୁଲ୍ଲ କୁମାର ବେହେରା (ବୁଲା), ପ୍ରମୋଦ କୁମାର ଦାସ, ଦେବୀ ପ୍ରସନ୍ନ ଦାଶ, କୁଳମଣି ପଣ୍ଡା, ଶରତ ଧଳ, କୈଳାଶ ଦାସ, ଜ୍ଞାନ ରଞ୍ଜନ ମଲ୍ଲିକ୍, ଅଧରକାନ୍ତ ଜେନା, ଗୋବିନ୍ଦ ଚନ୍ଦ୍ର ଧୀର, ଜୟନ୍ତ ଜେନା, ସୁଶାନ୍ତ କୁମାର ସାହୁ, ମୃତ୍ୟୁଞ୍ଜୟ ଦାସ (ଟୁକୁନା), ପ୍ରକାଶ ନାୟକ (ବୁନୁ), ପ୍ରମୋଦ ନାୟକ (ବାବୁଲି), କାମଦେବ ରାଉତ, ଦିଲ୍ଲିପ୍ କୁମାର ରଥ, ସୁକାନ୍ତ ରାମ, ଅଜୟ ଜେନା, ମନୋଜ ବେହେରା, ସହଦେବ ନାୟକ, ବାବନ ବେହେରା, ଅମୂଲ୍ୟ ଦାସ ପ୍ରମୁଖ ବିଜେଡିରେ ଯୋଗ ଦେଇଛନ୍ତି।

ଅପରପକ୍ଷେ ଆଜି ଅପରାହ୍ନରେ ଯାଜପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦଶରଥପୁର ବ୍ଲକ୍‌ର ତଲିହା ଓ ବିରାଜପୁର ଗ୍ରାମ ପଞ୍ଚାୟତର ବହୁ ବିଜେପି ଓ କଂଗ୍ରେସ୍ ନେତା ବିଜେଡିରେ ଯୋଗ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ୍ ନେତା ସୁବାଷ ଚନ୍ଦ୍ର ମିଶ୍ର, ବରିଷ୍ଠ ବିଜେପି ନେତା ରତ୍ନମଣି ପଣ୍ଡା, ପୂର୍ବତନ ନାଏବ ସରପଞ୍ଚ ଅନୁପମା ଦାସ, ବିଜେପି ଯୁବ କାର୍ଯ୍ୟକର୍ତ୍ତା ପ୍ରଶାନ୍ତ ବାରିକ ଓ ମନୋଜ ନାୟକ ପ୍ରମୁଖ ନିଜର ଶତାଧିକ ସମର୍ଥକଙ୍କ ସହ ବିଜେଡିରେ ମିଶିଥିଲେ। ଏହି ମିଶ୍ରଣ ପର୍ବରେ ଦଶରଥପୁର ବ୍ଲକ ଅଧ୍ୟକ୍ଷା ସୁଜାତା ସାହୁ, ପୂର୍ବତନ ସମିତି ସଭ୍ୟ ଚନ୍ଦ୍ର ନାରାୟଣ ସାହୁ, ସରପଞ୍ଚ ପ୍ରତାପ ଜେନା, ବିରାଜପୁର ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ମୁକ୍ତିକାନ୍ତ ପଣ୍ଡା ଏବଂ ବିଜୟ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ରାଷ୍ଟ୍ରପତିଙ୍କ ସଫଳ ମୋତିଆବିନ୍ଦୁ ଅସ୍ତ୍ରୋପଚାର

ନୂଆଦିଲ୍ଲୀ,୨୪।୯(ଏଜେନ୍ସି): ଦିଲ୍ଲୀର ଆର୍ମୀ ହସ୍ପିଟାଲ(ରେଫରାଲ ଆଣ୍ଡ ରିସର୍ଚ୍ଚ)ରେ ଶୁକ୍ରବାର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ହୋଇଛି। ରାଷ୍ଟ୍ରପତି ଭବନ ପକ୍ଷରୁ



ଜାରି ବିବୃତ୍ତିରେ ଏହି ସୂଚନା ଦିଆଯାଇଛି। ଏଥିରେ କୁହାଯାଇଛି ଯେ ଅସ୍ତ୍ରୋପଚାର ସଫଳ ହୋଇଛି ଏବଂ ରାଷ୍ଟ୍ରପତି ହସ୍ପିଟାଲରୁ ଫେରିଛନ୍ତି। ଏହା ପୂର୍ବରୁ ଅଗଷ୍ଟ ୧୯ରେ ଆର୍ମୀ ହସ୍ପିଟାଲରେ ରାଷ୍ଟ୍ରପତିଙ୍କ ଅନ୍ୟ ଏକ ଆଖିର ମୋତିଆବିନ୍ଦୁ ଅସ୍ତ୍ରୋପଚାର ସଫଳ ହୋଇଥିଲା। ସୂଚନାଯୋଗ୍ୟ ଯେ ୭୫ ବର୍ଷୀୟ ରାମନାଥ କୋବିନ୍ଦ ୨୦୧୭ ଜୁଲାଇ ୨୫ରେ ଦେଶର ୧୪ତମ ରାଷ୍ଟ୍ରପତି ଭାବେ ଶପଥ ନେଇଥିଲେ।

## ମହିଳାଙ୍କ ଲାଗି ଖୋଲିଲା ଆବେଦନ ୱିଣ୍ଡୋ

ନୂଆଦିଲ୍ଲୀ,୨୪।୯(ଏଜେନ୍ସି): ଜାତୀୟ ପ୍ରତିରକ୍ଷା ଏକାଡେମୀ (ଏନଡିଏ) ଏବଂ ନୌସେନା ଏକାଡେମୀ ପରୀକ୍ଷା ପାଇଁ ଅବିବାହିତ ମହିଳା/ବାଳିକାଙ୍କୁ ଆବେଦନ କରିବାକୁ ଅନୁମତି ଦେଇଛି ୟୁନିଅନ ପବ୍ଲିକ ସର୍ଭିସ କମିଶନ(ୟୁଏପିଏସସି)। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ କମିସନ ଏହି ନିଷ୍ପତ୍ତି ନେଇଛନ୍ତି। ୟୁପିଏସସି

**ଏନ୍‌ଡିଏ ୨୦୨୧**

କେବଳ ଅବିବାହିତ ମହିଳା ଆଶାର୍ଥୀଙ୍କ ଲାଗି ନିଜ ୱେବସାଇଟରେ ୟୁପିଏସିଅନଲାଇନ. ଏନଆଇସି. ଇନରେ ଆବେଦନ ୱିଣ୍ଡୋ ଖୋଲିଛନ୍ତି। ୟୁପିଏସି ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି ଯେ ସେପ୍ଟେମ୍ବର ୨୪ରୁ ଅକ୍ଟୋବର ୮ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମହିଳା ପ୍ରାର୍ଥୀ ଆବେଦନ କରିପାରିବେ। ଏହା ପରେ ଆବେଦନ ଗ୍ରହଣ କରାଯିବ ନାହିଁ। ଶାରୀରିକ ମାନଦଣ୍ଡ ଏବଂ ମହିଳା ପ୍ରାର୍ଥୀଙ୍କ ପାଇଁ ଥିବା ଖାଲି ପଦବୀ ବିଷୟରେ ପ୍ରତିରକ୍ଷା ମନ୍ତ୍ରାଳୟ ଜଣାଇବା ପରେ ଏ ନେଇ ସୂଚନା ଜାରି କରାଯିବ। ଏହି ପରୀକ୍ଷା ପାଇଁ ମହିଳା ଆବେଦନକାରୀଙ୍କୁ କୌଣସି ଶୁଳ୍କ ଦେବାକୁ ପଡିବ ନାହିଁ। ଏହା ସେମାନଙ୍କ ପାଇଁ ମାଗଣା।

## କରୋନା ଚିକିତ୍ସାରୁ ହଟିଲା ଆଇଭରମେକ୍ଟିନ ଓ ଏଚ୍‌ସିକ୍ୟୁ

ନୂଆଦିଲ୍ଲୀ,୨୪।୯(ଏଜେନ୍ସି): କରୋନା ଚିକିତ୍ସାରେ ବ୍ୟବହୃତ ଔଷଧ ତାଲିକାରୁ ଆଇଭରମେକ୍ଟିନ ଏବଂ ହାଇଡ୍ରୋକ୍ସି କ୍ଲୋରୋକୁଇନ (ଏଚସିକ୍ୟୁ)କୁ ହଟାଇ ଦେଇଛି ଆଇସିଏମଆର। ଏ ନେଇ ଆଇସିଏମଆର ଏବଂ କୋଭିଡ-୧୯ ସମ୍ବନ୍ଧୀୟ ଜାତୀୟ ଟାସ୍କ ଫୋର୍ସର ମିଳିତ ଅନୁଧ୍ୟାନକାରୀ ଟିମ ପକ୍ଷରୁ ସଂଶୋଧିତ ମାର୍ଗଦର୍ଶିକା ଜାରି କରାଯାଇଛି। ତେବେ କରୋନା ଚିକିତ୍ସାରେ ରେମେଡେସିଭିର ଏବଂ ଟୋସିଲିଜୁମାବର ବ୍ୟବହାର ଜାରି ରହିବ। ଏହି ମାର୍ଗଦର୍ଶିକାରେ ମାସ୍କ ବ୍ୟବହାର, ସାମାଜିକ ଦୂରତ୍ୱ ଏବଂ ହାତ ଧୋଇବାକୁ ପୂର୍ବପରି ଗୁରୁତ୍ୱ ଦିଆଯାଇଛି। ଏଥିରେ ସମ୍ୟକ ଲକ୍ଷଣ ଥିବା କିମ୍ବା ସଂକ୍ରମିତ ହେବାର ୧୦ ଦିନ ମଧ୍ୟରେ ଅତିରିକ୍ତ ଅମ୍ଳଜାନ ଆବଶ୍ୟକ କରୁଥିବା ଗୁରୁତର ରୋଗୀଙ୍କ କ୍ଷେତ୍ରରେ ରେମେଡେସିଭର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ତେବେ କେବଳ ଗୁରୁତର ରୋଗୀଙ୍କ ପାଇଁ ଆଇସିୟୁରେ ଭର୍ତ୍ତି ହେବାର ୨୪ରୁ ୪୮ ଘଣ୍ଟା ମଧ୍ୟରେ ଟୋସିଲିଜୁମାବ ଏବଂ ଗୁରୁତର ସଂକ୍ରମଣ କ୍ଷେତ୍ରରେ ଏନଆଇଭି ଦେବାକୁ କୁହାଯାଇଛି।

## ମହନ୍ତଙ୍କ ମୃତ୍ୟୁ ତଦନ୍ତଭାର ନେଲା ସିବିଆଇ

**ପ୍ରୟାଗରାଜ,୨୪।୯(ଏଜେନ୍ସି):** ଅଖିଳ ଭାରତ ଆଖଡା ପରିଷଦର ମୁଖ୍ୟ ମହେନ୍ଦ୍ର ନରେନ୍ଦ୍ର ଗିରିଙ୍କ ମୃତ୍ୟୁର ତଦନ୍ତ ଭାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ହାତକୁ ନେଇଛି। ଉତ୍ତରପ୍ରଦେଶ ସରକାରଙ୍କ ସୁପାରିଶରେ ମାମଲାର ସିବିଆଇ ତଦନ୍ତକୁ କେନ୍ଦ୍ର ମଞ୍ଜୁରି ଦେଇଛି। ଏହା ପୂର୍ବରୁ ରାଜ୍ୟ ସରକାର ମାମଲାର ତଦନ୍ତ ଲାଗି ୧୮ ଜଣିଆ ସ୍ୱତନ୍ତ୍ର ତଦନ୍ତକାରୀ ଦଳ(ଏସଆଇଟି) ଗଠନ କରିଥିଲେ। ଗତ ସୋମବାର ବାଗମ୍ବରୀ ମଠରେ ମହନ୍ତଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏଠାରୁ ୭ ପୃଷ୍ଠାର ଏକ ସୁଇସାଇଡ ନୋଟ ମଧ୍ୟ ପୁଲିସ ଜବତ କରିଥିଲା। ସିବିଆଇ ଏହାର ତଦନ୍ତ ଲାଗି ପାଞ୍ଚଜଣିଆ ଦଳ ଗଠନ କରାଯାଇଛି। ସେମାନେ ପ୍ରୟାଗରାଜରେ ପହଞ୍ଚି ରାଜ୍ୟ ପୁଲିସ ଠାରୁ ସମସ୍ତ ତଥ୍ୟ ସଂଗ୍ରହ କରିଛନ୍ତି।

**ଅଦାଲତ ବି ଅସୁରକ୍ଷିତ**

# କୋର୍ଟ ଭିତରେ ଗ୍ୟାଙ୍ଗୱାର୍

**ନୂଆଦିଲ୍ଲୀ, ୨୪।୯ (ଏଜେନ୍ସି)**

ଦେଶ ଉଚ୍ଚ ସୁରକ୍ଷା ଅଞ୍ଚଳ ଜାତୀୟ ରାଜଧାନୀ ଦିଲ୍ଲୀରେ କୋର୍ଟ ବି ଅସୁରକ୍ଷିତ। ଏହା ଶୁକ୍ରବାରର ଏକ ଘଟଣାରୁ ପ୍ରମାଣିତ ହୋଇଛି। ଦିଲ୍ଲୀର ରୋହିଣୀ କୋର୍ଟ ପରିସରରେ ଗ୍ୟାଙ୍ଗୱାର ଘଟିଛି। ବିଚାରପତିଙ୍କ ସାମ୍ନାରେ ୩୦ରୁ ୪୦ ରାଉଣ୍ଡ ଗୁଳି ଫୁଟିଛି। ୨ ଜଣ ସୁଟର ଓକିଲ ବେଶରେ ଆସି କୋର୍ଟରେ ହାଜର ହୋଇଥିବା ଗ୍ୟାଙ୍ଗଷ୍ଟାର ଜିତେନ୍ଦ୍ର ଗୋଗୀ(୩୦)କୁ ଗୁଳି କରି ହତ୍ୟା କରିଛନ୍ତି। ଗୋଗୀ ଉପରେ ୬ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା। ଏହା ସହିତ ପୁଲିସ ଗୁଳିରେ ୨ ଆକ୍ରମଣକାରୀ ପ୍ରାଣ ହରାଇଛନ୍ତି। ଏଥିରେ ୪ ଜଣ ଲୋକ ମଧ୍ୟ ଆହତ ହୋଇଛନ୍ତି। ଏହି ଘଟଣାକୁ ନେଇ ଦିଲ୍ଲୀର ସୁରକ୍ଷାବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଛି। ଦିଲ୍ଲୀ ପୁଲିସର ଗୁଇନ୍ଦା ୟୁନିଟର କାର୍ଯ୍ୟକୁ ନେଇ ପ୍ରଶ୍ନ କରାଯାଉଛି। ତେବେ ଏହାକୁ ଓକିଲଙ୍କ ଦବଙ୍ଗଗିରିର ପରିଣତି ବୋଲି ମଧ୍ୟ କୁହାଯାଉଛି। କାରଣ ସୁରକ୍ଷା ଯାଞ୍ଚକୁ ଓକିଲ ନିଜ ସମ୍ମାନର ବିରୋଧୀ ଭାବୁଛନ୍ତି ଏବଂ ଯାଞ୍ଚକୁ ବିରୋଧ କରୁଛନ୍ତି। ଫଳରେ ଆଜି ସୁଟର ଓକିଲ ବେଶରେ ଆସି ଗୋଗୀକୁ ବିଚାରପତିଙ୍କ ସାମ୍ନାରେ ହତ୍ୟା କରିଛନ୍ତି। ଦିଲ୍ଲୀର ସୁରକ୍ଷା ଏବେ ହାଇଆଲର୍ଟରେ ଥିବାବେଳେ ଏହି ଘଟଣା ମାମଲାକୁ ଅଧିକ ଗୁରୁତର କରିଦେଇଛି। କିଛି ଦିନ ତଳେ ଏକ ଆତଙ୍କବାଦୀ ଗୋଷ୍ଠୀର ୬ ଆତଙ୍କବାଦୀଙ୍କୁ ପୁଲିସ ଗିରଫ କରିଥିଲା। ଏମାନେ ପାର୍ବଣ ଋତୁରେ ସାର୍ବଜନୀନ ସ୍ଥାନକୁ ନିଶାଣ କରିଥିଲେ ବୋଲି କୁହାଯାଉଥିଲା। ପୁଲିସ ମଧ୍ୟ ଆତଙ୍କବାଦୀଙ୍କ ଅନ୍ୟ ମଡ୍ୟୁଲୋ(ଶାଖା)ର ସମ୍ଭାବନା ନେଇ ସତର୍କତା ଜାରି କରିଥିଲା। ଏପରି ସମୟରେ କୋର୍ଟରେ ଆକ୍ରମଣ ହେବା ସୁରକ୍ଷା ଏଜେନ୍ସିର ପ୍ରସ୍ତୁତିକୁ ନେଇ ଗୁରୁତର ପ୍ରଶ୍ନ ଉଠିଛି। ରୋହିଣୀ ଜିଲ୍ଲା ଅଦାଲତର ଜଣେ କର୍ମଚାରୀଙ୍କ ଅନୁଯାୟୀ ଓକିଲଙ୍କ ଦବଙ୍ଗଗିରି କୋର୍ଟରେ ସୁରକ୍ଷା ଉପରେ ଭାରି ପଡିଛି। ପ୍ରବେଶ ସମୟରେ ହେଉଥିବା ଚେକିଂକୁ ଓକିଲ ବିରୋଧ କରୁଛନ୍ତି। ଏହା ସମ୍ମାନରେ ଆଞ୍ଚ ଆଣୁଛି ବୋଲି ସେମାନେ କହୁଛନ୍ତି। ଅନେକ ସମୟରେ ଚେକିଂ କରୁଥିବା ଲୋକଙ୍କ ସହ ସେମାନେ ଯୁକ୍ତି କରିଥାନ୍ତି। ଏଥିଯୋଗୁଁ ସୁରକ୍ଷା କର୍ମଚାରୀ ମଧ୍ୟ ଠିକ୍‌ରେ ଚେକିଂ କରିନଥାନ୍ତି। ଓକିଲଙ୍କ ଏହି ଦବଙ୍ଗଗିରି ଯୋଗୁଁ ଆଜି ୩ ଜଣଙ୍କ ଜୀବନ ଚାଲିଗଲା। ସୂଚନା ଅନୁଯାୟୀ ଗୋଗୀ ହାଜର ହେବା ପାଇଁ କୋର୍ଟକୁ ଆସିଥିଲା। ସେଠାରେ ଓକିଲଙ୍କ ବେଶରେ ପୂର୍ବରୁ ଉପସ୍ଥିତ ଥିବା ୨ ସୁଟର ତା ଉପରେ ଗୁଳି ମାଡ କରିଥିଲେ।

- ଗ୍ୟାଙ୍ଗଷ୍ଟାର୍‌କୁ ଗୁଳିକରି ହତ୍ୟା
- ଓକିଲଙ୍କ ବେଶରେ ଆସିଥିଲେ ସୁଟର୍
- ପୁଲିସ ଗୁଳିରେ ୨ ଆକ୍ରମଣକାରୀ ନିହତ
- ଓକିଲଙ୍କ ଦବଙ୍ଗଗିରି ଯୋଗୁଁ ଗୁଳିକାଣ୍ଡ



ହର୍ଷିତା ଦହିଆ

ଦିଲ୍ଲୀ ପୁଲିସ କମିଶନର ରାକେଶ ଅସ୍ଥାନା କହିଛନ୍ତି ଯେ ପୁଲିସର ଜବାବୀ କାର୍ଯ୍ୟାନୁଷ୍ଠାନରେ ୨ ଅପରାଧୀ ନିହତ ହୋଇଥିଲେ। ସେମାନଙ୍କୁ ମଧ୍ୟରୁ ଜଣଙ୍କ ଉପରେ ୫୦ ହଜାର ଟଙ୍କା ପୁରସ୍କାର ଥିଲା। ଓକିଲ ଲଳିତ କୁମାର କହିଛନ୍ତି ଯେ ଆକ୍ରମଣକାରୀ ଗୋଗୀକୁ ୩ଟି ଗୁଳି ମାରିଥିଲେ। ଦିଲ୍ଲୀ ପୁଲିସର ଲୋକେ ଗୋଗୀର ସୁରକ୍ଷା ଦାୟିତ୍ୱରେ ରହିଥିଲେ। ସେମାନେ ୨୫-୩୦ ଗୁଳି ଚଳାଇ ଥିଲେ। ଏଥିରେ ଘଟଣାସ୍ଥଳରେ ଅପରାଧିଙ୍କ ମୃତ୍ୟୁ ହୋଇଥିଲା। ତେବେ ହସ୍ପିଟାଲରେ ଗୋଗୀ ପ୍ରାଣ ହରାଇଥିଲା। ଗୋଗୀର ଶୁଣାଣି ଚାଲିଥିବା ସମୟରେ ଏହି ଘଟଣା ଘଟିଥିଲା। ଏହି ସମୟରେ ବିଚାରପତି, କର୍ମଚାରୀ ଏବଂ ଓକିଲ ଉପସ୍ଥିତ ଥିଲେ। ଜଣେ ପ୍ରଶିକ୍ଷାର୍ଥୀଙ୍କ ଗୋଡରେ ମଧ୍ୟ ଗୁଳି ବାଜିଥିବା ଜଣାପଡିଛି। ଗୁରୁବାର ଅପରାହ୍ଣ ପ୍ରାୟ ୧-୧ଟା୩୦ ମଧ୍ୟରେ ଘଟିଥିଲା। ସୂଚନାଯୋଗ୍ୟ ଯେ ଗୋଗୀ ଗତ ୨ ବର୍ଷ ହେଲା ତିହାର ଜେଲରେ ବନ୍ଦୀ ଥିଲା। ଶୁଣାଣି ପାଇଁ ତାହାକୁ କୋର୍ଟକୁ ଅଣାଯାଇଥିଲା। ଏହି ଆକ୍ରମଣ ପରେ କୋର୍ଟ ପରିସରକୁ ସିଲ କରିଦିଆଯାଇଛି। ଏହି ସମୟରେ ହୋଇଥିବା ଦଳଚକଟାରେ ଜଣେ ମହିଳା ଓକିଲ ଆହତ ହୋଇଛନ୍ତି। ୨୦୨୦ରେ ଜିତେନ୍ଦ୍ରକୁ ଗୁରୁଗ୍ରାମରୁ ଗିରଫ କରାଯାଇଥିଲା। ଗୋଗୀର ସହଯୋଗୀ କୁଲଦୀପ ଫଜ୍ଜାକୁ ମଧ୍ୟ ଧରାଯାଇଥିଲା। ସେ ମାର୍ଚ୍ଚ ୨୫ରେ ଚିକିତ୍ସା ପାଇଁ ଯାଇଥିବାବେଳେ ଜିଟିବି ହସ୍ପିଟାଲରୁ ଫେରାର ହୋଇଯାଇଥିଲା। ପରେ ଏନକାଉଣ୍ଟରରେ ସେ ପ୍ରାଣ ହରାଇଥିଲା। ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ ଅନୁଯାୟୀ ଜିତେନ୍ଦ୍ର ଗୋଗୀ ଅପରାଧ ମାଧ୍ୟମରେ କୋଟି କୋଟି ଟଙ୍କା ଆୟ କରିଥିଲା। ଏହାର ନେଟୱର୍କରେ ୫୦ରୁ ଅଧିକ ଲୋକ ଥିଲେ। ଗୋଗୀ ୨୦୧୭ ଫେବୃଆରୀରେ ଅଲିପୁରର ଦେବେନ୍ଦ୍ର ପ୍ରଧାନ ଏବଂ ଅକ୍ଟୋବରରେ ହରିୟାଣା କଣ୍ଠଶିଳ୍ପୀ ତଥା ନୃତ୍ୟାଙ୍ଗନା ହର୍ଷିତା ଦହିଆଙ୍କୁ ହତ୍ୟା କରିଥିଲା। ହର୍ଷିତା ନିଜ ଭିଣୋଇ ଦିନେଶ କରାଲାଙ୍କ ବିରୋଧରେ ରୁଜୁ ଏକ ହତ୍ୟା ମାମଲାର ମୁଖ୍ୟ ସାକ୍ଷୀ ଥିଲେ।





ଟିଲ୍ଲୁ ତାଜପୁରିଆ

### ଛାତ୍ର ସଂଘ ନିର୍ବାଚନରୁ ଗୋଗୀ ଓ ଟିଲ୍ଲୁ ଗ୍ୟାଙ୍ଗ ମଧ୍ୟରେ ଶତ୍ରୁତା

ଏହି ଗ୍ୟାଙ୍ଗୱାରରେ ଦିଲ୍ଲୀ-ହରିୟାଣାର ବଡ ଗ୍ୟାଙ୍ଗଷ୍ଟାର ଜିତେନ୍ଦ୍ର ଗୋଗୀର ମୃତ୍ୟୁ ହୋଇଛି। ଏହା ପଛରେ ଗୋଗୀର ପୂର୍ବତନ ସହଯୋଗୀ ଟିଲ୍ଲୁ ତାଜପୁରିଆର ହାତ ଥିବା କୁହାଯାଉଛି। ଏହି ଦୁଇ ଜଣଙ୍କ ମଧ୍ୟରେ ୨୦୧୦ର ଏକ ଛାତ୍ରସଂଘ ନିର୍ବାଚନରୁ ଶତ୍ରୁତା ଆରମ୍ଭ ହୋଇଥିଲା। ଏହି ଦୁଇ ଗ୍ୟାଙ୍ଗ ମଧ୍ୟରେ ଅନେକ ଗ୍ୟାଙ୍ଗୱାର ହେଲାଣି। ଏଥିରେ ୨୪ରୁ ଊର୍ଦ୍ଧ୍ୱ ଅପରାଧୀ ପ୍ରାଣ ହରାଇଲେଣି। ଏବେ ଗୋଗୀ ଏହି ଗ୍ୟାଙ୍ଗୱାରରେ ବଳି ପଡିଛି। ଏବେ ଦିଲ୍ଲୀରେ ଟିଲ୍ଲୁ ତାଜପୁରିଆ ଗ୍ୟାଙ୍ଗର କର୍ତ୍ତୃତ୍ୱ ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି। ସୂଚନା ଅନୁଯାୟୀ ଏକଦା ଗୋଗୀ ଏବଂ ଟିଲ୍ଲୁ ଘନିଷ୍ଠ ବନ୍ଧୁ ଥିଲେ। ୨୦୧୦ରେ ଦିଲ୍ଲୀ ସହରର ବାହରର ଏକ ଛାତ୍ରସଂଘ ନିର୍ବାଚନରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲେ। ପରେ ଉଭୟେ ପରସ୍ପରର ଶତ୍ରୁ ପାଲଟି ଯାଇଥିଲେ। ଏହା ପରଠାରୁ ଉଭୟ ଗ୍ୟାଙ୍ଗ ମଧ୍ୟରେ ଗ୍ୟାଙ୍ଗୱାର ଜାରି ରହିଥିଲା।

### ରିପୋର୍ଟ ମାଗିଲା ସ୍ୱରାଷ୍ଟ୍ର ମନ୍ତ୍ରାଳୟ

ଦିଲ୍ଲୀର ରୋହିଣୀ କୋର୍ଟରେ ହୋଇଥିବା ସୁଟଆଉଟ ମାମଲାର ବିସ୍ତୃତ ରିପୋର୍ଟ ମାଗିଛି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରାଳୟ। ସୂଚନା ଅନୁଯାୟୀ ପ୍ରାରମ୍ଭିକ ରିପୋର୍ଟରେ ସୁରକ୍ଷାରେ ତ୍ରୁଟି ଥିବା ସାମ୍ନାକୁ ଆସିଛି। ଏଥିଯୋଗୁଁ ଆକ୍ରମଣକାରୀ କୋର୍ଟ ଭିତରକୁ ଯାଇପାରିଥିଲେ। କିନ୍ତୁ ପୁଲିସ କମିଶନର ସୁରକ୍ଷାରେ ଅବହେଳା ହୋଇଥିବା ମାନୁନାହାନ୍ତି। ପୁଲିସ ଆଲର୍ଟ ଥିବା ସେ କହିଛନ୍ତି। ଦିଲ୍ଲୀରେ ହୋଇଥିବା ଏହି ଘଟଣା ପରେ କୋର୍ଟର ସୁରକ୍ଷା ବ୍ୟବସ୍ଥା ବଦଳିପାରେ। ଏଥିପାଇଁ ନ୍ୟାୟିକ ବ୍ୟବସ୍ଥା ସହ ଜଡିତ ଅଧିକାରୀଙ୍କ ରାୟ ନିଆଯିବ। ବିଚାରପତି, ଓକିଲ, ପୁଲିସ ଏବଂ ଗୁଇନ୍ଦା ବିଭାଗ ମିଶି ନୂଆ ବ୍ୟବସ୍ଥା ଉପରେ ନିଜ ରାୟ ଦେବେ।

### କୋର୍ଟରେ ଗ୍ୟାଙ୍ଗୱାର୍ ନୂଆ ନୁହେଁ

ପ୍ରଥମ ଥର ପାଇଁ ଏକ କୋର୍ଟରେ ଏଭଳି ଗ୍ୟାଙ୍ଗୱାର ହୋଇନାହିଁ। ଏହା ପୂର୍ବରୁ ଦେଶର ଅନେକ କୋର୍ଟରେ ଦିନ ଦ୍ୱିପହରେ ହତ୍ୟା କରାଯାଇଛି। ୨୦୧୯ ଡିସେମ୍ବର ୧୯ରେ ଦିଲ୍ଲୀର ତିହାର ଜେଲରୁ ଶାହନୱାଜ ଏବଂ ଜବାର ନାମକ ଇତିହାସକାର କୋର୍ଟରେ ହାଜର କରିବା ପାଇଁ ବିଜନୌର ନିଆଯାଇଥିଲା। ଏହି ସମୟରେ ଆକ୍ରମଣକାରୀ ଅତର୍କିତ ଗୁଳିମାଡ କରିଥିଲେ। ଏଥିରୁ ୧୧ଟି ଗୁଳି ଶାହନୱାଜଠାରେ ବାଜିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣା ସମୟରେ ଜବାର ଫେରାର ହୋଇଯାଇଥିଲେ। ଏହାକୁ ନେଇ ଉତ୍ତରପ୍ରଦେଶରେ ଭୟର ବାତାବରଣ ଖେଳି ଯାଇଥିଲା। ସେହିପରି ୨୦୧୪ ମେ ୮ରେ ବିହାର ବକ୍ସର ସ୍ଥିତ କୋର୍ଟ ପରିସରରେ ସଶସ୍ତ୍ର ଆତଙ୍କବାଦୀ ଗୁଳିମାଡ କରି କଏଦୀଙ୍କୁ ହତ୍ୟା କରିଥିଲେ। ଏଥିରେ ଅନ୍ୟ ଜଣେ କଏଦୀ ଗୁରୁତର ଆହତ ହୋଇଥିଲେ। ବକ୍ସର ଜେଲରୁ ଏହି କୋର୍ଟଙ୍କୁ କଏଦୀଙ୍କୁ ନିଆଯାଇଥିଲା। ସେଠାରେ ୬ ଜଣ ଆକ୍ରମଣକାରୀ କଏଦୀଙ୍କ ହତ୍ୟା କରିଥିଲେ। ୨୦୧୫ ମେ ୧୪ରେ ହିରାୟାଣା ହିସାର ଜିଲ୍ଲାର କୋର୍ଟ ପରିସରରେ କୁଖ୍ୟାତ ଅପରାଧୀ ସନ୍ଦୀପକୁ ହତ୍ୟା କରାଯାଇଥିଲା।

**ଏୟାରବସ୍ ଡିଫେନ୍ସ ଓ ପ୍ରତିରକ୍ଷା ବିଭାଗ ମଧ୍ୟରେ ୨୦ ହଜାର କୋଟିର ଚୁକ୍ତି**

## ବାୟୁସେନାକୁ ମିଳିବ ୫୬ ସି-୨୯୫ ବିମାନ

**ନୂଆଦିଲ୍ଲୀ, ୨୪।୯(ଏଜେନ୍ସି):** ଭାରତୀୟ ବାୟୁସେନାର ପରିବହନ ଭିତ୍ତିଭୂମିର ରୂପରେଖ ବଦଳିବ। ବାୟୁସେନାକୁ ପରିବହନ କ୍ଷେତ୍ରରେ ଅତ୍ୟାଧୁନିକ ବିମାନ ଯୋଗାଇ ଦେବା ପାଇଁ ପ୍ରତିରକ୍ଷା ବିଭାଗ ଏବଂ ସ୍ପେନର ଏହାରବସ ଡିଫେନ୍ସ କମ୍ପାନୀ ମଧ୍ୟରେ ଶୁକ୍ରବାର ୨୦ ହଜାର କୋଟି ଟଙ୍କାର ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତିନାମା ଅନୁସାରେ ଏୟାରବସ୍ କମ୍ପାନୀ ଭାରତୀୟ ବାୟୁସେନାକୁ ୫୬ଟି ସି-୨୯୫ ବିମାନ ଯୋଗାଇ ଦେବ। ଏଥିମଧ୍ୟରୁ ୧୬ଟି ବିମାନ କମ୍ପାନୀର ସ୍ପେନସ୍ଥିତ କାରଖାନାରୁ ଉଡ଼ାଣ ସ୍ଥିତିରେ ଭାରତକୁ ଯୋଗାଇ ଦେବାକୁ କୁହାଯାଇଥିବା ବେଳେ ବାକି ୪୦ଟି ବିମାନ ଭାରତରେ ନିର୍ମାଣ କରାଯିବ। ତେବେ ଭାରତରେ ଏହି ବିମାନ ନିର୍ମାଣ ଦାୟିତ୍ୱ ଟାଟା ଗ୍ରୁପକୁ ଦିଆଯାଇଛି। ଟାଟା ଗ୍ରୁପ୍ ଅନ୍ତର୍ଗତ ଟାଟା ଆଡଭାନ୍ସଡ ସିଷ୍ଟମସ୍(ଟିଏସିଏଲ) ଦ୍ୱାରା ଏହି ୪୦ଟି ବିମାନର ନିର୍ମାଣ କରାଯିବ। ପ୍ରତିରକ୍ଷା କ୍ଷେତ୍ରରେ ଉପଯୋଗ ହେଉଥିବା ଏଭଳି ବିମାନର ନିର୍ମାଣ ଭାରତରେ ପ୍ରଥମ ହେବାକୁ ଯାଉଥିବା ବେଳେ ପ୍ରତିଷ୍ଠିତ ଉଦ୍ୟୋଗପତି ରତନ ଟାଟା କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରାଳୟର ଏହି ନିଷ୍ପତ୍ତିକୁ ଏକ ଦୃଢ ପଦକ୍ଷେପ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବର୍ତ୍ତମାନ ଭାରତୀୟ ବାୟୁସେନାରେ ସର୍ବାଧିକ ଭାବେ 'ଆଭ୍ରୋ ଏଚଏସ୍-୭୪୮' ଶ୍ରେଣୀର ବିମାନ ବ୍ୟବହାର କରାଯାଉଥିବା ବେଳେ ଏବେ ଅତ୍ୟାଧୁନିକ ସି-୨୯୫ ବିମାନ ଉପଯୋଗ କରିବାକୁ ନିଷ୍ପତ୍ତି ହୋଇଛି। ଭାରତୀୟ ବାୟୁସେନା ବିମାନ ସ୍କ୍ୱାଡ୍ରନରେ ଆଭ୍ରୋ-୭୪୮ ମାଲବାହୀ ବିମାନ ୧୯୬୧ ମସିହାରେ ସାମିଲ ହୋଇଥିଲା। ଅର୍ଥାତ ପ୍ରାୟ ୬୦ ବର୍ଷ ପରେ ଭାରତ ସରକାର ଏହାର ପରିବର୍ତ୍ତନ କରିବାକୁ ଯାଉଛନ୍ତି। ଏହି କାରବାର ପାଇଁ ୧୫ ଦିନ ପୂର୍ବରୁ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍ କମିଟି ମଞ୍ଜୁରୀ ମିଳିସାରିଥିଲା। ମେକ୍-ଇନ-ଇଣ୍ଡିଆ କାର୍ଯ୍ୟକ୍ରମ ଜରିଆରେ ଭାରତରେ ଏହି ପ୍ରକଳ୍ପ କାର୍ଯ୍ୟ କରିବ।

**ଭାରତରେ ବିମାନ ନିର୍ମାଣ କରିବ ଟାଟା**



## ମୋଦୀ-ବାଇଡେନ୍ ଭେଟ୍‌ଘାଟ୍

**ୱାସିଂଟନ,୨୪।୯(ଏଜେନ୍ସି):** ଆମେରିକା ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ହ୍ୱାଇଟ ହାଉସରେ ପ୍ରଥମ ଥର ପାଇଁ ରାଷ୍ଟ୍ରପତି ଜୋ ବାଇଡେନଙ୍କୁ ଭେଟ କରିଛନ୍ତି। ଉଭୟ ନେତା ଏହି ବୈଠକରେ ଦ୍ୱିପାକ୍ଷିକ ସମ୍ବନ୍ଧକୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୋଦୀଙ୍କୁ ହ୍ୱାଇଟହାଉସକୁ ସ୍ୱାଗତ କରି ବାଇଡେନ କହିଥିଲେ ଯେ ଭାରତ ସହିତ କରୋନା, ଜଳବାୟୁ ପରିବର୍ତ୍ତନ ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ପ୍ରସଙ୍ଗରେ କାମ କରିବାକୁ ଚାହାନ୍ତି। ଏହା ପରେ ମୋଦୀ ବାଇଡେନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଥିଲେ। ବାଇଡେନ ନିଜ ମୁମ୍ବଇ ଗସ୍ତର ଅଭିଜ୍ଞତା ଉଲ୍ଲେଖ କରି ଜଣେ ଭାରତୀୟ ବଂଶୋଦ୍ଭବ ମହିଳାଙ୍କୁ ବିବାହ କରିବାକୁ ଚାହୁଁଥିବା କହିଥିଲେ। ମୋଦୀଙ୍କୁ ସ୍ୱାଗତ କରି ବାଇଡେନ କହିଥିଲେ ଯେ ଉପରାଷ୍ଟ୍ରପତି ଥିବା ସମୟରେ ଏହି ଚୌକିରେ ବସୁଥିଲେ। ଏବେ ମୁଁ ରାଷ୍ଟ୍ରପତି ହୋଇଯାଇଛି। ଆପଣ ଏହି ଆସନରେ ବସନ୍ତୁ। ମୋଦୀଙ୍କ ନେତୃତ୍ୱରେ ଭାରତ-ଆମେରିକା ସମ୍ବନ୍ଧ ଅଧିକ ବୃଦ୍ଧି ପାଇଛି। ଦୁଇ ଦେଶର ସମ୍ବନ୍ଧ ବିଶ୍ୱ ପ୍ରତି ଦେଖାଯାଉଥିବା ଅନେକ ସମସ୍ୟାର ସମାଧାନ କରିବାରେ ସହାୟକ ହେବେ। ୨୦୦୬ରେ ଉପରାଷ୍ଟ୍ରପତି ଥିବା ସମୟରେ ୨୦୨୦ ସୁଦ୍ଧା ଭାରତ ଏବଂ ଆମେରିକା ବିଶ୍ୱର ସବୁଠାରୁ ଘନିଷ୍ଠ ଦେଶ ହେବେ ବୋଲି କହିଥିଲି।



## ବାଇଡେନଙ୍କୁ ଟ୍ୟାଗ୍ କରି ସାହାଯ୍ୟ ମାଗିଲେ ଟିକାୟତ

**ନୂଆଦିଲ୍ଲୀ,୨୪।୯(ଏଜେନ୍ସି):** କେନ୍ଦ୍ରର ୩ଟି କୃଷି ଆଇନ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ଚାଷୀ ନେତା ରାକେଶ ଟିକାୟତ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କୁ ଟ୍ୱିଟ କରି ସାହାଯ୍ୟ ମାଗିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବର୍ତ୍ତମାନ ଆମେରିକା ଗସ୍ତରେ ଅଛନ୍ତି। ସେ ବାଇଡେନଙ୍କ ସହ ଶୁକ୍ରବାର ରାତିରେ ଆଲୋଚନା ମଧ୍ୟ କରିଛନ୍ତି। ଏହା ପୂର୍ବରୁ ମୋଦୀଙ୍କ ସହ ଚାଷୀ ଆନ୍ଦୋଳନ ସମ୍ପର୍କରେ ଆଲୋଚନା କରିବାକୁ ଟିକାୟତ ବାଇଡେନଙ୍କୁ ଅନୁରୋଧ କରିଥିଲେ। ସେ ରାଷ୍ଟ୍ରପତିଙ୍କୁ ଟ୍ୟାଗ କରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ଆଣିଥିବା ୩ଟି କୃଷି ଆଇନ ବିରୋଧରେ ଚାଷୀମାନେ ଆନ୍ଦୋଳନ କରୁଛନ୍ତି। ଗତ ୧୧ ମାସ ଧରି ଚାଲିଥିବା ଆନ୍ଦୋଳନରେ ୭୦୦ ଜଣ ଚାଷୀ ପ୍ରାଣ ହରାଇଲେଣି। ଆମକୁ ରକ୍ଷା କରିବା ପାଇଁ ଏହି କଳା ଆଇନକୁ ପ୍ରତ୍ୟାହାର କରାଯିବା ଦରକାର। ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ସମୟରେ ଦୟାକରି ଆମ କଥାକୁ ବିଚାରକୁ ନେବେ ବୋଲି ଟିକାୟତ କହିଛନ୍ତି। ସୂଚନାଯୋଗ୍ୟ ଯେ ଦେଶର ଶତାଧିକ ଚାଷୀ ଦୀର୍ଘ ୧୧ ମାସ ହେଲା ଦିଲ୍ଲୀ ସୀମାରେ କୃଷି ଆଇନକୁ ବିରୋଧ କରି ଆନ୍ଦୋଳନ ଜାରି ରଖିଛନ୍ତି। ସରକାର କୃଷି ଆଇନକୁ ପ୍ରତ୍ୟାହାର କରୁ ନଥିବାରୁ ଆସନ୍ତା ୨୭ ତାରିଖରେ ସେମାନେ ଭାରତ ବନ୍ଦ ଡାକରା ଦେଇଛନ୍ତି। ଏବେ ପ୍ରଧାନମନ୍ତ୍ରୀଙ୍କ ଆମେରିକା ଗସ୍ତ ସମୟରେ ଟିକାୟତ ଟ୍ୱିଟ କରି ବାଇଡେନଙ୍କ ସହଯୋଗ ଲୋଡିଛନ୍ତି।

**ଶିଶୁଙ୍କ ମିଠା ଚୋରି ଅପରାଧ ନୁହେଁ: କୋର୍ଟ**

# ଲହୁଣୀ ଚୋରି ଯଦି ବାଲ୍ୟଲୀଳା ମିଠା ଚୋରି ଅପରାଧ କେମିତି ?

**ନାଳନ୍ଦା, ୨୪।୯ (ଏଜେନ୍ସି)**

ପଡୋଶୀଙ୍କ ଫ୍ରିଜରୁ ମିଠା ଚୋରି କରିଥିବା ଅଭିଯୋଗରେ ଜଣେ ଶିଶୁକୁ ଜୁଭେନାଇଲ କୋର୍ଟ ମୁକ୍ତ କରିଦେଇଛନ୍ତି। ଏହା ସହିତ ପୁଲିସ ଏବଂ ପ୍ରତିପକ୍ଷକୁ ପରାମର୍ଶ ଦେଇଛନ୍ତି। ଲହୁଣୀ ଚୋରି ବାଲ୍ୟ ଲୀଳା ଯଦି ମିଠା ଚୋରି ଅପରାଧ କେମିତି ହେଲା ବୋଲି କୋର୍ଟ କହିଛନ୍ତି। ଜୁଭେନାଇଲ କୋର୍ଟ ମୁଖ୍ୟ ବିଚାରପତି ମାନବେନ୍ଦ୍ର ମିଶ୍ର କହିଛନ୍ତି ଯେ ଆମକୁ ଶିଶୁଙ୍କ ମାମଲାରେ ସହିଷ୍ଣୁ ଏବଂ ସହନଶୀଳ ହେବାକୁ ପଡିବ। କେଉଁ ପରିସ୍ଥିତିରେ ଶିଶୁ ଭୁଲ କରୁଛନ୍ତି ତାହା ବୁଝିବାକୁ ହେବ। ଶିଶୁଙ୍କ ବାଧ୍ୟବାଧକତା, ପରିସ୍ଥିତି, ସାମାଜିକ ସ୍ଥିତି ବୁଝିପାରିଲେ ସେମାନଙ୍କର ଛୋଟ ଛୋଟ ଅପରାଧ ଗୁଡିକ ଉପରେ ଲଗାମ ଲଗାଇବାକୁ ଏବଂ ସେମାନଙ୍କୁ ସାହାଯ୍ୟ କରିବାକୁ ସମାଜ ଆଗକୁ ଆସିବ। ଏହି ମାମଲା ନାଳନ୍ଦା ଜିଲ୍ଲା ହରନୌତ ଥାନା ଅଧିନସ୍ଥ ଏକ ଗ୍ରାମର। ଅଭିଯୁକ୍ତ ଶିଶୁ ଆରାର ବାସିନ୍ଦା। ସେ ନିଜ ମାମୁଁ ଘରକୁ ଯାଇଥିଲେ। ସେପ୍ଟେମ୍ବର ୭ରେ ଭୋକ ଲାଗିବାରୁ ସେ ପଡୋଶୀ ମାଈଁଙ୍କ ଘରକୁ ଚାଲି ଯାଇଥିଲେ ଏବଂ ଭୋକ ବିକଳରେ ଫ୍ରିଜରେ ଥିବା ମିଠା ଖାଇ ଦେଇଥିଲେ। ସେ ସେଠାରେ ଥିବା ଏକ ମୋବାଇଲ ଧରି ଚାଲି ଆସିଥିଲେ ଏବଂ ଗେମ ଖେଳିବାକ ଲାଗିଥିଲେ। ଏଥିଯୋଗୀ ପଡୋଶୀ ମାଈଁ ତାଙ୍କୁ ପୁଲିସକୁ ଦେଇଥିଲେ। ଏହି ମାମଲାରେ କଡା ଟିପ୍ପଣୀ କରି କୋର୍ଟ କହିଛନ୍ତି ଯେ ଆମ ସନାତନ ସଂସ୍କୃତିରେ ଭଗବାନର ବାଲ୍ୟ ଲୀଳାକୁ ଦର୍ଶାଯାଇଛି। ଭଗବାନ କୃଷ୍ଣ ଅନେକ ଥର ଲୋକଙ୍କ ଘରୁ ଲହୁଣୀ ଚୋରି କରି ଖାଇ ମାଠିଆ ଭାଙ୍ଗି ଦେଇଥିଲେ। ଯଦି ବର୍ତ୍ତମାନ ଭଳି ସେତେବେଳର ସମାଜ ଥାଆନ୍ତା ତେବେ ଏହି ବାଲ୍ୟ ଲୀଳା ହିଁ ନଥାନ୍ତା। ପଡୋଶୀଙ୍କୁ ଭୋକ ଲାଗୁଛି, ରୋଗଗ୍ରସ୍ତ ଏବଂ ଅସହାୟ ଥିବା ସମୟରେ ସରକାରଙ୍କୁ ଦୋଷ ଦେବା ପୂର୍ବରୁ ନିଜ ସାଧ ଅନୁସାରେ ତାଙ୍କୁ ସାହାଯ୍ୟ କରିବା ଉଚିତ୍। କୋର୍ଟ ପୁଲିସକୁ ସମାଲୋଚନା କରି କହିଛନ୍ତି ଯେ ଏହି ମାମଲା ଏଫଆଇଆର ପରିବର୍ତ୍ତେ ଜେନେରାଲ ଡାଏରୀରେ ରୁଜୁ କରିବାର ଥିଲା। ଅପରାଧ ସାଧାରଣ ଏବଂ କିଶୋରଙ୍କ ଦ୍ୱାରା ହୋଇଥିଲେ ମାମଲାର ଏଫଆଇଆର ହୋଇନଥାଏ। କିଶୋରଙ୍କୁ ସୁରକ୍ଷିତ ରଖିବା ପାଇଁ କୋର୍ଟ ଜିଲ୍ଲା ବାଲ୍ୟ ସଂରକ୍ଷଣ ସଂଗଠନକୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ଖରାପ ବ୍ୟବହାର କିମ୍ବା ସମସ୍ୟା ଯୋଗୁଁ ଶିଶୁ ଯେମିତି ପୁଣି ଅପରାଧ କରିବାକୁ ବାଧ୍ୟ ନହୁଏ ତାହାର ଧ୍ୟାନ ରଖାଯାଉ। କାଉନସେଲିଂ ସମୟରେ କିଶୋର ମାଜିଷ୍ଟ୍ରେଟଙ୍କୁ କହିଥିଲା ଯେ ତାଙ୍କ ବସ୍ ଡ୍ରାଇଭର ଥିଲେ। ଦୁର୍ଘଟଣାରେ ତାଙ୍କର ପିଞ୍ଜରା ହାଡ ଭାଙ୍ଗିଯିବାରୁ ଏବେ ସେ ଶଯ୍ୟାଶାୟୀ। ମାଆ ମଧ୍ୟ ମାନସିକ ରୋଗରେ ପୀଡିତ। ପରିବାରରେ କେହି ରୋଜଗାର କରୁନଥିବାରୁ ମାଆଙ୍କ ଚିକିତ୍ସା ହୋଇପାରୁନାହିଁ। ଜେଜ ଏବଂ ମାମୁଁଙ୍କ ମୃତ୍ୟୁ ହୋଇସାରିଛି। ଜେଜେମା ବୟସର ଅପରାହ୍ଣରେ ଅଛନ୍ତି। ବାପା-ମାଆ କୋର୍ଟକୁ ଆସିପାରୁ ନାହାନ୍ତି। ଆଗକୁ ଏପରି ଆଉ କରିବି ନାହିଁ।



ସକାଳ
THE SAKALA

# ସଂପାଦକୀୟ



ମୁଁ ଏଭଳି ଏକ ବିଶ୍ୱର ସ୍ୱପ୍ନ ଦେଖୁଛି, ଯେଉଁଠାରେ ଜଣେ ମଧ ଶିଶୁ ଶ୍ରମିକ ନ ଥିବେ, ସବୁ ଶିଶୁ ସ୍କୁଲ ଯାଉଥିବେ ଓ ସେମାନଙ୍କର ଅଧିକାର ସୁରକ୍ଷିତ ଥିବ
-କୈଳାସ ସତ୍ୟାର୍ଥୀ

## ଆଦିବାସୀ ଭାଷାରେ ଶିକ୍ଷାଦାନ ସ୍ୱାଗତଯୋଗ୍ୟ

ମାତୃଭାଷା ଶିକ୍ଷା ଓ ଭାବର ଆଦାନ ପ୍ରଦାନର ଯେ ସବୁଠୁ ସହଜ ମାଧ୍ୟମ ଏଥିରେ ଦ୍ୱିମତ ହେବାର ନାହିଁ। ସେହି ବିଚାରକୁ ଦେଖିଲେ ଆଦିବାସୀ ପିଲାଙ୍କୁ ସେମାନଙ୍କ ମାତୃଭାଷାରେ ଶିକ୍ଷାଦେବାକୁ ଓଡ଼ିଶା ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ସ୍ୱାଗତଯୋଗ୍ୟ। ସରକାରୀ ନିଷ୍ପତ୍ତି ଅନୁସାରେ ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସ୍କୁଲ୍‌ଗୁଡ଼ିକରେ ୨୧ଟି ଆଦିବାସୀ ଭାଷାରେ ଏହି ଶିକ୍ଷା ଦିଆଯିବ ଏବଂ ଏଥିପାଇଁ ପାଠ୍ୟକ୍ରମ, ଶିକ୍ଷକ ମନୋନୟନ ଓ ତାଲିମ ପ୍ରକ୍ରିୟା ଆରମ୍ଭ ହେବା ନିଶ୍ଚିତ ଭାବେ ଏକ ଉତ୍ସାହଜନକ ପଦକ୍ଷେପ। ସବୁଠୁ ବଡ଼ କଥା ହେଲା ଏହା ଆଦିବାସୀମାନଙ୍କର ଭାଷା ସହିତ ସେମାନଙ୍କର ଉଚ୍ଚ ସାଂସ୍କୃତିକ ପରମ୍ପରାକୁ ସୁରକ୍ଷିତ କରିବ।

୨୧ଟି ଆଦିବାସୀ ଭାଷାରେ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ରାଜ୍ୟ ତଫସିଲଭୁକ୍ତ ଜାତି ଓ ଉପଜାତି ଗବେଷଣା ଓ ତାଲିମ ପ୍ରତିଷ୍ଠାନ, ଆଦିବାସୀ ଭାଷା ଓ ସଂସ୍କୃତି ଆକାଡେମୀ ସହିତ ମିଶି ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ବହି ପ୍ରସ୍ତୁତ କରୁଛନ୍ତି। ଏହି ପାଠପଢ଼ା ଆସନ୍ତା ଶିକ୍ଷାବର୍ଷଠାରୁ ଆରମ୍ଭ ହେବ। ମୋଟାମୋଟି ଦେଖିଲେ ଏହି ପ୍ରୟାସ ପଛରେ ସରକାରଙ୍କର ଆବଶ୍ୟକ ଆନୁଷଙ୍ଗିକ ପ୍ରସ୍ତୁତି ରହିଛି। ବହିଗୁଡ଼ିକୁ ଆଦିବାସୀ ପିଲାଙ୍କ ପାଇଁ ଆକର୍ଷଣୀୟ କରିବାକୁ ଦୃଶ୍ୟ, ଚିତ୍ର, କାହାଣୀ, ଲୋକକଳା ଓ ଲୋକକଥା ସମ୍ବଳିତ କରିବା ଯଥାର୍ଥ ମନେହୁଏ; କାରଣ ଏହା ଆଦିବାସୀ ସମାଜ ସହିତ ଯୋଗାଯୋଗକୁ ସମୃଦ୍ଧି କରିବ। ଏହାଛଡ଼ା ଏଥିରେ ତ ଅଙ୍କ, ଅକ୍ଷରଶିକ୍ଷା ଓ ସାଧାରଣ ପାଠ ରହିବା ସ୍ୱାଭାବିକ। ପାଠ ପଢ଼ାଇବାରେ ଶିକ୍ଷକମାନଙ୍କର ଦାୟିତ୍ୱ ସର୍ବାଗ୍ରେ। ତେଣୁ ଏଥିପାଇଁ ଶିକ୍ଷକମାନଙ୍କୁ ତାଲିମ ଦେବାକୁ ପଡ଼ିବ ଏବଂ ସେ ବିଷୟ ମଧ୍ୟ ନିଶ୍ଚିତ କରାଯାଇଛି।

ଓଡ଼ିଶାରେ ୬୨ ପ୍ରକାର ଆଦିବାସୀ ସମ୍ପ୍ରଦାୟର ଲୋକ ବାସ କରନ୍ତି ଏବଂ ସେମାନଙ୍କ ସଂଖ୍ୟା ରାଜ୍ୟ ଜନସଂଖ୍ୟାର ୨୨ ଭାଗରୁ ଅଧିକ। ରାଜ୍ୟରେ ସାନ୍ତାଳି, ହୋ, କୋୟା, ମୁଣ୍ଡା, ବଣ୍ଡା, କିଷାନ, ଦେଶିଆ, କୁବି, କୁଇ, ଗଦ୍ବା, ସଉରା, ଜୁଆଙ୍ଗ, ଭୂୟାଁ, ଭୂମିଜ, ବିଂଝାଲ, ସାଦ୍ରି ଓ ଖଡ଼ିଆ ଆଦି ପ୍ରମୁଖ ଆଦିବାସୀ ଭାଷା ରହିଛି। ସେଥିମଧ୍ୟରୁ ସାତଟି ଭାଷାର ନିଜସ୍ୱ ଲିପି ଅଛି। ଶିକ୍ଷା କ୍ଷେତ୍ରରେ, ବିଶେଷ କରି ଆନୁଷ୍ଠାନିକ ଶିକ୍ଷାରେ ଏସବୁ ଭାଷା ବ୍ୟବହାର ହେଉ ନଥିବାରୁ ତାହା ଗୁରୁତ୍ୱ ହରାଉଛି। ତେଣୁ ପ୍ରାଥମିକ ଶିକ୍ଷାସ୍ତରରେ ଏହାର ବ୍ୟବହାର ଫଳରେ ଆଦିମ ଅଧିବାସୀଙ୍କ ସମେତ ଆଦିବାସୀମାନଙ୍କର ସଂସ୍କୃତିର ପ୍ରମାଣିକତାକୁ ସଂରକ୍ଷିତ କରି ଏହାର ସୁରକ୍ଷା କରାଯାଇପାରିବ। ସବୁଠୁ ବଡ଼କଥା ହେଲା ଆଦିବାସୀ ପିଲାଏ ନିଜ ମାତୃଭାଷାରେ ପାଠ ପଢ଼ିବାର ସୁଯୋଗ ପାଇବେ ଏବଂ ଏହାଦ୍ୱାରା ସେ ଭାଷା ଶିକ୍ଷା ଓ ବିକାଶର ମୂଳଦୁଆ ପଡ଼ିବ, ଯାହା ଭବିଷ୍ୟତର ଗବେଷଣା ଓ ବିକାଶକୁ ସୁହାଇବ।

ଆହୁରି ମଧ୍ୟ ଆଦିବାସୀମାନଙ୍କ ଜୀବନର ଆଦିମ ଓ ରଚନାତ୍ମକ ଦିଗଗୁଡ଼ିକୁ ଜାଣି ତାହାକୁ ସହଜରେ ତାଙ୍କ ଭାଷାରେ ଲିପିବଦ୍ଧ କରାଯାଇପାରିବ। ଗୋଟେ ନୂଆ କଥା ଆରମ୍ଭ ହେଲେ ସମ୍ଭାବ୍ୟ ବିଫଳତାର ଚିତ୍ର ମନକୁ ଆସେ ଓ ତାହାର ବ୍ୟାବହାରିକ ଦିଗ ସମ୍ପର୍କରେ ଅନେକେ ସଂଶୟ ଉଠାଇଥା'ନ୍ତି। ଏ କ୍ଷେତ୍ରରେ ତାହା ହେବା ବିଚିତ୍ର ନୁହେଁ। ଲିପି ଓ ଭାଷାକୁ ଆଦିବାସୀଙ୍କ ପାଇଁ ଉଦ୍ଦିଷ୍ଟ ପାଠ ତଥା ପାଠ୍ୟକ୍ରମରେ ଯୋଡ଼ିବା, ତାଲିମପ୍ରାପ୍ତ ତଥା ଆଦିବାସୀ ଭାଷା ଜାଣିଥିବା ଶିକ୍ଷକ ପାଇବା, ଆବଶ୍ୟକ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ଆଦି ଅନେକ ପ୍ରଶ୍ନ ଉଠିବ। ତାହା ସତ ହୋଇପାରେ; କିନ୍ତୁ ଏହା ଯେ ଏକ ସାଧୁ ଉଦ୍ୟମକୁ ବିଫଳ କରିବ, ସେ ସମ୍ଭାବନା ନାହିଁ। ରାଜ୍ୟରେ ଆଦିବାସୀ ଭାଷାରେ ପିଲାଙ୍କୁ ପାଠ ପଢ଼ାଇବା ଓ ପାଠ୍ୟକ୍ରମ ପ୍ରସ୍ତୁତ କରିବା ବୋଧହୁଏ ଆଜିର ଦିନରେ ଆଉ ଏକ ସମସ୍ୟା ନୁହେଁ। ଆବାସିକ ସ୍କୁଲ୍‌ରେ ବିଭିନ୍ନ ପ୍ରକାର ଆଦିବାସୀ ପିଲା ପଢ଼ୁଛନ୍ତି ଏବଂ ସେମାନଙ୍କର ମାତୃଭାଷା ସମାନ ନୁହେଁ। ଏହା ଯେ ଏ କ୍ଷେତ୍ରରେ ବଡ଼ ସମସ୍ୟା ସୃଷ୍ଟି କରିବ ନାହିଁ ବୋଲି ଆଶା। ଏଥିପାଇଁ ଆଗ୍ରହୀ ପିଲାଙ୍କୁ ମାତୃଭାଷା ଭିତ୍ତିରେ ପୁନଃ ଗୋଷ୍ଠୀଭୁକ୍ତ କରାଯାଇପାରିବ। ପ୍ରବର୍ତ୍ତିତ ତ୍ରିଭାଷୀ ସୂତ୍ରରେ ମାତୃଭାଷା, ଓଡ଼ିଆ ଓ ଇଂରାଜୀ ମଧ୍ୟ ଏସବୁ ସ୍କୁଲ୍‌ରେ ବ୍ୟବହାର ହୋଇପାରିବ।

ଭାଷା ନୀତି ସର୍ବଦା ବାସ୍ତବବାଦୀ ହେବା ଆବଶ୍ୟକ ଏବଂ ଏଥିରେ କୌଣସି ପ୍ରକାର ଭାଷାଗତ ବାଛବିଚାରର ସ୍ଥାନ ନାହିଁ। ଭାଷାକୁ ରାଜନୀତିଠାରୁ ଦୂରରେ ରଖି ଲୌକିକସ୍ତରରେ ରଖିଲେ ଓ ତାହାର ଆତ୍ମାକୁ ଚିହ୍ନିଲେ ତାହା ବଞ୍ଚିବ ଓ ବଢ଼ିବ। ଏହାକୁ ଯୋଗାଯୋଗ, କଥାବାର୍ତ୍ତା, ପାଠପଢ଼ା ଓ ରୋଜଗାରର ଭାଷା କଲେ ଏହା ଅକାଳ ନିଶ୍ଚିହ୍ନ ହେବାରୁ ରକ୍ଷା ପାଇଯିବ। ରାଜ୍ୟ ସରକାରଙ୍କର ଏହି ପ୍ରୟାସ ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ଅତିକମ୍‌ରେ ଏହା ଅନେକ ଆଦିମ ଆଦିବାସୀ ଭାଷାକୁ ଅକାଳ ମୃତ୍ୟୁମୁଖରୁ ବଞ୍ଚାଇ ପାରିବ। ତଥ୍ୟ ଅନୁସାରେ ପ୍ରତି ୧୪ ଦିନରେ ବିଶ୍ୱରେ ଗୋଟିଏ ପ୍ରାଚୀନ ଭାଷାର ଅପମୃତ୍ୟୁ ଘଟୁଛି। ଏହି ପ୍ରକ୍ରିୟାରେ ଚଳିତ ଶତାବ୍ଦୀର ଶେଷ ସୁଦ୍ଧା ବିଶ୍ୱର ସାତ ହଜାର ଭାଷା ମଧ୍ୟରୁ ଅଧା ବିଲୁପ୍ତ ହୋଇଯିବ ବୋଲି ଆଶଙ୍କା କରାଯାଉଛି। ସେ ପ୍ରକ୍ରିୟାକୁ ଆମେ ଆମ ଓଡ଼ିଶା ମାଟିରେ ଅଟକାଇବା ଓ ଆମର କମନୀୟ, ପ୍ରାଚୀନ, ଐତିହ୍ୟମଣ୍ଡିତ ଭାଷାଗୁଡ଼ିକୁ ବିଲୁପ୍ତି ମୁଖରୁ ରକ୍ଷା କରିବା ପାଇଁ ସଂକଳ୍ପବଦ୍ଧ ହେବାର ଏହା ଉପଯୁକ୍ତ ସମୟ।

## ଆତଙ୍କ ମାର୍ଗରେ ଶିଶୁଙ୍କ ଦୁରୁପଯୋଗ



ଡକ୍ଟର ଲକ୍ଷ୍ମଣ ସାହୁ
କଟକ, ମୋ: ୯୦୪୦୧୫୧୪୭୫

ଯୁବକ ଓ ବୟସ୍କମାନେ ଜାଣିଶୁଣି ଆତଙ୍କବାଦୀ କାର୍ଯ୍ୟକଳାପରେ କ୍ଷତି ଏବଂ ଲାଭ ଆକଳନ କରି ଭୁଲ୍ ମାର୍ଗରେ ପ୍ରବେଶ କରନ୍ତି ନାହିଁ, କିନ୍ତୁ କରାଇ ଦିଆଯାଏ। ଶିଶୁମାନେ ମଧ୍ୟ ନିଜେ ଏଭଳି ନିଷ୍ପତ୍ତି ନିଅନ୍ତି ନାହିଁ କିମ୍ବା ଆତଙ୍କବାଦୀ ସଂଗଠନରେ ଯୋଗ ଦିଅନ୍ତି ନାହିଁ, ବରଂ ଆତଙ୍କବାଦୀ ସଂଗଠନ ଦ୍ୱାରା ସେମାନଙ୍କୁ ଅପହରଣ କରି ନିଆଯାଇଥାଏ। ଅନେକ କ୍ଷେତ୍ରରେ କେତେକ ବ୍ୟକ୍ତି ଓ ସଂଗଠନ ବାଳକମାନଙ୍କ ନାମରେ ଆତଙ୍କବାଦ ସୃଷ୍ଟି କରନ୍ତି। ହିଂସାପ୍ରବଣ ଦେଶରେ, ଯେଉଁଠାରେ ଭୋକ ଅଛି, ବେକାରୀ ଅଛି, ସେଠାରେ ପିତାମାତା ପିଲାମାନଙ୍କ ପାଇଁ ସମୟ ଦେଇ ପାରନ୍ତି ନାହିଁ। ସିରିଆ, ଲିବିୟା ଓ ଅନ୍ୟ ଆଫ୍ରିକୀୟ ଦେଶର ଲୋକମାନେ ଗୃହଯୁଦ୍ଧ, ସାମ୍ପ୍ରଦାୟିକ ଜାତିଗତ ଯୁଦ୍ଧରେ ଲିପ୍ତ ରହନ୍ତି। ଯାହାଫଳରେ ବେଆଇନ ସ୍ଥାନାନ୍ତରଣ, ଶରଣାର୍ଥୀ ସମସ୍ୟା ମୁଣ୍ଡବ୍ୟଥାର କାରଣ ସାଜୁଛି। ସାଧାରଣ ଜନତା ଜାତିଗତ ବିନାଶ, ଆତଙ୍କବାଦ ଏବଂ ସମାନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଫଳତଃ ସେହିସବୁ ଦେଶର ଆତଙ୍କବାଦୀ ସଂଗଠନ ନୂତନ ନିଯୁକ୍ତି ଏବଂ ତାଲିମ ପାଇଁ କ୍ଷେତ୍ର ପ୍ରସ୍ତୁତ କରନ୍ତି, ଯେଉଁଠାରୁ ଜଣେ ବାଳକ ଆତଙ୍କବାଦୀ ଆଖ୍ୟା ପାଇଥାଏ।

ନିକଟରେ ମିଳିତ ଜାତିସଂଘରେ ଭାରତର ଉପପ୍ରତିନିଧି କହିଛନ୍ତି ଯେ ପିଲାମାନଙ୍କୁ ବିଦେଶୀ ଆତଙ୍କବାଦୀ ଯୁଦ୍ଧବିମାନର ମାନ୍ୟତା ଦେବା ମାନବିକ ସମ୍ମାନ ପ୍ରତି ବିପଦ, ଏହା ଅମାନୁଷିକତାକୁ ପ୍ରୋତ୍ସାହିତ କରିବ। ଭାରତ ଭଳି ଦେଶଗୁଡ଼ିକର ସଶସ୍ତ୍ର ବିବାଦ ଦ୍ୱାରା ପ୍ରଭାବିତ ହେଉଥିବା ବାଳକମାନଙ୍କ ପ୍ରତ୍ୟାବର୍ତ୍ତନ ଏବଂ ପୁନଃ ଥଇଥାନକୁ ସୁନିଶ୍ଚିତ କରିବା ସହ ସେମାନଙ୍କ ବିକାଶ ପାଇଁ ଉପଯୁକ୍ତ ପନ୍ଥା ନିର୍ଦ୍ଧାରଣ କରିବା ଆବଶ୍ୟକ ବୋଲି ଭାରତ ସୂଚିତ କରିଛି। ବୃତ୍ତିଗତ ଆତଙ୍କବାଦୀ ଭାବରେ ୧୦/୧୨ ବର୍ଷର ବାଳକମାନଙ୍କୁ ବିନିଯୋଗ କରିବାର ନୀତି ଅମାନବୀୟ। ଉଲ୍ଲେଖନୀୟ ହେଉଛି, ୨୦୧୪ରେ ଜାତିସଂଘର ସୁରକ୍ଷା ପରିଷଦ ଏକ ସଂକଳ୍ପ ପାଳିତ କରିଛି (ସଂଖ୍ୟା ୨୧୭୮), ଯେଉଁଥିରେ ଜଣେ ବିଦେଶୀ ଆତଙ୍କବାଦୀକୁ ବ୍ୟକ୍ତି ଭାବରେ ବ୍ୟାଖ୍ୟା କରାଯାଇ କୁହାଯାଇଛି- ଯିଏ ନିଜ ବାସସ୍ଥାନରୁ ନିଜ ଦେଶ ବ୍ୟତୀତ ଅନ୍ୟ ଦେଶରେ ଆତଙ୍କବାଦୀ କାର୍ଯ୍ୟକଳାପ କରିପାରିବ କିମ୍ବା ଯୋଜନା ପ୍ରସ୍ତୁତ କରିବ କିମ୍ବା ଆତଙ୍କବାଦୀ ତାଲିମ ଯୋଗାଇବ କିମ୍ବା ଯୁଦ୍ଧବିମାନ ଗ୍ରହଣ କରିବା ସହିତ ସଶସ୍ତ୍ର ବିବାଦ ସହ ଜଡ଼ିତ ହୋଇପାରିବ।

ଆତଙ୍କବାଦୀ ସଂଗଠନଗୁଡ଼ିକ ବାଳକମାନଙ୍କୁ ପ୍ରତାରଣା କରିବା କିମ୍ବା ସେମାନଙ୍କୁ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ଆକର୍ଷିତ କରିବା ଆଦୌ କଷ୍ଟସାଧ୍ୟ ନୁହେଁ। ଆତଙ୍କବାଦୀ ସଂଗଠନମାନେ ଗୁପ୍ତଚର, ରୋଷେଇଆ, ଆତ୍ମଘାତୀ ବିସ୍ଫୋରଣକାରୀ କିମ୍ବା ମାନବ ବୋମା ଭାବେ



ପିଲାମାନଙ୍କୁ ବ୍ୟବହାର କରୁଛନ୍ତି। ଏହି ପ୍ରକ୍ରିୟାରେ ଦେଖାଦେଇଥିବା ସବୁଠାରୁ ଗମ୍ଭୀର ବିଷୟ ହେଉଛି ଯେ ମାନବ ଚାଲାଣ ଏବଂ କାର୍ଯ୍ୟକଳାପରେ ନାବାଳକକୁ ଦାସତ୍ୱରେ ପ୍ରୋତ୍ସାହିତ କରିବା। ୧୯୫୪ ମସିହା ନଭେମ୍ବର ୨୦ରେ ଅନୁଷ୍ଠିତ ମିଳିତ ଜାତିସଂଘର ସାଧାରଣ ସଭାର ଘୋଷଣାନାମାରେ ଶିଶୁମାନଙ୍କର ଅଧିକାର ସୁରକ୍ଷିତ ରଖିବା ବିଷୟରେ ଉଲ୍ଲେଖ ଅଛି। ୧୯୪୮ରେ ମାନବିକ ଅଧିକାର ଉପରେ ସର୍ବଭାରତୀୟ ଘୋଷଣାନାମା ଓ ଅନ୍ତର୍ଜାତୀୟ ଚୁକ୍ତିନାମା ଅନୁଯାୟୀ ଶିଶୁମାନଙ୍କର ଅଧିକାର ସମେତ ସମସ୍ତ ଲୋକଙ୍କ ଅଧିକାର ତଥା ସ୍ୱାଧୀନତାର ସୁରକ୍ଷା ବିଷୟ ଉଲ୍ଲେଖ ରହିଛି। ଏହି ପରିପ୍ରେକ୍ଷୀରେ ଜାତି, ରଙ୍ଗ, ଧର୍ମ, ଭାଷା ଇତ୍ୟାଦି ଆଧାରରେ ଭେଦଭାବ ନକରିବାକୁ ଆହ୍ୱାନ ଦିଆଯାଇଛି। ନାଗରିକ ତଥା ରାଜନୈତିକ ଅଧିକାର ଉପରେ ଅନ୍ତର୍ଜାତୀୟ ଚୁକ୍ତିର ଧାରା ୨୩ ଏବଂ ୨୪ରେ ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଅଧିକାର ଉପରେ ଗୁରୁତ୍ୱ ଦିଆଯାଇଛି।

ଅନ୍ତର୍ଜାତୀୟ ଚୁକ୍ତିନାମାର ଧାରା ୧୦ ଅନୁଯାୟୀ ଶିଶୁମାନଙ୍କର ସ୍ୱତନ୍ତ୍ର ଅଧିକାର ତଥା କଲ୍ୟାଣର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯିବା ଉଚିତ। ଶିଶୁ ସଶକ୍ତୀକରଣ, ଶିଶୁ ଅଧିକାରର ସୁରକ୍ଷା, ମାନବ ଅଧିକାର, ମାନବ ସମ୍ମାନର ସୁରକ୍ଷା ଆଦି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଭାବନାକୁ ଧ୍ୟାନରେ ରଖି ମିଳିତ ଜାତିସଂଘ ସାଧାରଣ ସଭାର ସଂକଳ୍ପ ନମ୍ବର ୪୪/୨୫ ଅନୁଯାୟୀ ୧୯୮୯ ନଭେମ୍ବର ୨୦ରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ସ୍ୱାକ୍ଷର ଏବଂ ସମର୍ଥନ ପାଇଁ ବିଶ୍ୱର ରାଷ୍ଟ୍ରମାନଙ୍କୁ ଅନୁରୋଧ କରାଯାଇଥିଲା। ମିଳିତ ଜାତିସଂଘର ପ୍ରସ୍ତାବ ଅନୁଯାୟୀ ବିଶ୍ୱରେ ସ୍ୱାଧୀନତା, ନ୍ୟାୟ ଓ ଶାନ୍ତିର ମୂଳଦୁଆ ପକାଇବାକୁ ଶିଶୁ ସଶକ୍ତୀକରଣ ଉପରେ ଗୁରୁତ୍ୱାରୋପ କରାଯିବା ଉଚିତ। ଏହାର ଧାରା ୬ରେ ମଧ୍ୟ ଏକ ବ୍ୟବସ୍ଥା ଅଛି ଯେ ରାଜ୍ୟ ପିଲାମାନଙ୍କ ବଞ୍ଚିବା ସହିତ ସେମାନଙ୍କ ବିକାଶ ପାଇଁ ସର୍ବାଧିକ ସମ୍ଭାବ୍ୟ ପଦକ୍ଷେପ ନିଶ୍ଚିତ କରିବା ଉଚିତ। ଏବେ ସମଗ୍ର ବିଶ୍ୱରେ ବିଭିନ୍ନ ପ୍ରକାରର ଯୁଦ୍ଧ କିମ୍ବା ଗୃହଯୁଦ୍ଧ ଚାଲିଛି। ମିଆଁମାରର ରୋହିଙ୍ଗ୍ୟା ସମସ୍ୟା, ସିରିଆରେ ଶରଣାର୍ଥୀ ସମସ୍ୟା, ଇରାନ, ଇରାକ ଏବଂ ଆଫଗାନିସ୍ତାନରେ ଆଭ୍ୟନ୍ତରୀଣ ଉତ୍ତେଜନା ଏବଂ ଆଫ୍ରିକୀୟ ଦେଶଗୁଡ଼ିକରେ ଜାତିଗତ ସମସ୍ୟା ଶିଶୁ ଅଧିକାରକୁ ଉଲ୍ଲଂଘନ କରୁଛି ଏବଂ ସେମାନଙ୍କର ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ସେଥିପାଇଁ ସମସ୍ତ ସଦସ୍ୟ ରାଷ୍ଟ୍ର ପିଲାମାନଙ୍କର ବଞ୍ଚିବା ପାଇଁ ତଥା ସେମାନଙ୍କର ବହୁମୁଖୀ ବିକାଶକୁ ସୁନିଶ୍ଚିତ କରିବା ପାଇଁ ଉପଯୁକ୍ତ ପ୍ରୟାସ କରିବା ଉଚିତ୍ ବୋଲି ମତ ପ୍ରକାଶ ପାଇଛି।

ଶିଶୁ ଅଧିକାର ଚୁକ୍ତି ମିଳିତ ଜାତିସଂଘର ଏକ ପ୍ରମୁଖ ବିଶ୍ୱସ୍ତରୀୟ ପ୍ରୟାସ। ଶିଶୁ ସଶକ୍ତୀକରଣକୁ ଏକ ବିଶ୍ୱସ୍ତରୀୟ ଆନ୍ଦୋଳନ କରିବା ଲକ୍ଷ୍ୟରେ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା କରାଯାଇଛି। ସଦସ୍ୟ ରାଷ୍ଟ୍ରଗୁଡ଼ିକରେ ଶିଶୁମାନଙ୍କୁ ସମସ୍ତ ପ୍ରକାର ଅର୍ଥନୈତିକ ଶୋଷଣ ଏବଂ ନିଶା ଦ୍ରବ୍ୟର ବ୍ୟବହାରରୁ ରକ୍ଷା କରିବା ପାଇଁ ପ୍ରଭାବଶାଳୀ ପଦକ୍ଷେପ ନିଆଯାଇଛି। ୨୦୦୦ ଜାନୁୟାରୀ ୧୨ରେ ଶିଶୁ ଅଧିକାରର ସୁରକ୍ଷାକୁ ସୁଦୃଢ଼ କରିବାକୁ ସଶସ୍ତ୍ର ଯୁଦ୍ଧରେ ପିଲାମାନଙ୍କର ସମ୍ପୃକ୍ତି ସହ ଜଡ଼ିତ ବିକଳ୍ପ ପ୍ରୋଟୋକଲଗୁଡ଼ିକୁ କାର୍ଯ୍ୟକାରୀ କରାଗଲା। ବାଳକମାନଙ୍କୁ ଦେଶରେ ବିଦ୍ରୋହ ଓ ଯୁଦ୍ଧରେ ଜଡ଼ିତ ନହେବାକୁ ଆହ୍ୱାନ କରାଯାଇଛି। ଆଫ୍ରିକୀୟ ଦେଶମାନଙ୍କରେ ବର୍ତ୍ତମାନ ଅଧିକ ସଂଖ୍ୟକ ନାବାଳକ ଅଛନ୍ତି। ସେମାନଙ୍କୁ ସୈନିକ, କ୍ୟାମ୍ପ କର୍ମଚାରୀ, ଦାସ ଏବଂ ଚୋରା ଚାଲାଣକାରୀ ଭାବରେ କାର୍ଯ୍ୟ କରିବାକୁ ପଡୁଛି। ସୈନିକ ଭାବରେ ପିଲାମାନଙ୍କୁ ବ୍ୟବହାର କରାଯାଉଛି। ଏଭଳି ଏକ ନିଷ୍ଠୁର ତଥା ଅମାନୁଷିକ କାର୍ଯ୍ୟ ଅନେକ ଦେଶରେ ପ୍ରଚଳିତ ହୋଇ ଆସୁଛି। ୟୁନିସେଫ୍ ପକ୍ଷରୁ ଦର୍ଶାଯାଇଛି, ପ୍ରତିବର୍ଷ ପ୍ରାୟ ଏକ ନିୟୁତ୍ ନାବାଳକଙ୍କ ମଧ୍ୟରୁ ଅଧିକାଂଶ ଝିଅଙ୍କୁ, ଯୌନ କାର୍ଯ୍ୟରେ ଲିପ୍ତ କରାଯାଉଛି। ଭାରତରେ ମାଓବାଦୀମାନେ ଶିଶୁ ସୈନିକ ନିଯୁକ୍ତି ଏବଂ ଉତ୍ତର-ପୂର୍ବ ରାଜ୍ୟରେ କାର୍ଯ୍ୟ କରୁଥିବା ଆଲଗା ଗୋଷ୍ଠୀ ଦ୍ୱାରା ହିଂସାତ୍ମକ କାର୍ଯ୍ୟକଳାପ ବିଷୟରେ ଖବର ରହିଛି।

ମାନବ ଅଧିକାର ପାଇଁ ଏସୀୟ କେନ୍ଦ୍ର ୨୦୧୩ ରିପୋର୍ଟରେ ସ୍ପଷ୍ଟ କରିଛି ଯେ ଜାମ୍ମୁ-କାଶ୍ମୀର ଏବଂ ଉତ୍ତର-ପୂର୍ବ ଭାରତୀୟ ରାଜ୍ୟରେ ଅତି କମରେ ତିନି ହଜାର ଶିଶୁ ସୈନିକ ହିଂସାତ୍ମକ କାର୍ଯ୍ୟକଳାପ କରିବା ଉଦ୍ଦେଶ୍ୟରେ ଉଗ୍ରବାଦୀ ସଂଗଠନଗୁଡ଼ିକରେ କାର୍ଯ୍ୟ କରୁଛନ୍ତି। ବଡ଼ ଆଶ୍ଚର୍ଯ୍ୟର ଯେ ଭାରତରେ ଏଭଳି ଆତଙ୍କବାଦୀ ବିଚ୍ଛିନ୍ନତାବାଦୀ ଦଳ ନାହାନ୍ତି। ଏହି ଅଭିଯାନ ପାଇଁ ଶିଶୁମାନଙ୍କୁ ନିଯୋଜିତ କରନ୍ତି ବୋଲି ଭାରତ କେବେ ଏହି ଅଭିଯୋଗ କରି ନାହିଁ। ୨୦୦୪ରେ ସଶସ୍ତ୍ର ବିବାଦରେ ଶିଶୁଙ୍କ ସଂଲଗ୍ନ ପାଇଁ ବିକଳ୍ପ ପ୍ରୋଟୋକଲ୍ ଭାରତ ସ୍ୱାକ୍ଷର କରିଥିଲା ଏବଂ ନଭେମ୍ବର ୨୦୦୫ରେ ମଧ୍ୟ ଏହାକୁ ସମର୍ଥନ କରିଥିଲା। ଏହାସତ୍ତ୍ୱେ ୨୦୦୫ ମସିହାରୁ ଛତିଶଗଡ଼ ଭଳି ନକ୍ସଲ୍ ପ୍ରଭାବିତ ଅଞ୍ଚଳରେ ଶିଶୁ ସୈନିକ ନିଯୁକ୍ତି ଉପରେ ମାନବ ଅଧିକାର ସଂଗଠନ ଅଙ୍କୁଶ ଲାଗୁ କରିଛି। ତେବେ ଆତଙ୍କବାଦୀମାନଙ୍କ କାର୍ଯ୍ୟକଳାପରେ ନିୟୋଜିତ ଶିଶୁମାନଙ୍କ ମୁକ୍ତି କେବେ ସମ୍ଭବ ତାହା ସମୟ କହିବ।

## ବାଣୀରୁ ପରିଚୟ

ଜ୍ଞାନାଞ୍ଜନ
ପରିବ୍ରାଜକ

ବାଣୀ ଓ ବ୍ୟବହାର- ଏ ଦୁଇଟିରୁ ହିଁ ମଣିଷର ପରିଚୟ ଜଣାପଡ଼ିଯାଏ। ଜଣେ ମଣିଷକୁ ଆମେ ସ୍ୱଚକ୍ଷୁରେ ଦେଖି ନଥିଲେ ବି ଫୋନ୍ କିମ୍ବା ମୋବାଇଲ୍‌ରେ କଥା ହେବା ବେଳେ ମାର୍ଜିତ କଥାବାର୍ତ୍ତା ଏବଂ ଶିଷ୍ଟ ବ୍ୟବହାରରୁ ତାଙ୍କ ବ୍ୟକ୍ତିତ୍ୱକୁ ଆମେ ଜାଣିପାରୁ। ଅବଶ୍ୟ ଆଜିର ଯୁଗରେ ଅନ୍ୟକୁ ଠକିବା ବା ପ୍ରତାରଣା କରିବା ପାଇଁ ଜଣେ ଧପାବାଜ ଭଦ୍ରତାର କୃତ୍ରିମ ଆଚରଣ କରିଥାଏ। କିନ୍ତୁ ଏହା ଚିରସ୍ଥାୟୀ ନୁହେଁ। କେଉଁଠି ନା କେଉଁଠି ଭଦ୍ର ଖୋଳପାର ଆବରଣ ତଳେ ଲୁଚି ରହିଥିବା ସୈତାନଟି ଦିନେ ଆତ୍ମପ୍ରକାଶ କରେ। ଆମ୍ଭେମାନେ ସମସ୍ତେ ଗୋଟିଏ କଥା ମନେ ରଖିବା ଉଚିତ୍ ଯେ ଜୀବନରେ କୃତ୍ରିମତାର କଦାପି ସ୍ଥାନ ନାହିଁ। ଏହାକୁ ନେଇ ଗୋଟିଏ କାହାଣୀ-

ସୈନ୍ୟ ସାମନ୍ତଙ୍କ ସହ ରାଜା ପାରିଧିକୁ ଯାଇଥିଲେ। ଜଙ୍ଗଲରେ ବୁଲୁ ବୁଲୁ ତାଙ୍କୁ ପ୍ରବଳ ଶୋଷ ଲାଗିଲା। ରାଜା ଚାରିଆଡ଼କୁ ନଜର ପକାଇଲେ। ଦୂରରେ ଦେଖିଲେ ଏକ କୁଡ଼ିଆ ଘରେ ଜଣେ ଅନ୍ଧବ୍ୟକ୍ତି ଅଛନ୍ତି। ତାଙ୍କ ସାମନାରେ ଏକ ପାଣି ମାଠିଆ ରଖା ହୋଇଥାଏ। ସେହି ମାଠିଆରୁ ପାଣି ଲୋଟାଏ ଆଣିବା ପାଇଁ ରାଜା ଜଣେ ସିପାହୀକୁ ପଠାଇଲେ। ସିପାହୀ ଜଣକ କୁଟୀର ପାଖରେ ପହଞ୍ଚି କହିଲା- 'ହେ ଅନ୍ଧ ବୁଢ଼ା। ଆମ ଆମ ରାଜା ଖୁବ୍ ତୃଷାର୍ତ୍ତ। ପାଣି ଲୋଟାଏ ନେବି।' ସିପାହୀର ଏ ଧମକ୍‌ପୂର୍ଣ୍ଣ କଥାକୁ ତିଳେମାତ୍ର ଖାତିର ନକରି ଅନ୍ଧ ବ୍ୟକ୍ତି ଜଣକ କହିଲେ- 'ଯା ଯା। ତୋ ଭଳି ସିପାହୀକୁ ମୋ ଜୀବନରେ କେତେ ଦେଖିଛି। ତୋ ଧମକକୁ ମୁଁ ଡରିନି।' ସିପାହୀଟି ଫେରିଯାଇ ରାଜାଙ୍କୁ ସବୁକଥା କହିଲା। ସବୁ ଶୁଣିସାରି ରାଜା ଏବେ ସେନାପତିଙ୍କୁ ପଠାଇଲେ।

ବୃଦ୍ଧଙ୍କ କୁଡ଼ିଆ ନିକଟରେ ସେନାପତି ପହଞ୍ଚି କହିଲେ- 'ହେ ଅନ୍ଧ ମହାଶୟ! ରାଜାଙ୍କ ପାଇଁ ପାଣି ଲୋଟାଏ ଦିଅ। ପ୍ରତିବଦଳରେ ତୁମକୁ ବହୁତ ପୁରସ୍କାର ମିଳିବ।' ଏତେକ ଶୁଣି ଅନ୍ଧ ବ୍ୟକ୍ତି ଜଣକ ଚଢ଼ା ଗଳାରେ କହିଲେ- 'ତୁ ବୋଧେ ପ୍ରଥମେ ଆସିଥିବା ସିପାହୀର ସର୍ଦ୍ଦାର। ଅର୍ଥାତ୍ ତୁ ହେଉଛୁ ସେନାପତି। ଏଠୁ ତୁରନ୍ତ ପଳା। ଟୋପାଏ ବି ପାଣି ମିଳିବନି।' ସେନାପତି ଏତକ ଶୁଣି ଖାଲି ହାତରେ ଫେରିବାକୁ ବାଧ୍ୟହେଲେ।

ଖାଲି ହାତରେ ସେନାପତି ଫେରିଥିବାର ଦେଖି ରାଜା ସ୍ୱୟଂ ପାଣି ମାଗିବା ପାଇଁ କୁଟୀର ନିକଟକୁ ଧାଇଁଲେ। ସେଠାରେ ପହଞ୍ଚି ପ୍ରଥମେ ଅନ୍ଧବୃଦ୍ଧ ବ୍ୟକ୍ତିଙ୍କୁ ନମସ୍କାର ଜଣାଇ ହାତଯୋଡ଼ି କହିଲେ- 'ବାବା, ଶୋଷରେ ମୋ ତଣ୍ଟି ଶୁଖିଗଲାଣି। ପାଣି ଲୋଟାଏ ଯଦି ପାନ କରିବାକୁ ଦିଅନ୍ତେ, ତେବେ ଈଶ୍ୱର ଆପଣଙ୍କର ଅଶେଷ ମଙ୍ଗଳ କରନ୍ତେ। ଟିକେ କୃପା କରନ୍ତୁ ବାବା।'

ଏତକ ଶୁଣି ଅନ୍ଧ ବ୍ୟକ୍ତି ଜଣକ ତୁରନ୍ତ ନିଜ ଆସନରୁ ଉଠିଯାଇ ଅଣ୍ଡାଳି ଅଣ୍ଡାଳି ରାଜାଙ୍କ ପାଖରେ ପହଞ୍ଚି ତାଙ୍କୁ କୁଟୀର ଭିତରକୁ ପାଛୋଟି ଆଣି ଆସନରେ ବସାଇ କହିଲେ- 'ଆଜି ମୋ କୁଡ଼ିଆ ଖଣ୍ଡକ ଧନ୍ୟ ହୋଇଗଲା। ରାଇଜର ରାଜା ଯେତେବେଳେ ମୋ ପାଖରେ ସେତେବେଳେ ମୁଁ ବି ଆଜି ଧନ୍ୟ। ଏଇ ନିଅନ୍ତୁ ପାଣି। ତୃଷା ମେଣ୍ଟାନ୍ତୁ।' ଜଳପାନ ପରେ ରାଜା ପଚାରିଲେ- 'ଆପଣ ତ ଅନ୍ଧ। ହେଲେ ଲୋକମାନଙ୍କୁ ଚିହ୍ନି ପାରୁଛନ୍ତି କେମିତି? ପ୍ରଥମ ବ୍ୟକ୍ତିକୁ ସିପାହୀ, ଦ୍ୱିତୀୟ ବ୍ୟକ୍ତିକୁ ସେନାପତି ଏବଂ ମୋତେ ରାଜା ବୋଲି କେମିତି ଚିହ୍ନିପାରିଲେ?' ବ୍ୟକ୍ତିଜଣକ ହାତଯୋଡ଼ି ଉତ୍ତର ଦେଲେ- 'ବ୍ୟକ୍ତିଙ୍କ ବାଣୀରୁ ତାଙ୍କର ସ୍ତର ବାବଦରେ ସହଜରେ ଜଣାପଡ଼ିଯାଏ।'

## ବିରାଟଙ୍କ ବିସ୍ମୟକର ନିଷ୍ପତ୍ତି !

ନିର୍ମଳ କୁମାର ମିଶ୍ର
ନିମାପଡ଼ା, ମୋ: ୯୪୩୭୨୮୦୧୯୧

ଆସନ୍ତା ମାସରୁ ଆରମ୍ଭ ହେଉଛି ଆଇସିସି ଟି-୨୦ ବିଶ୍ୱକପ୍। ବିସିସିଆଇ ଏଥିପାଇଁ ବିରାଟ କୋହଲିଙ୍କ ନେତୃତ୍ୱରେ ବହୁ ଆଗରୁ ଟିମ୍ ଘୋଷଣା କରିସାରିଛି। ଏହି ସମ୍ମାନଜନକ ଟି-୨୦ ବିଶ୍ୱକପ୍ ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇସାରିଛି। ମେଣ୍ଟର ମହେନ୍ଦ୍ର ସିଂହ ଧୋନୀ, କୋଚ୍ ରବି ଶାସ୍ତ୍ରୀ, ଅଧିନାୟକ ବିରାଟ କୋହଲି ବଡ଼ ଗେମ୍‌ପ୍ଲାନ କରି ସାରିଥିବା ବେଳେ ହଠାତ୍ ବିରାଟ କୋହଲି ଟି-୨୦ ବିଶ୍ୱକପ୍ ପରେ ଏହି ଫର୍ମାଟର ଅଧିନାୟକ ଦାୟିତ୍ୱରୁ ମୁକ୍ତ ହେବା ଘୋଷଣା କ୍ରିକେଟ୍ ଜଗତକୁ ଆଶ୍ଚର୍ଯ୍ୟ କରିଛି।

ଡବ୍ଲୁଟିସି ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡଠାରୁ ଭାରତର ପରାଜୟକୁ ଭାରତୀୟ କ୍ରିକେଟ୍ ପ୍ରେମୀ ସହଜରେ ଗ୍ରହଣ କରି ନଥିଲେ। ସେଥିପାଇଁ ବେଶ୍ ଚାପରେ ରହିଥିଲେ ଟିମ୍ ଇଣ୍ଡିଆର ଏହି ଷ୍ଟାର ଆଗ୍ରେସିଭ୍ ଅଧିନାୟକ। କ୍ରିକେଟ୍‌ର ୩ଟି ଫର୍ମାଟରେ ଅଧିନାୟକ ରହିଥିଲେ। ସେଥିପାଇଁ ବେଶ୍ ଚାପରେ ରହିବା ସ୍ୱାଭାବିକ। ବିରାଟଙ୍କର ଏହି ବିରାଟ ନିଷ୍ପତ୍ତି ସମସ୍ତ କ୍ରିକେଟ୍ ପ୍ରେମୀଙ୍କୁ ଚମକାଇ ଦେଇଛି। ବିରାଟଙ୍କ ଏପରି ନିଷ୍ପତ୍ତିକୁ ଅନେକ ପୂର୍ବତନ କ୍ରିକେଟିୟର ଏବଂ ବିସିସିଆଇର ଅଧିକାଂଶ ସଦସ୍ୟ ସ୍ୱାଗତ କରିଥିବାବେଳେ ଅନେକ ପୂର୍ବତନ ଖେଳାଳି ବିରାଟଙ୍କୁ ଏହି ଫର୍ମାଟରେ ଅଧିକ ସମୟ ପାଇଁ ଅଧିନାୟକ ରହିବା ପାଇଁ ଚାହୁଁଥିଲେ। ଗତ କିଛିବର୍ଷ ଧରି ୩ଟି ଫର୍ମାଟରେ ଅଧିନାୟକ ରହିବା ଏବଂ ଅତ୍ୟଧିକ ମ୍ୟାଚର ଚାପ ଯୋଗୁଁ ତାଙ୍କ ବ୍ୟାଟିଂ ପ୍ରଦର୍ଶନ ବେଶ୍ ପ୍ରଭାବିତ ହୋଇଥିଲା। ୩୨ ବର୍ଷୀୟ ଏହି ଆକ୍ରମଣାତ୍ମକ ବ୍ୟାଟ୍‌ସମ୍ୟାନ୍ କ୍ରିକେଟର ୩ଟି ଫର୍ମାଟରେ ଯଦିଓ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି ଏବଂ ସମସ୍ତ ଫର୍ମାଟରେ ତାଙ୍କର ଆଭରେଜ ୫୦ ଉପରକୁ ରହିଛି ତଥାପି ତାଙ୍କର ଅଧିନାୟକତ୍ୱରେ ଟିମ୍ ଇଣ୍ଡିଆ ଏ ପର୍ଯ୍ୟନ୍ତ କୌଣସି ଆଇସିସି ଟ୍ରଫି ଜିତିବାକୁ ସକ୍ଷମ ନହେବା ତାଙ୍କ କ୍ରିକେଟ୍ ଅଧିନାୟକତ୍ୱ ଉପରେ ପ୍ରଶ୍ନ ଚିହ୍ନ ଲଗାଇଥିଲା।

ପୂର୍ବରୁ ଟିମ୍ ଇଣ୍ଡିଆର ଅନ୍ୟତମ ଶ୍ରେଷ୍ଠ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ୨୦୧୪ରେ ଅବସର ପରେ ଟିମ୍ ଇଣ୍ଡିଆର ଦାୟିତ୍ୱ ଅତି ସଫଳତାର ସହିତ ତୁଲାଇବା ସହିତ ୨୦୧୭ରେ ଧୋନୀଙ୍କଠାରୁ ଅଧିନାୟକ ଦାୟିତ୍ୱ ନେବା ଏବଂ ଅଧିନାୟକ ହିସାବରେ ଏକଦିବସୀୟ ମ୍ୟାଚ୍‌ରେ ଦମଦାର ପ୍ରଦର୍ଶନ କରିବା ସହିତ ସେହିବର୍ଷ ମଧ୍ୟ ଧୋନୀଙ୍କ ପରେ ଅଧିନାୟକ ଦାୟିତ୍ୱ ନେଇଥିଲେ। ଫଳରେ ଧୋନୀଙ୍କ ପରେ ବିରାଟ କ୍ରିକେଟର ୩ଟି ଫର୍ମାଟରେ ଅଧିନାୟକ ହୋଇପାରିଥିଲେ।





ଅତ୍ୟଧିକ ଚାପ ଯୋଗୁଁ ୨୦୧୯ ପରଠାରୁ ତାଙ୍କର ପ୍ରଦର୍ଶନରେ ସ୍ଥିରତା ନ ରହିବା ଯୋଗୁଁ ତାଙ୍କୁ ବେଶ୍ ସମାଲୋଚନା କରାଯାଇଥିଲା। ଫଳରେ ଆଇସିସି ର୍‍ୟାଙ୍କିଂରେ ମଧ୍ୟ ତାଙ୍କର ଗତି ତଳମୁହାଁ ହୋଇଥିଲା। ପୂର୍ବରୁ ମହେନ୍ଦ୍ର ସିଂହ ଧୋନୀଙ୍କ ସହ ତିକ୍ତତା ଏପରିକି ଟିମ୍ ମନୋନୟନରେ ଯୁବଖେଳାଳିମାନଙ୍କୁ ପ୍ରାଧାନ୍ୟ ନ ଦେବା ଏପରିକି ରୋହିତ ଶର୍ମାଙ୍କୁ ଟି-୨୦ ଅଧିନାୟକ ଦାୟିତ୍ୱ ଦେବା ଏବଂ ଏବେ ଟି-୨୦ ବିଶ୍ୱକପ୍‌ରୁ ଶିଖର ଧାୱନ ବାଦ୍ ପଡ଼ିବା ତାଙ୍କୁ କିଛି ପରିମାଣରେ ଚାପରେ ରଖିଥିଲା।

ଏପର୍ଯ୍ୟନ୍ତ ୯୬ଟି ଟେଷ୍ଟ ମ୍ୟାଚ୍ ଖେଳି ୫୧ ଆଭରେଜ୍‌ରେ ୭୭୬୫ ରନ୍ ସଂଗ୍ରହ କରିବା ଏବଂ ୨୫୪ଟି ଏକଦିବସୀୟ ମ୍ୟାଚ୍‌ରେ ୫୯ ଆଭରେଜ୍‌ରେ ୧୨୧୬୯ ରନ୍ କରିବା ସହିତ ୯୦ଟି ଟି-୨୦ ମ୍ୟାଚ୍‌ରୁ ୫୨ ଆଭ୍‌ରେଜ୍‌ରେ ୩୧୫୯ ରନ୍ କରିଥିଲେ ମଧ୍ୟ ଅଧିନାୟକ ହିସାବରେ ଟି-୨୦ରେ ୪୫ଟି ମ୍ୟାଚ୍‌ରୁ ୨୭ଟି ବିଜୟ ୧୪ଟି ପରାଜୟ ୨ଟି ମ୍ୟାଚ୍ ଟାଇ ସହ ୬୫ ଶତକଡ଼ା ବିଜୟ ଏବଂ ଟି-୨୦ରେ ଶତକ ହାସଲ ନ କରି ପାରିବା ଏବଂ ସର୍ବାଧିକ ସ୍କୋର ୯୪ ନଟ୍‌ଆଉଟ୍ ରହିବା ତାଙ୍କୁ ବ୍ୟାକ୍‌ଫୁଟ୍‌ରେ ରଖିଥିଲା। ୨୦୧୦ରେ ଜିମ୍ବାୱେ ବିପକ୍ଷରେ ନିଜର ଟି-୨୦ କ୍ୟାରିୟର ଆରମ୍ଭ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ୯୦ଟି ମ୍ୟାଚ୍‌ରୁ ୨୮ଟି ଅର୍ଦ୍ଧଶତକ ହାସଲ କରିଛନ୍ତି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆଇପିଏଲ୍‌ର ଟି-୨୦ ଫର୍ମାଟରେ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଦଳର ଅଧିନାୟକ ରହିଥିବାବେଳେ ମୋଟ୍ ୧୯୯ଟି ମ୍ୟାଚ୍‌ରୁ ମାତ୍ର ୩୮ ଆଭରେଜ୍‌ରେ ୬୦୭୬ ରନ୍ ସଂଗ୍ରହ କରିଛନ୍ତି। ଏକଦିବସୀୟ ଫର୍ମାଟରେ ନିଜର ଦମଦାର ପ୍ରଦର୍ଶନ ଅବ୍ୟାହତ ରଖିଛନ୍ତି କୋହଲି। ୪୩ଟି ଶତକ ୬୨ଟି ଅର୍ଦ୍ଧଶତକ ସହ ୫୯ ଆଭରେଜ୍‌ରେ ୧୨୧୬୯ ରନ୍ ସଂଗ୍ରହ କରିବା ସହିତ ସର୍ବାଧିକ ସ୍କୋର ୧୮୩ ରନ୍ ରହିଛି। ୩ଟି ଫର୍ମାଟରେ ୨୩ ହଜାରରୁ ଉର୍ଦ୍ଧ୍ୱ ରନ୍ ସଂଗ୍ରହ କରିବା ସହିତ ୨୦୧୪ ଏବଂ ୨୦୧୬ ଆଇସିସି ଟି-୨୦ ୱାଲର୍ଡ କପ୍‌ରେ 'ମ୍ୟାନ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ' ହେବାର ସୌଭାଗ୍ୟ ଲାଭ କରିଥିଲେ।

କ୍ରିକେଟ୍‌ର ଏହି ଛୋଟିଆ ଫର୍ମାଟରେ ହ୍ୱାଇଟ୍ ବଲ୍ ସ୍ପେସିଆଲିଷ୍ଟ ରୋହିତ ଶର୍ମାଙ୍କ ନାମ ଅଧିନାୟକ ପଦ ପାଇଁ ବିବେଚନା କରାଯାଉଛି। ବିରାଟ କୋହଲିଙ୍କ ଅନୁପସ୍ଥିତିରେ ଏହି ଆଗ୍ରେସିଭ୍ ବ୍ୟାଟସମ୍ୟାନ୍ ଟି-୨୦ ମ୍ୟାଚ୍‌ରେ ୧୯ଟି ମ୍ୟାଚ୍‌ରେ ଅଧିନାୟକ ହେବା ସହିତ ୧୫ଟିରେ ବିଜୟୀ ହେବା ସହିତ ଏହି ଅଧିନାୟକ ଦୌଡ଼ରେ ହଟ୍ ଫେବରାଇଟ୍ କୁହାଯାଉଛି। ଆଇସିସିର ଏହି ଟି-୨୦ ଫର୍ମାଟରେ ରୋହିତ ଅଧିକ ସଫଳତା ପାଉଛନ୍ତି। ଅଧିକାଂଶ ମ୍ୟାଚ୍‌ରେ କାମଚଳା ଅଧିନାୟକ ରୂପେ ବେଶ୍ ସଫଳତା ପାଇଥିବା ବେଳେ ବିସିସିଆଇ ତାଙ୍କ ମୁଣ୍ଡରେ ସୁନା କଳସ ଢ଼ାଳିବାର ସ୍ପଷ୍ଟ ଜଣାପଡୁଛି। ଆଇପିଏଲ୍‌ରେ ମଧ୍ୟ ମୁମ୍ବାଇ ଇଣ୍ଡିଆନ୍ସକୁ ସର୍ବାଧିକ ୫ଥର ଜିତାଇବାରେ ରୋହିତଙ୍କ ଅଧିନାୟକତ୍ୱ ବେଶ୍ ସହାୟକ ହୋଇଛି। ଅଷ୍ଟ୍ରେଲିଆ କ୍ରିକେଟ ପରି ୩ଟି ଫର୍ମାଟରେ ୩ ଜଣ ଅଧିନାୟକ ରହିଲେ ଚାପ କମ୍ ରହିବ ଏବଂ ଟିମ୍ ଭଲ ପ୍ରଦର୍ଶନ କରିବ ବୋଲି ବିସିସିଆଇର ଏହା ନିଷ୍ପତ୍ତି ହୋଇପାରେ। ନିଉଜିଲାଣ୍ଡର ଅଧିନାୟକ କେନ୍ ୱିଲିୟମସନ୍ ଗତ କିଛି ବର୍ଷ ହେବ କ୍ରିକେଟ୍‌ର ୩ଟି ଫର୍ମାଟରେ ଅଧିନାୟକ ରହି ନିଉଜିଲାଣ୍ଡକୁ ଆଇସିସି ଏକଦିବସୀୟ ଫାଇନାଲ୍ ଏବଂ ଡବ୍ଲୁଟିସି ଫାଇନାଲ୍‌ରେ ଚାମ୍ପିଆନ୍ କରାଇବା ସହିତ ଭଲ ପ୍ରଦର୍ଶନ କରୁଥିଲେ ମଧ୍ୟ ବିରାଟ ଚାପ ଯୋଗୁଁ ଠିକ୍ ପ୍ରଦର୍ଶନ କରିପାରୁ ନାହାନ୍ତି ବୋଲି କ୍ରିକେଟ୍ ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

ଆସନ୍ତା ଟି-୨୦ ବିଶ୍ୱକପ୍‌ରେ ଟିମ୍ ଇଣ୍ଡିଆ ଏହି ଛୋଟିଆ ଫର୍ମାଟରେ ଚମତ୍କାର ପ୍ରଦର୍ଶନ କରି ଟ୍ରଫି ହାସଲ କରିବ ବୋଲି ଆଶା କରାଯାଏ। ଏହା ସତ୍ୟ ଯେ ଟିମ୍ ଇଣ୍ଡିଆକୁ ୩ଟି ଫର୍ମାଟ୍ ଅଧିକ ସଫଳତା ଦେଇଥିବା ଏହି ୩୨ ବର୍ଷୀୟ ଆକ୍ରମଣାତ୍ମକ ବ୍ୟାଟସ୍‌ମ୍ୟାନ ବିରାଟ କୋହଲିଙ୍କ ନିକଟରେ ଅନେକ କ୍ରିକେଟ୍ ବାକି ରହିଛି।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୭୩.୭୮ ● ପାଉଣ୍ଡ ୧୦୧.୦୦
- ୟୁରୋ ୮୬.୪୬ ● ୟେନ୍ ୦.୬୬

**ସୁନାରୁପା ଦର**

୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୪୫,୨୪୦ (ଭୁବନେଶ୍ୱର)
- ରୁପା : ୬୦,୬୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୬୦,୦୪୮.୦୦
- ନିଫ୍ଟି ୧୭,୮୫୩.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୧୯ (ନୂଆଦିଲ୍ଲୀ)
- ଡିଜେଲ୍ - ୮୮.୬୨

## ଭାରତୀୟ ଶେୟାର ବଜାର ଇତିହାସରେ ସ୍ୱର୍ଣ୍ଣିମ ମୁହୂର୍ତ୍ତ

# ୬୦ ହଜାର ପଏଣ୍ଟ ଟପିଲା ସେନ୍‌ସେକ୍ସ

ମୁମ୍ବାଇ,୨୪।୯ (ଏଜେନ୍ସି)

ଭାରତୀୟ ଶେୟାର ବଜାର ଇତିହାସରେ ଶୁକ୍ରବାର ଏକ ନୂତନ ମାଇଲଖୁଣ୍ଟ ସୃଷ୍ଟି ହୋଇଛି। ଚଳିତ ସପ୍ତାହର ଶେଷ କାରବାର ଦିବସ ଭାବେ ବିଏସ୍‌ଇ ସେନସେକ୍ସ ୬୦ ହଜାର ପଏଣ୍ଟ ଅତିକ୍ରମ କରି ସର୍ବକାଳୀନ ରେକର୍ଡ ପ୍ରତିଷ୍ଠା କରିଛି। ବିଗତ ୨୪୬ ଦିନରେ ସେନସେକ୍ସରେ ୧୦ ହଜାର ପଏଣ୍ଟ ବୃଦ୍ଧି ଘଟିଥିଲା ବେଳେ କେବଳ ୪୨ ଦିନ ମଧ୍ୟରେ ୫ ହଜାର ପଏଣ୍ଟ ବୃଦ୍ଧି ରେକର୍ଡ କରାଯାଇଛି। ଆନ୍ତର୍ଜାତିକ କ୍ଷେତ୍ରରେ ଅନୁକୂଳ ନିବେଶ କ୍ଷେତ୍ର ସହିତ ଭାରତୀୟ ଶେୟାର ବଜାର ପ୍ରତି ନିବେଶକାରୀଙ୍କ ଉତ୍ସାହ ଏଭଳି ସଫଳତା ଆଣିପାରିଛି ବୋଲି ବଜାର ବିଶ୍ଳେଷଣକାରୀମାନେ ମତ ଦେଇଛନ୍ତି। ବିଗତ ଦୁଇ ବର୍ଷ ଧରି କରୋନା ମହାମାରୀ ପ୍ରଭାବରେ ଅନେକ କ୍ଷେତ୍ର ପ୍ରଭାବିତ ରହି ଆସିଥିଲେ ମଧ୍ୟ ଭାରତୀୟ ଶେୟାର ବଜାରରେ ଏଭଳି ଉତ୍ସାହ ସୃଷ୍ଟି ହେବା ଏକ ନୂତନ ଦିଗକୁ ଆହ୍ୱାନ କରିଥିବା କୁହାଯାଇଛି। ଯାହାକୁ ନେଇ ଆଗାମୀ ଦିନରେ ସେନସେକ୍ସ ୧୮ ହଜାର ପଏଣ୍ଟ ଅତିକ୍ରମ କରିପାରେ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ମିଳିଥିବା ସୂଚନା ଅନୁସାରେ , ଗୁରୁବାର କାରବାର ଶେଷ ବେଳକୁ ସେନସେକ୍ସ ୫୯,୮୮୫ ପଏଣ୍ଟରେ ବନ୍ଦ ରହିଥିଲା ବେଳେ ଶୁକ୍ରବାର କାରବାର ଆରମ୍ଭ ବେଳକୁ ଏହା ୬୦,୧୫୮ ପଏଣ୍ଟ ଛୁଇଁଥିଲା। ହେଲେ ପରବର୍ତ୍ତୀ ସମୟରେ କିଛି ପଏଣ୍ଟ ହ୍ରାସରେ କାରବାର ଶେଷ ବେଳକୁ ଏହା ୬୦,୦୪୦ ପଏଣ୍ଟରେ ବନ୍ଦ ରହିଥିବା ଜଣାପଡ଼ିଛି। ଫଳରେ ଗତକାଲି ତୁଳନାରେ ସେନସେକ୍ସରେ ୧୬୩ ପଏଣ୍ଟ ବୃଦ୍ଧି ଘଟିବା ସହିତ ଏହା ୬୦ ହଜାର ପଏଣ୍ଟ ଅତିକ୍ରମ କରିଛି। ୨୦୨୧ ମେ ' ୧୮ ପରେ ରିୟଲ୍ଟି, ଆଇଟଇ , ଟେଲିକମ ଏବଂ ମିଡିଆ ଷ୍ଟକ୍ ଗୁଡିକର ଚାହିଦା ବୃଦ୍ଧି ପାଇ ଆସିଥିଲା ବେଳେ ଶୁକ୍ରବାର ଏହିସବୁ କ୍ଷେତ୍ରର ଶେୟାର କାରବାର ବୃଦ୍ଧିକୁ ନେଇ ସେନସେକ୍ସ ଏବଂ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ସୂଚକାଙ୍କ ନିଫ୍ଟି ସ୍ଥିତିରେ ଯଥେଷ୍ଟ ପରିବର୍ତ୍ତନ ଘଟିଥିବା କୁହାଯାଇଛି। ମୁଖ୍ୟତଃ ରିୟଲ୍ଟି କ୍ଷେତ୍ରର



ଉତ୍ତମ କାରବାରକୁ ନେଇ ସେନସେକ୍ସରେ ବୃଦ୍ଧି ପରିଲକ୍ଷିତ ହୋଇଛି। ସେହିପରି ନିଫ୍ଟି ତାଲିକାଭୁକ୍ତ କମ୍ପାନୀଗୁଡିକ ମଧ୍ୟରୁ ଏସିଆନ ପେଣ୍ଟସ୍, ଏଇଚର ମୋଟର୍ସ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ଏଚସିଏଲ ଟେକ୍‌ନୋଲୋଜି ଏବଂ ଏଚଡିଏଫସି ବ୍ୟାଙ୍କ ଆଦିର ଶେୟାର କାରବାର ଉତ୍ତମ ରହିଛି। ଅନ୍ୟପକ୍ଷରେ ଟାଟା ଷ୍ଟିଲ, ଜେଏସଡବ୍ଲ୍ୟୁ ଷ୍ଟିଲ, ଏସବିଆଇ ଏବଂ ଆକ୍ସିସ ବ୍ୟାଙ୍କ ଆଦିର କାରବାର ହ୍ରାସ ପାଇଥିବା କୁହାଯାଇଛି। ତେବେ କାରବାର ଶେଷ ବେଳକୁ ନିଫ୍ଟି ୩୦ ପଏଣ୍ଟ ବୃଦ୍ଧିରେ ୧୭,୮୫୩ ପଏଣ୍ଟରେ ବନ୍ଦ ରହିଥିବା ଜଣାପଡ଼ିଛି।

### କୋଭିଡ୍ କାଳରେ ୧୦ ହଜାର ପଏଣ୍ଟ ବୃଦ୍ଧି

୨୦୨୦ ପ୍ରାରମ୍ଭରେ ଭାରତ ସମେତ ବିଶ୍ୱର ବହୁ ରାଷ୍ଟ୍ର କୋଭିଡ ମହାମାରୀକୁ ନେଇ ପ୍ରଭାବିତ ହୋଇଥିଲା ବେଳେ ପୁଞ୍ଜି ନିବେଶ କ୍ଷେତ୍ର ଆନ୍ତର୍ଜାତିକ ସ୍ତରରେ ପ୍ରଭାବିତ ହୋଇଥିଲା। ୨୦୨୦ ରୁ ୨୦୨୧ ମଧ୍ୟରେ ବହୁ ପ୍ରତିଷ୍ଠିତ ଷ୍ଟକ ଏକ୍ସଚେଞ୍ଜଗୁଡିକର କାରବାର ପ୍ରଭାବିତ ହେବାରେ ଲାଗିଥିଲା। ଆଶଙ୍କିତ ନିବେଶକାରୀମାନେ ଅନେକ କ୍ଷେତ୍ରରୁ ପୁଞ୍ଜି ପ୍ରତ୍ୟାହାର କରିନେଇଥିଲା ବେଳେ ବହୁ ଷ୍ଟକ ଏକ୍ସଚେଞ୍ଜର ସ୍ଥିତି ନିମ୍ନମୁଖୀ ହୋଇପଡ଼ିଥିଲା। ହେଲେ ଭାରତୀୟ ଷ୍ଟକ ବଜାର ଏକପ୍ରକାର ବ୍ୟତିକ୍ରମ ଥିଲା। ଭାରତରେ ୨୦୨୦ରେ କୋଭିଡ୍ ମହାମାରୀର ପ୍ରାଦୁର୍ଭାବ ଆରମ୍ଭ ହୋଇଥିଲା ବେଳେ ୨୦୨୧ରେ ଦେଖାଯାଇଥିବା ଦ୍ୱିତୀୟ ଲହର ଭୟଙ୍କର ସ୍ଥିତି ସୃଷ୍ଟି କରିଥିଲା। ଏହାସତ୍ତ୍ୱେ ଭାରତୀୟ ଷ୍ଟକ ବଜାର ନିବେଶକାରୀଙ୍କ ଲାଗି ଅନୁକୂଳ ରହିଥିଲା। ୨୦୨୧ ଜାନୁଆରୀରେ ସେନସେକ୍ସ ୫୦ ହଜାର ପଏଣ୍ଟ ଛୁଇଁଥିଲା ବେଳେ ଏହି ବର୍ଷରେ ସେନସେକ୍ସ ୬୦ ହଜାର ପଏଣ୍ଟ ଅତିକ୍ରମ କରିବା ଘଟଣା ନିଶ୍ଚିତ ଭାବେ ନିବେଶକାରୀଙ୍କ ପାଇଁ ଅନୁକୂଳ ରହିଥିବା ବଜାର ବିଶ୍ଳେଷଣକାରୀମାନେ କହିଛନ୍ତି।

### ଶେୟାର ବଜାର ପାଇଁ କଳା ବର୍ଷ

ବିଗତ ଦିନରେ ଅନେକ କିଛି ଘଟଣାକୁ ନେଇ ଭାରତୀୟ ଶେୟାର ବଜାର ପ୍ରଭାବିତ ରହିଥିବାର ନଜିର ରହିଛି। ରାଜନୈତିକ ସ୍ଥିରତା, ଦୁର୍ନୀତି ମୁକ୍ତ ସରକାର ଏବଂ ସୁସ୍ଥ ଏବଂ ଅଭିବୃଦ୍ଧିମୂଳକ ବ୍ୟାବସାୟିକ ପରିବେଶକୁ ନେଇ ନିବେଶକାରୀମାନେ ସାଧାରଣତଃ ନିବେଶ ପାଇଁ ଉତ୍ସାହିତ ରହିଥାଆନ୍ତି। କିନ୍ତୁ କୌଣସି ସମୟରେ ପ୍ରତିକୂଳ ଘଟଣାକ୍ରମକୁ ନେଇ ନିବେଶକାରୀମାନେ ଆଶଙ୍କିତ ହୋଇପଡ଼ିଲେ ଏହାର ପରୋକ୍ଷ ପ୍ରଭାବଶେୟାର ବଜାର ଉପରେ ମଧ୍ୟ ଅନୁଭୂତ ହୋଇଥାଏ। ଭାରତରେ ମଧ୍ୟ ଏଭଳି ଅନେକ ସ୍ଥିତି ଉପୁଜିଥିବାର ଦେଖାଯାଇଛି। ୧୯୯୨ ମସିହାରେ ହର୍ଷଦ ମେହଟ୍ଟା ଘୋଟାଲା ବେଳେ ପୁଞ୍ଜି ବଜାରରେ ଅସ୍ଥିରତା ଦେଖାଯିବା ସହିତ ଶେୟାର ବଜାର ପ୍ରଭାବିତ ହୋଇଥିଲା। ସେହିପରି ୧୯୯୩ରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜ ଉପରେ ଆତଙ୍କୀ ହମଲା, ୧୯୯୯ କାର୍ଗିଲ ଯୁଦ୍ଧ ଏବଂ ୨୦୦୨ ଭାରତୀୟ ସଂସଦ ଉପରେ ଆକ୍ରମଣ ଘଟଣାକୁ ନେଇ ଭାରତୀୟ ଶେୟାର ବଜାରରେ ନୈରାଶ୍ୟଜନକ ସ୍ଥିତି ଦେଖାଯାଇଥିଲା। ଏହାବ୍ୟତୀତ ସତ୍ୟମ ସ୍କାମ, ବିଶ୍ୱସ୍ତରରେ ଦେଖାଯାଇଥିବା ଅର୍ଥନୈତିକ ଅବନତି, ବିମୁଦ୍ରୀକରଣ ଏବଂ ପିଏନବି ଘୋଟାଲାକୁ ନେଇ ମଧ୍ୟ ଭାରତୀୟ ଶେୟାର ବଜାରରେ ପ୍ରତିକୂଳ ସ୍ଥିତି ଦେଖାଯାଇଥିଲା।

### ହଜାରେ ପଏଣ୍ଟରୁ ୬୦ ହଜାର ଛୁଇଁବାକୁ ୩୧ ବର୍ଷ

ବିଗତ କିଛି ବର୍ଷ ମଧ୍ୟରେ ଭାରତୀୟ ଶେୟାର ବଜାରରେ ଅନେକ ରେକର୍ଡ ସୃଷ୍ଟି ହୋଇଛି। ତେବେ ସେନସେକ୍ସର ଗତି ୧୦୦୦ ପଏଣ୍ଟରୁ ୬୦ ହଜାର ଛୁଇଁବାକୁ ଦୀର୍ଘ ୩୧ ବର୍ଷ ସମୟ ଲାଗିଛି। ୨୦୦୬ ଫେବୃଆରୀ ୬ ତାରିଖରେ ସେନସେକ୍ସ ୧୦ ହଜାର ପଏଣ୍ଟ ଅତିକ୍ରମ କରିଥିଲା ବେଳେ ଭାରତୀୟ ଶେୟାର ବଜାରରେ ଏକ ନୂତନ ରେକର୍ଡ ସୃଷ୍ଟି ହୋଇଥିଲା। ଏହା ପରେ ପରେ ଶେୟାର ବଜାର ନିବେଶକାରୀଙ୍କ ପାଇଁ ଉତ୍ସାହଜନକ ହୋଇପଡ଼ିଥିଲା। ୨୦୦୭ ଅକ୍ଟୋବର



୨୯ ତାରିଖରେ ସେନସେକ୍ସ ୨୦ ହଜାର ପଏଣ୍ଟ ଅତିକ୍ରମ କରିଥିଲା। ପରବର୍ତ୍ତୀ ସମୟରେ ବଜାର ଅସ୍ଥିରତାକୁ ନେଇ ସ୍ଥିତିରେ ପରିବର୍ତ୍ତନ ଦେଖାଯାଇଥିଲା। ଯେଉଁଥିପାଇଁ ୨୦ ହଜାରରୁ ୩୦ ହଜାର ପଏଣ୍ଟ ଛୁଇଁବାକୁ ଅଧିକ ସମୟ ଲାଗିଥିଲା। ୨୦୧୫ ମାର୍ଚ୍ଚ ୪ରେ ସେନସେକ୍ସ ୩୦ ହଜାର ପଏଣ୍ଟ ଅତିକ୍ରମ କରିଥିଲା ବେଳେ ୨୦୧୯ ମେ ' ୨୩ରେ ଏହା ୪୦ ହଜାର ପଏଣ୍ଟ ଟପିଥିଲା। ତେବେ ଏହା ପରବର୍ତ୍ତୀ ୧୦ ହଜାର ପଏଣ୍ଟ ଅତିକ୍ରମକୁ କରିବାକୁ ମାତ୍ର ଦୁଇବର୍ଷ ସମୟ ଲାଗିଥିଲା। ୨୦୨୧ ଜାନୁଆରୀ ୨୧ରେ ସେନସେକ୍ସ ୫୦ ହଜାର ପଏଣ୍ଟ ଅତିକ୍ରମ କରିଥିଲା।

# ସୁନା ଓ ରୂପା ମୂଲ୍ୟରେ ହ୍ରାସ

ନୂଆଦିଲ୍ଲୀ,୨୪।୯ (ଏଜେନ୍ସି)

ଭାରତୀୟ ବଜାରରେ ବିଗତ କିଛି ଦିନ ହେଲା ଉଭୟ ସୁନା ଓ ରୂପା ମୂଲ୍ୟକୁ ନେଇ ଅସ୍ଥିରତା ଦେଖାଯାଇ ଆସିଥିଲା ବେଳେ ଶୁକ୍ରବାର ଉଭୟ ଧାତୁ ମୂଲ୍ୟରେ ହ୍ରାସ ଘଟିଥିବା ପରିଲକ୍ଷିତ ହୋଇଛି। ଇଣ୍ଡିଆନ ବୁଲିୟନ ଆଣ୍ଡ ଜୁଏଲର୍ସ ଆସୋସିଏସନର ସୂଚନା ଅନୁସାରେ ଗତ କିଛିଦିନ ମଧ୍ୟରେ ରହି ଆସିଥିବା ସୁନା ମୂଲ୍ୟ



ତୁଳନାରେ ଶୁକ୍ରବାର ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପ୍ରତି ୪୩୮ ଟଙ୍କା ପର୍ଯ୍ୟନ୍ତ ଶସ୍ତା ହୋଇଛି। ଫଳରେ ୨୨ କ୍ୟାରାଟ ୧୦ ଗ୍ରାମ ପିଛା ସୁନା ମଧ୍ୟ ତଦନୁପାତିକ ହ୍ରାସ ପାଇଥିବା କୁହାଯାଇଛି। ସେହିପରି ରୂପା ଦରରେ ମଧ୍ୟ କିଲୋ ପିଛା ୧୧୩ ଟଙ୍କା ହ୍ରାସ ପାଇଛି। ଗତକାଲି ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୪୬,୬୯୪ ଟଙ୍କା ରହିଥିଲା ବେଳେ ଶୁକ୍ରବାର ଏହି ମୂଲ୍ୟ ୪୬,୨୫୬ଟଙ୍କାକୁ ଖସି ଆସିଛି। ରୂପା ମୂଲ୍ୟ ମଧ୍ୟ କିଲୋଗ୍ରାମ ପିଛା ୬୦,୬୦୦ ଟଙ୍କା ରହିଥିବା କୁହାଯାଇଛି।

# ଓଡ଼ିଶାରେ ଆଇ ଫୋନ୍-୧୩ର ବଜାର ପ୍ରବେଶ

## ପ୍ରଥମ ଦିନରେ ଓଡ଼ିଶାରେ ବିକ୍ରି ହେଲା ୧୩୫ ଫୋନ୍




ଭୁବନେଶ୍ୱର,୨୪।୯ (ସମିସ): ଓଡ଼ିଶା ବଜାରରେ ଆଇଫୋନ-୧୩ର ବଜାର ପ୍ରବେଶ ହୋଇଛି। ଭୁବନେଶ୍ୱରର ସହିଦ ନଗର ସ୍ଥିତ ଏସ୍ ଏ ଇନ୍‌ଫୋସିସଠାରେ ସଂସ୍ଥାର ମ୍ୟାନେଜିଂ ଡାଇରେକ୍ଟର ଅଭିଶେକ ପୋଦର, ବିଜନେସ ମୁଖ୍ୟ ପିୟୁସ କୁମାରଙ୍କ ସହିତ ଲକ୍ଷ୍ମୀ ମୋବାଇଲର ନକୁଳ ସୁବିଦ୍ଧିଙ୍କ ଉପସ୍ଥିତିରେ ମୋବାଇଲ୍ ଲଞ୍ଚ କରାଯାଇଛି। ପ୍ରଥମ ଦିନରେ ଓଡ଼ିଶାକୁ ଆସିଥିବା ସମସ୍ତ ଷ୍ଟକ୍ ସରିଯାଇଥିବା ବେଳେ ଗ୍ରାହକଙ୍କର ଏହା ଯଥେଷ୍ଟ ପସନ୍ଦ ଆସିଛି ବୋଲି ଏସ୍ଏ ଇନଫୋସିସ୍ ପକ୍ଷରୁ କୁହାଯାଇଛି। ଆଇ ଫୋନ୍-୧୩ର ୩ ଟି ମଡେଲ୍ ବଜାରକୁ ଆସିଛି। ଏଥିରେ ଆଇଫୋନ୍-୧୩, ଆଇଫୋନ୍-୧୩ ମିନି ଓ ଆଇ ଫୋନ୍ ପ୍ରୋ ମ୍ୟାକ୍ସ ରହିଛି। ତେବେ ପ୍ରଥମ ଥର ପାଇଁ ସାରା ବିଶ୍ୱ ସହିତ ଭାରତରେ ମଧ୍ୟ ଗୋଟିଏ ତାରିଖରେ ଏହି ଫୋନ୍ ଲଞ୍ଚ ହୋଇଛି। ଏହା ପୂର୍ବରୁ ଭାରତରେ ଆଇଫୋନ୍ ନୂଆ ମଡେଲ୍ ଲଞ୍ଚ ହେବା ପାଇଁ ବିଳମ୍ବ ହେଉଥିଲା। ଆଇଫୋନ-୧୩ ପ୍ରୋ ମ୍ୟାକ୍ସରେ ସିନେମେଟିକ୍ ମୋଡ୍ ରହିଛି। ପ୍ରଥମ ଥର ପାଇଁ କୌଣସି ଫୋନ୍‌ରେ ଏହି ଫିଚର ଦିଆଯାଇଛି। ଯାହାଦ୍ୱାରା ଗ୍ରାହକମାନଙ୍କ ମଧ୍ୟରେଉତ୍ସାହ ଦେଖାଦେଇଛି। ଏହିମଡେଲ ୭୯ ହଜାର ୯୦୦ ଟଙ୍କାରୁ ଆରମ୍ଭ ହୋଇ ୧ ଲକ୍ଷ ୭୯ ହଜାର ୯୦୦ ଟଙ୍କା ପର୍ଯ୍ୟନ୍ତ ଦର ରହିଛି। ତେବେ ଏହି ଫୋନ୍ କିଣିବା ସମୟରେ ଏଚ୍‌ଡିଏଫସି କ୍ରେଡିଟ୍ କିମ୍ବା ଡେବିଟ୍ କାର୍ଡଧାରୀ ୫ ହଜାରରୁ ୬ ହଜାର ଟଙ୍କା ପର୍ଯ୍ୟନ୍ତ କ୍ୟାସବ୍ୟାକ୍ ପାଇପାରିବେ ବୋଲି ଏଠାରେ ଘୋଷଣା କରାଯାଇଛି। ଓଡ଼ିଶାର ୧୫୦ ଟି ଷ୍ଟୋର୍‌ରେ ଏହି ଫୋନ୍ ଉପଲବ୍ଧ ରହିଥିବା ବେଳେ ଦିନକରେ ୧୩୫ ପିସ୍ ଫୋନ୍ ବିକ୍ରି ହୋଇସାରିଥିବା କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଛି।

## ଟେଲି ସାନ୍ଦ୍ରତା ହାର ୮୦.୧୩ %କୁ ବୃଦ୍ଧି

# ରାଜ୍ୟରେ ମୋବାଇଲ ନେଟ୍‌ୱର୍କ ସହ ସାମିଲ ହେଉଛନ୍ତି ଅଧିକ ଗ୍ରାହକ

ମୁମ୍ବାଇ,୨୪।୯ (ଏଜେନ୍ସି)

ଓଡ଼ିଶାରେ ଦିନକୁ ଦିନ ଅଧିକ ଗ୍ରାହକ ମୋବାଇଲ ନେଟ୍‌ୱର୍କ ସହ ଯୋଡି ହେଉଥିବା ବେଳେ ରାଜ୍ୟରେ ଟେଲି ସାନ୍ଦ୍ରତା ହାର ମଧ୍ୟ ବୃଦ୍ଧି ପାଇଛି। ଗତ ଜୁଲାଇ ସୁଦ୍ଧା ରାଜ୍ୟର ଟେଲି ସାନ୍ଦ୍ରତା ହାର ୮୦.୧୩ ପ୍ରତିଶତରେ ପହଞ୍ଚିବା ସହିତ ୧୦୦ ଜଣଙ୍କ ମଧ୍ୟରେ ପ୍ରାୟ ୮୦ ଜଣ ମୋବାଇଲ ଫୋନ ବ୍ୟବହାର କରୁଥିବା ଜଣାପଡ଼ିଛି। ବିଶେଷକରି ମୋବାଇଲ ଇଣ୍ଟରନେଟ୍‌କୁ ନେଇ ଗ୍ରାହକ ଚାହିଦା ଯଥେଷ୍ଟ ମାତ୍ରାରେ ବୃଦ୍ଧି ପାଇଥିଲା ବେଳେ ଟେଲି ସେବା ଯୋଗାଣକାରୀ ବିଭିନ୍ନ ସଂସ୍ଥାଙ୍କ ମଧ୍ୟରେ ରିଲାଏନ୍ସ ଜିଓ ସବୁଠାରୁ ଆଗରେ ରହିଥିବା ଭାରତୀୟ ଟେଲିକମ ନିୟାମକ ପ୍ରାଧିକରଣ(ଟ୍ରାଇ) ପକ୍ଷରୁ ପ୍ରକାଶ କରାଯାଇଥିବା ରିପୋର୍ଟ ସୂତ୍ରରୁ ଜଣାପଡ଼ିଛି। ଗ୍ରାହକମାନଙ୍କ ସବୁଠାରୁ ପସନ୍ଦଯୋଗ୍ୟ ଡିଜିଟାଲ୍ ସେବା ପ୍ରଦାନକାରୀ କମ୍ପାନୀ ଭାବେ ଜିଓ ଗତ ଜୁଲାଇ ମାସରେ ରାଜ୍ୟରେ ସର୍ବାଧିକ ୩.୧୯ ଲକ୍ଷ ନୂଆ ମୋବାଇଲ୍ ଗ୍ରାହକ ଯୋଡ଼ିବା ସହିତ ନିଜର ପ୍ରଭାବ ଜାରି ରଖିଛି ବୋଲି ଟ୍ରାଇ ତଥ୍ୟରୁ ଜଣାପଡ଼ିଛି। ଜିଓ ଜୁଲାଇ ମାସରେ ଓଡ଼ିଶାରେ ସର୍ବାଧିକ ୩,୧୯,୯୮୦ ଗ୍ରାହକ ଯୋଡ଼ିଥିବା ବେଳେ ଏହା ପଛକୁ ଏୟାରଟେଲ୍ ରହିଛି। ଏହି ସମୟରେ ଏୟାରଟେଲ ମାତ୍ର ୧୫,୫୭୮ ଗ୍ରାହକ ଏବଂ



୪ ଟେଲି ଅପରେଟରଙ୍କ ମଧ୍ୟରେ ଜିଓ ଆଗରେ

ବିଏସ୍‌ଏନ୍‌ଏଲ୍ ମାତ୍ର ୮୦୯ ଜଣ ମୋବାଇଲ୍ ଗାହକ ଯୋଡ଼ିଛି। ଅନ୍ୟପକ୍ଷରେ ଭୋଡାଫୋନ୍ ଆଇଡିଆର ଗ୍ରାହକ ସଂଖ୍ୟାରେ ହ୍ରାସ ଧାରା ଜାରି ରହିଥିବା ବେଳେ ଏହି ମାସରେ କମ୍ପାନୀ ଓଡ଼ିଶାରେ ୬୪,୩୩୩ ଜଣ ମୋବାଇଲ୍ ଗ୍ରାହକଙ୍କୁ ହରାଇଛି। ଫଳରେ ଏହି ମାସରେ ରାଜ୍ୟରେ ବୃଦ୍ଧି ପାଇଥିବା ଗ୍ରାହକସଂଖ୍ୟାର ସର୍ବାଧିକ ଅଂଶ ଜିଓ ହାସଲ କରିଥିବା ଜଣାପଡ଼ିଛି। ରିଲାଏନ୍ସ ଜିଓ ଓଡିଶା ଟେଲିକମ୍ ବଜାରରେ ୪୩.୭ ପ୍ରତିଶତ ଗ୍ରାହକ ବଜାର ଅଂଶ ସହିତ ଏହାର ଏକ ନମ୍ବର ସ୍ଥିତିକୁ ଆହୁରି ସୁଦୃଢ଼ କରିଛି। ଏୟାରଟେଲ୍‌ର ବଜାର ଅଂଶ ୩୧.୮୯ ପ୍ରତିଶତ ରହିଥିବା ବେଳେ ବିଏସ୍‌ଏନ୍‌ଏଲ୍‌ର ୧୮.୩୫ ପ୍ରତିଶତ ଓ ଭୋଡାଫୋନ୍ ଆଇଡିଆର ୬.୦୬ ପ୍ରତିଶତ ବଜାର ଅଂଶ ରହିଛି। ଯଦ୍ୱାରା ଓଡ଼ିଶାରେ ରିଲାଏନ୍ସ ଜିଓର ୧.୫୩ କୋଟିରୁ ଅଧିକ ମୋବାଇଲ୍ ଗ୍ରାହକ ଥିବା ବେଳେ ଏହା ପଛକୁ ଏୟାରଟେଲ୍‌ର ୧.୧୧ କୋଟି, ବିଏସଏନଏଲର ୬୪.୨୯ ଲକ୍ଷ ଏବଂ ଭୋଡାଫୋନ୍ ଆଇଡିଆର ୨୧.୨୫ ଲକ୍ଷ ଗ୍ରାହକ ରହିଥିବା କୁହାଯାଇଛି। ସେହପରି ରାଜସ୍ୱ ଦୃଷ୍ଟିରୁ ଜିଓ ଓଡିଶାରେ ଅଗ୍ରଣୀ ରହିବା ସହିତ ଏହାର ମୋଟ ରାଜସ୍ୱ ବଜାର ଅଂଶ ୫୨.୩ ପ୍ରତିଶତ ରହିଥିବା ଟ୍ରାଇ ଦ୍ୱାରା ପ୍ରକାଶିତ ଏପ୍ରିଲ୍-ଜୁନ୍ ତ୍ରୈମାସିକ ଆର୍ଥିକ ରିପୋର୍ଟରୁ ଜଣାପଡ଼ିଛି।

## ବିଭାଗୀୟ ବ୍ୟୟ କଟକଣା ଉଠାଇଲା ଅର୍ଥ ମନ୍ତ୍ରାଳୟ

# ଅଭିବୃଦ୍ଧି ପଥ ତ୍ୱରାନ୍ୱିତ ଲକ୍ଷ୍ୟ

ନୂଆଦିଲ୍ଲୀ,୨୪।୯ (ଏଜେନ୍ସି): କରୋନା ମହାମାରୀ ଦ୍ୱିତୀୟ ଲହର ପ୍ରଭାବକୁ ନେଇ ଗତ ଜୁନ୍ ମାସରେ ବିଭିନ୍ନ ବିଭାଗ ଏବଂ ମନ୍ତ୍ରାଳୟର ବ୍ୟୟ ଉପରେ ଲଗାଯାଇଥିବା କଟକଣାକୁ ଶୁକ୍ରବାର ପ୍ରତ୍ୟାହାର କରିନିଆଯାଇଛି। ଚଳିତ ଆର୍ଥିକ ବର୍ଷର ବାକି ସମୟରେ ଅର୍ଥନୀତି ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ସହିତ ଉଚ୍ଚ ଅଭିବୃଦ୍ଧି ହାସଲ କରିବା ଏବଂ ବିଭିନ୍ନ କ୍ଷେତ୍ରକୁ ନିବେଶ ଦୃଷ୍ଟିରୁ ଉନ୍ମୁକ୍ତ ରଖିବା ଉଦ୍ଦେଶ୍ୟରେ କେନ୍ଦ୍ର ଅର୍ଥ ମନ୍ତ୍ରାଳୟର ଅର୍ଥନୈତିକ ବ୍ୟାପାର ବିଭାଗ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। କରୋନାର ଦ୍ୱିତୀୟ ଲହର ସମୟରେ ବ୍ୟୟ ଉପରେ କଟକଣା ଜାରିକରାଯିବା ସହିତ ପ୍ରତ୍ୟେକ ବିଭାଗ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୟମାସ(ଜୁଲାଇ- ସେପ୍ଟେମ୍ବର) ମଧ୍ୟ ବଜେଟ ଅନୁମୋଦିତ ରାଶିର କେବଳ ମାତ୍ର ୨୦ ଭାଗ ଉପଯୋଗ କରିବାକୁ କୁହାଯାଇଥିଲା। ହେଲେ ଏବେ ସ୍ଥିତିରେ ଉନ୍ନତି ଘଟିବା ସହିତ ପୁଞ୍ଜି ବ୍ୟବସ୍ଥା ଅନୁକୂଳ ରହିଥିବାରୁ ବର୍ତ୍ତମାନ ସମସ୍ତ ବିଭାଗ ସେମାନଙ୍କ ଧାର୍ଯ୍ୟ ବ୍ୟୟ ଅନୁସାରେ କାର୍ଯ୍ୟ କରିପାରିବେ ବୋଲି କୁହାଯାଇଛି। ବିଶେଷକରି ଚଳିତ ଆର୍ଥିକ ବର୍ଷର ବଜେଟ୍ ଅନୁସାରେ ମାସିକ କିମ୍ବା ତ୍ରୟମାସିକ ବ୍ୟୟ ବରାଦ ଅନୁସାରେ ପ୍ରତ୍ୟେକ ବିଭାଗ ଏଣିକି ବ୍ୟୟ କରିପାରିବେ ବୋଲି ଅର୍ଥନୈତିକ ବ୍ୟାପାର ବିଭାଗ ପକ୍ଷରୁ କୁହାଯାଇଛି।

## ଚାଇନାର ନିବେଶ ଚାଲ୍‌କୁ ନେଇ ଉଦବେଗ୍

# ନିବେଶ ଚୁକ୍ତିରୁ ମୁହଁ ଫେରାଉଛନ୍ତି ଅନେକ ରାଷ୍ଟ୍ର

ନୂଆଦିଲ୍ଲୀ,୨୪।୯ (ଏଜେନ୍ସି)

ବିଶ୍ୱର ବିଭିନ୍ନ ଭାଗରେ ନିବେଶ ନାମରେ ଚୀନ୍ ଯେଭଳି ଚାଲ ଚଳାଇ ଅନେକ କ୍ଷେତ୍ରକୁ ଅକ୍ତିଆର କରିବାର ନଜିର ରହିଛି। ପାକିସ୍ତାନ ଠାରୁ ଆରମ୍ଭ କରି ଶ୍ରୀଲଙ୍କା ଏବଂ କିଛି ଦକ୍ଷିଣ ଏସୀୟ ରାଷ୍ଟ୍ରରେ ଚୀନ୍‌ର ଏଭଳି କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ଆଫ୍ରିକା ମହାଦେଶର ବହୁ ରାଷ୍ଟ୍ର ଉଦ୍‌ବେଗ ପ୍ରକାଶ କରିବା ସହିତ ସେଠାରେ ଚୀନ୍ ଜାଲରୁ ମୁକ୍ତ ହେବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ଆଫ୍ରିକାର ବିଭିନ୍ନ ରାଷ୍ଟ୍ରରେ ଚୀନ୍ ନିବେଶ କରିବାକୁ ଚୁକ୍ତି କରିଥିଲା ବେଳେ ଚୀନ୍‌ର ଏଭଳି ମନୋଭାବକୁ ନେଇ ସେଠାକାର ବିଭିନ୍ନ ରାଷ୍ଟ୍ର ଚୀନ୍ ସହ ହୋଇଥିବା ବ୍ୟାବସାୟିକ ଚୁକ୍ତି ରଦ୍ଦ କରିବାକୁ ଆରମ୍ଭ କରିଛନ୍ତି ବୋଲି ଏ ସମ୍ପର୍କରେ ପ୍ରକାଶ ପାଇଥିବା ଏକ ବିଶେଷ ରିପୋର୍ଟରୁ ଜଣାପଡ଼ିଛି। ଚୀନ୍ ନିବେଶ କରିବା ସୂତ୍ରରେ ବହୁ ରାଷ୍ଟ୍ରଙ୍କ ସହ ଅନୈତିକ ଉପାୟରେ ଚୁକ୍ତି କରି ସେମାନଙ୍କୁ ପରୋକ୍ଷରେ ଉତ୍ପୀଡ଼ନ ଘେରକୁ ଟାଣି ନେଇଥିବା ବହୁ ରାଷ୍ଟ୍ର ପ୍ରକାଶ କରିଛନ୍ତି। ଏହାକୁ ନେଇ ଏବେ ଆଫ୍ରିକା ମହାଦେଶରେ ତିକ୍ତତା ବୃଦ୍ଧି ପାଇବା ସହିତ ବହୁ ରାଷ୍ଟ୍ର ଚାଇନା କମ୍ପାନୀମାନଙ୍କ ସହ ଚୁକ୍ତି ଖାରଜ୍ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଚୀନ୍ ଏହାର ବହୁ ପ୍ରସାରିତ 'ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍(ବିଆରଆଇ) ପ୍ରକଳ୍ପ ଜରିଆରେ ଆଫ୍ରିକାର ବିଭିନ୍ନ ରାଷ୍ଟ୍ରରେ ପର୍ଯ୍ୟାପ୍ତ ନିବେଶ ପାଇଁ ଚୁକ୍ତିବଦ୍ଧ ହୋଇଛି। କେନିଆ ଠାରୁ ଆରମ୍ଭ କରି ଘାନା, କଙ୍ଗୋ ଏବଂ କେନ୍ଦ୍ରୀୟଆଫ୍ରିକାର ବହୁ ରାଷ୍ଟ୍ର ସହ ଚୀନ୍ ଏହି ପ୍ରକଳ୍ପ ଜରିଆରେ ନିବେଶ କରିବାକୁ ଚୁକ୍ତି କରିଛି। କିନ୍ତୁ କିଛି ରାଷ୍ଟ୍ରରେ ଚୀନ୍ ଶେଷ



କରିଥିବା ପ୍ରକଳ୍ପର କାର୍ଯ୍ୟକାରିତା ଏବଂ ସର୍ତ୍ତକୁ ନେଇ ଏବେ ପ୍ରଶ୍ନ ଉଠିବା ପରେ ଅନେକ ରାଷ୍ଟ୍ର ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। କେନିଆରେ ଚାଇନା କମ୍ପାନୀଙ୍କ ଦ୍ୱାରା ନିର୍ମାଣ ଏକ ରେଳ ପ୍ରକଳ୍ପ ନିର୍ମାଣ କରିବା ପାଇଁ ଗତ ଜୁଲାଇରେ ଚୁକ୍ତିନାମା ସ୍ୱାକ୍ଷର କରାଯାଇଥିବା ବେଳେ ଏଥିରେ ଚୀନ୍ ଅନୈତିକ ଭାବେ ବିଭିନ୍ନ ପ୍ରସଙ୍ଗକୁ ଯୋଡିଥିବା ଏବେ ଜଣାପଡ଼ିଛି। ପ୍ରାୟ ୩.୨ ବିଲିୟନ ଡଲାର ମୂଲ୍ୟର ଏହି ପ୍ରକଳ୍ପ ପାଇଁ କରାଯାଇଥିବା ଚୁକ୍ତି ସମ୍ପୂର୍ଣ୍ଣ ବେଆଇନ ଏବଂ ଏହା କେନିଆର ଆଇନ ବ୍ୟବସ୍ଥା ବାହାରେ ବୋଲି ସେଠାକାର ହାଇକୋର୍ଟ କହିଛନ୍ତି। ସେହିପରି କଙ୍ଗୋରେ ଚୀନ୍ ଦ୍ୱାରା ଏକ ପ୍ରକଳ୍ପ ପାଇଁ ହୋଇଥିବା ଚୁକ୍ତି ମଧ୍ୟ ଅନୈତିକ ଉପାୟରେ କରାଯାଇଥିବା ସେଠାକାର ସରକାର ଏବେ ଜାଣିବାକୁ ପାଇଛନ୍ତି। ଫଳରେ ଏହି ଚୁକ୍ତିକୁ ମଧ୍ୟ ବାତିଲ କରାଯାଇଥିବା କୁହାଯାଇଛି। ଏହି ଦୁଇଟି ରାଷ୍ଟ୍ର ବ୍ୟତୀତ ଘାନା, ତାଞ୍ଜାନିଆ ଭଳି ଆହୁରି ଅନେକ ରାଷ୍ଟ୍ରରେ ଚୀନ୍ ଟ୍ରାଫିକ ପ୍ରକଳ୍ପ ଠାରୁ ଆରମ୍ଭ କରି ରେଳ, ସଡ଼କ ଏବଂ ବନ୍ଦର ଆଦି କ୍ଷେତ୍ରରେ କାର୍ଯ୍ୟ କରିବାକୁ ଚୁକ୍ତି କରିଛି। ହେଲେ ବିଭିନ୍ନ ପ୍ରକଳ୍ପ ପାଇଁ ହୋଇଥିବା ଚୁକ୍ତିଗୁଡିକୁ ତର୍ଜମା କରିବା ପରେ ଏବଂ ଚୀନ୍ ଆଭିମୁଖ୍ୟ ସମ୍ପର୍କରେ ଜଣାପଡ଼ିବା ପରେ ଏବେ ସମଗ୍ର ଆଫ୍ରିକା ମହାଦେଶରେ ଉଦ୍‌ବେଗ ପ୍ରକାଶ ପାଇଥିବା ଜଣାପଡ଼ିଛି।

## ଆୟୁଷ ଡାକ୍ତର ସଂଘର ସ୍ଥାୟୀ ନିଯୁକ୍ତି ଦାବି

# ୨ରୁ ଅସହଯୋଗ ଆନ୍ଦୋଳନ ଚେତାବନୀ

ଭୁବନେଶ୍ୱର,୨୪।୯ (ସମିସ): ସ୍ଥାୟୀ ନିଯୁକ୍ତି ଦାବି କରି ଆସୁଥିବା ଆୟୁଷ ଡାକ୍ତରମାନେ ଅସହଯୋଗ ଆନ୍ଦୋଳନକୁ ଓହ୍ଲାଇବେ। ସରକାର ତୁରନ୍ତ ନିଷ୍ପତ୍ତି ଗ୍ରହଣ ନ କଲେ ସେପ୍ଟେମ୍ବର ୩୦ ତାରିଖ ପରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅସହଯୋଗ ଆନ୍ଦୋଳନ ହେବ ବୋଲି ନିଖିଳ ଓଡ଼ିଶା ଆୟୁଷ ଡାକ୍ତର ସଂଘ ଚେତାବନୀ ଦେଇଛି। ଶୁକ୍ରବାର ଭୁବନେଶ୍ୱରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂଘର ଅଧ୍ୟକ୍ଷ ଡାକ୍ତର ଲୋଟସ୍ ମିଶ୍ର କହିଛନ୍ତି, ୨୦୦୭ ମସିହାରୁ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଅଧୀନରେ ଆୟୁଷ ଡାକ୍ତରମାନେ ଠିକା ନିଯୁକ୍ତିରେ ସ୍ୱାସ୍ଥ୍ୟ ସେବା ଯୋଗାଉଛନ୍ତି। ବନ୍ୟା ବାତ୍ୟା ହେଉ ଅବା କୋଭିଡ୍ ମହାମାରୀ, ଆୟୁଷ ଡାକ୍ତରମାନେ ରୋଗୀ ସେବାରେ କଦାପି ଅବହେଳା କରି ନାହାନ୍ତି। ବିଶେଷକରି ସିଏଚ୍‌ସି, ପିଏଚ୍‌ସିରେ କାମ କରି ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବାରେ ଆୟୁଷ ଡାକ୍ତରଙ୍କ ଭୂମିକା ଉଲ୍ଲେଖନୀୟ। ୧୪ ବର୍ଷ ହେଲା ଆମେ ନିରବିଚ୍ଛିନ୍ନ ଭାବେ ସ୍ୱାସ୍ଥ୍ୟ ସେବା ଯୋଗାଇ ଆସିଛୁ। କିନ୍ତୁ ଆମ ସ୍ଥାୟୀ ନିଯୁକ୍ତି ଦାବିକୁ ଅଣଦେଖା କରାଯାଉଛି। ଏହା ଆମର ମନୋବଳକୁ ଭାଙ୍ଗିବା ସହିତ ଆମ ପରିବାରକୁ ଦୁର୍ଦ୍ଦିନ ମଧ୍ୟକୁ ଠେଲି ଦେଇଛି ବୋଲି ଡା. ମିଶ୍ର କହିଛନ୍ତି।

ସଂଘର ସାଧାରଣ ସମ୍ପାଦକ ଡାକ୍ତର ପ୍ରଭାସ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ୨୦୦୭ ମସିହାରେ କାର୍ଯ୍ୟ ଆରମ୍ଭ ସମୟରେ ଆୟୁଷ ଡାକ୍ତରମାନଙ୍କୁ ୭ ହଜାର ଟଙ୍କା ଦରମା ମିଳୁଥିବା ବେଳେ ଏବେ ତାହା ବୃଦ୍ଧି ପାଇ ୨୯ ହଜାର ଟଙ୍କାରେ ପହଞ୍ଚିଛି। କିନ୍ତୁ ୨୦୦୭ ମସିହାରେ ଠିକା ନିଯୁକ୍ତି ପାଇଥିବା ଏମ୍‌ବିବିଏସ୍ ଡାକ୍ତରମାନଙ୍କୁ ୧୨ ହଜାର ଟଙ୍କା ଦରମା ମିଳୁଥିବା ବେଳେ ଆଜି ତାହା ବୃଦ୍ଧି ପାଇ ୭୦ ହଜାର ଟଙ୍କାରେ ପହଞ୍ଚିଛି। ଏମ୍‌ବିବିଏସ୍ ଡାକ୍ତରଙ୍କ ସହିତ ସମାନ ସେବା ଯୋଗାଉଥିବା ସତ୍ତ୍ୱେ ଆୟୁଷ ଡାକ୍ତରମାନଙ୍କୁ ବାରମ୍ବାର ଅବହେଳା କରାଯାଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମାଡ଼ି ଆସୁଛି...

ପାଣିପାଗ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଶରତ ସାହୁ କହିଛନ୍ତି ଯେ ଜେଟିଡବ୍ଲ୍ୟୁସି ସଂସ୍ଥା ବାତ୍ୟା ନେଇ ସୂଚନା ଦେଇଛି। ରବିବାର ସନ୍ଧ୍ୟାରେ ଏହା ଦକ୍ଷିଣ ଗଞ୍ଜାମରେ ସ୍ଥଳଭାଗ ଅତିକ୍ରମ କରିପାରେ। ଜେଟିଡବ୍ଲ୍ୟୁସି ପକ୍ଷରୁ ଶୁକ୍ରବାର ସକାଳୁ ଏହାକୁ ବାତ୍ୟା ଭାବେ ଘୋଷଣା କରି ସାରିଛି। ଅପରପକ୍ଷରେ ଆଇଏମଡି ପକ୍ଷରୁ କୁହାଯାଇଛି ଯେ ବର୍ତ୍ତମାନ ଏହା ଅବପାତ ଆକାରରେ ରହିଛି। ଶନିବାର ଏହା ବାତ୍ୟାର ରୂପ ନେବ। ୨୬ ତାରିଖରେ ସାମୁଦ୍ରିକ ଝଡ଼ ରୂପରେ ବିଶାଖାପାଟଣା ଓ ଗୋପାଳପୁର ମଝିରେ ଥିବା କଳିଙ୍ଗପାଟଣମ ନିକଟରେ ସ୍ଥଳଭାଗ ଅତିକ୍ରମ କରିବ। ବାତ୍ୟା ସ୍ଥଳଭାଗ ଛୁଇଁବା ବେଳକୁ ପବନର ବେଗ ୭୦-୮୦ କିମି ଓ ଏହାର ଝଟକା ୯୦ କିମି ପର୍ଯ୍ୟନ୍ତ ଯାଇପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସ୍ପେଶାଲ ବୁଲେଟିନ୍‌ରେ କୁହାଯାଇଛି। ବିଭାଗ ପକ୍ଷରୁ ସନ୍ଧ୍ୟାରେ ଜାରି ହୋଇଥିବା ସ୍ପେସାଲ ବୁଲେଟିନ୍‌ରେ କୁହାଯାଇଛି ଯେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ଶୁକ୍ରବାର ଏକ ଲଘୁଚାପ ସୃଷ୍ଟି ହୋଇଥିଲା। ପରେ ଏହା ଘନୀଭୂତ ହୋଇ ଏକ ୱେଲମାର୍କଡ ଓ ପରେ ଅବପାତର ରୂପ ନେଇଛି। ଆସନ୍ତା ୧୨ ଘଣ୍ଟା ଅର୍ଥାତ ଶନିବାର ସକାଳୁ ଗଭୀର ଅବପାତରେ ପରିଣତ ହୋଇ ଘନୀଭୂତ ହେବ। ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ଏହା ପଶ୍ଚିମ ଉତ୍ତର ପଶ୍ଚିମ ଦିଗରେ ଗତି ପରେ ଦିଗ ପରବର୍ତ୍ତନ କରିବ ଓ ପଶ୍ଚିମ ଉତ୍ତର ପଶ୍ଚିମ ଦିଗରେ ଗତି କରି ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ର ଉପକୂଳରେ ପହଞ୍ଚିବ।

ସେହିପରି ବରିଷ୍ଠ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ବିଭିନ୍ନ ମଡେଲ୍ ବାତ୍ୟା ନେଇ ଆଶଙ୍କା ପ୍ରକାଶ କରୁଥିବା ବେଳେ କିଛି ମଡେଲ୍ ବାତ୍ୟା ସମ୍ପର୍କରେ ନିରବ ରହିଛନ୍ତି। ଜେଟିସିର ଆକଳନ ଅନୁଯାୟୀ ଆଜି ଅପରାହ୍ଣ ୧ ଟା ୩୦ ସୁଦ୍ଧା ଉତ୍ତର ପୂର୍ବ ବଙ୍ଗୋପସାଗର ସଂଲଗ୍ନ ଅଞ୍ଚଳରେ ଲଘୁଚାପଟି ବାତ୍ୟାର ରୂପ ନେଇଛି। ସନ୍ଧ୍ୟା ୫ ଟା ୩୦ରେ ପବନର ବେଗ ଘଣ୍ଟା ପ୍ରତି ୭୨ କିମି ରହିଛି। ପବନର ଝଟକା ଆଉ ୧୫ କିମି ଅଧିକ ରହିଥିଲା। ଏହି ବାତ୍ୟା ବର୍ତ୍ତମାନ ଘଣ୍ଟା ପ୍ରତି ୭ କିମି ବେଗରେ ପଶ୍ଚିମ ଆଡ଼କୁ ଗତି କରୁଛି। ଏହା କ୍ରମଶଃ ଘନୀଭୂତ ହୋଇ ୨୬ ତାରିଖ ସନ୍ଧ୍ୟା ବେଳକୁ ପଲାସାରୁ ପ୍ରାୟ ୨୦୦ କିମି ପୂର୍ବ ସମୁଦ୍ର ମଧ୍ୟରେ ଥିବ ଏବଂ ପବନର ଘଣ୍ଟାପ୍ରତି ବେଗ ୯୦ କିମି ଅର୍ଥାତ ସିଭିୟର ସାଇକ୍ଲୋନ ରହିବ। ଏହା ଦ୍ୱାରା ଓଡ଼ିଶାରେ ପ୍ରଭାବ ପଡ଼ିବ ନାହିଁ। ପାଗ ମେଘୁଆ ହୋଇପାରେ ଏବଂ ଗଞ୍ଜାମ ଉପକୂଳରେ ପବନ ମେଘ ସାମାନ୍ୟ ବଢ଼ିପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ସେହିପରି ଇସିଏମଡବ୍ଲ୍ୟୁଏଫ୍ ମଡେଲ୍ ମଧ୍ୟ ବାତ୍ୟା କଥା କହିଛି। ଏହି ବାତ୍ୟା ୨୬ ମଧ୍ୟାହ୍ଣ ପରେ ଓଡ଼ିଶା ଉପକୂଳ ଛୁଇଁପାରେ। ତେବେ ଏହା ଦ୍ୱାରା ଓଡ଼ିଶା ଉପରେ ବିଶେଷ ବର୍ଷା କିମ୍ବା ପବନର ସମ୍ଭାବନା ନାହିଁ। ହୁଏତ ଦକ୍ଷିଣ ଉପକୂଳ ଏବଂ ଦକ୍ଷିଣ ଓଡ଼ିଶା କିଛି ସ୍ଥାନରେ ମଧ୍ୟମ ଧରଣ ବର୍ଷା ହୋଇପାରେ କିନ୍ତି ବିସ୍ତୃତ ବର୍ଷାର ସମ୍ଭାବନା ନାହିଁ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ଅନ୍ୟପଟେ ଆଇଏମ୍‌ଡି ପକ୍ଷରୁ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି। କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ୨୫ ତାରିଖରେ ବର୍ଷା ଆରମ୍ଭ ହେବ ସେହିଦିନ ଭଦ୍ରକ, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଓ ଗଞ୍ଜାମରେ ପ୍ରବଳ ବର୍ଷା ହେବ। ଏଥିପାଇଁ ଏହି ଜିଲ୍ଲାଗୁଡ଼ିକ ପାଇଁ ବିଭାଗ ୟେଲୋ ଆଲର୍ଟ ଜାରି କରିଛି। ମାତ୍ର ରବିବାର ଅର୍ଥାତ ୨୬ ତାରିଖରେ ବର୍ଷାର ପ୍ରକୋପ ଯଥେଷ୍ଟ ଅଧିକ ରହିବ। ବିଶେଷ କରି କନ୍ଧମାଳ, ଗଞ୍ଜାମ, ରାୟଗଡ଼ା ଓ ଗଜପତିରେ ବର୍ଷାର ପ୍ରକୋପ ୨୦ ସେଣ୍ଟିମିଟରରୁ ଅଧିକ ରହିବ। ଏଥିପାଇଁ ଏହି ୪ ଜିଲ୍ଲା ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି।

ସେହିଦିନ କଟକ, ନୟାଗଡ଼, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରିରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କାରଯାଇଛି। ବର୍ଷାର ପ୍ରକୋପ ଅଧିକ ହେତୁ ବିଭିନ୍ନ ସ୍ଥାନରେ କଚ୍ଚା ଘର ଭାଙ୍ଗିବା ସହିତ ମାଟି ରାସ୍ତା ମଧ୍ୟ ନଷ୍ଟ ହେବାର ଆଶଙ୍କା ରହିଛି। ତଳିଆ ଅଞ୍ଚଳରେ ପାଣି ଜମିବା ସହିତ ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇବ ବୋଲି ପାଣିପାଗ କେନ୍ଦ୍ର ସତର୍କ କରାଇଛି। ଉଦ୍ୟାନ କୃଷି ସହିତ ଠିଆ ହୋଇଥିବା ଫସଲ ନଷ୍ଟ ହେବା ଭଳି ସ୍ଥିତି ଉପୁଜିପାରେ ବୋଲି କେନ୍ଦ୍ର କହିଛି। ଗୋଟିଏ ପଟେ ରାଜ୍ୟର ବିଭିନ୍ନ ନଦୀର ଜଳସ୍ତର କମି ନ ଥିବା ବେଳେ ସମ୍ଭାବ୍ୟ ବାତ୍ୟା ଯୋଗୁଁ ପ୍ରବଳ ବର୍ଷା ହେବ। ଯାହାଦ୍ୱାରା ପୁଣି ଥରେ ବିଭିନ୍ନ ଅଞ୍ଚଳରେ ବନ୍ୟା ବିଭୀଷୀକା ସୃଷ୍ଟି ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ବର୍ତ୍ତମାନ ଜଳକାକୁ ଛାଡ଼ି ସବୁ ନଦୀ ବିପଦ ସଙ୍କେତ ତଳେ ଥିଲେ ମଧ୍ୟ ପାଣି ନଦୀରେ ଜଳସ୍ତର ଯଥେଷ୍ଟ ଅଧିକ ରହିଛି ବୋଲି ପାଣିପାଗ କେନ୍ଦ୍ର କହିଛି।

### ୨୪ ଘଣ୍ଟିଆ କଣ୍ଟ୍ରୋଲ୍‌ରୁମ୍ ଖୋଲିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର: ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଦ୍ୱାରା ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏଥିପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲ୍ଲ ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି। ବିଶେଷ କରି ରେଡ୍, ଅରେଞ୍ଜ ଓ ୟେଲୋ ଆଲର୍ଟ ଜାରି କରାଯାଇଥିବା ଜିଲ୍ଲାଗୁଡ଼କର ଜିଲ୍ଲାପାଳମାନଙ୍କୁ ସତର୍କ ରହିବା ପାଇଁ ଏସ୍‌ଆରସିଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଦିଆଯାଇଛି। ତଳି ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ସହିତ ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନର ଆଶଙ୍କା ରହୁଛି। ତେଣୁ ଏହାର ମୁକାବିଲା ପାଇଁ ଜିଲ୍ଲାପାଳମାନଙ୍କୁ ଆଗୁଆ ପ୍ରସ୍ତୁତ ରହିବାକୁ କୁହାଯାଇଛି। ଜଳବନ୍ଦୀ ଅଞ୍ଚଳରୁ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରିବା ସହିତ ୨୪ ଘଣ୍ଟିଆ କଣ୍ଟ୍ରୋଲରୁମ୍ ଖୋଲିବାକୁ ମଧ୍ୟ କୁହାଯାଇଛି। ଏହାସହିତ ଶନିବାର ସୃଷ୍ଟି ହେବାକୁ ଥିବା ବାତ୍ୟା ପ୍ରଭାବରେ ସମୁଦ୍ର ମଧ୍ୟରେ ପବନର ବେଗ ୭୦-୮୦ ଓ ଏହାର ଝଟକା ୯୦ କିମି ପର୍ଯ୍ୟନ୍ତ ରହିବାର ଅଛି। ଏଥିପାଇଁ ସମୁଦ୍ର ମଧ୍ୟକୁ ମତ୍ସ୍ୟଜୀବୀମାନଙ୍କୁ ଯିବା ପାଇଁ ବାରଣ କରାଯାଇଛି।

### ଆଇଏମ୍‌ଡିର ରାତିଅଧିଆ...

ତତ୍ପରତା ପ୍ରଦର୍ଶନ କରିଥିଲେ ତାହା ବାତ୍ୟା ପୂର୍ବ ପ୍ରସ୍ତୁତି ନିମନ୍ତେ ଅଧିକ ସହାୟକ ହୋଇଥାଆନ୍ତା। ମୌସୁମୀ ପରବର୍ତ୍ତୀ ବାତ୍ୟା ଋତୁ ଆସିଯାଇଥିବାରୁ ସମୁଦ୍ର ମଧ୍ୟରେ ହେଉଥିବା ପ୍ରତ୍ୟେକଟି ଗତି ବିଧି ଉପରେ ବିଭିନ୍ନ ସଂସ୍ଥା ନଜର ରଖିଛନ୍ତି। ଏହାକୁ ଆଧାର କରି ଅନେକ ବିଦେଶୀ ମଡେଲ ବାତ୍ୟା ପାଇଁ ବାତାବରଣ ସୃଷ୍ଟି ହେବାକୁ ଯାଉଥିବା ବହୁ ପୂର୍ବରୁ ଆକଳନ କରିଛନ୍ତି। ମାତ୍ର ଆଇଏମଡ଼ି ଏ ସମ୍ପର୍କରେ ନିରବତା ଅବଲମ୍ବନ କରିବା ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପଟେ ଶୁକ୍ରବାର ସକାଳେ ଲଘୁଚାପ ସୃଷ୍ଟି ହୋଇ ଗୋଟିଏ ଦିନରେ ଏହା ବାତ୍ୟାର ରୂପ ନେବା ସମସ୍ତଙ୍କୁ ଚକିତ କରିଛି। ଅତି କମ୍ ସମୟ ମଧ୍ୟରେ ଏହା ତୀବ୍ର ଭାବେ ଘନୀଭୂତ ହେଉଥିବାରୁ ପରବର୍ତ୍ତି ଅବସ୍ଥା ସମ୍ପର୍କରେ ମଧ୍ୟ ସଠିକ୍ ଆକଳନକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ପୂର୍ବରୁ ହୋଇଥିବା ଓଖି ବାତ୍ୟା ମଧ୍ୟ ହଠାତ୍ ଘନୀଭୂତ ହୋଇ ବାତ୍ୟାର ରୂପ ନେଇଥିଲା। ଯାହାଦ୍ୱାର ସମୁଦ୍ର ମଧ୍ୟରେ ଥିବା ଅନେକ ମତ୍ସ୍ୟଜୀବୀ ପ୍ରାଣ ହରାଇଥିଲେ।

### କ୍ରୀଡ଼ା କ୍ଷେତ୍ରରେ ନବୀନ...

କରିଛି। ଏଠାରେ ସ୍ମରଣଯୋଗ୍ୟ, ଭାରତର ଜାତୀୟ ଖେଳ ହକିର ବିକାଶ କ୍ଷେତ୍ରରେ ଓଡ଼ିଶା ସରକାର ନିରନ୍ତର ଭାବେ ଯେଉଁ କାର୍ଯ୍ୟ ଜାରି ରଖିଛନ୍ତି ଏବଂ ନବୀନଙ୍କର ଦୃଢୋକ୍ତି ଦେଖି କ୍ରୀଡାପ୍ରେମୀ ବି ଆଚମ୍ବିତ। ପୂର୍ବରୁ ଓଡ଼ିଶା ସରକାର ମାତ୍ର ୯୦ ଦିନ ମଧ୍ୟରେ ୨୦୧୮ରେ ୨୨ତମ ଏସୀୟ ଆଥଲେଟିକ୍ସ ଚାମ୍ପିଅନସିପ୍ ଆୟୋଜନ କରିଥିଲେ। ଯେତେବେଳେ ହକିର ପ୍ରାୟୋଜକ ଦାୟିତ୍ୱରୁ ଭାରତବର୍ଷର ଗୋଟିଏ ନାମିଦାମୀ କଂପାନି ଓହରି ଆସିଥିଲା, ସେବେ ନବୀନ ସାମ୍ନାକୁ ଆସିଥିଲେ। ଏବେ ଓଡ଼ିଶାର ସଂପୃକ୍ତି ପରେ ଚାରିଦଶନ୍ଧି ପରେ ଅଲମ୍ପିକ୍ସରେ ମିଳିଥିବା ସଫଳତା ନବୀନ ଓ ଭାରତର ହକି ଦଳ ସଂପର୍କକୁ ଆହୁରି ଘନିଷ୍ଠ କରିଦେଇଛି। ସେହିଭଳି ଫୁଟବଲ୍ ଓ ରଗ୍‌ବୀ କ୍ଷେତ୍ରରେ ବି ଓଡ଼ିଶା ଇତିମଧ୍ୟରେ ସାହସିକ ପଦକ୍ଷେପ ନେଇସାରିଲାଣି। ରଗ୍‌ବୀ ପ୍ରାୟୋଜକ ଦାୟିତ୍ୱ ବି ଓଡ଼ିଶା ସରକାର ନେଇଛନ୍ତି। ତେବେ ହକି କ୍ଷେତ୍ରରେ ନବୀନଙ୍କର ଏଭଳି ଗୋଟିଏ ପରେ ଗୋଟିଏ ନିଷ୍ପତ୍ତି ବିଶ୍ୱ ସମୁଦାୟ ଆଗରେ ଭାରତର ଜାତୀୟ ଖେଳ ପ୍ରତି ଆଦୃତ୍ତି ବଢାଉଛି ଓ ରାଜ୍ୟକୁ ଗୋଟିଏ ଭିନ୍ନସ୍ତରକୁ ନେଇଗଲେଣି। କ୍ରିକେଟ୍ ମନସ୍କ ଯୁବ ବର୍ଗ ଏବେ ହକି ପାଇଁ ପାଗଳ ହେବା ଆରମ୍ଭ କଲେଣି ଏବଂ ହକି ଖେଳାଳିମାନଙ୍କୁ ମଧ୍ୟ ସ୍ୱୀକୃତି ଦେଲେଣି। ଏକଥା ନିକଟରେ ଟୋକିଓ ଅଲମ୍ପିକରେ ହକିର ସଫଳତା ପରେ ଦେଶର ବିଭିନ୍ନ ଅଞ୍ଚଳରେ ଯେଭଳି ସମ୍ବର୍ଦ୍ଧନା ଦିଆଗଲା, ସେଥିରୁ ଜଣାପଡିଯାଇଛି। ଏପରି ପରିସ୍ଥିତିରେ ଓଡ଼ିଶା ଏହି ଜୁନିୟର ବିଶ୍ୱକପ୍ ଆୟୋଜନ ଲାଗି ଆଗେଇ ଆସିବା ପରେ କ୍ରୀଡାପ୍ରେମୀ ଆହୁରି ଉତ୍ସାହିତ ହୋଇପଡିଛନ୍ତି। ରାଜନୈତିକ ମହଲର କହିବା କଥା ହେଉଛି, ରାଜନୀତିରେ ଅତ୍ୟନ୍ତ ସଫଳ ନବୀନ ହକି ଖେଳକୁ ସର୍ବକାଳୀନ ଲୋକାଦୃତି କରିବା ସହିତ ଓଡ଼ିଶାକୁ ବିଶ୍ୱର କୋଣ ଅନୁକୋଣରେ ପହଞ୍ଚାଇବା ଲାଗି ବିଭିନ୍ନ କ୍ଷେତ୍ରରେ ଯେଉଁ ଉଦ୍ୟମ ଆରମ୍ଭ କରିଛନ୍ତି, ତାହା ଏବେ ଅଧିକ ପରିପୁଷ୍ଟ ହେବାରେ ଲାଗିଛି। ଆଥଲେଟ ଏବଂ କ୍ରୀଡ଼ାବିତଙ୍କୁ ସହାୟତା କରିବା କ୍ଷେତ୍ରରେ ଓଡ଼ିଶା ପ୍ରୟୋଗଶାଳା ପାଲଟିଛି। ଓଡ଼ିଶା ଏବେ ଦେଶର ପ୍ରଶଂସନୀୟ କ୍ରୀଡା ଭିତ୍ତିଭୂମି କ୍ଷେତ୍ର ନିର୍ମାଣରେ ଲାଗିଛି। ନିକଟ ଅତୀତରେ ସମସ୍ତ କ୍ରୀଡ଼ା କାର୍ଯ୍ୟକଳାପ ପାଇଁ ରାଜ୍ୟ ଏକ ନିରନ୍ତର ସ୍ତମ୍ଭ ହୋଇଆସୁଛି।

ଏହି ମହଲ ଆହୁରି କହୁଛନ୍ତି, ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ଓ ଶିକ୍ଷା ଭିତ୍ତିଭୂମି ନିର୍ମାଣରେ ମନୋନିବେଶ କରିଥିବା ମୁଖ୍ୟମନ୍ତ୍ରୀ ଏବେ କ୍ରୀଡାରେ ଉତ୍କର୍ଷତା ଲାଭ କରିବା ଲାଗି ପ୍ରତିବଦ୍ଧତା ପ୍ରକଟ କରିଛନ୍ତି। ଭୁବନେଶ୍ୱରର ପରିଚୟ ବଦଳୁଛି ଓ ଏହା କ୍ରୀଡା ରାଜଧାନୀର ମାନ୍ୟତା ପାଇଛି, ଖାସ୍ ରାଜ୍ୟ ସରକାରଙ୍କ କ୍ରୀଡା ରୂପାନ୍ତରୀକରଣ କାର୍ଯ୍ୟକ୍ରମ ପାଇଁ। ୨୦୨୩ ହକି ବିଶ୍ୱକପ୍ ଏ କ୍ଷେତ୍ରରେ ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରିବ। ସଂପ୍ରତି କଳିଙ୍ଗ ଷ୍ଟାଡିୟମ୍ ସହିତ ହକିର ଏନ୍ତୁଡିଶାଳ ସୁନ୍ଦରଗଡ ଜିଲ୍ଲାରେ (ରାଉରକେଲାଠାରେ) ଦେଶର ବଡ ହକି ଷ୍ଟାଡିୟମ୍ ନିର୍ମାଣ କରୁଛନ୍ତି। ଓଡ଼ିଶା ଅଲମ୍ପିକ୍ସ ପାଇଁ ପ୍ରସ୍ତୁତି ଆରମ୍ଭ କରୁଛି। ଏହାଦ୍ୱାରା କେବଳ କ୍ରୀଡାର ବିକାଶ ହେଉଛି ତାହା ନୁହେଁ, ବରଂ ଯୁବ ପିଢି ମନ ବଦଳାଇଲେଣି।

ଖେଳ ପ୍ରତି ଗାଁ ଗାଁରେ ଆଦୃତ୍ତି ବଢୁଛି ଓ ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସାରା ଓଡ଼ିଶାରେ ଷ୍ଟାଡିୟମ୍ ନିର୍ମାଣ ଲାଗି ୭୦୦ କୋଟିର ଟଙ୍କାର ଗୋଟିଏ ବଡ ବଜେଟ୍ ଖର୍ଚ୍ଚ କରିବା ଲାଗି ଟ୍ରେଜେରି ଖୋଲିଦେଇଛନ୍ତି। ଏହାର ସାମାଜିକ ପ୍ରଭାବ ମଧ୍ୟ ଆସନ୍ତା ଦିନରେ ରାଜ୍ୟ ଅନୁଭବ କରିବ ଓ ଓଡ଼ିଶା ଦେଶର ପ୍ରଶଂସନୀୟ କ୍ରୀଡା ଭିତ୍ତିଭୂମି ଭାବେ ମୁଣ୍ଡ ଟେକିବା ସମୟ ଆଉ ବେଶୀ ଦୂର ନୁହେଁ ବୋଲି ମତ ରଖିଛନ୍ତି।

### ଦୋହରାଇବେ...

ଏଫସିଆଇ ସିଧାସିଧା ମନା କରି ଦେଇଛି। ଅନୁରୂପ ଭାବରେ କେନ୍ଦ୍ର ଉପରେ ଧାନ କିଣା ସବସିଡ଼ି ବାବଦରେ ପ୍ରାୟ ୬ ହଜାର କୋଟି ଟଙ୍କା ବକେୟା ପଡ଼ିଛି। କେନ୍ଦ୍ର ଆଗ୍ରୀମ ଟଙ୍କା ଦେଉ ନଥିବାରୁ ରାଜ୍ୟ ସରକାର ବ୍ୟାଙ୍କରୁ ଋଣ କରି ଚାଷୀଙ୍କ ଠାରୁ ଧାନ କିଣିବାକୁ ବାଧ ହେଉଛି ଏବଂ ଏଥିପାଇଁ ସୁଧ ଗଣୁଛି। ତେଣୁ ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ବିଭାଗର ମନ୍ତ୍ରୀ ଓ ଅଧିକାରୀଙ୍କୁ ଭେଟିପାରନ୍ତି ବୋଲି କୁହାଯାଉଛି।

ରାଜ୍ୟରେ ଇଣ୍ଟରନେଟ୍ ଓ ମୋବାଇଲ ସେବାର ଉନ୍ନତି ନିମନ୍ତେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ନିକଟରେ ଦାବି କରିପାରନ୍ତି ବୋଲି ମଧ୍ୟ ଅନ୍ୟଏକ ସୂତ୍ରରୁ ସୂଚନା ମିଳିଛି। ରାଜ୍ୟରେ ୭୫୦୦ ଗାଁ ମୋବାଇଲ୍ ଓ ଇଣ୍ଟରନେଟ୍ ସେବାରୁ ବଞ୍ଚିତ ଅଛନ୍ତି। ଗଜପତି, କନ୍ଧମାଳ, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ରାୟଗଡ଼ା ଜିଲ୍ଲାରେ ୩୦%ରୁ ଅଧିକ ଗାଁରେ ମୋବାଇଲ୍ ସେବା ଉପଲବ୍ଧ ନାହିଁ। ରାଜ୍ୟରେ ସମୁଦାୟ ୫୧୩୧୧ ଗାଁରୁ ୧୧ ହଜାର ଗାଁରେ ମୋବାଇଲ୍ ସଂଯୋଗ ନାହିଁ। ତେଣୁ କରୋନା କାଳରେ ପିଲାଙ୍କ ଅନଲାଇନ ପାଠପଢ଼ା ବାଧାପ୍ରାପ୍ତ ହୋଇଛି, ବିଭିନ୍ନ ସରକାରୀ ଯୋଜନାରେ ସହାୟତା ରାଶି ପ୍ରଦାନରେ ଏହା ବାଧକ ହୋଇଛି।

ଏହାବ୍ୟତୀତ ବର୍ତ୍ତମାନ ରାଜ୍ୟରେ 'ଆବାସ' ଏକ ବଡ଼ ସମସ୍ୟା ଭାବରେ ଉଭା ହୋଇଛି। ଓଡ଼ିଶାର ୫୨୧୬୮ ଗାଁ ଏସ୍‌ଇସିସି (ସାମାଜିକ, ଆର୍ଥିକ, ଜାତିଭିତ୍ତିକ ଜନଗଣନା) ଡ଼ାଟାଭୁକ୍ତ ହୋଇଥିବାବେଳେ ୪୮୩୩ ଗାଁକୁ ଏଯାଏ ଏଥିରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ ଓ ଆବାସ ସଫ୍ଟ ୱେବସାଇଟରେ ଏହି ଗାଁ ଗୁଡ଼ିକ ସମ୍ପର୍କରେ କୌଣସି ତଥ୍ୟ ନାହିଁ। ଚଳିତ ବର୍ଷ ରାଜ୍ୟ ସରକାର 'ଆବାସ' ଯୋଜନାରେ ନିଜର ଅଂଶ ନିମନ୍ତେ ବଜେଟରେ ୩୦୦୦ କୋଟି ଟଙ୍କା ବରାଦ କରିଛନ୍ତି। କେନ୍ଦ୍ର ସରକାରଙ୍କ ଅଂଶ ମିଳିଲେ ଏହି ଅର୍ଥ ବ୍ୟୟ ହୋଇପାରିବ। ମାତ୍ର କେନ୍ଦ୍ର ସରକାର ଆବାସ ଯୋଜନାରେ ନିଜର ଅଂଶଧନ ଦେବାରେ ଟାଳଟୁଳ ଅବଲମ୍ବନ କରୁଥିବାରୁ 'ଆବାସ' ପ୍ରକଳ୍ପ ଆଗକୁ ଆଗେଇ ପାରୁନାହିଁ। ତେଣୁ ଏ ସମ୍ପର୍କରେ ମଧ୍ୟ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ଅବଗତ କରିପାରନ୍ତି ବୋଲି କୁହାଯାଉଛି।

### ସାମ୍ବାଦିକ ମୃତ...

ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତରଖାନାରେ ଅରିନ୍ଦମଙ୍କୁ ମୃତ ଘୋଷଣା କରାଯାଇଥିବା ବେଳେ ଓଡ୍ରାଫ ଯବାନ ହରିଶ୍ଚନ୍ଦ୍ର ନାୟକ, ଆନନ୍ଦ ପାଲ ଓ ସଞ୍ଜୀବ ବିଶ୍ୱାଳ ଓ କ୍ୟାମେରାମ୍ୟାନ ପ୍ରଭାତ ଚିକିତ୍ସିତ ହେଉଛନ୍ତି। ଓଡ୍ରାଫ୍‌ର ଜଣେ ଯବାନ ସନାତନ ମୁର୍ମୁ ନିଖୋଜ ଅଛନ୍ତି। ଶୁକ୍ରବାର ସନ୍ଧ୍ୟା ପର୍ଯ୍ୟନ୍ତ ସନାତନଙ୍କୁ ଖୋଜିବା ପ୍ରକ୍ରିୟା ଚାଲିଥିଲା। ଶନିବାର ସକାଳୁ ପୁଣି ଉଦ୍ଧାର ଅଭିଯାନ ଚାଲିବ ବୋଲି ସୂଚନା ମିଳିଛି। ଅନ୍ୟପଟେ ଆଇନଶୃଙ୍ଖଳା ଏଡିଜି ଆର୍.କେ ଶର୍ମା ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। କେମିତି ଓଡ୍ରାଫ୍ ବୋଟରେ ସାମ୍ବାଦିକମାନେ ଗଲେ ସେ ଦିଗରେ ତଦନ୍ତ ଆରମ୍ଭ ହୋଇଛି। ଆର୍.କେ. ଶର୍ମା ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି।

ଓଡ୍ରାଫର ୫ଜଣିଆ ଟିମ ହାତୀ ପାଖକୁ ଯାଉଥିବା ବେଳେ ସେହି ବୋଟ୍‌ରେ ଅରିନ୍ଦମ ଓ କ୍ୟାମେରା ସହଯୋଗୀ ପ୍ରଭାତ ଲାଇଭ କଭରେଜ ପାଇଁ ବୋଟରେ ଚଢ଼ିଥିଲେ। ସେମାନେ ବୋଟ ଜରିଆରେ ହାତୀ ନିକଟରେ ପହଞ୍ଚିଥିଲେ। ହାତୀକୁ ଅତିକ୍ରମ କରି ତା'ର ପଛପାର୍ଶ୍ୱକୁ ଯାଇ ପହଞ୍ଚିଥିଲେ। ଏହି ସମୟରେ ପାଣିର ପ୍ରଖର ସୁଅ ବୋଟରେ ମାଡ଼ ହେଉଥିବାରୁ ଦୁର୍ଭାଗ୍ୟବଶତଃ ବୋଟ୍‌ର ଷ୍ଟାର୍ଟ ବନ୍ଦ ହୋଇ ଯାଇଥିଲା। ପାଣି ସୁଅ ଭିତରେ ଓଲଟି ପଡ଼ିଥିଲା ବୋଟ୍। ସଙ୍ଗେସଙ୍ଗେ ବ୍ୟାରେଜ ଉପରୁ ଦଉଡି ପକାଯାଇ ଉଦ୍ଧାର କରିବା ପାଇଁ ଚେଷ୍ଟା କରାଯାଇଥିଲା। ୫ଜଣଙ୍କୁ ଏହି ପ୍ରକ୍ରିୟାରେ ଉପରକୁ ଉଠାଇ ଅଣାଯାଇଥିଲା। ମାତ୍ର ଅରିନ୍ଦମ ଭାସି ଯାଇଥିଲେ। କିଛି ବାଟ ଦୂରରେ ତାଙ୍କୁ ଡଙ୍ଗା ଜରିଆରେ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା।

ଯୁବ ସାମ୍ବାଦିକ ଅରିନ୍ଦମ ଦାସଙ୍କ ଦେହାନ୍ତରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଅରିନ୍ଦମଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି। କାର୍ଯ୍ୟରତ ଯୁବ ଓଡ଼ିଆ ସାମ୍ବାଦିକ ଅରିନ୍ଦମ ଦାଶଙ୍କ ପରଲୋକରେ ରାଜ୍ୟପାଳ ଶୋକପ୍ରକାଶ କରିବା ସହ ତାଙ୍କ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି। ଏହାସହିତ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି।

ଓଡ଼ିଶାର ସାମ୍ବାଦିକତା ଜଗତ ପାଇଁ ଏହା ଏକ ଅପୂରଣୀୟ କ୍ଷତି। ଟୁଇଟ୍ ମାଧ୍ୟମରେ ନିଜର ଶୋକବାର୍ତ୍ତା ଜଣାଇ ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ସମସ୍ତ ଆହତଙ୍କ ଆଶୁ ଆରୋଗ୍ୟ ମୁଖ୍ୟମନ୍ତ୍ରୀ କାମନା କରିଛନ୍ତି। ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ମାନସ ରଞ୍ଜନ ମଙ୍ଗରାଜ ତାଙ୍କର ବିୟୋଗରେ ଶୋକବ୍ୟକ୍ତ କରିବା ସହ ଜଣେ ଉଦୀୟମାନ ସାମ୍ବାଦିକଙ୍କୁ ରାଜ୍ୟ ହରାଇଲା ବୋଲି କହିଛନ୍ତି। ଏହା ସହ ତାଙ୍କର ପରିବାରକୁ ମଧ୍ୟ ଶ୍ରୀ ମଙ୍ଗରାଜ ନିଜର ସମବେଦନା ଜଣାଇଛନ୍ତି।

### ନାବାଳିକାଙ୍କୁ ଗଣଦୁଷ୍କର୍ମ...

ଏସ୍‌ପି ରାଜ କିଶୋର ପାଇକରାୟ ଓ ରିଆମାଳ ଥାନା ଅଧିକାରୀ ଗୋପବନ୍ଧୁ ବେହେରା ସଦଳବଳ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଅଭିଯୁକ୍ତ ଦ୍ୱୟଙ୍କ ଚପଲ, ମନିପର୍ସ, ଆଧାର କାର୍ଡ ଓ ନାବାଳିକାର ଅନ୍ତବସ୍ତ୍ର ଜବତ କରିଥିଲେ।

### ଶୁଭମ୍ କୁମାର ସର୍ବଭାରତୀୟ...

୬୨୦ରେ ସୁଧାଂଶୁ ନାୟକ, ୬୫୮ରେ ଜିତେନ୍ଦ୍ର କୁମାର ମେହେର ପ୍ରମୁଖଙ୍କୁ ମିଶାଇ ୨୦ରୁ ଅଧିକ ଓଡ଼ିଆ ଛାତ୍ରଛାତ୍ରୀ ଚଳିତ ବର୍ଷ ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି।

ଦେଶରେ କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀଙ୍କ ମଧ୍ୟରୁ ପ୍ରଶାସନିକ ସେବା ପାଇଁ ୧୮୦ ଜଣଙ୍କୁ ମନୋନୀତ କରାଯାଇଥିବାବେଳେ ଆଇଏଫ୍ଏସ୍ ପାଇଁ ୩୬, ଆଇପିଏସ୍ ବର୍ଗରେ ୨୦୦, ଗ୍ରୁପ୍ ଏ ବର୍ଗର ସେବା ପାଇଁ ୩୦୨ ଏବଂ ଗ୍ରୁପ୍ ବି ବର୍ଗର ସେବା ପାଇଁ ୧୧୮ ଜଣଙ୍କୁ ମନୋନୀତ କରାଯାଇଛି। ଆସନ୍ତା ୧୫ ଦିନ ମଧ୍ୟରେ ଛାତ୍ରଛାତ୍ରୀଙ୍କ ମାର୍କ ଅନଲାଇନ୍‌ରେ ଉପଲବ୍ଧ ହେବ।

---

**ବିଜେଡି ଯୁବନେତାଙ୍କୁ ହତ୍ୟା ଘଟଣା**

# ୨ ଜଣଙ୍କୁ ଆଜୀବନ କାରାଦଣ୍ଡ




ସାଲେପୁର,୨୪।୯(ସମିସ): ବହୁଚର୍ଚ୍ଚିତ ବିଜେଡି ଯୁବନେତା ଚିତ୍ତ ମହାନ୍ତିଙ୍କୁ ବୋମାମାଡ଼ ଓ ହତ୍ୟା ଘଟଣାର ବିଚାର କରି ଆଜି ସାଲେପୁର ଅତିରିକ୍ତ ଦୌରାଜଜ୍ ଦୁଇଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୭ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି।

୨୦୧୨ ଜୁଲାଇ ୧୮ ତାରିଖ ରାତି ପ୍ରାୟ ୧୦ଟାରେ ରୋଧପୁର ଗ୍ରାମର ଛାତ୍ର ବିଜେଡି ଯୁବନେତା ଚିତ୍ତରଞ୍ଜନ ମହାନ୍ତି ନିଜ ଘର ଭିତରକୁ ପ୍ରବେଶ କରୁଥିବାବେଳେ ବୋମାମାଡ଼ ହୋଇଥିଲା। ତାଙ୍କୁ ସ୍ଥାନୀୟ ଲୋକେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଭର୍ତ୍ତି କରିଥିବାବେଳେ ସେଠାରୁ କଟକ ବଡ଼ ମେଡିକାଲକୁ ନେବା ସମୟରେ ବାଟରେ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ମୃତ ଚିତ୍ତରଞ୍ଜନଙ୍କ ପିତା ଅନିରୁଦ୍ଧ ମହାନ୍ତି ସାଲେପୁର ଥାନାରେ ଅଭିଯୋଗ କରିଥିଲେ। ସାଲେପୁର ପୁଲିସ ମାମଲା ରୁଜୁ କରି ଉତ୍ତର ବଟେଶ୍ୱର ଗ୍ରାମର ଦୁଷ୍ମନ୍ତ ଦାସ ଓ ଉକ୍ତ ଗ୍ରାମର ସଞ୍ଜୟ ଭୋଇଙ୍କୁ ଗିରଫ କରିଥିଲା। ପରେ ଏହି ହତ୍ୟାକାଣ୍ଡ ଘଟଣାକୁ ଗୁରୁତ୍ୱ ଦେଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। କ୍ରାଇମ୍‌ବ୍ରାଞ୍ଚ ଏହାର ତଦନ୍ତ କରିଥିଲା। ଆଜି ସାଲେପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସଂଗ୍ରାମ କିଶୋର ପଟ୍ଟନାୟକ ଏହି ମାମଲାର ୨୦ଜଣଙ୍କ ସାକ୍ଷ୍ୟପ୍ରମାଣକୁ ଆଧାର କରି ୨ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିବା କ୍ରାଇମ୍‌ବ୍ରାଞ୍ଚର ଡେପୁଟି ଡାଇରେକ୍ଟର ପ୍ରସିକ୍ୟୁଟର ଚିତ୍ତରଞ୍ଜନ କାନୁନଗୋ ପ୍ରକାଶ କରିଛନ୍ତି। ମୃତ ଚିତ୍ତରଞ୍ଜନଙ୍କ ପିତା ଅନିରୁଦ୍ଧ ମହାନ୍ତି ୯ ବର୍ଷ ପରେ ତାଙ୍କୁ ନ୍ୟାୟ ମିଳିଥିବାରୁ ତାଙ୍କ ପୁଅର ଆତ୍ମାକୁ ଶାନ୍ତିମିଳିଲା ବୋଲି ପ୍ରକାଶ କରିବା ସହ ଅଦାଲତର ରାୟରେ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଠାରେ ପ୍ରକାଶଯୋଗ୍ୟ ଯେ କିଛିଦିନ ତଳେ ସାଲେପୁର ଆଇଆଇସି ମୃଣ୍ମୟ ସେନାପତି ଏହି ହତ୍ୟାକାଣ୍ଡର ଅଭିଯୁକ୍ତ ଦୁଷ୍ମନ୍ତ ଦାସ ଓ ସଞ୍ଜୟ ଭୋଇଙ୍କୁ ୱାରେଣ୍ଟ ବଳରେ ଗିରଫ କରିଥିଲେ।

### ଘୁଞ୍ଚିଲା ଓସିଏସ ପ୍ରମାଣପତ୍ର ଯାଞ୍ଚ ଏବଂ ମୌଖିକ ପରୀକ୍ଷା

କଟକ,୨୪।୯(ସମିସ): ଓଡ଼ିଶା ଲୋକସଭା ଆୟୋଗ (ଓପିଏସସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା-୨୦୧୯ ର ଚାଲିଥିବା ପ୍ରମାଣପତ୍ର ଯାଞ୍ଚ ଏବଂ ମୌଖିକ ପରୀକ୍ଷା ଆସନ୍ତା ୨୭ ତାରିଖରେ ବନ୍ଦ ରହିବ। ସଂଯୁକ୍ତ କିଶାନ ମୋର୍ଚ୍ଚା ପକ୍ଷରୁ ଆସନ୍ତା ୨୭ ତାରିଖରେ ଭାରତ ବନ୍ଦ ଡକରା ଦିଆଯାଇଥିବାରୁ ଉକ୍ତ ଦିନ ପରିବର୍ତ୍ତେ ଆସନ୍ତା ଅକ୍ଟୋବର ୫ ତାରିଖରେ ଏହି ପରୀକ୍ଷା ହେବ। ଏନେଇ ଆଜି ଓପିଏସସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନା ଥାଉକି, ପ୍ରାୟ ୩୬ ଜଣ ପ୍ରାର୍ଥୀ ଏହି ପରୀକ୍ଷା ଦେଇଥାନ୍ତେ।

### ଯୁବତୀଙ୍କ ନକଲି ଫେସ୍‌ବୁକ୍ ଆଇଡିରେ ଅଶ୍ଳୀଳ ଫଟୋ ପୋଷ୍ଟକରି ଯୁବକ ଗିରଫ

କଟକ,୨୪।୯(ସମିସ): ସମ୍ବଲପୁର ଜିଲ୍ଲା ଧମା ଥାନା ବଦୁଆପାଲି ଗ୍ରାମର ଜଣେ ଯୁବତୀଙ୍କ ନକଲି ଫେସବୁକ ଆକାଉଣ୍ଟ ଖୋଲି ସେଥିରେ ଅଶ୍ଳୀଳ ଫଟୋ ଛଡ଼ାଯାଉଥିବା ଅଭିଯୋଗରେ କ୍ରାଇମବ୍ରାଞ୍ଚ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଉଛି ବରଗଡ଼ ଜିଲ୍ଲା ଭେଡେନ ଥାନା ଜୁଗିପାଲି ଗ୍ରାମର ଗୋକୁଳ ଓରଫ କ୍ଷୀରସିନ୍ଧୁ ପ୍ରଧାନ(୨୨)। ସମ୍ପୃକ୍ତ ଗିରଫ ଯୁବକ ନିକଟରୁ ବହୁ ଆପତ୍ତିଜନକ ସାମଗ୍ରୀ ମିଳିଛି। ଅଭିଯୋଗ ଅନୁସାରେ, ବାଦୁଆପାଲି ଗ୍ରାମର ଜଣେ ମହିଳାଙ୍କ ଭଉଣୀଙ୍କ ନାମରେ ଫେକ୍ ଫେସବୁକ ଆଇଡି ଖୋଲାଯାଇ ଭଉଣୀର ଅଶ୍ଳୀଳ ଫଟୋ ଛଡ଼ାଯାଉଥିଲା। ଏପରିକି ଭଉଣୀ ନାମରେ ଖୋଲିଥିବା ଫେସବୁକରୁ ଅନ୍ୟମାନଙ୍କ ସହ ଚାଟିଂ କରାଯାଉଥିବା ଅଭିଯୋଗ ହୋଇଥିଲା। ଏପରିକି ଉପରୋକ୍ତ ଅଭିଯୁକ୍ତଙ୍କ ସମ୍ପୃକ୍ତି ନେଇ ମଧ୍ୟ ଅଭିଯୋଗକାରୀ ଏତଲା ଦେଇଥିଲେ।

**ହାଇକୋର୍ଟରେ ବେଆଇନ ଚିଙ୍ଗୁଡ଼ିଘେରି ପ୍ରସଙ୍ଗ**

# କେନ୍ଦ୍ର ସରକାରଙ୍କୁ ଜବାବଦାଖଲ ନିର୍ଦ୍ଦେଶ

କଟକ,୨୪।୯(ସମିସ): ହାଇକୋର୍ଟରେ ଆର୍ଦ୍ରଭୂମି ସୁରକ୍ଷା ତଥା ବେଆଇନ ଚିଙ୍ଗୁଡ଼ିଘେରି ଉଚ୍ଛେଦ ସମ୍ପର୍କିତ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଏସ ମୁରଲୀଧର ଓ ବିଚାରପତି ଜଷ୍ଟିସ ବି.ପି ରାଉତରାୟଙ୍କ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କ ଜବାବ ଦାଖଲ ନିର୍ଦ୍ଦେଶ ଦେଇଛନ୍ତି। ପୁରୀ, ଗଞ୍ଜାମ, ଖୋର୍ଦ୍ଧା ଓ କେନ୍ଦ୍ରାପଡ଼ା ଜିଲ୍ଲାର ଉପକୂଳରେ ଗଢିଉଠିଥିବା ବେଆଇନ ଚିଙ୍ଗୁଡ଼ିଘେରି ସହ ଚିଙ୍ଗୁଡ଼ି ହ୍ୟାଚେରିଗୁଡ଼ିକ ମଧ୍ୟ ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏହି ମାମଲାରେ କେତେକ ଇଣ୍ଟରଭେନସନ ପିଟିସନ ଦାୟର କରାଯାଇଥିଲା। ଡିଏଲସି ବୈଠକରେ ସମ୍ବେଦନଶୀଳ ଅଞ୍ଚଳରେ ଚିଙ୍ଗୁଡ଼ି ଚାଷକୁ ଅନୁମତି ପ୍ରଦାନ ନ କରିବାକୁ ନିଷ୍ପତ୍ତି ନିଆଯାଇଥିବା ଫଙ୍କସନରେ ସରକାରୀ ଓକିଲ ହାଇକୋର୍ଟଙ୍କୁ ଅବଗତ କରାଇଥିଲେ। ଅନ୍ୟପକ୍ଷରେ କେବଳ ପୁରୀ ଜିଲ୍ଲାପାଳ ଭର୍ଚୁଆଲ ମାଧ୍ୟମରେ ହାଜର ହୋଇ ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ବିଭିନ୍ନ ପଦକ୍ଷେପ ନିଆଯାଇଥିବା ସମ୍ପର୍କରେ ଜଣାଇଥିଲେ। କେତେକ ଇଣ୍ଟରଭେନର ଉପସ୍ଥାପନ କରିଥିବା ପ୍ରସଙ୍ଗରେ ହାଇକୋର୍ଟ ଚିଙ୍ଗୁଡିଘେରି ଗୁଡିକର ପଞ୍ଜୀକରଣ ଓ ଲାଇସେନ୍ସ ବୈଧ ରହିଛି ନା ନାହିଁ ତାହା ଅନୁଧ୍ୟାନ କରିବାକୁ କହିଥିଲେ। କୋଷ୍ଟାଲ ଆକ୍ୱାକଲଚର ଅଥରିଟି ଆକ୍ଟ ଅନୁସାରେ, ଚିଙ୍ଗୁଡ଼ିଘେରିଗୁଡ଼ିକ ନିର୍ଦ୍ଧାରିତ ସୀମାରେ ନଥିବା ନେଇ ଅଥରିଟି ନିଶ୍ଚିତ ନକରିବା ପର୍ଯ୍ୟନ୍ତ ଏହି ଇଣ୍ଟରଭେନରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ଜାରି କରିଥିବା ଅନ୍ତରୀଣ ରୋକ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବଳବତ୍ତର ରଖିଛନ୍ତି ଅଦାଲତ। ପ୍ରକାଶଥାଉକି ଏହି ମାମଲାରେ ଆଇନଜୀବୀ ମୋହିତ ଅଗ୍ରୱାଲଙ୍କୁ ହାଇକୋର୍ଟ ଆମିକସକ୍ୟୁରୀ ନିଯୁକ୍ତି ଦେଇଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ସେପ୍ଟେମ୍ବର ନଭେମ୍ବର ୧୭ ତାରିଖକୁ ଧାର୍ଯ୍ୟ କରାଯାଇଛି।

**OFFICE OF THE PANCHAYAT SAMITI, BONTH**

At- Bonth, Po- Bonth, Dist.- Bhadrak, Pin-756114
email: ori-bonth@nic.in
Adv No.- 01/2021-22 Date- 23.09.2021 175-I

No. 2527 Dt.- 24.09.2021

**TENDER CALL NOTICE**

Sealed Tender (Percentage Rate) in conformity with the DTCN are invited from "C" class and above contractors registered with central Govt. / MES / Railways the State Govt. for execution of civil works under Panchayat Samiti Bonth. The tender document (BOQ & DTCN) obtained from Block development officer on Dt.27.09.2021 to 16.10.2021 till 3.00 P.M. The tender will be received up to Date 16.10.2021 till 3.00 P.M & same will be dropped in tender box available at to Panchayat Samiti Bonth, Dist.: Bhadrak, PIN-756114 through registered / Speed post & no courier service shall be accepted. The tender shall be opened at 3.30 pm on dt. 16.10.2021 in the office of the Panchayat Samiti Bonth. The incomplete bid in any form is liable for rejection. The details terms and condition can be seen at NIC website (www.bhadrak.nic.in).

OIPR-19150/11/0001/2122

Sd/- Block Development Officer
Bonth

**PUBLIC NOTICE**

This Notice is issued to all person(s)/ institution(s) and general public that an equitable mortgage shall be created in respect of the following land in Dist.- Khurdha, Tahasil- Bhubaneswar, Mouza- Koradakanta, New Mutation Khata No.- 459/2537, Chaka No.- 145, Plot No.-164, Area.-Ac.1.196 dec. correspondence to Sabak Khata No.- 347 & 459/15, Chaka No.- 145, Plot No.- 164, Area.- Ac.1.196 dec. and for which two link documents of mine i.e. (1) Original R.S.D. infavour of Sagarika Kar of Khata No.- 347, Chaka No.- 145, Plot No.- 164, Area.- Ac.1.196 dec. (2)Original R.O.R. of Khata No.- 459/15, Chaka No.- 145, Plot No.- 164, Area.- Ac.1.196 dec. in the name of Sagarika Kar has been lost somewhere in Sahid Nagar, Bhubaneswar on dtd.05.04.2021 and necessary police report has been made at Sahid Nagar Police Station on dtd.06.04.2021.
Therefore any person(s)/institution(s)/ member of the general public having any interest in the said property. If any, is/are requested to intimate the undersigned within fifteen days from the date of publication of this notice failing which it shall be deemed that the said property is free from any mortgaged charges lien, litigation and encumbrances.

Smt. Sagarika Kar
W/o- Sri Ajit Kumar Kar
Near Janana Hospital Road, Ramahari Nagar, 2nd Sahi, Brahmapur Sadar, Berhampur, Dist.- Ganjam, Odisha-760001
Ph. No.- 6370504656

**ପୂର୍ବ ତଟ ରେଳପଥ**

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-19-21
କାର୍ଯ୍ୟର ବିବରଣୀ : ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାର ଉନ୍ନୟନ ସହିତ ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ପ୍ଲାଟଫର୍ମ ଏବଂ ପରିକ୍ଷେତ୍ର (Circulating area)ରେ ଆଲୋକିତକରଣର ଉନ୍ନୟନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 1,50,38,513.33

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-20-21
କାର୍ଯ୍ୟର ବିବରଣୀ : ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳରେ 17 ଗୋଟି ରେଳ ଷ୍ଟେସନଠାରେ ଲାଇଟିଙ୍ଗ୍ (Lighting)ର ଉନ୍ନୟନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 1,75,89,439.73

(3)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-21-21
କାର୍ଯ୍ୟର ବିବରଣୀ : ରେଳକୁଞ୍ଜ, ଭୁବନେଶ୍ୱର ଠାରେ 100 KLD କ୍ଷମତା ବିଶିଷ୍ଟ ନବ ନିର୍ମିତ ମଇଳା ପାଣି ଉପଚର କାରଖାନା(Sewage Treatment Plant) ନିମନ୍ତେ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 3,61,038.99

(4)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-22-21
କାର୍ଯ୍ୟର ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ଖୋର୍ଦ୍ଧା ରୋଡ଼, ଭଦ୍ରକ, ବ୍ରହ୍ମପୁର ଏବଂ ପଲାସା ରେଳ ଷ୍ଟେସନ ଠାରେ ଷ୍ଟେସନ ସିକ୍ୟୁରିଟି ପ୍ଲାନ୍(Station security plan)ର ବ୍ୟବସ୍ଥା ସମ୍ବନ୍ଧୀୟ ବିଦ୍ୟୁତୀକରଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 9,34,749.88

ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/- (କ୍ରମ ସଂ.1 ଏବଂ 2 ପାଇଁ), 1,180/- (କ୍ରମ ସଂ.3 ପାଇଁ), 2,360/- (କ୍ରମ ସଂ.4 ପାଇଁ), ଶେଷ ହେବା ଅବଧି : 06 ମାସ (ସମସ୍ତ ଟେଣ୍ଡର ନିମନ୍ତେ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.13.10.2021 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଜେନେରାଲ), ଖୋର୍ଦ୍ଧା ରୋଡ଼
PR-408/M/21-22

# ପ୍ରମୋଦଙ୍କୁ 'ନିଷ୍ଠା' ପରିବାରର ଭବ୍ୟ ସମ୍ବର୍ଦ୍ଧନା



**ବରଗଡ଼,୨୪।୯(ସମିସ):** ଟୋକିଓ ପାରାଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ପ୍ରମୋଦ ଭଗତଙ୍କୁ ନିଷ୍ଠା ପରିବାର ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମାଲିପାଲି ମାଇନରରୁ ଏକ ବାଇକ୍ ଶୋଭାଯାତ୍ରାରେ ତାଙ୍କୁ ପାଛୋଟି ଆଣି ଘଣ୍ଟ ଶଙ୍ଖ ବଜାଇ ନିଷ୍ଠା ଭବନକୁ ସ୍ୱାଗତ କରାଯାଇଥିଲା। ନିଷ୍ଠା ପରିବାରର ପରିଦର୍ଶନ ପୁସ୍ତିକାରେ ନିଜର ସଂକ୍ଷିପ୍ତ ମତ ଲିପିବଦ୍ଧ କରିସାରିବା ପରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଶ୍ରୀ ଭଗତଙ୍କୁ ନିଷ୍ଠା ପରିବାର ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହା ସହିତ ନିଷ୍ଠାର ସଦସ୍ୟ ଶ୍ରୀଜେନ୍ଦ୍ର ମିଶ୍ର ୯ହଜାର ୯ ଶହ ୯ ୯ ଟଙ୍କାର ଏକ ଚେକ୍ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନେକ ଲୋକଙ୍କ ଭଲ ପାଇବା ଓ ହୃଦୟର ସ୍ପନ୍ଦନ ମୋର ଅଲିମ୍ପିକ ବିଜୟର କାରଣ ବୋଲି ଶ୍ରୀ ଭଗତ ପ୍ରକାଶ କରିଥିଲେ। ନିଜ ସଫଳତା ପଛରେ ରହିଥିବା ସଂଘର୍ଷମୟ ଜୀବନଗାଥାରେ ପରିବାର, ସାଙ୍ଗ, ଶିକ୍ଷକଙ୍କ ଅବଦାନ ବିଷୟରେ ଅନେକ କଥା କହିଥିଲେ। ନିଷ୍ଠା ପରିବାର ତରଫରୁ ସମାଜସେବା ପାଇଁ 'ବ୍ରାଣ୍ଡ ଅମ୍ବାସଡର'ଭାବେ ଭୂମିକା ନିର୍ବାହ କରିବା ପାଇଁ ଅନୁରୋଧ କରାଯାଇଥିଲା। ସେ ଏହା ନିଶ୍ଚିତ କରିବେ ବୋଲି ମତବ୍ୟକ୍ତ କରିବା ସହ ନିଷ୍ଠା ପରିବାରକୁ ମୋ ନିଜ ପରିବାର ବୋଲି ଭାବି ବହୁତ ଖୁସି ହୋଇଥିଲେ। ଆୟୋଜିତ ସଭାରେ ରବି ପଣ୍ଡା, ବାଲ୍ୟବନ୍ଧୁ କୌଶିକ ମହାକୁଡ, ବନ୍ଧୁ ଚେତନ ଶର୍ମା, ଦୀପକ ରାୟ, ସୁକାନ୍ତ କଦମ୍, କ୍ରୀଡ଼ା ଶିକ୍ଷକ ସଚ୍ଚି ପଣ୍ଡା ପ୍ରମୁଖ ଯୋଗଦେଇ ପ୍ରମୋଦଙ୍କ ସଂଘର୍ଷମୟ ଜୀବନ କାହାଣୀ କୋହଭରା କଣ୍ଠରେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିଷ୍ଠା ପରିବାରର ସଭାପତି ରକ୍ଷପାଳ ସାହୁ, ସମ୍ପାଦକ ଅଶ୍ୱିନୀ ତ୍ରିପାଠୀ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁ, ଉପସଭାପତି କ୍ଷୀରୋଦ୍ର ସାହୁ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା କରିଥିଲେ ମଦନମୋହନ ଦାଶ। ଅଶୋକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରାସ୍ତାପାଇଁ ଯମଦଣ୍ଡ ଭୋଗୁଛନ୍ତି ସୀତାପୁରବାସୀ

**ଲାଞ୍ଜିଗଡ଼,୨୪।୯(ସମିସ)**

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିକାଶର ଡିଣ୍ଡିମ ପିଟିଚାଲିଥିବାବେଳେ ଲାଞ୍ଜିଗଡ଼ ବ୍ଲକ ଅଞ୍ଚଳରେ ବିକାଶ ବିକଳ ଚିତ୍ର ଦେଖିବାକୁ ମିଳୁଛି। ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ଅନେକ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ହେଲେ ପ୍ରଶାସନିକ ଅଧିକାରୀଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଏହି ଯୋଜନା ସବୁ ବାଟବଣା ହେଉଛି। ଲାଞ୍ଜିଗଡ଼ ବ୍ଲକରେ ଅନେକ ଗାଁ ରହିଛି ଯେଉଁଠି ଏପର୍ଯ୍ୟନ୍ତ ବିକାଶର ଛିଟା ମଧ୍ୟ ବାଜିନାହିଁ। ଲୋକେ ମୌଳିକ ଅଧିକାରରୁ ବଞ୍ଚିତ ରହିଛନ୍ତି। ଏଭଳି ଗାଁ ହେଉଛି ଲାଞ୍ଜିଗଡ଼ ବ୍ଲକ ସଦର ମହକୁମାଠାରୁ ମାତ୍ର ଦୁଇ



କିଲୋମିଟର ଦୂର ସୀତାପୁର।

ସୀତାପୁରରେ ୨ଶହରୁ ଊର୍ଦ୍ଧ୍ୱ ପରିବାର ରହୁଛନ୍ତି। ଗାଁର ମୁଖ୍ୟ ସମସ୍ୟା ହେଲା ରାସ୍ତା। ଅଳ୍ପ ବର୍ଷା ହେଲେ ସୀତାପୁରଠାରୁ ନାଉରିପଡ଼ା ଓ ନାଉରି ପଡ଼ାଠାରୁ ଡୋଳାପଡ଼ା ପର୍ଯ୍ୟନ୍ତ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼େ। ଲୋକେ ଘରୁ ବାହାରିବା ଅସମ୍ଭବ ହୋଇପଡ଼େ। ରାସ୍ତାରେ ଆଣ୍ଠୁଏ କାଦୁଅ। ଏହି ରାସ୍ତାଦେଇ ଭୋରପଡ଼ା, ମାଲିପଡ଼ା, ଜାମକେଲୁ ଆଦି ଗାଁର ହଜାର ହଜାର ଲୋକ ଯାତାୟାତ କରନ୍ତି। ରାସ୍ତା ଖରାପ ଯୋଗୁଁ ଆଣ୍ଠୁଏ କାଦୁଅରେ ପଶି ସ୍କୁଲ ଛାତ୍ରଛାତ୍ରୀ ଯାତାୟାତ କରୁଛନ୍ତି। ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ପଞ୍ଚାୟତ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ବ୍ଲକ ଓ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସମସ୍ତେ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ କରିଛନ୍ତି। ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ରାସ୍ତା ନିର୍ମାଣ ନ କଲେ ଆଗାମୀ ଦିନରେ ବିରାଟ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଏପରିକି ଆଗାମୀ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରାଯିବ ବୋଲି ଗ୍ରାମର ସୀତାକାନ୍ତ ଦୋରା, ଧନେଶ୍ୱର ଦୋରା ପ୍ରମୁଖ କହିଛନ୍ତି। ଏ ସମ୍ପର୍କରେ ବିଶ୍ୱନାଥପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ବେଣୁଧର କନ୍ଧପାନଙ୍କୁ ପଚାରିବାରୁ କହିଲେ, ମନରେଗା ଯୋଜନାରେ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ବର୍ଷା ପରେ କାମ ଅରମ୍ଭ ହେବବୋଲି କନ୍ଧପାନ କହିଛନ୍ତି।

## ଅଭିଯୁକ୍ତକୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

**ବୌଦ୍ଧ,୨୪।୯(ସମିସ):** ବୌଦ୍ଧ ଜିଲ୍ଲା ଦୌରାଜଜ୍ ପ୍ରତିମା ପଣ୍ଡା ଏକ ଗଞ୍ଜେଇ କାରବାର ଜନିତ ମାମଲାର ଶୁଣାଣି କରିଛନ୍ତି। ଅଭିଯୁକ୍ତକୁ ୧୦ବର୍ଷର ସଶ୍ରମ କାରାଦଣ୍ଡ ସହିତ ୧ଲକ୍ଷ ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ତେବେ ଜରିମାନା ଅନାଦେୟ ଜନିତ ଆଉ ୧ ବର୍ଷ ଦଣ୍ଡାଦେଶ ମଧ୍ୟ ଶୁଣାଇଛନ୍ତି। ସୂଚନାଯୋଗ୍ୟ, ୨୦୨୦ ଅପ୍ରେଲରେ ଦପଲା ଗ୍ରାମର ଗଣେଶ୍ୱର ବଗର୍ତ୍ତୀ ତାଙ୍କ ଘରୁ ୧୦୪ କେଜି ଗଞ୍ଜେଇ ସହିତ ଧରାପଡ଼ିଥିଲେ। ଏହାର ବିଚାର କରି ବିଚାରପତି ଏହି ଦଣ୍ଡାଦେଶ ଶୁଣାଇଛନ୍ତି।

## ଟ୍ରକ୍ ଚାପାରେ ଜଣଙ୍କ ମୃତ୍ୟୁ

**କନ୍ଧମାଳ,୨୪।୯(ସମିସ):** ୪୧ ନଂ ରାଜ୍ୟ ରାଜପଥର ଅଇଁଲାତୁଆଁ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ ଜଣେ ବାଇକ୍ ଆରୋହୀଙ୍କୁ ଧକ୍କା ଦେଇଛି। ସମ୍ପୃକ୍ତ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁବର୍ଣ୍ଣପୁର ଜିଲ୍ଲା ଠେଲକୋମୁଣ୍ଡାର ଭରତ ସେଠୀ। ୧୦୮ ଆମ୍ବୁଲାନ୍ସରେ ତାଙ୍କୁ କନ୍ଧମାଳ ଡାକ୍ତରଖାନା ନିଆଯାଇଥିଲେ ହେଁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଏ ନେଇ କନ୍ଧମାଳ ଥାନାରେ ମକଦ୍ଦମା ରୁଜୁ ହୋଇଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଖସି ପଳାଇଛି।

## ମହୁଲ ପୋଚ, ଦେଶୀମଦ ଜବତ

**ବୌଦ୍ଧ,୨୪।୯(ସମିସ):** ବୌଦ୍ଧ ଅବକାରୀ ବିଭାଗ ତରଫରୁ ଦୁଇଟି ସ୍ଥାନରେ ଚଢ଼ଉ କରାଯାଇ ମହୁଲ ପୋଚ ନଷ୍ଟ କରାଯାଇଛି। ୨୨ ଲିଟର ଦେଶୀ ମଦ ଜବତ ହୋଇଛି। ଜଡ଼ାପାଲ ଗ୍ରାମରୁ ପ୍ରାୟ ୨ ଶହ କେଜି ମହୁଲ ପୋଚ ନଷ୍ଟ କରାଯାଇଛି। ୧୫ ଲିଟର ଦେଶୀ ମଦ ଜବତ ହୋଇଛି। ଏହି ଘଟଣାରେ କାହାରିକୁ ଗିରଫ କରାଯାଇପାରିନାହିଁ। ସେହିପରି ଅନ୍ୟ ଏକ ମାମଲାରେ ମନମୁଣ୍ଡା ଅବକାରୀ ଥାନା ଅଞ୍ଚଳରୁ ୭ ଲିଟର ଦେଶୀ ମଦ ଜବତ ହୋଇଥିବା ବେଳେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

## ପାଳଗଦା ଭିତରୁ ଗଞ୍ଜେଇ ଜବତ; ଜଣେ ଗିରଫ

**ତରଭା, ୨୪।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ଥାନା ସିଲେଟମୁଣ୍ଡା ନିବାସୀ ହୀରାଧର ସାହୁ (୫୦)ନାମକ ଜଣେ ବ୍ୟକ୍ତି ଗଞ୍ଜେଇ କାରବାରରେ ଗିରଫ ହୋଇଛନ୍ତି। ଘର ନିକଟରେ ଥିବା ପାଳଗଦାରେ ସେ ଲୁଚାଇ ରଖିଥିବା ୧୫କେଜି ଗଞ୍ଜେଇ ପୁଲିସ ଜବତ କରିଛି। ଏସ୍ଆଇ ଆରତୀ କହଁର, ହାବିଲଦାର ବୃନ୍ଦାବନ ପଞ୍ଚବିହାର, କନଷ୍ଟେବଳ ଉମେଶ ଚନ୍ଦ୍ର ନାଗ, ହୃଷୀକେଶ ମହଲିଙ୍ଗ, ହୋମଗାର୍ଡ ଲିଙ୍ଗରାଜ ପଧାନ, ବିଜୟ ସାହୁ ପ୍ରମୁଖ ଏହି ଚଢ଼ଉରେ ସାମିଲ ହୋଇଥିଲେ।

## ନାବାଳିକାଙ୍କୁ ଦୁଷ୍କର୍ମ; ଅଭିଯୁକ୍ତ ଫେରାର

**ଜୟପାଟଣା,୨୪।୯(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ବଡ଼କୁଟୁରୁ ଫାଣ୍ଡି ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ନାବାଳିକାଙ୍କ ବାପା ବୁଧବାର ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଗାଁର ଜଣେ ଯୁବକ ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ଫେରାର ହୋଇଯାଇଥିବା ବେଳେ ପୁଲିସ ତାଙ୍କୁ ଧରିବାକୁ ଉଦ୍ୟମ ଆରମ୍ଭ କରିଛି।

## ଯୁବକଙ୍କୁ ହତ୍ୟା ଅଭିଯୋଗରେ ୩ ଗିରଫ



- ମହାନଦୀରୁ ମୃତଦେହ ମିଳିଥିଲା
- ହତ୍ୟା କରି ମହାନଦୀକୁ ଫିଙ୍ଗି ଦେଇଥିଲେ

**ସୋନପୁର,୨୪।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ବାସିନ୍ଦା ଦେବେନ୍ଦ୍ର କୁମାର ସାହୁଙ୍କ ପୁଅ ସନ୍ଦୀପ କୁମାର ସାହୁ ଓରଫ୍ ସ୍ୱେଟୁ ନିଖୋଜ ଘଟଣାର ପୁଲିସ ପର୍ଦ୍ଦାଫାସ୍ କରିଛି। ପୁଅକୁ ହତ୍ୟା ହୋଇଥିବା ନେଇ ଦେବେନ୍ଦ୍ରଙ୍କ ଅଭିଯୋଗ ସତ ସାବ୍ୟସ୍ତ ହୋଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସନ୍ଦୀପଙ୍କୁ ହତ୍ୟାକରି ମହାନଦୀରେ ଦୁଇ ଅଭିଯୁକ୍ତ ଫିଙ୍ଗି ଦେଇଥିଲେ। ଦୁଇ ହତ୍ୟାକାରୀ କାର୍ତ୍ତିକ ନାଗ (୨୪) ଏବଂ ନରେନ୍ଦ୍ର କୁମାର ବେହେରା(୨୦)କୁ ପୁଲିସ ଗିରଫ କରିଛି। ଅନ୍ୟପକ୍ଷେ ସନ୍ଦୀପଙ୍କ ସାମଗ୍ରୀ କିଣିବା ଅଭିଯୋଗରେ ଉଲୁଣ୍ଡା ଥାନା ଗଣ୍ଡାବାହାଲ ନିବାସୀ ଦିବ୍ୟ ଜଗଦଲା(୨୮) ମଧ୍ୟ ଗିରଫ ହୋଇଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ପୁଲିସ ଖୋଜୁଛି। ସନ୍ଦୀପଙ୍କ ସ୍କୁଟି ଜବତ ହୋଇଛି। ସେ ପିନ୍ଧିଥିବା ସୁନା ଅଳଙ୍କାର ଏବଂ ମୋବାଇଲ ଫୋନ୍ ଏଯାଏଁ ଜବତ ହୋଇ ପାରିନାହିଁ। ଏକ ସାମ୍ବାଦିକ ସମ୍ମିଳନୀରେ ସୋନପୁର ଏସ୍ପି ସୀତାରାମ ଶତପଥୀ ଏହି ସୂଚନା ଦେଇଛନ୍ତି।

ବିନିକା ଡେଲି ମାର୍କେଟରେ ଅଭିଯୁକ୍ତ କାର୍ତ୍ତିକର ଏକ କୁକୁଡା ଦୋକାନ ରହିଛି। କୁକୁଡା ଚୋରି କରି ଦୋକାନରେ ବିକୁଛୁ ବୋଲି ସନ୍ଦୀପ ସବୁବେଳେ କାର୍ତ୍ତିକକୁ ଚିଡାଉ ଥିଲେ। ଏଥିରେ ପ୍ରତିଶୋଧ ପରାୟଣ ହୋଇ ନରେନ୍ଦ୍ର ସହାୟତାରେ ସନ୍ଦୀପଙ୍କୁ କାର୍ତ୍ତିକ ହତ୍ୟା କରିଥିଲା। ଗତ ୧୬ ତାରିଖ ଦିନ ବିନିକା ମାରଡି ପଡ଼ାର ଦେବେନ୍ଦ୍ର କୁମାର ସାହୁ ତାଙ୍କ ପୁଅ ଦୁଇ ଦିନ ତଳେ ନିଖୋଜ ହୋଇ ଯାଇଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୋଗକୁ ଗୁରୁତର ସହ ଗ୍ରହଣ କରି ବିନିକା ପୁଲିସ ତଦନ୍ତ ଆରମ୍ଭ କରିଥିଲା। ୧୮ ତାରିଖରେ ବୌଦ୍ଧ ଜିଲ୍ଲା ଜହ୍ନାପଙ୍କ ନିକଟସ୍ଥ ମହାନଦୀରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ପରିବାର ଲୋକେ ସନ୍ଦୀପଙ୍କୁ ଚିହ୍ନଟ କରିଥିଲେ। ସେହିଦିନ ଦେବେନ୍ଦ୍ର ବିନିକା ଥାନାରେ ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ଏହାପରେ ପୁଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ଛାନଭିନ୍ କରିଥିଲା। ତଦନ୍ତରୁ ପୁଲିସ ଜାଣିବାକୁ ପାଇଥିଲା ଯେ ୧୪ ତାରିଖ ଦିନ ଗୋଟାଏରେ କାର୍ତ୍ତିକ ଏବଂ ନରେନ୍ଦ୍ର ସନ୍ଦୀପଙ୍କୁ ପାପକ୍ଷୟ ଘାଟରେ ଥିବା ଏକ ପମ୍ପ ନିକଟକୁ ଡାକି ନେଇଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସନ୍ଦୀପଙ୍କୁ ହତ୍ୟାକରି ମହାନଦୀର ବଢ଼ି ପାଣିରେ ସେମାନେ ଫିଙ୍ଗି ଦେଇଥିଲେ। ହତ୍ୟାରେ ବ୍ୟବହୃତ ଛୁରୀକୁ ନିକଟରେ ଫୋପାଡି ଦେଇ ସନ୍ଦୀପଙ୍କ ସ୍କୁଟି, ସୁନା ଚେନ ଓ ସୁନା ମୁଦି ନେଇ ଯାଇଥିଲେ। ସ୍କୁଟି ସହ ସମସ୍ତ ସୁନା ଅଳଙ୍କାର ପରେ ସେ ଦୁହେଁ ଦିବ୍ୟକୁ ବିକ୍ରି କରି ଦେଇଥିଲେ।

## ମଦ କାରବାର; ୨ ଗିରଫ



**ଉଲୁଣ୍ଡା, ୨୪।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ଥାନା ଅଧୀନ ଗୌଡଗାଁ ଏବଂ ସିଂପାଲି ଗ୍ରାମରେ ଅବକାରୀ ବିଭାଗ ପକ୍ଷରୁ ଚଢଉ କରାଯାଇ ୩୦ ଲିଟର ମଦ ଜବତ କରିବା ସହ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଦୁଲାର ସେଠୀ ଏବଂ ବିଲିଆମ ଡୁଙ୍ଗଡୁଙ୍ଗ। ଗୌଡଗାଁର ଦୁଲାର ସେଠୀ ଘରେ ଚଢାଉ କରାଯାଇ ୧୩ ଲିଟର ମଦ ଜବତ କରିବା ସହ ତାକୁ ଗିରଫ କରାଯାଇଥିଲା। ସେହିପରି ସିଂପାଲି ଗ୍ରାମର ବିଲିଆମ ଡୁଙ୍ଗଡୁଙ୍ଗ ଘରେ ଚଢାଉ କରାଯାଇ ୧୭ ଲିଟର ମଦ ଜବତ କରିବା ସହ ତାକୁ ଗିରଫ କରାଯାଇଛି। ଅବକାରୀ ବିଭାଗର ଏସ୍ଆଇ ସୁଧୀର ମିଶ୍ରଙ୍କ ନେତୃତ୍ୱରେ ସବିତା ପଟ୍ଟନାୟକ, କୀର୍ତ୍ତନ ନାୟକ, ବନମାଳି ରଣା, ଡୋଲାମଣି ପଧାନ, ଗଣେଶ ଭୋଇ ପ୍ରମୁଖ ଚଢାଉରେ ସାମିଲ ଥିଲେ।

## ଗଛରେ ଝୁଲୁଛି ଯୁବତୀଙ୍କ ମୃତଦେହ

**କଲମପୁର,୨୪।୯(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା କଲମପୁର ଫାଣ୍ଡି ଅନ୍ତର୍ଗତ ବଙ୍କାପଲା ଗ୍ରାମରେ ଏକ ଗଛରେ ଯୁବତୀଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଛି। ଗୁରବାର ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ସେହି ଗାଁର ଶୋଭାଚନ୍ଦ୍ର ନାଗଙ୍କ ଝିଅ ରିଙ୍କି ନାଗଙ୍କ ମୃତଦେହ ଘର ନିକଟରେ ଥିବା ଏକ ବହଳ ଗଛ ଶୀର୍ଷରେ ଝୁଲୁଥିବା ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଥିଲେ। ରିଙ୍କି ଗଛର ଏତେ ଉଚ୍ଚକୁ ଚଢ଼ି ଆତ୍ମହତ୍ୟା କେମିତି କଲେ ତାହା ସନ୍ଦେହ ସୃଷ୍ଟି କରିଛି। ଅନ୍ୟପଟେ ତାଙ୍କ ପରିବାର ଲୋକେ ଏ ସମ୍ପର୍କରେ ଥାନାକୁ ନ ଜଣାଇ ଶବ ସଂସ୍କାର କରିଥିବା ଜଣାପଡ଼ିଛି। ସେହିପରି ରିଙ୍କିଙ୍କ ବାପା ଶୋଭାଚନ୍ଦ୍ର ନାଗ ଏବଂ ମା'ଙ୍କର ସେହିଦିନ ସକାଳୁ ଦେଖା ମିଳୁ ନ ଥିବା ଶୁଣିବାକୁ ମିଳୁଛି। ସନ୍ଧ୍ୟା ସାଢ଼େ ୫ଟାରେ ଯୁବତୀଙ୍କ ସମ୍ପର୍କୀୟମାନେ ଗଛରୁ ମୃତଦେହ ଓହ୍ଲାଇ ନିକଟସ୍ଥ ନଦୀ କୂଳରେ ରଖିଥିଲେ। ପରେ ବିଳମ୍ବିତ ରାତିରେ ସତ୍କାର କରିଦେଇଥିବା ଜଣାପଡ଼ିଛି। ଗୋଟିଏ ଦିନ ବିତିଯାଇଥିଲେ ମଧ୍ୟ ଏ ସମ୍ପର୍କରେ ପୁଲିସ ପାଖରେ କିଛି ସୂଚନା ନାହିଁ।

### ଡିପିଏମ୍‌ଙ୍କୁ ମାଡ଼ ମାରିଲେ ଏପିଡେମୋଲୋଜିଷ୍ଟ

## କର୍ମଚାରୀଙ୍କ ସମୂହ ଧାରଣା



**ବୌଦ୍ଧ,୨୪।୯(ସମିସ):** ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିଷ୍ଟ୍ରିକ୍ଟ ପ୍ରୋଜେକ୍ଟ ମ୍ୟାନେଜର ରୂପକ ମହାପାତ୍ରଙ୍କୁ ଏପିଡେମୋଲୋଜିଷ୍ଟ ଜ୍ଞାନରଞ୍ଜନ ମହାନ୍ତି କାର୍ଯ୍ୟାଳୟ ମଧ୍ୟରେ ମାଡ ମାରିବା ଘଟଣାକୁ ନେଇ ବୌଦ୍ଧ ଜିଲ୍ଲା ଓ ବ୍ଲକର ସମସ୍ତ ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ମଚାରୀମାନେ ଉତକ୍ଷିପ୍ତ ହୋଇ ଉଠିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଏମାନେ କଲମ ଛାଡ ସହ ଧାରଣାରେ ବସିଥିଲେ।

ଗୁରୁବାର ସନ୍ଧ୍ୟାରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୋଷ ମହାପାତ୍ରଙ୍କ କାର୍ଯ୍ୟାଳୟରେ ଜଣେ ମେଡିକାଲ ରେକର୍ଡ ଆସିଷ୍ଟାଣ୍ଟଙ୍କ ବେଆଇନ୍ ନିଯୁକ୍ତିକୁ ନେଇ ଡିପିଏମ୍‌ଙ୍କ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ବଚସା ହୋଇଥିଲା। ଏହି ସମୟରେ ଏପିଡେମୋଲୋଜିଷ୍ଟ ଜ୍ଞାନରଞ୍ଜନ ମହାନ୍ତି ଅଚାନକ ଅଫିସ୍ ମଧ୍ୟକୁ ପଶିଆସି ଡିପିଏମ୍‌ଙ୍କୁ ମୁଥ ମାରିବା ସହ ବାଡେଇ ଥିଲେ। ଏପିଡେମୋଲୋଜିଷ୍ଟଙ୍କ ଭାଣିଜୀଙ୍କୁ ବେଆଇନ ଭାବେ ଏହି ନିଯୁକ୍ତି ଦିଆଯାଇଛି ଏବଂ ଏହାକୁ ସେ ବିରୋଧ କାରିବାରୁ ତାଙ୍କୁ ମାଡ ହୋଇଛି ବୋଲି ଡିପିଏମ ପ୍ରକାଶ କରିଛନ୍ତି। ଏ ନେଇ ନିରପେକ୍ଷ ତଦନ୍ତ ଓ ତୁରନ୍ତ ନ୍ୟାୟ ଦାବିରେ ଜିଲ୍ଲା ସ୍ୱାସ୍ଥ୍ୟ ମିଶନର କର୍ମଚାରୀମାନେ ରାତିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟକୁ ଅଭିଯୋଗ ପତ୍ର ନେଇ ଯାଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କଠାରୁ ନିରାଶ ହୋଇ ସମସ୍ତ କର୍ମଚାରୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶୁକ୍ରବାର ସକାଳେ ଏହାର ନିରପେକ୍ଷ ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ପାଇଁ ମୁଖ୍ୟ ଚିକିତ୍ସାଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ଦିନ ୧୨ଟା ପର୍ଯ୍ୟନ୍ତ ସେ ଘଟଣାକୁ ଅଣଦେଖା କରିଥିଲେ। ଏହାର ପ୍ରତିବାଦରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ଓ ବ୍ଲକସ୍ତରୀୟ ସମସ୍ତ କର୍ମଚାରୀମାନେ କାର୍ଯ୍ୟାଳୟ ସମ୍ମୁଖରେ କଲମ ଛାଡ ଆନ୍ଦୋଳନ ସହ ଧାରଣାରେ ବସି ରହିଥିଲେ। ଏହାସହ ଡିପିଏମ୍ ରୂପକ୍ ମହାପାତ୍ର ଏହି ଘଟଣାର ନିରପେକ୍ଷ ତଦନ୍ତ ସହ ନ୍ୟାୟ ଦାବିରେ ଆମରଣ ଅନଶନ କରିଛନ୍ତି। ଏ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ସେ ଅତି ହାଲୁକା ଭାବରେ ଏହା ଏକ ଘରୋଇ କଥା ବୋଲି କହି ଘଟଣାକୁ ଏଡାଇ ଯାଇଥିଲେ।

### କଳାହାଣ୍ଡି ଜିଲ୍ଲା ଶିଳ୍ପକେନ୍ଦ୍ର

# ଆର୍‌ଟିଆଇରେ ମିଳୁଛି ତଥ୍ୟ ବଦଳରେ ଧମକ

**ନାର୍ଲା,୨୪।୯(ସମିସ):** କଳାହାଣ୍ଡି ଜିଲ୍ଲା ଶିଳ୍ପକେନ୍ଦ୍ର (ଡିଆଇସି) ଅଫିସକୁ ସୂଚନା ଅଧିକାର ଆଇନରେ ତଥ୍ୟ ମାଗିଲେ ଦିଆଯାଉ ନାହିଁ। ଗତ ୮ ତାରିଖରେ ଜିଲ୍ଲାର ଜଣେ ସାମ୍ବାଦିକ ସୂଚନା ଅଧିକାର ଆଇନ ବଳରେ କିଛି ତଥ୍ୟ ମାଗିଥିଲେ। ତେବେ ତଥ୍ୟ ଦେବା ପରିବର୍ତ୍ତେ ତାଙ୍କୁ ଜୀବନରେ ମାରିଦେବାକୁ ଧମକ ମିଳିଥିବା ଅଭିଯୋଗ ହୋଇଛି। ଡିଆଇସି ଜେନେରାଲ ମ୍ୟାନେଜର ଦୀପକ କୁମାର ଅଗ୍ରୱାଲଙ୍କ ବାପା ବିକ୍ରମ ଅଗ୍ରୱାଲ ସମ୍ପୃକ୍ତ ସାମ୍ବାଦିକଙ୍କୁ ଫୋନ୍‌ରେ ହତ୍ୟା ଧମକ ଦେଇଛନ୍ତି। ବିକ୍ରମ ଓ ସାମ୍ବାଦିକଙ୍କ ମଧ୍ୟରେ ଏହି ବାର୍ତ୍ତାଳାପର ଅଡିଓ ଏବେ ସମଗ୍ର ଜିଲ୍ଲାରେ ଭାଇରାଲ ହେଉଛି। ଏ ନେଇ ସାମ୍ବାଦିକ ଜଣକ ନର୍ଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ କେବଳ ମାମଲା ରୁଜୁକରି ହାତବାନ୍ଧି ବସିଛି।

ଅଭିଯୋଗ ଅନୁଯାୟୀ, ଗତ ୮ ତାରିଖ ଅପରାହ୍ନ ପ୍ରାୟ ଗୋଟାଏ ବେଳେ ସାମ୍ବାଦିକ ଜଣକ ଡିଆଇସି ଅଫିସକୁ ସୂଚନା ଅଧିକାର ଆଇନ ବଳରେ କିଛି ତଥ୍ୟ ମାଗିବାକୁ ଯାଇଥିଲେ। ସେ ସମୟରେ କାର୍ଯ୍ୟାଳୟର ଜନସୂଚନା ଅଧିକାରୀ ଅଫିସରେ ଉପସ୍ଥିତି ନ ଥିଲେ। ସାମ୍ବାଦିକ ପ୍ରାୟ




ଏକ ଘଣ୍ଟା ଅପେକ୍ଷା କରିବା ପରେ ଜନସୂଚନା ଅଧିକାରୀ ପହଞ୍ଚିଥିଲେ। କେଉଁ ବିଷୟ ଉପରେ ତଥ୍ୟ ମଗାଯାଇଛି ସେ ସମ୍ବନ୍ଧରେ ଆଲୋଚନା କରିବା ପାଇଁ ଡିଆଇସି ଜେନେରାଲ ମ୍ୟାନେଜର ଅଗ୍ରୱାଲଙ୍କ କ୍ୟାବିନ୍‌କୁ ଡାକିଥିଲେ। ତେବେ ଏହି ତଥ୍ୟ ନ ମାଗିବାକୁ ଅଗ୍ରୱାଲ ସାମ୍ବାଦିକଙ୍କ ଉପରେ ଚାପ ପ୍ରୟୋଗ କରିଥିଲେ। କିନ୍ତୁ ସାମ୍ବାଦିକ ଜଣକ ନିଜ କଥାରେ ଅଟଳ ରହିଥିଲେ। ପରେ ଆବେଦନ ଗ୍ରହଣ କରି ତଥ୍ୟ ଯୋଗାଇଦେବାକୁ ଅଗ୍ରୱାଲ ଜନସୂଚନା ଅଧିକାରୀଙ୍କୁ କହିଥିଲେ। କିନ୍ତୁ ଜନସୂଚନା ଅଧିକାରୀ ଆବେଦନ ଗ୍ରହଣ ନ କରି ସହକାରୀ ଜନସୂଚନା ଅଧିକାରୀ ଗ୍ରହଣ କରି ଖୁବଶୀଘ୍ର ତଥ୍ୟ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଇତିମଧ୍ୟରେ ୧୫ ଦିନରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ସାମ୍ବାଦିକଙ୍କୁ ସୂଚନା ପ୍ରଦାନ କରାଯାଇ ନାହିଁ। ସୂଚନା ଦେବାରେ ବିଳମ୍ବ କାହିଁକି ହେଉଛି ବୋଲି ପଚାରିବାରୁ ଆବେଦନପତ୍ର ସହ ସଂଲଗ୍ନ କିଛି କାଗଜପତ୍ରରେ ତ୍ରୁଟି ରହିଯାଇଥିବା କୁହାଯାଉଛି। ହେଲେ ପ୍ରଶ୍ନ ଉଠୁଛି ଯଦି କାଗଜପତ୍ରରେ ତ୍ରୁଟି ଥିଲା ତେବେ ତାହାକୁ ଗ୍ରହଣ କରିବା ସମୟରେ ସହକାରୀ ଜନସୂଚନା ଅଧିକାରୀ ଯାଞ୍ଚ କରି ଜଣାଇଲେ ନାହିଁ କାହିଁକି। ଏହାର ଭିଜିଲାନ୍ସ ତଦନ୍ତ କରାଗଲେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

### ବିଳାସପୁରରେ ରେଳ ଗ୍ରାହକ ପରାମର୍ଶଦାତା କମିଟି ବୈଠକ

# ରାୟପୁର-ବରଗଡ଼ ନୂତନ ରେଳପଥ ଦାବିକଲେ ବିଧାୟକ

**ବରଗଡ଼,୨୪।୯(ସମିସ):** ଆଜି ଛତିଶଗଡ଼ର ବିଳାସପୁରଠାରେ ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳପଥ ଡିଭିଜନର ରେଳ ଗ୍ରାହକ ପରାମର୍ଶଦାତା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ଦେବେଶ ଆଚାର୍ଯ୍ୟ ଯୋଗଦେଇ ରାୟପୁରଠାରୁ ଆରଙ୍ଗ, ତୁମଗାଁ, ଝଲପ୍, ପିଥୋଡା, ବସନା, ସରାଇପାଲି ଓ ସୋହେଲା ଦେଇ ବରଗଡ଼ ପର୍ଯ୍ୟନ୍ତ ୧୮୪ କିମି ନୂତନ ରେଳଲାଇନ ପାଇଁ ଦୃଢ଼ ଦାବି କରିଥିଲେ। ଏ ନେଇ ପୂର୍ବରୁ ବାରମ୍ବାର ଜନସାଧାରଣ ତଥା ବିଭିନ୍ନ ସଙ୍ଗଠନ ପକ୍ଷରୁ ରେଳବିଭାଗ ଓ ବିଭାଗୀୟ ମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସ ଫଳ ମିଳିନାହିଁ। ଫଳରେ ବୈଠକରେ କ୍ଷୋଭ ପ୍ରକାଶ କରିଥିଲେ। ଏହି ନୂତନ ରେଳଲାଇନ ପ୍ରତିଷ୍ଠା ଫଳରେ ଓଡ଼ିଶା ଓ ଛତିଶଗଡ଼ବାସୀଙ୍କ ବୃହତ୍ତର ସ୍ୱାର୍ଥ ସାଧନ ହୋଇପାରିବ ବୋଲି ବିଧାୟକ ଶ୍ରୀ ଆଚାର୍ଯ୍ୟ ଦୃଢୋକ୍ତି ବାଢିଥିଲେ। ୨୦୧୨ରୁ ଉକ୍ତ ନୂତନ



ରେଳଲାଇନ ସର୍ଭେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ବିଭାଗୀୟ ଅବହେଳା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟତମ ମୁଖ୍ୟ ପ୍ରସଙ୍ଗ ପଡ଼ୋଶୀ ରାୟଗଡ଼ଠାରୁ ବରଗଡ଼ ପର୍ଯ୍ୟନ୍ତ ୮୦ କିମି ନୂତନ ରେଳଲାଇନ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏହାଦ୍ୱାରା ଉଭୟ ରାଜ୍ୟର ପର୍ଯ୍ୟଟନ ମାନଚିତ୍ରରେ ଉନ୍ନତି ହେବ ଏବଂ ଉତ୍ତର ଭାରତ ଓ ଦକ୍ଷିଣ ଭାରତର ଗମନାଗମନ ମଧ୍ୟରେ ଦୂରତା ହ୍ରାସ ପାଇବାରେ ସଫଳ ହେବ ବୋଲି ସେ କହିଥିଲେ। ଝାରସୁଗୁଡା ଦେଇ ବିଳାସପୁର ଓ ଟିଟିଲାଗଡ଼ ମଧ୍ୟରେ ଏକ ସୁପରଫାଷ୍ଟ ଟ୍ରେନର ଚଳାଚଳ କରିବାକୁ ମଧ୍ୟ ସେ ଦାବି କରିଥିଲେ।



# ଜବରଦଖଲରେ ସରକାରୀ କଲେଜ ଜମି

**ସୁନ୍ଦରଗଡ଼, ୨୪।୯ (ସମିସ)**

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ଜମି ଜବରଦଖଲକାରୀଙ୍କ ଭୂସ୍ୱର୍ଗ ପାଲଟିଛି। ଜିଲ୍ଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ ଅନୁଦାନରେ କଲେଜ ପାଚେରି ନିର୍ମାଣ କାର୍ଯ୍ୟ ହାତକୁ ନିଆଯିବା ପରେ ଜବରଦଖଲ ଚିତ୍ର ସମ୍ପ୍ରତି ସାମ୍ନାକୁ ଆସିଛି। ଏହା ଶିକ୍ଷାପ୍ରେମୀ ତଥା ସୁନ୍ଦରଗଡ଼ ସହରବାସୀଙ୍କୁ ବିଚଳତି କରି ରଖିଛି।

ସୁନ୍ଦରଗଡ଼ ସଦର ତହସିଲ ଅନ୍ତର୍ଗତ ଚିତାଭଙ୍ଗା ଓ ନୂଆଁ ଅମଲିପାଲିରେ ସୁନ୍ଦରଗଡ଼ କଲେଜ ନାମରେ ୧୫୪ ଏକର ୦୪୬ ଡେସମିଲ ରେକର୍ଡଭୁକ୍ତ ଜମି ରହିଛି। ତନ୍ମଧ୍ୟରୁ ଚିତାଭଙ୍ଗା ରାଜସ୍ୱ ଗ୍ରାମର ଖତିୟାନ ନଂ.୨ରେ ପ୍ଲଟ ନଂ. କ୍ରମାଗତ ଭାବେ ୨୧ରୁ ୨୭ ଏବଂ ୭୩ରୁ ୧୦୨ ତଥା ୧୦୬ରୁ ୧୧୯ ପର୍ଯ୍ୟନ୍ତ ରହିଥିବା ବେଳେ ପ୍ଲଟ ନଂ.୧୨୬,୧୨୭,୧୮୬, ୯୬/୩୨୩୦, ୧୧୨/୩୨୬୩, ୧୧୯/୩୨୬୭ ଓ ୧୮୫/୩୨୬୭ ମଧ୍ୟ ରହିଛି। ଏତଦବ୍ୟତୀତ, ନୂଆଁ ଅମଲିପାଲି ରାଜସ୍ୱ ଗ୍ରାମର ଖତିୟାନ ନଂ.୩୭୮ରେ ରହିଛି ୨୫ଟି ପ୍ଲଟ ଓ ଖତିୟାନ ନଂ.ରେ ୨୮୨ରେ ରହିଛି ୯ଟି ପ୍ଲଟ।

ମହାବିଦ୍ୟାଳୟର ଉକ୍ତ ଜମିରେ ୧୯୫୮ ମସିହାରୁ କଲେଜ କୋଠା, ଛାତ୍ରାବାସ, ଖେଳପଡ଼ିଆ ଆଦି ବିଭିନ୍ନ ଭିତ୍ତିଭୂମି ସ୍ଥାପନ ଜାରି ରହିଛି। ମାତ୍ର ୨୦୧୯-୨୦ ବର୍ଷରେ ଜିଲ୍ଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ ପକ୍ଷରୁ ୪ କୋଟି ୫୧ ଲକ୍ଷ ୮୪ ହଜାର, ୮ ଟଙ୍କା ବ୍ୟୟ ଅଟକଳରେ ପାଚେରି ନିର୍ମାଣ ପ୍ରକଳ୍ପ କାର୍ଯ୍ୟକାରୀ ହେବା ପରେ କଲେଜ ଜମିରେ ଜବରଦଖଲ ଚିତ୍ର ଲୋକଲୋଚନକୁ ଆସିଛି। ପାଚେରି ନିର୍ମାଣ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ଜମି ଚିହ୍ନଟ କରାଯାଇଥିଲା। ଉକ୍ତ ଜମି ଚିହ୍ନଟ ସମୟରେ ଏମସିଏଲ ଉକ୍ତ କଲେଜର ପ୍ରାୟ ୧୦ ଏକର ଜମିରେ ବାଇପାସ ରାସ୍ତା ନିର୍ମାଣ କରିଥିବା ଜଣାପଡ଼ିଥିଲା। ରାସ୍ତା ନିର୍ମାଣ ସମୟରେ ଉକ୍ତ ଜମିର ଅଧିଗ୍ରହଣ କରାଯିବା ପରେ ରାସ୍ତା ନିର୍ମାଣ କରାଯିବା କଥା। ମାତ୍ର ତାହା କରା ନ ଯାଇ ଏମସିଏଲ ବେଆଇନ ଭାବେ ରାସ୍ତା ନିର୍ମାଣ କରିଛି। ଉକ୍ତ ଜମି ଅଧିଗ୍ରହଣ ବାବଦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଫାଙ୍କି ଦେଇଛି।



## ୧୦ ଏକର ଜମିରେ ଏମ୍‌ସିଏଲ୍‌ର ବାଇପାସ ରାସ୍ତା

## ବେଆଇନ ବସ୍ତିକୁ ଉଚ୍ଛେଦ କରିପାରୁନି ପ୍ରଶାସନ

ସେହିପରି କଲେଜ ଜମିରେ ଏକ ଛୋଟିଆ ବେଆଇନ ବସ୍ତି ଗଢି ଉଠିଛି। ଜମି ଚିହ୍ନଟ ପରେ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ଦିଗରେ ପଦକ୍ଷେପ ନିଆଯାଇଥିଲା। ଫଳରେ କଲେଜର ସମସ୍ତ ଜମି ଜବରଦଖଲମୁକ୍ତ ହେବ ବୋଲି ଆଶା କରାଯାଉଥିଲା। ମାତ୍ର ତାହା ସମ୍ଭବ ହୋଇ ନ ଥିଲା। ମାର ମାର ଭଣ୍ଡାରିଆକୁ ମାର ନୀତିରେ ପ୍ରଶାସନ କଲେଜ ଜମିରେ ଘର କରିଥିବା ୨ ଜଣ କଲେଜ କର୍ମଚାରୀଙ୍କ ଘର ଉଚ୍ଛେଦ କରିଥିବା ବେଳେ ଉକ୍ତ ବେଆଇନ ବସ୍ତିକୁ ହାତ ମାରିବାକୁ ସାହସ ଜୁଟାଇ ପାରିନାହିଁ। ଏଣୁ ନିର୍ମାଣ କାର୍ଯ୍ୟ ଜାରି ରହିଥିବା ବାଡ଼ ଭିତରେ ହିଁ ବେଆଇନ ଭାବେ ନିର୍ମିତ ହୋଇଥିବା ଉକ୍ତ ଘରଗୁଡିକ ରହିଯାଇଛି। ସେହିପରି ଏମସିଏଲ ବାଇପାସ ରାସ୍ତା ନିର୍ମାଣ କରିଥିବା କଲେଜ ଜମିର ମଧ୍ୟ ସମାଧାନର ପନ୍ଥା ବାହାର କରିବାକୁ ପ୍ରଶାସନ ସାମାନ୍ୟତମ ଉଦ୍ୟମ କରିନାହିଁ। ଏଣୁ ଉକ୍ତ ସରକାରୀ ମହାବିଦ୍ୟାଳୟର ଚଳିତ ଅଧିବେଶନର ପ୍ରଥମ ସଞ୍ଚାଳନମଣ୍ଡଳୀ ସଭାରେ ଉକ୍ତ ରାସ୍ତାର ବଦଳ ଜମି ଅଧିଗ୍ରହଣ ପାଇଁ ଦାବି କରାଯାଇଛି। ସେହିପରି ଗଢି ଉଠିଥିବା ବେଆଇନ ଘରଗୁଡିକୁ ଉଚ୍ଛେଦ କରିବାକୁ ନିଷ୍ପତ୍ତି ହୋଇଛି। ମାତ୍ର ପ୍ରଶାସନ ପକ୍ଷରୁ ଏହାକୁ କାର୍ଯ୍ୟକାରୀ କରା ଯାଉ ନଥିବାରୁ ବିଭିନ୍ନ ମହଲରେ ପ୍ରତିକ୍ରିୟା ଦେଖା ଦେଇଛି।





# ରାସ୍ତାରେ ଧୂଳିବାଲି; ଦୁର୍ଘଟଣାକୁ ଆମନ୍ତ୍ରଣ

## ଦୀର୍ଘ ଦିନର ଦାବି ପରେ ବି ହେଉନି ପ୍ରତିକାର

**ସୁନ୍ଦରଗଡ଼,୨୪।୯ (ସମିସ)**

ସୁନ୍ଦରଗଡ଼ ସରକାରୀ କଲେଜ ବାଇପାସ ଛକରୁ ଇବ ବ୍ରିଜ ରାସ୍ତାରେ ଯାନବାହନ ଚଳାଚଳ ସମୟରେ ଉଡୁଥିବା ପ୍ରବଳ ଧୂଳବାଲିର ପ୍ରତିକାର ପାଇଁ ଦୀର୍ଘ ଦିନରୁ ଦାବି ହୋଇଆସୁଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। ଫଳରେ ଯାତ୍ରୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି।

ସୁନ୍ଦରଗଡ଼-ଏମସିଏଲ କୋଲ କରିଡର ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ଫଳରେ ଏମସିଏଲରୁ ଉକ୍ତ ରାସ୍ତାଦେଇ କୋଇଲା ପରିବହନ ଜାରି ରହିଛି। ଏତଦ୍ୟତୀତ, ଉକ୍ତ ରାସ୍ତାଟି ଜିଲ୍ଲାର ଟାଙ୍ଗରପାଲି, ଲେଫ୍ରିପଡ଼ା, ହେମଗିର ଓ ବାଲଶଙ୍କରା ବ୍ଲକ ସହ ଜିଲ୍ଲା ମହକୁମାକୁ ସଂଯୋଗ କରୁଥିବା ବେଳେ ଝାଡ଼ଖଣ୍ଡ ଓ ଛତିଶଗଡ଼କୁ ମଧ୍ୟ ଏହି ରାସ୍ତା ଯାଇଛି। ଏହି ରାସ୍ତାର ଉକ୍ତ ଅଂଶରେ ୨ଟି ପେଟ୍ରୋଲ ପମ୍ପ ରହିଛି। ଏଣୁ ରାସ୍ତାଟି ପ୍ରାୟ ସବୁ ସମୟରେ ଭିଡ଼ ରହିଥାଏ। ମାତ୍ର ଗାଡ଼ିମୋଟର ଚଳାଚଳ ସମୟରେ ପ୍ରବଳ ଧୂଳିବାଲି ଉଡୁଥିବାରୁ ଯାତ୍ରୀମାନେ ଅଣନିଃଶ୍ୱାସୀ ହୋଇ ପଡୁଛନ୍ତି। ମିଞ୍ଜ ପେଟ୍ରୋଲ ପମ୍ପଟି ପକ୍କା ହୋଇ ପାରି ନ ଥିବାରୁ ଆହୁରି ଅଧିକ ଧୂଳିବାଲି ଉଡ଼ି ପରିସ୍ଥିତି ସଙ୍ଗୀନ ହୋଇପଡ଼ିଛି। ଧୂଳି ଯୋଗୁଁ ରାସ୍ତା ଦେଖା ଯାଉ ନଥିବାରୁ ବିଭିନ୍ନ ସମୟରେ ଛୋଟବଡ଼ ଦୁର୍ଘଟଣାମାନ ଘଟି ଧନ ଜୀବନ ହାନୀ ଘଟିବାରେ ଲାଗିଛି। ଶ୍ୱାସରେ ଧୂଳି ପଶି ବିଭିନ୍ନ ରୋଗର ବାହକ ସାଜିଛି। ଏଣୁ ଉକ୍ତ ରାସ୍ତାରେ ନିୟମିତ ଭାବେ ପାଣି ସିଞ୍ଚନର ବ୍ୟବସ୍ଥା କିମ୍ବା ଉନ୍ନତ ମାନର ରାସ୍ତା ନିର୍ମାଣର ଆବଶ୍ୟକ ରହିଛି। ମାତ୍ର ତାହା କରାଯାଉ ନାହିଁ। ଏମସିଏଲ ପକ୍ଷରୁ ହେଉ କିମ୍ବା ଉକ୍ତ ୨ ପେଟ୍ରୋଲ ପମ୍ପର ମାଲିକଙ୍କ ପକ୍ଷରୁ ପାଣି ସିଞ୍ଚନ କରାଯାଉ ନାହିଁ। ପମ୍ପ ମାଲିକ ମଧ୍ୟ ତାଙ୍କ ପମ୍ପ ପରିସରକୁ ପକ୍କା କରୁ ନ ଥିବାରୁ ଏହାର ପ୍ରତିକାର ହୋଇପାରୁନାହିଁ। ଫଳରେ ଲୋକଙ୍କ ଦୁର୍ଦ୍ଦଶା ବଢ଼ି ବଢ଼ି ଚାଲିଛି। ଏହାର ପ୍ରତିକାର ବ୍ୟବସ୍ଥା କରା ଯିବାରୁ ବିଭିନ୍ନ ମହଲରୁ ଦାବି ହେଉଛି।

# ଏମ୍‌ଡିଏମ୍ ପାଚିକା ସହାୟିକା ସଂଘର ଜିଲ୍ଲାବ୍ୟାପୀ ଆନ୍ଦୋଳନ

**ସୁନ୍ଦରଗଡ଼,୨୪।୯ (ସମିସ)**

ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡ଼ିଶା ଏମଡିଏମ ପାଚିକା ସହାୟିକା ସଂଘର ସୁନ୍ଦରଗଡ଼ ଜିଲ୍ଲା ଶାଖା ପକ୍ଷରୁ ଆଜି ବିଭିନ୍ନ ଦାବି ନେଇ ଜିଲ୍ଲାବ୍ୟାପି ଆନ୍ଦୋଳନ କରାଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ବିଭିନ୍ନ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ବିଭାଗୀୟ ଅଧିକାରୀଙ୍କ ଜରିଆରେ ଗଣଶିକ୍ଷା ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ସରକାରୀ ବିଦ୍ୟାଳୟରେ ଦୀର୍ଘଦିନ ଧରି ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ପାଚିକା ଓ ସହାୟିକାମାନେ କାର୍ଯ୍ୟ କରି ଆସୁଥିଲେ ହେଁ ସରକାର ସେମାନଙ୍କୁ ଅଦ୍ୟାବଧି ସର୍ବନିମ୍ନ ମଜୁରି ପ୍ରଦାନ କରୁନାହାନ୍ତି। ସାମାଜିକ ସୁରକ୍ଷା ବ୍ୟବସ୍ଥା ନାହିଁ। ୧.୧୨.୨୦୦୯ରୁ କେନ୍ଦ୍ର ସରକାର ପାଚିକା ସହାୟିକାଙ୍କ ମାସିକ ପ୍ରାପ୍ୟ ୧୦୦୦ ଟଙ୍କା ଘୋଷଣା କରିଥିଲେ ହେଁ ୩୧.୦୩.୧୨ ପର୍ଯ୍ୟନ୍ତ ୬୦୦ ଓ ୪୦୦ ଟଙ୍କା ଲେଖାଏଁ ଦିଆଯାଇଛି। ତେଣୁ ସେହି ୨୮ ମାସର ବକେୟା ଅର୍ଥ ପ୍ରଦାନ କରାଯିବା ସହିତ ବାର୍ଷିକ ୧୦ ମାସ ବଦଳରେ ୧୨ ମାସ ର ପ୍ରାପ୍ୟ ପ୍ରଦାନ, ବାର୍ଷିକ ଦୁଇ ଯୋଡା ଶାଢୀ ପ୍ରଦାନ, ୬୦ ବର୍ଷ ପରେ ଅବସର ନେଉଥିବା ପାଚିକା ସହାୟିକାଙ୍କୁ ଅବସରକାଳୀନ ସହାୟତା ରାଶି ପ୍ରଦାନ, ମର୍ଜ୍ଜ ହୋଇଥିବା ସ୍କୁଲର ପାଚିକା ସହାୟିକାଙ୍କୁ ଛଟେଇ କରା ନ ଯାଇ ଅନ୍ୟ ଖାଲିଥିବା ସ୍କୁଲରେ ଥଇଥାନ, ବାର୍ଷିକ ୧୫ ଦିନ ଛୁଟିର ବ୍ୟବସ୍ଥା, ଶ୍ରମିକର ମାନ୍ୟତା ଦିଆଯାଇ ସରକାରଙ୍କ ସର୍ବନିମ୍ନ ମଜୁରି ପ୍ରଦାନ ଆଦି ଏଥିରେ ଦାବି କରାଯାଇଛି।

ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ପରେ ଗଣ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆପତକାଳୀନ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଂଘର ସୁନ୍ଦରଗଡ଼ ଜିଲ୍ଲା ସଭାନେତ୍ରୀ ସାବିତ୍ରୀ ପଟେଲଙ୍କ ନେତୃତ୍ୱରେ ଉକ୍ତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଏଆଇଟିୟୁସିର ରାଜ୍ୟ ସଭାପତି ଅଶୋକ ଦାଶ ଓ ସଂଘର ସଦର ବ୍ଲକ ସଭାନେତ୍ରୀ ଗୋଲାପି ଛତ୍ରିଆଙ୍କ ସମେତ ବହୁ ପାଚିକା, ସହାୟିକା ଉପସ୍ଥିତ ଥିଲେ।

**ଲେଫ୍ରିପଡ଼ା ବ୍ଲକ:** ନିଖିଳ ଓଡ଼ିଶା ଏମ୍‌ଡିଏମ୍ ପାଚିକା ସହାୟିକା ସଂଘ ଲେଫ୍ରିପଡ଼ା ଶାଖା ପକ୍ଷରୁ ଆଜି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଗଣ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ରମେଶ ହାଁସଦାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି କମଳ ଷଣ୍ଢଙ୍କ ନେତୃତ୍ୱରେ ପ୍ରଥମେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ବିକ୍ଷୋଭକାରୀମାନେ ବିଡିଓ ଶ୍ରୀ ହାଁସଦାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଲେଫ୍ରିପଡ଼ା ବ୍ଲକ ସଭାନେତ୍ରୀ ସୁନୀତା ଭିତ୍ରିଆ, ସମ୍ପାଦିକା ସୂର୍ଯ୍ୟକାନ୍ତି ବେହେରା, କୋଷାଧକ୍ଷ ଗୀତାଞ୍ଜଳି ସା ପ୍ରମୁଖ ଉପସ୍ଥିତ ଥିଲେ।

**ହେମଗିର:** ହେମଗିର ବ୍ଲକ କାର୍ଯ୍ୟାଳୟ ପ୍ରାଙ୍ଗଣରେ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜଗଦୀଶ ମହାନନ୍ଦଙ୍କୁ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପ୍ରେମାବତୀ ମାଝୀ, ଲକ୍ଷ୍ମୀ କୁମ୍ଭାର, କିସ୍ତୁରୀ ମାଝୀଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

**ଟାଙ୍ଗରପାଲି:** ଟାଙ୍ଗରପାଲି ବ୍ଲକ କାର୍ଯ୍ୟାଳୟ ପ୍ରାଙ୍ଗଣରେ ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି କମଳ ଷଣ୍ଢଙ୍କ ନେତୃତ୍ୱରେ ଉକ୍ତ ଆନ୍ଦୋଳନ କରାଯାଇଥିଲା। ଏହି ଅବସରରେ ବିଡିଓଙ୍କ ଅନୁପସ୍ଥିତିରେ ମୁଖ୍ୟ କିରାଣି ଗଣ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆ ଯାଇଥିବା ସ୍ମାରକପତ୍ର ଗ୍ରହଣ କରିଥିଲେ।

**ବଡ଼ଗାଁ:** ବଡ଼ଗାଁରେ ଆଶାକର୍ମୀ ଓ ସ୍କୁଲରେ ପାଚିକା ଓ ସହାୟିକାମାନେ ସେମାନଙ୍କ ଆଠ ଦଫା ଦାବି ନେଇ ବିଡିଓ କ୍ଷମାନିଧି ଭୋଇଙ୍କ ମାଧ୍ୟମ ରେ ରାଜ୍ୟ ଶିକ୍ଷାମନ୍ତ୍ରୀ ଓ କେନ୍ଦ୍ର ସରକାରଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସ୍ଥାନୀୟ ଡାକବଙ୍ଗଳା ଠାରେ ସେମାନେ ସମ୍ମିଳିତ ହୋଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ସଂଘର ବ୍ୟାନର୍ ଧରି ସମୂହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପାଚିକା ସହାୟିକା ସଙ୍ଘ ସଭାନେତ୍ରୀ ବଉଳ ରାଉତ ସମ୍ପାଦିକା ହେଲେନ ଗୁଡ଼ିଆ, ସବିତା ସୋରେଙ୍ଗ, ସୋନିକା ଧରେଇ ଓ ଆଶାକର୍ମୀଙ୍କ ପକ୍ଷରୁ ସଭାପତି ମାଦରିତା କୁଲୁ ରେବତୀ ବନଚୋର, ସପ୍ତମୀ ବାରିକ, ସୌଦାମିନୀ ବେହେରା, ଗୀତା କୁଜୁର ପ୍ରମୁଖ ଉପସ୍ଥିତ ଥିଲେ।

**ଗଣଶିକ୍ଷା ମନ୍ତ୍ରୀ ଉଦ୍ଦେଶ୍ୟରେ ସ୍ମାରକପତ୍ର**








# ନାହିଁ ନାହିଁରେ ଚାଲିଛି ଶିଶୁ ମଙ୍ଗଳ, ସୁରକ୍ଷା ଓ ନ୍ୟାୟିକ ବ୍ୟବସ୍ଥା

**ସୁନ୍ଦରଗଡ଼, ୨୪।୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲାରେ ଶିଶୁ ମଙ୍ଗଳ, ସୁରକ୍ଷା ଓ ନ୍ୟାୟିକ ବ୍ୟବସ୍ଥା ନାହିଁ ନାହିଁରେ ଚାଲିଛି। ଜିଲ୍ଲାରେ ଶିଶୁ ମଙ୍ଗଳ ସମିତି, ଜିଲ୍ଲା ଶିଶୁ ସୁରକ୍ଷା ସମିତି ଓ ଜୁଭେନାଇଲ ଜଷ୍ଟିସ କାମ କରୁଛନ୍ତି। ସେହିପରି ୧୪ଟି ଶିଶୁ ମଙ୍ଗଳ ପ୍ରତିଷ୍ଠାନ ରହିଥିବା ବେଳେ ଏଥିମଧ୍ୟରୁ ୧୨ଟି ସଂସ୍ଥାରେ ସମ୍ପ୍ରତି ୪୫୬ ଜଣ ବିଭିନ୍ନ ବର୍ଗର ଶିଶୁଙ୍କୁ ରଖାଯାଇଛି। ତନ୍ମଧ୍ୟରୁ ଜୟଶଙ୍କର ସେବାଶ୍ରମରେ ୮୦ ଜଣ ଓ ଶିଶୁ ସେବାଶ୍ରମରେ ୧୬ ଜଣ ଶିଶୁ ରହିଥିବା ବେଳେ ଲିଟିଲ ଅରଚାର୍ଡ ଭିଲିଲ୍ ଫର୍ ଇଷ୍ଟାସେରେ ୪୮ ଜଣ, ଏସଓଏସ ଚିଲଡ୍ରେନ ଭିଲେଜରେ ୧୫୫ ଜଣ, ଏକଲବ୍ୟ ସେବାଶ୍ରମରେ ୨୫ ଜଣ, ଆଦୃତ ଚିଲଡ୍ରେନ ହୋମରେ ୨୦ ଜଣ, ସର୍ବବୋଦ୍ଧିକ ଅନାଥାଶ୍ରମରେ ଜଣେ, ସର୍ଭିସ ଟୁ ହ୍ୟୁମନିଟୀ ଫାଉଣ୍ଡେସନରେ ୨୮ ଜଣ, ମାନବ ସେବା ପ୍ରତିଷ୍ଠାନରେ ୧୮ ଜଣ, ସହଯୋଗରେ ୨୮ ଜଣ, ଦିଶା ଓପନ ସେଲଟରରେ ୨୦ ଜଣ ଓ ଦିଶା ଏସଏଏରେ ୧୭ ଜଣ ଶିଶୁଙ୍କ ଥଇଥାନ କରାଯାଇଛି।

- ୧୭ ମାସରୁ ନାହାନ୍ତି ସ୍ଥାୟୀ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ
- ୭ ମାସରୁ କାମ ଚଳାଉଛନ୍ତି ୩ ବିଦାୟକାଳୀନ ସଦସ୍ୟ
- ଜୁଭେନାଇଲ ଜଷ୍ଟିସ ବୋର୍ଡର ବି ୨ ଜଣିଆ ସଦସ୍ୟଙ୍କ କାର୍ଯ୍ୟକାଳ ଶେଷ

ଏଣୁ ଶିଶୁ ମଙ୍ଗଳ, ଶିଶୁ ସୁରକ୍ଷା ଓ ଜୁଭେନାଇଲ ଜଷ୍ଟିସ ବୋର୍ଡର ଜିଲ୍ଲାରେ ଗୁରୁଦାୟିତ୍ୱ ରହିଛି। ମାତ୍ର ଶିଶୁ ମଙ୍ଗଳ ସମିତିରେ ସମ୍ପ୍ରତି ଅଧ୍ୟକ୍ଷଙ୍କ ସମେତ କେହି ସ୍ଥାୟୀ ସଦସ୍ୟ ନାହାନ୍ତି। ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ବସନ୍ତ ମଲ୍ଲିକଙ୍କ ବିୟୋଗ ପରେ ଗତ ବର୍ଷ ଏପ୍ରିଲ ୧ ତାରିଖରୁ ସଭ୍ୟ ରାମଚନ୍ଦ୍ର ବେହେରା ଅଧ୍ୟକ୍ଷ ଦାୟିତ୍ୱ ସମ୍ଭାଳୁଛନ୍ତି। ଇତିମଧ୍ୟରେ ୧୭ ମାସ ବିତି ଯାଇଥିଲେ ହେଁ କାହାକୁ ସ୍ଥାୟୀ ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇନାହିଁ। ସେହିପରି ଏହାର ସଭ୍ୟଙ୍କ କାର୍ଯ୍ୟକାଳ ମଧ୍ୟ ଗତ ଫେବୃୟାରୀ ୨୧ ତାରିଖରୁ ଶେଷ ହୋଇଛି। ମାତ୍ର ସ୍ଥାୟୀ ନିଯୁକ୍ତି ବ୍ୟବସ୍ଥା କରା ନ ଯାଇ ୪ ମାସିଆ ଅସ୍ଥାୟୀ ଦାୟିତ୍ୱ ବଢ଼ା ଚାଲିଛି। ପ୍ରଥମେ ଜୁନ ୨୧ ତାରିଖ ପର୍ଯ୍ୟନ୍ତ ତାଙ୍କୁ ଅସ୍ଥାୟୀ ଦାୟିତ୍ୱ ଦିଆଯାଇଥିବା ବେଳେ ଜୁନ ୨୧ରୁ ଅକ୍ଟୋବର ୨୧ ତାରିଖ ଯାଏ ପୁଣି ଥରେ ଅସ୍ଥାୟୀ ଦାୟିତ୍ୱ ଦିଆଯାଇଛି। ସୁନ୍ଦରଗଡ଼ ଜିଲ୍ଲାରେ ୨ଟି ଶିଶୁ ସୁରକ୍ଷା ୟୁନିଟ ରହିଥିବା ବେଳେ କେବଳ ଗୋଟିଏ ଶିଶୁ ମଙ୍ଗଳ ସମିତି ରହିଛି। ଏଣୁ ସ୍ଥାୟ ଅଧ୍ୟକ୍ଷ ଏବଂ ସ୍ଥାୟୀ ସଦସ୍ୟଙ୍କ ଅଭାବରୁ ବିଭାଗୀୟ କାର୍ଯ୍ୟରେ ଘୋର ବାଧା ସୃଷ୍ଟି ହେଉଛି। ଶିଶୁ ମଙ୍ଗଳ ସମିତିର ସଭ୍ୟ ମହେନ୍ଦ୍ର କୁମାର ପଟେଲ, ରନ୍ଧିର କୁମାର ଲେଙ୍କା ଓ ହାସିନା ବେଗମଙ୍କ ୩ ବର୍ଷିଆ କାର୍ଯ୍ୟାକାଳ ସମାପ୍ତିର ୭ ମାସ ପରେ ବି ସେମାନେ କାର୍ଯ୍ୟଭାର ସମ୍ଭାଳୁଛନ୍ତି। ଶିଶୁ ମଙ୍ଗର କାର୍ଯ୍ୟର୍କ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାରେ ୨ଟି ଶିଶୁ ମଙ୍ଗଳ ସମିତି ଗଠନ ଦାବି ହୋଇଆସୁଛି। ମାତ୍ର ୨ଟି ଶିଶୁ ମଙ୍ଗଳ ସମିତି ଗଠନର ଦୂରର କଥା, ଗୋଟିଏ ସମିତିକୁ ଠିକ ଭାବେ କାର୍ଯ୍ୟକାରୀ କରାଯାଇ ପାରୁନାହିଁ। ସେହିପରି ସୁନ୍ଦରଗଡ଼ ଜୁଭେନାଇଲ ଜଷ୍ଟିସ ବୋର୍ଡର ଗୋଲାପଚନ୍ଦ୍ର ପଟେଲ ଓ ସଭ୍ୟା ସୁଭଶ୍ରୀ ରାୟଙ୍କ କାର୍ଯ୍ୟକାଳ ବି ଗତକାଲି ସମାପ୍ତ ହୋଇଛି। ଏଣୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ମାମଲା ପରିଚାଳନାରେ ବାଧା ସୃଷ୍ଟି ହେଉଛି।

# ହାତୀଘଉଡ଼ା ଟିମ୍ ବଡ଼ଗାଁରେ

## ଆନ୍ତରାଜ୍ୟ ବିଶେଷଜ୍ଞ ଟିମ୍ କରୁଛନ୍ତି ନିରୀକ୍ଷଣ

**ବଡ଼ଗାଁ, ୨୪।୯ (ସମିସ):** ବଡ଼ଗାଁ ବନାଞ୍ଚଳରେ ୨୦ରୁ ଅଧିକ ହାତୀ ଆସି ଲୋକଙ୍କ ନିଦ ହଜାଇ ଦେଇଛନ୍ତି। ଲୋକେ ରାତି ଅନିଦ୍ରା ହୋଇ ହାତୀ ଘଉଡ଼ାଇବାକୁ ଅପେକ୍ଷା କରି ରହିଛନ୍ତି। ଏହି ଅଞ୍ଚଳରେ ହାତୀ ଉପଦ୍ରବ ଧୀରେ ଧୀରେ ନିତିଦିନିଆ ଘଟଣା ହେବାକୁ ବସିଛି। ଲୋକେ ସଞ୍ଜ ନଇଁଲେ ଜୀବନ ବିକଳରେ ରହୁଥିବା ଦେଖିବାକୁ ମିଳିଛି। ଏସବୁ ଘଟଣାକ୍ରମରେ ବର୍ତ୍ତମାନ ପ୍ରଶାସନ ପକ୍ଷରୁ ହାତୀ ଘଉଡ଼ାଇବାକୁ ଏକ ଆହ୍ୱାନ ଭାବେ ଗ୍ରହଣ କରାଯାଇଛି। ଏକ ଆନ୍ତରାଜ୍ୟ ବିଶେଷଜ୍ଞ ଟିମର ସହାୟତା ନିଆଯାଇଛି। ଏହି ଟିମ ବଡ଼ଗାଁକୁ ଆସି ବିଭିନ୍ନ ହାତୀ ଉପଦ୍ରୁତ ସ୍ଥାନ ନିରୀକ୍ଷଣ କରି ହାତୀ ଘଉଡ଼ାଇବାକୁ ଏକ ବ୍ଲୁ ପ୍ରିଣ୍ଟ/ଯୋଜନା ପ୍ରସ୍ତୁତ କରୁଥିବା ସୂଚନା ମିଳିଛି। ହାତୀ ବିଶେଷଜ୍ଞ ବିପିନ ପ୍ରଧାନଙ୍କ ନେତୃତ୍ୱରେ ଏହି ଟିମ ବିଭିନ୍ନ ତମାଖୁ ସହ ଲଙ୍କା ଏବଂ ଗୋବର ସହ ଲଙ୍କା ମିଶ୍ରଣ କରି ଏକ ରସାୟନିକ ପ୍ରକ୍ରିୟା ପରେ ବିଭିନ୍ନ ସ୍ଥାନରେ ରଖି ହାତୀ ଘଉଡ଼ାଇବାକୁ ଯୋଜନା ପ୍ରସ୍ତୁତ କରୁଥିବା କହିଛନ୍ତି। ସୂଚନାଯୋଗ୍ୟ ଯେ ବହୁ ରାଜ୍ୟକୁ ଗସ୍ତ କରି ହାତୀ ନିୟନ୍ତ୍ରଣ କରିଥିବା କୁହାଯାଇଛି।





## ମଧୁବାବୁ ପେନ୍‌ସନ୍ ଯୋଜନାରେ ଭତ୍ତା ପ୍ରଦାନ



**ସୁନ୍ଦରଗଡ଼,୨୪।୯ (ସମିସ):** ଆଜି ଟାଙ୍ଗରପାଲି ବ୍ଲକରେ ମଧୁବାବୁ ପେନସନ ଯୋଜନାରେ ୩୩ ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ଏମାନଙ୍କ ମଧ୍ୟରେ ବୃଦ୍ଧବୃଦ୍ଧା, ବିଧବା ଏବଂ ଦିବ୍ୟାଙ୍ଗ ରହିଛନ୍ତି। ୩ ଜଣ ଦିବ୍ୟାଙ୍ଗଙ୍କୁ ଆଶାବାଡ଼ି ମଧ୍ୟ ପ୍ରଦାନ କରାଯାଇଛି। ଏହି ଅବସରରେ ଟାଙ୍ଗରପାଲି ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଟିଆ ମୁଣ୍ଡା ମୁଖ୍ୟ ଅତିଥିଭାବେ ଭତ୍ତା ଟଙ୍କା ବଣ୍ଟନ କରିଥିଲେ। ବିଡିଓ ଐଶ୍ୱର୍ଯ୍ୟା ଭୂୟାଁ, ଏବିଡିଓ ଦମୟନ୍ତୀ ପଟେଲ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରତାପ କୁମାର ନାଏକ, ଜିପିଓ ଉଷାବତୀ ଗର୍ଡ଼ିଆ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପୁଲିନ ମଗର ପ୍ରମୁଖ ଉପସ୍ଥିତ ଥିଲେ।

## ବାର୍‌ହା ଆକ୍ରମଣରେ ଜଣେ ଗୁରୁତର

**ସୁନ୍ଦରଗଡ଼,୨୪।୯ (ସମିସ):** ହେମଗିର ଥାନା ଆଙ୍କେଲବିରା ଗ୍ରାମର ଜଣେ ବ୍ୟକ୍ତି ବାରହା ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ଆଜି ସକାଳୁ ଗ୍ରାମର ଶୁକ୍ରୁ ମାଝୀ (୪୭) ଶୌଚ ହେବାକୁ ଯାଇଥିବା ବେଳେ ଏକ ବାରହା ବୁଦାମୂଳରୁ ବାହାରି ତାଙ୍କୁ ଆକ୍ରମଣ କରିଥିଲା। ଏଥିରେ ସେ ଗୁରୁତର ଆହତ ହୋଇଥିବା ବେଳେ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ଯୁବ ସାମ୍ବାଦିକଙ୍କ ମୃତ୍ୟୁରେ ଶୋକ

**କୁତ୍ରା, ୨୪।୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲା ଗ୍ରାମାଞ୍ଚଳ ସାମ୍ବାଦିକ ସଂଘ ପକ୍ଷରୁ ଓଟିଭିର ଯୁବ ସାମ୍ବାଦିକ ଅରିନ୍ଦମ ଦାସଙ୍କ ଅକାଳ ମୃତ୍ୟୁକୁ ନେଇ ଶୋକ ପ୍ରକାଶ କରାଯାଇଛି। ମହାନଦୀ ମୁଣ୍ଡୁଲିଠାରେ ହାତୀ ଉଦ୍ଧାର ପାଇଁ ଖବର ସଂଗ୍ରହ କରିବା ପାଇଁ ଯାଇଥିବା ଯୁବ ସାମ୍ବାଦିକ ମୃତ୍ୟୁ ଘଟଣା ଜାଣିବା ପରେ ସୁନ୍ଦରଗଡ଼ ଜିଲ୍ଲା ଗ୍ରାମାଞ୍ଚଳ ସାମ୍ବାଦିକ ସଂଘ ପକ୍ଷରୁ ଶୋକ ପ୍ରକାଶ ପାଇଁ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଜଗନ୍ନାଥଙ୍କଠାରେ ପ୍ରାର୍ଥନା କରାଯାଇଛି।

# ଉଷାକୋଠି ଜଙ୍ଗଲରେ ବାଘ ଆତଙ୍କ !

**ଲେଫ୍ରିପଡା,୨୪।୯ (ସମିସ):** ଲେଫ୍ରିପଡା ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଉଷାକୋଠି ଜଙ୍ଗଲରେ ବାଘ ବୁଲୁଥିବା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ପ୍ରାପ୍ତ ସୂଚନା ମୁତାବକ, ଉଷାକୋଠି ନିକଟସ୍ଥ ଆମଟପାନି ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଦୁଇଟି ଗୋରୁ (ବଳଦ)କୁ ଗତ କାଲି ବିଳମ୍ବିତ ରାତ୍ରିରେ କୁଆଡେ ବାଘ ଆକ୍ରମଣ କରିଥିବା ବେଳେ ଗୋଟାଏ ଗୋରୁର ମୁଣ୍ଡ ଛିଣ୍ଡାଇ ପକାଇ ଦେଇଥିବା ଜଣାପଡ଼ିଛି। ଅନ୍ୟ ଗୋରୁକୁ କାମୁଡ଼ି ଓ ରମ୍ପାରମ୍ପି କରି ଗୁରୁତର ଆହତ କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଘଟଣା ସଂପର୍କରେ ଗୋରୁ ମାଲିକ ଆଜି ଲେଫ୍ରିପଡ଼ା ବନାଞ୍ଚଳ କାର୍ଯ୍ୟାଳୟରେ ସୂଚନା ଦେବା ପରେ ବନ ବିଭାଗ ଘଟଣାସ୍ଥଳରେ ଅନୁସନ୍ଧାନ କରିଛି। ରେଞ୍ଜର ସୁଶାନ୍ତ ପ୍ରଧାନଙ୍କୁ ଯୋଗାଯୋଗ କରାଯିବାରୁ 'ଅଭିଯୋଗ ଆସିଛି ଏବଂ ଅନୁସନ୍ଧାନ ଜାରି ରହିଥିବା ଏବଂ ବାଘ ନା ଅନ୍ୟ କୌଣସି ଜନ୍ତୁ ଗୋରୁଙ୍କୁ ଆକ୍ରମଣ କରିଛି, ତାହା ସ୍ପଷ୍ଟ ଜଣା ପଡିନାହିଁ' ବୋଲି ପ୍ରକାଶ କରିଛନ୍ତି। ତେବେ ଏହା ଛତିଶଗଡ଼ ଏବଂ ହେମଗିର ସୀମାନ୍ତ ହୋଇଥିବା ବେଳେ ଏହି ଜଙ୍ଗଲରେ ବାଘର ଉପସ୍ଥିତିକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ। ଗ୍ରାମବାସୀ ବାଘ ଆକ୍ରମଣର ସ୍ପଷ୍ଟ ଚିହ୍ନ ଜଣାପଡୁଥିବା ବିଷୟ କହୁଥିବାରୁ ବନ ବିଭାଗ ଏ ଦିଗରେ ଗୁରୁତ୍ୱ ଦେଇ ବିହିତ ବ୍ୟବସ୍ଥା ଗ୍ରହଣ କରିବାକୁ ଦାବି ହେଉଛି।



# କେନ୍ଦୁପତ୍ର ଉପରୁ ଜିଏସ୍‌ଟି ଛାଡ଼ ଦାବିରେ ଆନ୍ଦୋଳନ ପ୍ରସ୍ତୁତି

**ସୁନ୍ଦରଗଡ଼,୨୪।୯ (ସମିସ):** ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ରାଉରକେଲା ଡିଭିଜନ୍‌ସ୍ତରୀୟ ବୈଠକ ବଡ଼ଗାଁ ଠାରେ ସଂଘର ରାଜ୍ୟ ସଭାପତି ବିଜୟ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କେନ୍ଦୁପତ୍ର ଉପରେ ଜିଏସ୍‌ଟି କର ଲଗାଯିବା ବିରୋଧରେ ଦସ୍ତଖତ ସଂଗ୍ରହ ଅଭିଯାନ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଦସ୍ତଖତ ସଂଗ୍ରହ ଅଭିଯାନ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ରେଞ୍ଜସ୍ତରୀୟ କର୍ମକର୍ତ୍ତା ଜଣାଇଥିଲେ। ଜିଏସ୍‌ଟି ବିରୁଦ୍ଧରେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଥିବା ବେଳେ ପରୋକ୍ଷ ଘରୋଇକରଣ ବିରୋଧରେ ରାଉରକେଲା ଡିଭିଜନ ତଥା ସୁନ୍ଦରଗଡ଼ ଜିଲ୍ଲାରେ ଶତକଡା ୯୦% ଭାଗ ଗ୍ରାମପଞ୍ଚାୟତର ଗ୍ରାମସଭାରେ ପ୍ରସ୍ତାବ ଗ୍ରହଣ କରାଯାଇଥିବା ବୈଠକରେ ସୂଚନା ଦିଆଯାଇଥିଲା।

ତୋଳାଳିଙ୍କ ପାଇଁ ଉଦ୍ଦିଷ୍ଟ ୨ ହଜାର କେରି ପତ୍ର ସଂଗ୍ରହ କଲେ ଯାଇ ସାମାଜିକ



ନିରାପତ୍ତାମୂଳକ ସହାୟତା ପାଇବା ପାଇଁ ସରକାର ଧାର୍ଯ୍ୟ କରିଥିବାରୁ ଏହାର ପ୍ରତିବାଦ କରାଯିବା ସହ ପୂର୍ବପରି ଏକ ହଜାର କେରି ମାନଦଣ୍ଡ ରଖିବା ପାଇଁ ଦାବି କରାଯାଇଥିଲା। ପୂର୍ବପରି କନ୍ୟା ବିବାହ, ଛାତ୍ରବୃତ୍ତି ଆଦି ସାମାଜିକ ସୁରକ୍ଷା ସହାୟତା ପୁନର୍ବାର ପ୍ରଚଳନ କରିବା, ବକେୟା ଥିବା ମୃତ୍ୟୁକାଳୀନ ସହାୟତା ଦେବାର ବ୍ୟବସ୍ଥା କରିବା ଏବଂ ପତ୍ରଦର, ବନ୍ଧେଇ ଶ୍ରମିକଙ୍କ ମଜୁରି ବୃଦ୍ଧି କରିବା ସହ ଖାଲି ପଡ଼ିଥିବା ପଦଗୁଡିକ ପଦୋନ୍ନତି ପଦ୍ଧତିରେ ପୂରଣ କରିବା ଆଦି ଦାବି ହୋଇଥିଲା। ବୈଠକରେ ସଂଘରକୁ ଗଢି ତୋଳିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଅବସରପ୍ରାପ୍ତ କର୍ମଚାରୀ ବାଳମୁକୁନ୍ଦ ମହାକୁଲ, ବେଣୁଧର ସାହୁ ଓ ରାମଚନ୍ଦ୍ର ଛଞ୍ଚାଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ସମ୍ପାଦକ ସଞ୍ଜିତ ମହାନ୍ତି, ମହମ୍ମଦ୍ ମୃତୁଜା, ଡିଭିଜନ ସମ୍ପାଦକ କ୍ଷେତ୍ରଚନ୍ଦ୍ର ବାରିକ, ଯୁଗ୍ମ ସମ୍ପାଦକ ଗମ୍ଭାଚରଣ ମହନ୍ତ, ଶୋଭାରାମ ପ୍ରଧାନ, ଇଶ୍ୱରଚନ୍ଦ୍ର ପୃଷେଠ, ଜଗଦୀଶଚନ୍ଦ୍ର ନାୟକ, ଦ୍ୱିତୀୟା ରାଉତ, ତ୍ରିଲୋଚନ କିଷାନ, ଗିରିଧାରୀ ଅଇନ୍ଦ, ରେବତୀ ବେହେରା, ରଜନୀ ପ୍ରଧାନ ଯୋଗ ଦେଇଥିଲେ।

## ଡାକସେବାର ଘରୋଇକରଣ ପ୍ରସ୍ତାବକୁ ବିରୋଧ



**ସୁନ୍ଦରଗଡ଼,୨୪।୯ (ସମିସ):** ଭାରତୀୟ ଡାକସେବାର ଘରୋଇକରଣ ପ୍ରସ୍ତାବ ବିରୋଧରେ ଗ୍ରୁପ୍ ଡି' କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହି ଅବସରରେ ଆଜି ସୁନ୍ଦରଗଡ଼ ମୁଖ୍ୟ ଡାକଘର ସମ୍ମୁଖରେ ଗ୍ରୁପ୍ ଡି କର୍ମଚାରୀମାନେ ପ୍ଲା-କାର୍ଡ ପ୍ରଦର୍ଶନ କରି ପ୍ରତିବାଦ ଜଣାଇଥିଲେ। କର୍ମଚାରୀ ସଂଘର ଉପସମ୍ପାଦକ କିରଣ ପଶାୟତଙ୍କ ନେତୃତ୍ୱରେ କର୍ମଚାରୀମାନେ ଡାକସେବାର ଘରୋଇକରଣ ବିରୋଧ ସହ ତାଙ୍କ ବୋନସ, ଗ୍ରାଚୁଟି ଏବଂ ଅନ୍ୟାନ୍ୟ ସୁବିଧାଗୁଡ଼ିକୁ ଯୋଗାଇ ଦେବା ଦିଗରେ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଦାବି କରିଥିଲେ। ବାବଲୁ ସିଂ, ସମୀର ଅଦ୍ଧା, ରାଧା ମାଧବ ନାଏକ, ଦଶରଥ ଗଞ୍ଜୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟୁତ ଆଘାତରେ ମୃତକଙ୍କ ପରିବାରକୁ ସହାୟତା ଦାବି

**ସୁନ୍ଦରଗଡ଼,୨୪।୯ (ସମିସ):** ଭଷ୍ମା ଥାନା ଖପୁରିଖମନ ଗ୍ରାମର ଅଙ୍ଗନବାଡି କେନ୍ଦ୍ର ଛାତ କାମ କରୁଥିବା ବେଳେ ଗୁରୁବାର ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିବା ରାଜମିସ୍ତ୍ରି ଡହଲୁ ସାଙ୍କ ଶବକୁ ପୁଲିସ ସୁନ୍ଦରଗଡ଼ ଡାକ୍ତରଖାନାରୁ ଜବତ କରିଛି। ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମହୁଲଯୋର ଗ୍ରାମର ଡହଲୁ ଛାତ ଉପରେ କାମ କରୁଥିବା ବେଳେ ଏହା ଉପର ଦେଇ ଯାଇଥିବା ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଡହଲୁଙ୍କ ପତ୍ନୀ, ଦୁଇ ପୁଅ ଓ ବଡ଼ବୋହୂଙ୍କ ସହ ଦୁଇ ନାତିନାତୁଣୀ ରହିଛନ୍ତି। ଏଣୁ ତାଙ୍କ ଗରିବ ପରିବାରବର୍ଗଙ୍କୁ ଠିକାଦାରଙ୍କ ସହ ସରକାରୀ ସହାୟତା ମଧ୍ୟ ଯୋଗାଇ ଦେବାକୁ ଦାବି ହେଉଛି।

### ୩ ମିଳିତ ଟ୍ରକ୍ ମାଲିକ ସଂଘର ବୈଠକ

## ଗଠନହେଲା ୧୦ ଜଣିଆ କୋର୍ କମିଟି

**ସୁନ୍ଦରଗଡ଼,୨୪।୯ (ସମିସ):** ହୋଟେଲ ଜେଡିଆର୍‌ଠାରେ ସୁନ୍ଦରଗଡ଼ର ବିଭିନ୍ନ ଟ୍ରକ ମାଲିକ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ ଟ୍ରକ ମାଲିକ ସଂଘର ପୂର୍ବତନ ସଭାପତି ବଟକିଶୋର ମିଶ୍ର ଓ ପ୍ରଫୁଲ୍ଲ ସୁନାନୀଙ୍କ ଆହ୍ୱାନକ୍ରମେ ସୁନ୍ଦରଗଡ଼ରେ ଗଢି ଉଠିଥିବା ୩ଟି ଟ୍ରକ ମାଲିକ ସଂଘର କର୍ମକର୍ତ୍ତା ଉକ୍ତ ବୈଠକରେ ଏକତ୍ରିତ ହୋଇଥିଲେ। ଟ୍ରକ ମାଲିକଙ୍କ ବୃହତ୍ତର ସ୍ୱାର୍ଥ ଓ ଅଞ୍ଚଳର ସାମୂହିକ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଆଗାମୀ ଦିନରେ ସମସ୍ତେ ଐକ୍ୟବଦ୍ଧ ଭାବେ କାମ କରିବାକୁ ନିଷ୍ପତ୍ତି ନେଇଥିଲେ। ଉକ୍ତ ବୈଠକରେ ଟ୍ରକ ମାଲିକଙ୍କ ଉଚିତ୍ ପ୍ରାପ୍ୟ, ଫାଷ୍ଟ କମ୍ ଫାଷ୍ଟ ସର୍ଭିସ ଏବଂ ଅଧିକ ଲୋଡିଂ ବ୍ୟବସ୍ଥା, ଖଣି କାର୍ଯ୍ୟକାଳ ବୃଦ୍ଧି, ପାର୍କିଂ ବ୍ୟବସ୍ଥା, ନିଯୁକ୍ତି ଓ ସାମାଜର ଉନ୍ନତି କଳ୍ପେ କାର୍ଯ୍ୟ କରିବାକୁ ସହମତି ପ୍ରକାଶ ପାଇଥିଲା। ବରିଷ୍ଠ ସଭ୍ୟଙ୍କ ମତାମତ ଆଧାରରରେ ୧୦ ଜଣିଆ କୋର କମିଟି ଗଠନ କରାଯାଇ ଆସନ୍ତା ଅକ୍ଟୋବରରୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଉକ୍ତ କୋର କମିଟି ସୁପ୍ରିମ କମିଟି ଭାବେ କୋଇଲା ପରିବହନକୁ ନିୟନ୍ତ୍ରଣ କରିବାକୁ ସିଦ୍ଧାନ୍ତ ହୋଇଥିଲା। ବିସ୍ଥାପିତ ଟ୍ରକ ମାଲିକ ସଂଘର ସଭାପତି ଗୋପାଳ ପ୍ରଧାନ, ସୁନ୍ଦରଗଡ଼ ଟ୍ରକ ମାଲିକ ସଂଘର ପୂର୍ବତନ ସଭାପତି ଜ୍ଞାନରଞ୍ଜନ ହୋତା, ସଞ୍ଜୟ ନନ୍ଦ, ଲଳାଟେନ୍ଦୁ ପରିଡ଼ା, ରିତେଶ ପଟେଲ, ରତନ ଷଡ଼ଙ୍ଗୀ, ମନୋରଞ୍ଜନ ବହିଦାର, ସମରେନ୍ଦ୍ର ପରିଡ଼ା, ରମଣି ରଞ୍ଜନ ଯୋଶୀ, ନରେନ୍ଦ୍ର ସିଂ, ଲକ୍ଷ୍ମୀନାରାୟଣ ମିଶ୍ର ପ୍ରମୁଖଙ୍କ ସମେତ ବହୁ ଟ୍ରକ ମାଲିକ ଏଥିରେ ଯୋଗ ଦେଇଥିଲେ।

## ଜୟଶଙ୍କର ସେବାଶ୍ରମରେ ବ୍ରାଇଟ ପିପୁଲର ବାର୍ଷିକ ଉତ୍ସବ




**ସୁନ୍ଦରଗଡ଼,୨୪।୯ (ସମିସ):** ସୁନ୍ଦରଗଡ଼ ବ୍ରାଇଟ ପିପୁଲ୍ ଲାଇଫ୍ ସର୍ଭିସ ପ୍ରାଇଭେଟ୍ ଲିମିଟେଡର ବାର୍ଷିକଉତ୍ସବ ପାଳିତ ହୋଇଯାଇଛି। ବେଲସରା ଜୟଶଙ୍କର ସେବାଶ୍ରମରେ ଆୟୋଜିତ ଉକ୍ତ ସାମାରୋହରେ ସମାଜସେବୀ ଡା. ହିମାଂଶୁ ଶେଖର ଷଡ଼ଙ୍ଗୀ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଆୟୋଜିତ ସମାରୋହରେ ସେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବ୍ରାଇଟ ପିପୁଲ ଲାଇଫ ସଂସ୍ଥା ଅନେକ ପରିବାରକୁ ଜୀବିକା ଦେବାରେ ସକ୍ଷମ ହୋଇଥିବା କହିଥିଲେ। ଏହି ଅବସରରେ ସେବାଶ୍ରମର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗୀତ, ମୁକ ଡ୍ରାମା ଓ ନାଚ ପ୍ରତିଯୋଗିତା କରାଯାଇଥିଲା। ଉକ୍ତ ସଂସ୍ଥାର ଏକ ୱେବସାଇଟ ମଧ୍ୟ ଲୋକାର୍ପଣ କରାଯାଇଥିଲା। ପ୍ରଯୋଜକ ପ୍ରିୟବ୍ରତ ଦାଶଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିବା ବେଳେ ପୂଜା ରଥ ମଞ୍ଚ ପରିଚାଳନା କରିଥିଲେ। ସେବାଶ୍ରମର ଭାରତୀ ନାହାକ ଧନ୍ୟବାଦ ଦେଇଥିଲେ।

# ଘୁଘର ଜଳପ୍ରପାତରେ ଜଳସେଚନ ପ୍ରକଳ୍ପ ପାଇଁ ପ୍ରସ୍ତାବ

**ଲେଫ୍ରିପଡ଼ା, ୨୪।୯ (ସମିସ):** ଉପାନ୍ତ ଓ ଦୁର୍ଗମ ସରଫଗଡ଼ ପଞ୍ଚାୟତରେ ଜଳସେଚନର ବ୍ୟବସ୍ଥା ହୋଇପାରୁ ନ ଥିବାରୁ ଅଞ୍ଚଳରେ ନିୟମିତ ମରୁଡ଼ି ପରିସ୍ଥିତି ଦେଖାଦେଉଛି। ଏହା ଆଦିବାସୀ ଅଧ୍ୟୁଷିତ ଏବଂ ଘାଟି ଅଞ୍ଚଳ ହୋଇଥିବା ବେଳେ ସ୍ଥାନୀୟ ଅଧିବାସୀଙ୍କ ମୁଖ୍ୟ ଜିବୀକା ହେଉଛି କୃଷି ଏବଂ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ। ସେଚ ସୁବିଧା ପାଇଁ ଏଠାରେ ଜଳଉତ୍ସର ଭରପୂର ସୁବିଧା ରହିଥିଲେ ବି ତା'ର ସଦୁପଯୋଗରେ ଅବହେଳା କରାଯାଉଛି। ସ୍ଥାନୀୟ ପାହାଡ଼ ଉପରୁ ପଡୁଥିବା ଏକ କ୍ଷୁଦ୍ର ଜଳପ୍ରପାତ 'ଘୁଘର'ର ପାଣିକୁ ଯଦି ଡ୍ୟାମ୍ ସାହାଯ୍ୟରେ ସଂରକ୍ଷିତ କରାଯାଏ, ତେବେ ଅଞ୍ଚଳରେ କୃଷିର ବିକାଶ ହେବା ସହ ଏକ ପର୍ଯ୍ୟଟନକ୍ଷେତ୍ର ମଧ୍ୟ ସୃଷ୍ଟି ହୋଇପାରିବ। ଉଲ୍ଲେଖ ଥାଉକି, ଏହି ଜଳପ୍ରପାତଟି ବ୍ଲକ୍ ସଦର ମହକୁମା ଠାରୁ ୧୨ କିମି ଦୂରରେ ରହିଥିବା ବେଳେ ଏହାର ପାହାଡ଼ି ଏବଂ ପ୍ରାକୃତିକ ବଣଜଙ୍ଗଲ ଘେରା ଦୃଶ୍ୟ ମଧ୍ୟ ବେଶ୍ ମନୋରମ। ଏହି କ୍ଷୁଦ୍ର ପ୍ରପାତରୁ ନିୟମିତ ପାଣି ଝରିଆସୁଥିବା ବେଳେ ପ୍ରାୟ ୩୦ ମିଟର ପ୍ରବାହିତ ହୋଇ ମାଟି ଭିତରେ ପଶି ନିକଟସ୍ଥ ଇଚ୍ଛା ନାଳରେ ବାହାରୁଛି। ଏଣୁ ଅହରହ ବହି ଚାଲିଥିବା ପାଣିକୁ ଏକ ଡ୍ୟାମ ପ୍ରକଳ୍ପ ମାଧ୍ୟମରେ ସଂରକ୍ଷିତ କରାଯାଇ ସେଚ ପାଇଁ ଉପଯୋଗ କରାଗଲେ ଏହା ସରଫଗଡ଼ ପଞ୍ଚାୟତର ସରଫଗଡ଼, ଦର୍ଲିଢିପା, କନିଆଁଘାଟୀ, ବରଡ଼ିହି ଏବଂ ବିଛୁଆଁବାହାଲ ଆଦି ଅନେକ ଗାଁକୁ ଜଳସେଚିତ କରିପାରିବ। ସ୍ଥାନୀୟ ଆଦିବାସୀଙ୍କ ଜୀବନଜିବୀକା ବି ସମୃଦ୍ଧ ହୋଇପାରିବ। ଏହାକୁ ଦୃଷ୍ଟିରେ ରଖି ଲେଫ୍ରିପଡ଼ା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅମୀର ନାଏକ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ଠାରେ ଏକ ପ୍ରସ୍ତାବ ମଧ୍ୟ ଉପସ୍ଥାପିତ କରିଛନ୍ତି ।

ଏହାଛଡା ଏହା ସଂରକ୍ଷିତ ଜଙ୍ଗଲରେ ରହିଥିବା ଏବଂ ଏହାର ପ୍ରାକୃତିକ ଶୋଭାରାଜି ମନମୁଗ୍ଧକର ହୋଇଥିବାରୁ ଏହାକୁ ଉତ୍କୃଷ୍ଟ ପିକନିକ୍ ସ୍ପଟ୍ ରେ ମଧ୍ୟ ରୂପାନ୍ତରୀକରଣ କରାଯାଇପାରିବ। ଏହାଦ୍ୱାରା ଅଞ୍ଚଳର ଆର୍ଥିକ ବିକାଶରେ ମଧ୍ୟ ସହାୟକ ହେବ। ଏଣୁ ଜିଲ୍ଲାପାଳ ବିଶେଷ ଗୁରୁତ୍ୱ ଦେଇ ଏହି ପ୍ରକଳ୍ପକୁ ତତ୍କାଳ ମଞ୍ଜୁର କରିବା ଦିଗରେ ପଦକ୍ଷେପ ନେବା ସପକ୍ଷରେ ମତ ପ୍ରକାଶ ପାଇଛି।



## କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ବଣ୍ଟନ

ସୁନ୍ଦରଗଡ଼,୨୪।୯ (ସମିସ): ସୁନ୍ଦରଗଡ଼ ବିଜୟା ଟକିଜ ରୋଡ୍‌ସ୍ଥିତ 'ସିଲ' କମ୍ପୁଟର ଏକାଡେମୀ ଠାରେ ସିଏସ୍‌ସି ଆନୁକୂଲ୍ୟରେ ପ୍ରଧାନମନ୍ତ୍ରୀ କୋଶଳ ଯୋଜନାର ଆରପିଏଲ ପରୀକ୍ଷା କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଛି। ଏଥିରେ କରମଡିହିସ୍ଥିତ ମେଧାଂଶ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ ଦାଶ ଅତିଥି ଭାବେ ଯୋଗ ଦେଇ ପ୍ରମାଣ ପତ୍ର ବଣ୍ଟନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଭାତ ଦାଶ ପାଠ୍ୟକ୍ରମର ଆବଶ୍ୟକତା ନେଇ ବିଶେଷ ସୂଚନା ଦେଇଥିଲେ।



# ମାଇଲଖୁଣ୍ଟ ନିକଟରେ ଦିଲ୍ଲୀ କ୍ରିକେଟର୍

ଆଇପିଏଲ୍ ୧୪ତମ ସଂସ୍କରଣର ୨ୟ ପର୍ଯ୍ୟାୟ ୟୁଏଇରେ ଆରମ୍ଭ ହୋଇସାରିଛି। କରୋନା ମହାମାରୀ ଲାଗି ଗତ ମେ ମାସରେ ଭାରତରେ ଆୟୋଜିତ ଏହି ସଂସ୍କରଣକୁ ଅଧାରୁ ସ୍ଥଗିତ ରଖାଯାଇଥିଲା। ଇତିମଧ୍ୟରେ ୩୫ଟି ମ୍ୟାଚ୍ ଖେଳାଯାଇସାରିଲାଣି। ୩୬ତମ ମୁକାବିଲାରେ ଶନିବାର ଗତଥରର ରନର୍ସଅପ୍ ଦିଲ୍ଲୀ କ୍ୟାପିଟାଲ୍ସ ଓ ରାଜସ୍ଥାନ ରୟାଲ୍ସ ସହ ହେବ। ଆବୁଧାବିର ଶେଖ୍ ଜାୟେଦ୍ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ଅବସରରେ ଦିଲ୍ଲୀ କ୍ୟାପିଟାଲ୍ସର ୫ଜଣ ଖେଳାଳି ଆଇପିଏଲ୍‌ର ପ୍ରମୁଖ ମାଇଲଖୁଣ୍ଟ ହାସଲ କରିବାର ସୁଯୋଗ ରହିଛି। ଏହି ୫ ଖେଳାଳି ହାସଲ କରିବାକୁ ଥିବା ମାଇଲଖୁଣ୍ଟ ଉପରେ ନଜର ପକାଇବା।

### ୧- ଆଜିଙ୍କ୍ୟ ରାହାଣେ, ୪ ହଜାର ଆଇପିଏଲ୍ ରନ୍:



ଅଭିଜ୍ଞ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ ଆଜିଙ୍କ୍ୟ ରାହାଣେ ତାଙ୍କ ଆଇପିଏଲ୍ କ୍ୟାରିୟରରେ ୪ଟି ଭିନ୍ନ ଫ୍ରାଞ୍ଚାଇଜ ପକ୍ଷରୁ ଖେଳିସାରିଛନ୍ତି। ୩୩ ବର୍ଷୀୟ ରାହାଣେ ବର୍ତ୍ତମାନ ଦିଲ୍ଲୀ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ତେବେ ଦିଲ୍ଲୀ ଜର୍ସିରେ ସେ ଆଇପିଏଲ୍‌ର ଏକ ସ୍ୱତନ୍ତ୍ର ମାଇଲଖୁଣ୍ଟ ହାସଲ କରିବାର ନିକଟତର ହୋଇଛନ୍ତି। ରାହାଣେ ଯଦି ଆଉ ୫୯ ରନ୍ ସଂଗ୍ରହ କରନ୍ତି ତେବେ ଆଇପିଏଲ୍‌ରେ ୪ ହଜାର ରନ୍ ପୂରଣ କରିବେ। ନିକଟରେ ସେ ଆଇପିଏଲ୍‌ରେ ୧୫୦ତମ ମ୍ୟାଚ୍ ଖେଳିଥିଲେ। କିନ୍ତୁ ହାଇଦରାବାଦ୍ ବିପକ୍ଷ ଅନ୍ତିମ ମ୍ୟାଚରେ ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳି ନ ଥିଲା। ଯଦି ରାଜସ୍ଥାନ ବିପକ୍ଷରେ ରାହାଣେଙ୍କୁ ସ୍ଥାନ ମିଳେ ତେବେ ଆଇପିଏଲ୍‌ରେ ସେ ୪୦୦୦ ରନ୍ ପୂରଣ କରିବାର ସୁଯୋଗ ରହିଛି। ୮ମ ଭାରତୀୟ ତଥା ମୋଟ୍ ଉପରେ ୧୧ତମ ବ୍ୟାଟ୍ସମ୍ୟାନ ଭାବେ ସେ ଏହି ସଫଳତା ପାଇବେ। ବର୍ତ୍ତମାନ ସୁଦ୍ଧା ରାହାଣେ ୧୫୧ ମ୍ୟାଚ୍ ଖେଳି ୧୨୧ରୁ ଊର୍ଦ୍ଧ୍ୱ ଷ୍ଟ୍ରାଇକ ରେଟ୍‌ରେ ୩୯୪୧ ରନ୍ କରିଛନ୍ତି। ଯେଉଁଥିରେ ୨ ଶତକ ଓ ୨୮ ଅର୍ଦ୍ଧଶତକ ଅନ୍ତର୍ଭୁକ୍ତ ରହିଛି। ୧୦୫ ରନ୍ ତାଙ୍କର ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର ରହିଛି।

### ୨- ଅମିତ୍ ମିଶ୍ର, ସର୍ବୋଚ୍ଚ ୱିକେଟ୍ ହାସଲକାରୀ ସୁଯୋଗ:



ଭେଟେରାନ ଅମିତ୍ ମିଶ୍ରାଙ୍କୁ ଆଇପିଏଲ୍ ଇତିହାସର ଅନ୍ୟତମ ଶ୍ରେଷ୍ଠ ବୋଲର ଭାବେ ବିବେଚନା କରାଯାଏ। ୩୮ ବର୍ଷୀୟ ଅମିତ୍‌ଙ୍କ ନିକଟରେ ଆଇପିଏଲ୍‌ରେ ସର୍ବାଧିକ ୱିକେଟ୍ ହାସଲକାରୀ ବୋଲର ହେବାର ସୁଯୋଗ ରହିଛି। ବର୍ତ୍ତମାନ ସୁଦ୍ଧା ସେ ଆଇପିଏଲ୍‌ରେ ୧୫୪ ମ୍ୟାଚ୍ ଖେଳି ୨୩.୯ ଆଭରେଜରେ ୧୬୬ ୱିକେଟ୍ ନିଜ ନାମରେ ଲିପିବଦ୍ଧ କରିଛନ୍ତି। ଏହାରି ମଧ୍ୟରେ ସେ ୫ ୱିକେଟ୍ ଥରେ ଏବଂ ୪ ୱିକେଟ୍ ସଫଳତା ୪ଥର ପାଇଛନ୍ତି। ସର୍ବାଧିକ ୱିକେଟ୍ ହାସଲକାରୀ ବୋଲର ହେବାକୁ ହେଲେ ତାଙ୍କୁ ଆଉ ୫ ୱିକେଟ୍ ଆବଶ୍ୟକ ହେଉଛି। ମୁମ୍ବଇ ଇଣ୍ଡିଆନ୍ସର ପ୍ରାକ୍ତନ ବୋଲର୍ ଲସିଥ୍ ମାଲିଙ୍ଗାଙ୍କ ନାମରେ ଆଇପିଏଲ୍ ଇତିହାସରେ ସର୍ବାଧିକ ୱିକେଟ୍ ଅକ୍ତିଆର କରିବାର ରେକର୍ଡ ରହିଛି। ନିକଟରେ ସମସ୍ତ ପ୍ରକାର ଫର୍ମାଟ୍‌ରୁ ଅବସର ଗ୍ରହଣ କରିଥିବା ମାଲିଙ୍ଗା ଆଇପିଏଲ୍‌ରେ ୧୨୨ ମ୍ୟାଚ୍ ଖେଳି ୧୯.୮ ଆଭରେଜରେ ୧୭୦ ୱିକେଟ୍ ନେଇଛନ୍ତି।

### ୩- ମାର୍କସ ଷ୍ଟୋଇନିସ, ହଜାରେ ଆଇପିଏଲ୍ ରନ୍:



ନିକଟ ଅତୀତରେ ଅଷ୍ଟ୍ରେଲିଆର ଶ୍ରେଷ୍ଠ ଅଲ୍‌ରାଉଣ୍ଡର ଭାବେ ମାର୍କସ ଷ୍ଟୋଇନିସ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। ୩୨ ବର୍ଷୀୟ ଷ୍ଟୋଇନିସ ଆଇପିଏଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ଯଦି ସେ ଆଉ ୧୦୪ ରନ୍ ସଂଗ୍ରହ କରନ୍ତି ତେବେ ବିଶ୍ୱର ଏହି ବ୍ୟୟବହୁଳ ଲିଗରେ ଏକ ହଜାର ରନ୍ ପୂରଣ କରିବେ। ଆଇପିଏଲ୍‌ରେ ତାଙ୍କର ୫୫ ମ୍ୟାଚ୍ ଖେଳିବାର ଅଭିଜ୍ଞତା ରହିଛି। ଯେଉଁଥିରେ ସେ ବ୍ୟାଟିଂରେ ୨୮ ଆଭରେଜରେ ୮୯୬ ରନ୍ ସଂଗ୍ରହ କରିଛନ୍ତି। ସେହିଭଳି ୩୦ ୱିକେଟ୍ ମଧ୍ୟ ନିଜ ନାମରେ ଲିପିବଦ୍ଧ କରିଛନ୍ତି।

### ୪- ସ୍ମିଥ୍ ୨୫୦୦ ରନ୍ ନିକଟତର:



୨୦୨୧ ସଂସ୍କରଣ ପୂର୍ବରୁ ଅଷ୍ଟ୍ରେଲିଆର ବରିଷ୍ଠ ବ୍ୟାଟ୍ସମ୍ୟାନ ଷ୍ଟିଭ ସ୍ମିଥ୍‌ଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସ ନିଜ ଦଳରେ ସାମିଲ କରିଥିଲା। ଚଳିତ ୧୪ତମ ସଂସ୍କରଣରେ ସେ ମାତ୍ର ୬ ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲେ। ଯେଉଁଥିରେ ମୋଟ୍ ଉପରେ ୧୦୪ ରନ୍ ସଂଗ୍ରହ କରିଛନ୍ତି। କିନ୍ତୁ ଓଭରଅଲ୍ ଆଇପିଏଲ୍ କ୍ୟାରିୟରରେ ନଜର ପକାଇଲେ ଏହି ଭେଟେରାନ ବ୍ୟାଟ୍ସମ୍ୟାନ ୧୦୧ ଆଇପିଏଲ୍ ମ୍ୟାଚ୍ ଖେଳି ୨,୪୩୭ ରନ୍ ସଂଗ୍ରହ କରିଛନ୍ତି। ଯେଉଁଥିରେ ୧ ଶତକ ଓ ୧୧ ଅର୍ଦ୍ଧଶତକ ସାମିଲ ରହିଛି। ଆଉ ୬୩ ରନ୍ ସଂଗ୍ରହ କଲେ ସେ ଆଇପିଏଲ୍‌ରେ ୨୫୦୦ ରନ୍ ପୂରଣ କରିବେ।


### ୫- ଧାୱନ ୬୫୦ ଚୌକାଠୁ ୧୦ ଦୂରରେ:



ଆଗାମୀ ବିଶ୍ୱକପ୍ ଲାଗି ଘୋଷିତ ଭାରତୀୟ ଦଳରେ ଭେଟେରାନ ଓପନର୍ ଶିଖର ଧାୱନଙ୍କୁ ଭାରତୀୟ ଦଳରେ ସୁଯୋଗ ମିଳିନାହିଁ। କିନ୍ତୁ ଏହି ବାମହାତୀ ଦିଲ୍ଲୀ କ୍ୟାପିଟାଲ୍ସ ବ୍ୟାଟ୍ସମାନ ଆଇପିଏଲ୍‌ର ଚଳିତ ସଂସ୍କରଣରେ ଦମ୍‌ଦାର ଫର୍ମରେ ରହିଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ୯ ମ୍ୟାଚ୍ ଖେଳି ପାଖାପାଖି ୫୩ ଆଭରେଜରେ ୪୨୨ ରନ୍ ସଂଗ୍ରହ କରିଛନ୍ତି। ସେହିଭଳି ଯଦି ତାଙ୍କ ଆଇପିଏଲ୍ କ୍ୟାରିୟର ଉପରେ ନଜର ପକାଇବା ତେବେ ବର୍ତ୍ତମାନ ସୁଦ୍ଧା ସେ ୧୮୫ ମ୍ୟାଚ୍ ଖେଳି ୫,୬୧୯ ରନ୍ ସଂଗ୍ରହ କରିଛନ୍ତି। ଏହାରି ମଧ୍ୟରେ ୪୪ ଅର୍ଦ୍ଧଶତକ ଓ ୨ ଶତକ ସାମିଲ ରହିଛି। ସେହିଭଳି ତାଙ୍କ ନାମରେ ୬୪୦ ଚୌକା ଓ ୧୧୭ ଛକା ଲିପିବଦ୍ଧ ରହିଛି। ଯଦି ଧାୱନ ଆଉ ୧୦ଟି ଚୌକା ମାରନ୍ତି ତେବେ ଆଇପିଏଲ୍ ଇତିହାସରେ ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ୬୫୦ ଚୌକା ମାଇଲଖୁଣ୍ଟ ସ୍ପର୍ଶ କରିବେ।



ଇଣ୍ଡିଆନ୍ ସୁପରଲିଗ୍ ଫୁଟବଲ ସିଜନ-୨୦୨୧ ଲାଗି ଓଡ଼ିଶା ଫୁଟବଲ କ୍ଲବ୍‌ର ନୂଆ ଜର୍ସି ଓ କିଟ୍।



ମୁମ୍ବଇରେ କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ଝିଅ 'ସାରା' ଜିମ୍‌ରେ ଅଭ୍ୟାସରତ।

## ଓଡ଼ିଶା କନିଷ୍ଠ ସଫ୍ଟବଲ ଦଳର ପଞ୍ଜାବ ଯାତ୍ରା



ଭୁବନେଶ୍ୱର,୨୪।୯ (ସମିସ) ପଞ୍ଜାବରେ ଆୟୋଜିତ ହେବାକୁ ଯାଉଛି ଜାତୀୟ ସବ୍‌ଜୁନିୟର ସଫ୍ଟବଲ ପ୍ରତିଯୋଗିତା। ଏହି ପ୍ରତିଯୋଗିତା ପଞ୍ଜାବ ଲଭ୍‌ଲି ପ୍ରଫେସନାଲ ୟୁନିଭର୍ସିଟି କ୍ୟାମ୍ପସରେ ଚଳିତମାସ ୨୬ରୁ ଆରମ୍ଭ ହୋଇ ୩୦ ତାରିଖରେ ଶେଷ ହେବ। ଏଥିଲାଗି ଓଡ଼ିଶାର ଉଭୟ ବାଳିକା ଓ ବାଳକ ଦଳ ଚୟନ କରାଯିବା ପରେ କଟକରୁ ଚଣ୍ଡିଗଡ଼ ଅଭିମୁଖେ ଯାତ୍ରା କରିଛନ୍ତି। ମନୋନୀତ ଖେଳାଳିମାନଙ୍କୁ ଓଡ଼ିଶା ସଫ୍ଟବଲ ଦଳର ସମ୍ପାଦକ ଦେବେନ୍ଦ୍ର ସାହୁ ଓ ଅନ୍ୟ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି। ସହସମ୍ପାଦକ ରାଜକିଶୋର ପଟ୍ଟନାୟକ, କୋଷାଧ୍ୟକ୍ଷ ଶକ୍ତିରଞ୍ଜନ ମହାନ୍ତି ଓ ଅନ୍ୟମାନେ ରେଲୱେ ଷ୍ଟେସନରେ ଉପସ୍ଥିତ ରହି ଶୁଭେଚ୍ଛା ଜଣାଇଥିଲେ।

ମନୋନୀତ ବାଳିକା ଦଳର ଖେଳାଳିମାନେ ହେଲେ- ଧରିତ୍ରୀ ସିଂ, ଜୟନ୍ତୀ ଟପ୍ପୋ, ସୁଲୋଚନା ମଲ୍ଲିକ, ମମତା ସିଂ, ମାମାଲି ବେହେରା, ପ୍ରତିମା ଜେନା, ରାଜଶ୍ରୀ ପଣ୍ଡା, ମୋନାଲିସା ଦାସ୍, ପ୍ରତୀକ୍ଷା ତ୍ରିପାଠୀ, ଅପର୍ଣ୍ଣା ସାମଲ, ସସ୍ମିତା ସ୍ୱାଇଁ, ପ୍ରିସିତା ଦାସ୍, ଲୋପାମୁଦ୍ରା ସାହୁ ଓ ସୋନାଲିକା ଜେନା। କୋଚ୍- ଜିତେନ୍ଦ୍ର ମହାନ୍ତି, ମ୍ୟାନେଜର- ଜୟଶ୍ରୀ ମହାନା।

ବାଳକ ଦଳର ଖେଳାଳିମାନେ ହେଲେ- ତପୁ ସିଂ, ଖଗେଶ୍ୱର ମଲ୍ଲିକ, ସୁନିଲ ଟୁଡୁ, ସନ୍ଦୀପ କୁମାର କରକେରିଆ, ପ୍ରିୟାଂଶୁ ଶେଖର ବିଶ୍ୱାଳ, ସତ୍ୟରଞ୍ଜନ ନାୟକ, ସୁରଡ଼ା ଲକ୍ଷ୍ମଣ, ଜ୍ୟାକ୍‌ସନ ପାଲାକା, ରଞ୍ଜନ କୁମାର ଦାସ୍, ଲୋକେଶ କୁମାର, ଶୁଭ୍ରଜିତ ସାହୁ, ପଦ୍ମଲୋଚନା ପଣ୍ଡା, ବିଘ୍ନଜ୍ୟୋତି ସାହୁ, ପରଭେଶ ପାତ୍ର। କୋଚ- ଗୌତମ ବିଶ୍ୱାସ, ମ୍ୟାନେଜର- କୈଳାଶ ଚନ୍ଦ୍ର ମହାଳିକ।

## ଆଇପିଏଲ୍‌ର ନୂଆ ତାରକା 'ଏମ୍‌ବିଏ' ଭେଙ୍କଟେଶ

ଆୟର ପରିବାରରେ ଖେଳ ଏକ ଫେସନ। ଏହି ପରିବାରେ ଅଛନ୍ତି ପ୍ରତିଷ୍ଠିତ ଡାକ୍ତର, ଇଞ୍ଜିନିୟର, ପ୍ରଫେସର ଆଦି। କିନ୍ତୁ କେହି ଖେଳରେ କ୍ୟାରିୟର ଗଠନ କରିନାହାନ୍ତି। ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର ନୂଆ ଆବିଷ୍କାର କୋଲକାତା ନାଇଟ୍ ରାଇଡର୍ସର 'ଭେଙ୍କଟେଶ ଆୟର' ହେଉଛନ୍ତି ଆୟର ପରିବାର ପ୍ରଥମ ବ୍ୟକ୍ତି ଯିଏକି ଖେଳକୁ କ୍ୟାରିୟର କରିଛନ୍ତି। ଏପରିକି ସେ ନିଜ ପିତାଙ୍କ ଇଚ୍ଛା ପୂରଣ କରିବାକୁ ଯାଇ ଏମ୍‌ବିଏ ଡିଗ୍ରି ହାସଲ କରିଥିଲାବେଳେ ଏବେ ନିଜ ଇଚ୍ଛାନୁଯାୟୀ କ୍ରିକେଟ ଖେଳାଳି ହୋଇପାରିଛନ୍ତି।

ମଧ୍ୟପ୍ରଦେଶର ଇନ୍ଦୋରରେ ବସବାସ କରୁଥିବା ତାମିଲ ପରିବାରରେ ଭେଙ୍କଟେଶଙ୍କ ଜନ୍ମ। ଜୀବନ ଆରମ୍ଭରୁ ସେ ଖେଳପ୍ରତି ଆଗ୍ରହ ପ୍ରକାଶ କରିଥିଲେ। ପିତା ରାଜଶେକରନ ପୁଅ ଖେଳୁ ବୋଲି ଆଦୌ ଚାହୁଁ ନଥିଲେ। କ୍ରିକେଟ ଖେଳ ପ୍ରତି ଭେଙ୍କଟେଶଙ୍କର ଥିଲା ପ୍ରବଳ ଆଗ୍ରହ ଓ ଦୁର୍ବଳତା। ସମସ୍ତ ପରିବାର ଭଳି ଭେଙ୍କଟେଶ ଖେଳିବା ଲାଗି ମା' ଉଷାଙ୍କ ଶରଣ ପଶିଲେ। ତାଙ୍କ ଆଗ୍ରହ ଆଗରେ ଆୟର ପରିବାରର ଜିଦ୍ ରହିଲାନି। ଆପୋଲୋ ହସ୍ପିଟାଲ୍‌ରେ ଷ୍ଟାଫ୍ ନର୍ସ ଥିବା ମା' ଉଷା ପୁଅର ଆଗ୍ରହ ଦେଖି ଇନ୍ଦୋରର ୟେଶୱନ୍ତରାଓ କ୍ରିକେଟ କ୍ଲବ୍‌ର କୋଚ୍ ଦିନେଶ ଶର୍ମାଙ୍କ ନିକଟକୁ ନେଇଥିଲେ। ଏହା ପରେ ଆରମ୍ଭ ହୋଇଥିଲା ଭେଙ୍କଟେଶଙ୍କ କ୍ରିକେଟ ଜୀବନ କାହାଣୀ।

ଯେଉଁଦିନ କୋଚ୍ ଦିନେଶ ସହ ପରିଚୟ କରାଗଲା, ସେଦିନ ଭେଙ୍କଟେଶଙ୍କ ପରୀକ୍ଷା ହେଲା। ସେ ପ୍ରଥମେ ଦୁର୍ବଳ ବୋଲରଙ୍କୁ ନିର୍ଦ୍ଧୁମ ପିଟିଲେ। ଦିନେଶ ଏହା ଦେଖି ତାଙ୍କ ଟପ୍ ବୋଲରଙ୍କୁ ବୋଲି କରିବାକୁ କହିଲେ। ସେମାନେ ମଧ୍ୟ ସମାନ ଦଶା ଭୋଗିଲେ। ଭେଙ୍କଟେଶଙ୍କ ସଟ୍ ମାରିବା ଶୈଳୀ କୋଚ୍‌ଙ୍କୁ ବେଶ ପ୍ରଭାବିତ କରିଥିଲା। ଏହା ପରେ ସେ କ୍ଲବ୍‌ରେ ଯୋଗଦେଲେ ଓ ଜଣେ ନିମ୍ନମଧ୍ୟକ୍ରମ ବ୍ୟାଟ୍ସମ୍ୟାନ୍ ଭାବେ ଖେଳିବାକୁ ଲାଗିଲେ। ଏହି ପୋଜିସନରେ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିବାକୁ ପଡୁଥିବାରୁ ସେ ବଡ଼ ସ୍କୋର କରି ପାରି ନଥିଲେ। ଏକଦା ଅନ୍ୟ ଏକ କ୍ଲବ୍ ସହ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଆୟୋଜିତ ହେଲା। ଏଥିରେ ତାଙ୍କୁ କୋଚ୍ ଇନିଂସ ଓପନ କରିବାକୁ କହିଲେ। ପ୍ରଥମେ ଏହା ଶୁଣିବା ପରେ ଭେଙ୍କଟେଶ ଟିକେ ନର୍ଭସ ହୋଇ ପଡ଼ିଲେ। ତାଙ୍କୁ ନିଜ ଗେମ୍ ଖେଳିବାକୁ କୁହାଯିବାରୁ ସେ ଇନିଂସ ଓପନ କଲେ ଓ ସେ ୩ଟି ବଡ଼ ଇନିଂସ ଖେଳି ସମସ୍ତଙ୍କୁ ପ୍ରଭାବିତ କରିପାରିଲେ। ଏହାପରେ ସେ କ୍ଲବ୍‌ର ନିୟମିତ ଓପନର ହେଲେ ଓ ଏହି ସଫଳତା ହିଁ ତାଙ୍କୁ ମଧ୍ୟପ୍ରଦେଶ ସିନିୟର ଦଳରେ ସ୍ଥାନ ଦେଇଥିଲା। ଏହି ଦଳରେ ମଧ୍ୟ ସେ ତଳେ ବ୍ୟାଟିଂ କରୁଥିଲେ, କିନ୍ତୁ ତାଙ୍କ ବ୍ୟାଟିଂ ଷ୍ଟାଇଲ ଯୋଗୁଁ ଇନିଂସ ଓପନ କରିବାକୁ ସୁଯୋଗ ମିଳିଲା ବୋଲି କୋଚ୍ ଦିନେଶ କହନ୍ତି। ଏହି ଷ୍ଟ୍ରାଇକ୍ ରେଟ୍‌କୁ ଦେଖି କୋଲକାତା ନାଇଟ୍ ରାଇଡର୍ସ ତାଙ୍କୁ ଦଳରେ ସାମିଲ କରିଥିଲା। କରୋନା ଯୋଗୁଁ ଟୁର୍ଣ୍ଣାମେଣ୍ଟ ଅଧାରୁ ବାତିଲ ହୋଇ ନଥିଲେ ସେ ଭାରତରେ ଆଇପିଏଲ ଡେବ୍ୟୁ କରିଥାନ୍ତେ।



ୟୁଏଇକୁ ଆଇପିଏଲ ସ୍ଥାନାନ୍ତରିତ ହେବା ପରେ ଭେଙ୍କ୍‌ଟେଶଙ୍କ ଭାଗ୍ୟୋଦୟ ହେଲା। ତାଙ୍କ ଖେଳ ଉପରେ ମେଣ୍ଟର ହରଭଜନ ସିଂ ଓ କୋଚ୍ ବ୍ରେଣ୍ଡାନ ମ୍ୟାକ୍‌କୁଲାମ ଖୁସି ଥିଲେ। ଏଣୁ ତାଙ୍କୁ ପ୍ରଥମ ମ୍ୟାଚ୍‌ରେ ଡେବ୍ୟୁ କରିବାର ସୁଯୋଗ ମିଳିଗଲା। ବିରାଟ କୋହଲିଙ୍କ ଆର୍‌ସିବି ବିପକ୍ଷରେ ୪୩ ଓ ଦ୍ୱିତୀୟ ମ୍ୟାଚ୍‌ରେ ରୋହିତ ଶର୍ମାଙ୍କ ମୁମ୍ବଇ ଇଣ୍ଡିଆନ୍ସ ବିପକ୍ଷରେ ୫୩ ରନ୍ କରି ସମସ୍ତଙ୍କୁ ଆକୃଷ୍ଟ କରିଛନ୍ତି। ସେ ରନ୍ କରିଛନ୍ତି ବୋଲି ନୁହେଁ, ସେ ଯେପରି ସଟ୍ ଖେଳିଛନ୍ତି ତାହା ସମସ୍ତଙ୍କୁ ଆକୃଷ୍ଟ କରିଛି। ଯୁବରାଜ ସିଂଙ୍କ ପରି ଖେଳୁଥିବା ଏହି ୨୬ ବର୍ଷୀୟ ବାମହାତୀ ଓପନର ପରିବାରର ସମ୍ମାନ ରଖିବା ଲାଗି ଏମ୍‌ବିଏ ପାସ କରିଛନ୍ତି। ଏବେ ନିଜେ ଜଣେ ଖେଳାଳି ହେବାକୁ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ସାର୍ଥକ ହେବାକୁ ଯାଉଛି। ତାଙ୍କ ସଫଳତାରେ ହରଭଜନ ଖୁବ୍ ଖୁସି ଅଛନ୍ତି। ଏପରିକି ସେ ମ୍ୟାଚ୍ ବେଳେ ବିରାଟଙ୍କ ସହ କିଛି ସମୟ ବିତାଇବାକୁ ମଧ୍ୟ ଯୋଜନା କରିଥିଲେ। ଭେଙ୍କଟେଶ ତାଙ୍କଠାରୁ ଅନେକ ଟିପ୍ସ ପାଇଛନ୍ତି ଓ ଜଣେ ବଡ଼ ଖେଳାଳି ହେବାର ଯେଉଁ ସ୍ୱପ୍ନ ଦେଖୁଛନ୍ତି ତାହା ପୂରଣ ହେବାକୁ ଯାଉଛି ବୋଲି କୋଚ୍ ଦିନେଶ ଶର୍ମା କହିଛନ୍ତି।



ପ୍ରଦୀପ୍ତ କୁମାର ବିଶ୍ୱାଳ



# ଚାଲ, ଗାଁ'କୁ ଯିବା

ଅର୍ଣ୍ଣା ସେଦିନ ସ୍କୁଲରୁ କାନ୍ଦିକାନ୍ଦି ଘରକୁ ଫେରିଲା । ମାମା ବୁଝିଗଲେ ସ୍କୁଲରେ ନିଶ୍ଚେ ସାଙ୍ଗପାଖରୁ ମାଡ଼ ଖାଇଥିବ। ତା' ବଡ଼ ଭାଇ ଓମ୍ ତାକୁ ଚିଡ଼େଇବା ପାଇଁ କହିଲା - କିରେ ସ୍କୁଲ୍ରେ କିଏ ତୋ ଚୁଟି ଟାଣିଲା କି? ଏମିତି କାନ୍ଦି କାନ୍ଦି କିଆଁ ଅଥୟ ହେଉଚୁ?

ଭାଇର ଏମିତି କଥା ଶୁଣି ଅର୍ଣ୍ଣା ଆହୁରି ଜୋର୍ ଜୋର୍‌ରେ କାନ୍ଦିବାକୁ ଲାଗିଲା। ଏତିକି ବେଳେ ତା' ବାପା ଅଫିସରୁ ଆସି ପହଁଚିଲେ। ଝିଅ କାନ୍ଦୁଥିବାର ଦେଖି କୋଳକୁ ଉଠାଇ ନେଇ କ'ଣ ହେଲା ବୋଲି ପଚାରିଲେ।- ବାବା, ଆମ ଗାଁ କେଉଁଠି? ତୁମେ ଆମକୁ ଗାଁକୁ କାହିଁକି ନେଇ ଯାଉନ? ଆମେ ସବୁଦିନ କ'ଣ ଏଇ ସହରରେ ରହିବା? କେବେ ବି ଗାଁ ଆଡେ ଯିବାନି? କାନ୍ଦ ବନ୍ଦ କରି ଅର୍ଣ୍ଣା ପଚାରିଲା। ଝିଅ ଏମିତି କଥା କାହିଁକି ପଚାରିଲା ବୋଲି ତା ବାବା ହଠାତ୍ ବୁଝି ପାରିଲେନି।- କିରେ ମା, ଏ ଗାଁ କଥା କାହିଁକି ପଚାରିଲୁ କି? ବୁଝିଲ ବାବା, ଆଜି ସ୍କୁଲ୍‌ରେ ଶିକ୍ଷକ ସମସ୍ତଙ୍କୁ ପଚାରିଲେ, ନିଜ ନିଜ ଗାଁ ବିଷୟରେ କିଛି କିଛି କୁହ। ବହୁତ ପିଲା ଯିଏ ଯାହା ଗାଁ ବିଷୟରେ କହିଲେ। ହେଲେ ମୁଁ କିଛି କହି ପାରିଲାନି। କାହିଁକି ନା ମୁଁ ତ କେବେ ଗାଁକୁ ଯାଇନି କି ଦେଖିନି। ସାଙ୍ଗମାନେ ମୋତେ ଖୁବ୍ ଚିଡେଇଲେ। ଶିକ୍ଷକ ବି ମୋତେ ଗାଳି ଦେଲେ। ଚାଲୁନ, ଆମେ ଥରେ ଗାଁକୁ ଯିବା। ଅର୍ଣ୍ଣାର ବାବା ଟିକେ ଚିନ୍ତାରେ ପଡିଗଲେ। ତାଙ୍କର ଗାଁରେ ଆଉ କେହି ନଥିଲେ, ତାଙ୍କ ବାପା-ମା'ଙ୍କ ଦେହାନ୍ତ ପରେ ସେ ଗାଁର ଜମିବାଡ଼ି ସବୁ ବିକି ଦେଇ ସହରରେ ଚାକିରି ସହ ଘର ଖଣ୍ଡେ କରି ରହୁଥିଲେ। ତେଣୁ ପିଲାମାନେ କେବେ ଗାଁକୁ ଯିବାର ସୁଯୋଗ ପାଇ ନ ଥିଲେ । କିନ୍ତୁ ଝିଅର ମନ ଦେଖି ଭାବିଲେ, ନିଜ ଘର ନ ହେଲା ନାହିଁ , ଗାଁରେ ରହୁଥିବା କୁଟୁମ୍ବ ଭିତରେ କାହା ଘରେ ଯାଇ ଦୁଇ ତିନି ଦିନ ରହି ବୁଲି ଆସିବେ ଆଉ ପିଲାମାନେ ବି ତାଙ୍କ ଗାଁ ବିଷୟରେ ଜାଣି ପାରିବେ । ଗାଁରେ ରହୁଥିବା ତାଙ୍କ ଦିନା କକାକୁ ଫୋନ କଲେ ଅର୍ଣ୍ଣାର ବାବା ଓ ଆଗାମୀ ଦୁର୍ଗା ପୂଜା ଛୁଟିରେ ଗାଁକୁ ବୁଲିବା ପାଇଁ ଯିବେ ବୋଲି କହିଲେ। ପୂଜା ଛୁଟିରେ ସେମାନେ ସମସ୍ତେ ଗାଁକୁ ଗଲେ । ଗାଁ ବୁଲାର ପ୍ରଥମ ଦିନ - ଅର୍ଣ୍ଣା ଓ ଓମ୍ ଗାଁ ମୁଣ୍ଡ ପୋଖରୀରେ ଗାଧୋଇଲେ, ଆମ୍ବ ତୋଟାରେ ବୁଲିଲେ, ଧାନ ବିଲରେ କେମିତି ଧାନ ଚାଷ ହେଇଚି ଦେଖିଲେ। ଗାଁ ପିଲାଙ୍କ ସହ ଖେଳାବୁଲା କଲେ। ସନ୍ଧ୍ୟାବେଳେ ଗାଁରେ ବସିଥିବା ପାର୍ବଣ ମେଳାରେ ଖୁବ ବୁଲିଲେ।

ଦ୍ୱିତୀୟ ଦିନ ବେଶୀ ମଜା ହେଲା , ଦିନା କକାଙ୍କ ଗାଡ଼ିଆରେ ବନଶୀରେ ମାଛ ଧରା ଅନୁଭୂତି ଭାଇ ଭଉଣୀଙ୍କ ପାଇଁ ପ୍ରଥମ ଥିଲା। ଦ୍ୱିପ୍ରହର ଭାତଖିଆ ପରେ ଲୁଡୋ ଖେଳ ଖୁସି କହିଲେ ନସରେ । ମୋବାଇଲ ଆଉ ଲାପଟପରେ ଗେମ ଖେଳ ଅଭ୍ୟସ୍ତ ପିଲାଙ୍କ ପାଇଁ ବାସ୍ତବ ଦୁନିଆର ଖେଳକୁଦ କାହିଁରେ କେତେ ଖୁସି ଆଣି ଦଉଥିଲା। ଶେଷ ଦିନ , ପରିବା ଚାଷ ହଉଥିବା ପାଳ ବୁଲିବା ପାଇଁ ଗଲେ ଭାଇ ଭଉଣୀ। ବଜାରରେ ମିଳୁଥିବା ବାଇଗଣ, ଭେଣ୍ଡି, କଲରା, କାକୁଡି, ବନ୍ଧା କୋବି ଇତ୍ୟାଦି ଖେତରେ କେମିତି ହୁଏ ସେ ବିଷୟରେ କିଛି ଜାଣି ନଥିଲେ ସେମାନେ। ଶାଗ ଚାଷ କେମିତି ହୁଏ ଦେଖିଲେ । ଆଖୁ ଖେତରେ ଯାଇ ତାଜା ତାଜା ଆଖୁ ଭାଙ୍ଗି ଖାଇଲେ। ଖେତରୁ ଫେରିବାବେଳେ ଗୋଟେ ଘର ଭିତରୁ ଜୋର ଜୋର ପାଟି ଶୁଭିଲା, ଯେମିତି ବହୁତ ପିଲା ଏକ ସ୍ୱରରେ କ'ଣ ଗୋଟେ କହୁଛନ୍ତି। ବାବା, ଏତେ ପାଟି କଣ ଶୁଭୁଚି। କ'ଣ କହୁଛନ୍ତି ସେମାନେ ? ଅର୍ଣ୍ଣା ତାଟକା ହେଇ ପଚାରିଲା।

ଏଇଟା ଗୋଟେ ଚାଟଶାଳୀ। ଚାଟଶାଳୀ ମାନେ କଣ ? ପିଲାଏ ଏତେ ପାଟି କାଇଁ କରୁଚନ୍ତି ? ଅର୍ଣ୍ଣାର ପାଲଟା ପ୍ରଶ୍ନ। ଚାଟଶାଳୀ ମାନେ ଛୋଟ ପିଲାମାନଙ୍କ ସ୍କୁଲ, ଯେମିତି ତୋର ପ୍ଲେ ସ୍କୁଲ। ସେମାନେ ଏକ ସ୍ୱରରେ ପଣକିଆ, ମାନେ ନମ୍ବର ଟେବଲ କହୁଛନ୍ତି । ଏମିତି କଲେ ଶୀଘ୍ର ମନେ ରହିଯାଏ, ବୁଝିଲୁ। ବାବାଙ୍କ କଥା ଅର୍ଣ୍ଣା ବୁଝିଲା ପରି ମନେ ହେଲା।

ପରଦିନ ସେମାନେ ସହରକୁ ଫେରିବା ପାଇଁ ବାହାରିଲେ। ଅର୍ଣ୍ଣାର ଜମା ଇଚ୍ଛା ନଥିଲା ଗାଁ ଛାଡି ଆସିବା ପାଇଁ, କିନ୍ତୁ ବାବାଙ୍କ ଅଫିସ ଖୋଲିଯିବ ବୋଲି ବାଧ ହେଇ ଆସିବାକୁ ପଡିଲା। ତିନି ଦିନ ଭିତରେ ଗାଁ ରେ ହେଇଥିବା ତା'ର ନୂଆ ସାଙ୍ଗମାନଙ୍କୁ ଦେଖା କରି ଆସିଲା ବେଳେ କହିଲା, ପୁଣି ଛୁଟି ପଡିଲେ ନିଶ୍ଚୟ ଗାଁକୁ ଆସିବି।

ବାଲିଗଞ୍ଜ ପ୍ଲେସ୍, କୋଲକାତା-୧୯
ମୋ: ୮୪୨୦୧୯୬୫୯୯

## କୁନି ତାରକା



# ତାଏକୋଣ୍ଡୋରେ ଜାତୀୟ ସ୍ତରରେ ଚମକିଲେ ଅନିକା

କୁନି ପ୍ରତିଭା







**ଜାତୀୟ ସ୍ତରରେ ରାଜ୍ୟ ପାଇଁ ଗୌରବ ଆଣି ଦେଇଛନ୍ତି କଟକର କୁନି ଝିଅ ଅନିକା ବଗରିଆ। ମାତ୍ର ୫ବର୍ଷ ବୟସରେ ସେ କୋଭିଡ୍ ଲକ୍‌ଡାଉନ୍ ସମୟର ସଦୁପଯୋଗ କରି ଅନିକା ତାଏକୋଣ୍ଡୋରେ ତାଲିମ ନେଇ ଜାତୀୟ ସ୍ତରରେ କାଂସ୍ୟ (ବ୍ରୋଞ୍ଜ) ପଦକ ହାସଲ କରିବାରେ ସଫଳ ହୋଇଛନ୍ତି । ଆଗକୁ ଜାତୀୟ ସ୍ତରରେ ସ୍ୱର୍ଣ୍ଣ ପଦକ ଜିତିବା ପାଇଁ ଲକ୍ଷ୍ୟ ରଖିଛନ୍ତି ଅନିକା।**

ଅନିକା ବର୍ତ୍ତମାନ କଟକର ସେଣ୍ଟ ଜୋସେଫ ଗାର୍ଲସ୍ ହାଇସ୍କୁଲ୍‌ରେ ପ୍ରେପ୍‌ରେ ପଢୁଛନ୍ତି। ଭବିଷ୍ୟତରେ ସେ ଜଣେ ବୈଜ୍ଞାନିକ ହେବାକୁ ଲକ୍ଷ୍ୟ ରଖିଛନ୍ତି। ଅନିକା ନର୍ସରୀରେ ନାମ ଲେଖାଇବାର ମାତ୍ର ବର୍ଷକ ପରେ କରୋନା ମହାମାରୀ ଯୋଗୁଁ ସ୍କୁଲ୍ ଓ କଲେଜଗୁଡ଼ିକ ବନ୍ଦ କରି ଦିଆଗଲା। ଲକ୍‌ଡାଉନ୍ ସମୟକୁ ସଦୁପଯୋଗ କରିବା ପାଇଁ ଅନିକାଙ୍କ ମା' ସିଲ୍‌କି ତାକୁ ଅନ୍‌ଲାଇନ୍‌ରେ ତାଏକୋଣ୍ଡୋ ଶିକ୍ଷା ଦେଇଥିଲେ। ସେ ଅନ୍‌ଲାଇନ୍‌ରେ ସୁଦୀପ୍ତ ନନ୍ଦଙ୍କ ଠାରୁ ତାଏକୋଣ୍ଡୋ ଶିଖିଥିଲେ। କିଛିମାସ ପୂର୍ବରୁ ଅନ୍‌ଲାଇନ୍ ମାଧ୍ୟମରେ ଜାତୀୟ ସ୍ତରରେ ଆୟୋଜିତ ହୋଇଥିଲା 'ଓପନ୍ ନ୍ୟାସନାଲ ତାଏକୋଣ୍ଡୋ ଚାମ୍ପିୟନସିପ୍'। ଆମ ରାଜ୍ୟରୁ ଅନିକା ଜଣେ ମାତ୍ର ପ୍ରତିଯୋଗୀ ଯିଏକି ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏଥିପାଇଁ ସେ ତାଏକୋଣ୍ଡୋର କିଛି ଷ୍ଟେପ୍ସଗୁଡିକର ଭିଡ଼ିଓ ପ୍ରସ୍ତୁତି କରି ବିଚାରକଙ୍କ ପାଖକୁ ପଠାଇଥିଲେ। କୁନି କୁନି ହାତରେ ଅନିକା ନିଜକୁ ସୁରକ୍ଷା ଦେବା ଲାଗି ଯେଉଁପରି କୌଶଳ ପ୍ରଦର୍ଶନ କରିଥିଲେ ତାହା ବିଚାରକମଣ୍ଡଳିଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଏଥିରେ ସେ ଜାତୀୟ ସ୍ତରରେ କାଂସ୍ୟ ପଦକ ହାସଲ କରିବାରେ ସଫଳ ହୋଇଛନ୍ତି। କେବଳ ତାଏକୋଣ୍ଡୋ ନୁହେଁ, ପ୍ରି-ନର୍ସରୀରୁ ଅନିକା ନୃତ୍ୟ-ଗୀତ ସହ ଫ୍ୟାନ୍ସି ଡ୍ରେସ୍, ଚିତ୍ର ଆଙ୍କିବା, ରାଇମ୍ ଆବୃତ୍ତି କରିବାରେ ମଧ୍ୟ ଧୁରନ୍ଧର। ଅନିକା ଘରେ ଖାଲି ସମୟରେ ନୃତ୍ୟ, ଚିତ୍ରାଙ୍କନ ଆଦି ଅଭ୍ୟାସ କରନ୍ତି। ଏହି ବୟସରେ ଅନେକ ପିଲା ଠିକ୍‌ସେ କଥା ହୋଇ ପାରନ୍ତି ନାହିଁ। କିନ୍ତୁ ଅନିକା ଏତେ କମ୍ ବୟସରେ ବି ରାମାୟଣକୁ ନିର୍ଭୁଲ ଭାବେ କହିପାରନ୍ତି । ଅନିକା ତାଙ୍କ ପରି କୁନି କୁନି ପିଲାଙ୍କୁ ତାଏକୋଣ୍ଡୋ ରେ ଯୋଗଦେବା ପାଇଁ ଉତ୍ସାହିତ କରିଛନ୍ତି। ଏନେଇ ଅନିକା କୁହନ୍ତି ଯେ, ତାଏକୋଣ୍ଡୋରେ ଅଧିକ ଅଭ୍ୟାସ ଜାରି ରଖିବି। ଚଳିତ ବର୍ଷ କାଂସ୍ୟ ପଦକ ପାଇ ମୁଁ ବେଶ୍ ଖୁସି ଅଛି। ଭବିଷ୍ୟତରେ ସ୍ୱର୍ଣ୍ଣ ପଦକ ଜିଣିବା ମୋର ଲକ୍ଷ୍ୟ।

## ଟିକି ଚଢ଼େଇ

କୁନି କଲମ



ପ୍ରାଚୀ ପ୍ରତ୍ୟୁଷା ରଥ



ଟିକି ଚଢ଼େଇରେ
ଟିକି ଚଢ଼େଇ
କୁଆଡେ ଯାଉଛୁ
ଡେଣା ହଲାଇ ।।
ମୋ ସାଥେ ଖେଳିବୁ
ଆ.... ତୁ ଓହ୍ଲାଇ
କେତେ କେତେ ଚିଜ
ଦେବି ଖୁଆଇ।।
ପିଇବାକୁ ଦେବି
ମଧୁର ଜଳ
ଖାଇବାକୁ ଦେବି
କେତେଯେ ଫଳ ।।
ଏଠି କେହି ନୁହେଁ
ଆପଣା ପର
ସଭିଁଏ ଚଳିବା
ହୋଇ ନିଜର।।

- ସପ୍ତମ ଶ୍ରେଣୀ, ମାହିଲୋ ସରକାରୀ ଉଚ୍ଚ ବିଦ୍ୟାଳୟ,କାଦୁଆପଡ଼ା,, ଜଗତସିଂହପୁର

## ଶିଶୁ ପହେଳି



● ତିନୋଟି ଅକ୍ଷରେ ନାମ ମୋହର
ପ୍ରଥମ ଦୁଇଟି କରେ ରକ୍ତ ଆହାର
ପ୍ରଥମ ଓ ଶେଷ ଯେବେ ମିଶିବ
ମୃତ୍ୟୁ ଅନ୍ୟନାମ ବୁଝାଉଥିବ
ତିନୋଟି ଅକ୍ଷର ମିଶିଲା ପରେ
ପ୍ରଥମ ଦୁଇକୁ ସେ ଆୟତ୍ତ କରେ
ଶେଷ ଦୁଇରେ ମୁଁ ସାଜଇ ପକ୍ଷୀ
ନାମଟି ମୋହର କହିଲ ଦେଖି
ଉ-ମଶାରି

● ନଈ ପଠାରେ ଖେଳଇ ଦୋଳି
ଆଶ୍ୱିନ ଯେବେ ଫେରେ
ଧବଳ ଅଟେ ରଙ୍ଗଟି ମୋର
ମନକୁ ଚୋରି କରେ
ସୁନ୍ଦର ଅଟେ ରୂପଟି ମୋର
ବିଭୋର ହୁଏ କବି
ଜାଣିଛ କିଏ ନାମଟି ମୋର
କହିଲ ଥରେ ଭାବି।
ଉ-କାଶତଣ୍ଡି

ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର,ଉତ୍ତରକୂଳ ହାଟ,
ପ୍ରୀତିପୁର,ଯାଜପୁର
ମୋ-୮୮୯୨୩୦୧୧୪୩

## ଶିଶୁ କୁଇଜ୍- ୧୩

(୧) ଲିଙ୍ଗରାଜ ମନ୍ଦିର କେଉଁ ରାଜା ନିର୍ମାଣ କରିଥିଲେ?
ଉତ୍ତର : ____________________
(୨) ବାରବାଟୀ ଦୁର୍ଗ ଓଡ଼ିଶାର କେଉଁ ସହରରେ ଅବସ୍ଥିତ?
ଉତ୍ତର : ____________________
(୩) ପ୍ଲେଗ୍ ରୋଗ କାହାଦ୍ୱାରା ବ୍ୟାପେ?
ଉତ୍ତର : ____________________
(୪) ଧଳା ହାତୀର ଦେଶ କାହାକୁ କୁହାଯାଏ?
ଉତ୍ତର : ____________________
(୫) କେରଳର ରାଜଧାନୀର ନାମ କ'ଣ?
ଉତ୍ତର : ____________________

## ସକାଳ ଶିଶୁ କୁଇଜ୍ ବିଜେତା

ଏଥିରେ ୫ରୁ ୧୬ ବର୍ଷ ବୟସର ପିଲା ଅଂଶଗ୍ରହଣ କରିପାରିବେ। ସଠିକ୍ ଉତ୍ତର ସହ ଉକ୍ତ କୁପନଟିକୁ ନିଜର ସମ୍ପୂର୍ଣ୍ଣ ଡାକ ଠିକଣା ସହିତ ଆମ ନିକଟକୁ ପଠାନ୍ତୁ।

(ସଠିକ୍ ଉତ୍ତରଦାତାଙ୍କ ମଧ୍ୟରୁ ଜଣେ ଭାଗ୍ୟଶାଳୀ ବିଜେତା ବଛାଯାଇ ତାଙ୍କୁ ପୁରସ୍କୃତ କରାଯିବ।)

ଗତ ସପ୍ତାହର ଭାଗ୍ୟଶାଳୀ ବିଜେତା
ସାଇନା ପଟ୍ଟନାୟକ, ଆଠଗଡ଼, କଟକ

ଆମର ଯୋଗାଯୋଗ ଠିକଣା
ସକାଳ ମିଡିଆ ପ୍ରାଇଭେଟ୍ ଲିମିଟେଡ୍
ପ୍ଲଟ୍ ନଂ- ଏନ୍-୩/୪୪୧, ଆଇ.ଆର୍.ସି. ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୧୫

## ମୋ ସ୍କୁଲ ଅଭିଯାନ



ପଦ୍ମମଣି ପାଣିଗ୍ରାହୀ

ବିଦ୍ୟାଳୟ ଆମ ମନ୍ଦିର ସମାନ
ପବିତ୍ର ଯା'ପରିବେଶ
ମଣିଷ ହେବାର ବୀଜମନ୍ତ୍ର ଯିଏ
ଶିଖାଉଛି ଅହର୍ନିଶ ।
କେତେ କେତେ ଗୁଣୀ ବିଦ୍ୱାନ ପଣ୍ଡିତ
ସୃଷ୍ଟି ନ କରୁଛି ସିଏ
ଉଚ୍ଚ ଆସନରେ ବସାଉଛି ନେଇ
ତା' ସମ ତୁଳନା କିଏ ।
ଆଜି ଯିଏ ଯାହା ହୋଇଛି ଜୀବନେ
ସବୁ ତା'ର ଅବଦାନ
ଭୁଲି ଯିବା ନାହିଁ ମନରୁ କେବେ ବି
ଶୁଝିବା ତାହାରି ଋଣ ।
ମିଳିମିଶି ଆମେ କରିବା ଉନ୍ନତି
ଦେଇ କିଛି କିଛି ଦାନ
ସରକାର ଦେବେ ଦୁଇଗୁଣା ତା'ର
ବୃଦ୍ଧି କରିବାକୁ ମାନ।
ହସି ଉଠିବ ଏ ବିଦ୍ୟାଳୟ ଆମ
ଗର୍ବରେ ଫୁଲିବ ଛାତି
ସଫଳ ହୋଇବ ମୋ ସ୍କୁଲ ଅଭିଯାନ
ରହିଥିବ ଯଶ କୀର୍ତ୍ତି ।

ଶଂଖୁଆ, ତିହିଡ଼ି, ଭଦ୍ରକ.
ମୋ- ୯୯୩୭୫୬୫୫୨୭




## ହେବି ମୁଁ ସୁନାପିଲା



ଡ. ସରଳା ବେହେରା

ମୁଁ ଗୋଟିଏ ଦୁଷ୍ଟପିଲା
ନିଇତି ଖାଏ ଗାଳି
ସାଙ୍ଗ ସାଥୀଙ୍କ ଖେଳ ମେଳରେ
ଲଗାଇ ଦିଏ କଳି।
ପାଣିରେ ବୁଡେ ଗଛରେ ଚଢ଼େ
ଭାଙ୍ଗଇ କେତେ ବସା
ପାଠପଢ଼ାରେ ଦିଏନି ମନ
ହୁଅଇ ଲୋକହସା ।
ଗୁରୁଜୀ ଥରେ କହିଲେ ଡାକି
ଶୁଣବାବୁ ମୋ କଥା
ଆମ ଦେଶର ଇତିହାସରେ
ରହିଛି କେତେ ଗାଥା ।
ତୋହରି ପରି ବାଳୁତ ଥିଲେ
ବାଜି,ଧରମା,ନଚି
କାଳକାଳକୁ ରଖିଲେ ନାଁ
ଆଜି ବି ଛନ୍ତି ବଞ୍ଚି ।
ଜୀବନ ଦେଇ କରଇ ଯିଏ
ପରର ଉପକାର
ଘର ବାହାରେ ବଢଇ ସିନା
ଆଦର କେତେ ତାର ।
ବାପା, ମାଆଙ୍କ ମନରେ କେବେ
ଦୁଃଖ ଆଣିବୁ ନାହିଁ
ତାଙ୍କ ଆଶିଷ ଲଭିଲେ ବାବୁ
ମଣିଷ ହେବୁ ତୁହି ।
ଗୁରୁଙ୍କ ପାଦ ଛୁଇଁ କହିଲା
ଆଶିଷ ଦିଅ ମୋତେ
ପଢିବି ପାଠ ଗଢିବି ଦେଶ
ଏଇ ମୋ କୁନି ହାତେ ।
ବଦଳି ଗଲା ବାବୁଲା ମନ
ସଭିଙ୍କୁ କଥା ଦେଲା
ଚଗଲାପଣ ଛାଡି ଆଜିଠୁ
ହେବି ମୁଁ ସୁନାପିଲା ।

ଭୁବନେଶ୍ୱର, ମୋ- ୯୪୩୭୭୪୬୪୬୭

## ଲେଖକ ଲେଖିକାଙ୍କ ନିମନ୍ତେ ସୂଚନା

'ସକାଳ'ର ଶିଶୁପୃଷ୍ଠା 'ସୁମନ' ପ୍ରତ୍ୟେକ ଶନିବାର ପ୍ରକାଶ ପାଉଛି। ଏହି ପୃଷ୍ଠା ପାଇଁ ଶିଶୁ ଗପ, ଶିଶୁ କବିତା, ଚିତ୍ରାଙ୍କନ ଓ ଶିଶୁ ପ୍ରତିଭା ଆହ୍ୱାନ କରାଯାଉଛି। ପିଲାଙ୍କ ଦ୍ୱାରା ସ୍ୱରଚିତ ଗପ, କବିତାକୁ ବିଶେଷ ଅଗ୍ରାଧିକାର ଦିଆଯିବ। ଗପ, କବିତା ଯଥାସମ୍ଭବ କ୍ଷୁଦ୍ର ଏବଂ ଶିକ୍ଷଣୀୟ ହୋଇଥିବା ଆବଶ୍ୟକ।

ଆମ ଠିକଣା
'ସୁମନ', ସକାଳ ମିଡିଆ ପ୍ରା.ଲି.
ପ୍ଲଟ୍ ନଂ- ଏନ୍-୩/୪୪୧, ଆଇ.ଆର.ସି. ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୧୫
ଇ-ମେଲ୍: sakalasishu@gmail.com



ଶୁଭଶ୍ରୀ ବେହେରା
ସପ୍ତମ ଶ୍ରେଣୀ, ଭି.ଏସ୍.ଭି ବିଦ୍ୟାଳୟ, ସୁନାବେଡ଼ା



ପୁଣ୍ୟତୋୟ ଲେଙ୍କା
ନବମ ଶ୍ରେଣୀ, ସରସ୍ୱତୀ ଶିଶୁ ମନ୍ଦିର, କଟକ



ରିଆନ୍ ବିଶ୍ୱାଳ
ସପ୍ତମ ଶ୍ରେଣୀ, ଲୋୟଲା ସ୍କୁଲ୍ , ଭୁବନେଶ୍ୱର

## ଜୟବର୍ଦ୍ଧନେ ପରାମର୍ଶଦାତା

କଲମ୍ବୋ,୨୪।୯ (ଏଜେନ୍ସି): ପୂର୍ବତନ ଅଧିନାୟକ ମାହେଲା ଜୟବର୍ଦ୍ଧନେଙ୍କୁ ଟି-୨୦ ବିଶ୍ୱକପ୍ ଲାଗି ଶ୍ରୀଲଙ୍କା କ୍ରିକେଟ ଦଳର ପରାମର୍ଶଦାତା ଭାବେ ନିଯୁକ୍ତ କରାଯାଇଛି। ଅକ୍ଟୋବର ୧୬ରୁ ୨୩ ତାରିଖଯାଏ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ବା କ୍ୱାଲିଫାଇଂ ଟୁର୍ଣ୍ଣାମେଣ୍ଟରେ ସେ ଟିମ୍‌ର ଦାୟିତ୍ୱରେ ରହିବେ ଓ ତାଙ୍କ ନିକଟରେ ଥିବା ଅଭିଜ୍ଞତାକୁ ଦଳ ସହ ବାଣ୍ଟିବେ। ଇଣ୍ଡିଆନ୍ ପ୍ରିମିୟର ଲିଗ୍ ଟିମ୍ ମୁମ୍ବଇ ଇଣ୍ଡିଆନ୍ସର ହେଡ କୋଚ୍ ଥିବା ଜୟବର୍ଦ୍ଧନେ ମଧ୍ୟ ଶ୍ରୀଲଙ୍କା ୧୯ ବର୍ଷରୁ କମ୍ ଟିମ୍‌ର ପରାମର୍ଶଦାତା ଓ ମେଣ୍ଟର ରହିବେ। ଏହି ଟିମ୍ ଜୁନିଅର ବିଶ୍ୱକପ୍ ଲାଗି ପ୍ରସ୍ତୁତି ଚଳାଇଛି। ଜୟବର୍ଦ୍ଧନେଙ୍କୁ ପାଇ ଶ୍ରୀଲଙ୍କା କ୍ରିକେଟ ଟିମ୍ ନିଜ ଖେଳରେ ଅନେକ ଉନ୍ନତି ଆଣିବାରେ ସମର୍ଥ ହେବ ବୋଲି କ୍ରିକେଟ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଶଲେ ଡି ସିଲ୍‌ଭା କହିଛନ୍ତି।



## ହ୍ୱାଟମୋର ବରୋଦା କୋଚ୍

ଭଦୋଦରା,୨୪।୯ (ଏଜେନ୍ସି): ଅଷ୍ଟ୍ରେଲିଆ ଦଳର ପୂର୍ବତନ କ୍ରିକେଟର ତଥା ଶ୍ରୀଲଙ୍କାକୁ ବିଶ୍ୱକପ୍ ଚାମ୍ପିଅନ୍ କରାଇଥିବା ଡେଭ୍ ହ୍ୱାଟମୋର ଚଳିତ ସିଜନ ଲାଗି ବରୋଦା ସିନିୟର କ୍ରିକେଟ ଦଳର କୋଚ୍ ନିଯୁକ୍ତ ହୋଇଛନ୍ତି। ୬୭ ବର୍ଷୀୟ ଅଭିଜ୍ଞ କୋଚ୍ କେବଳ ସିନିୟର ଦଳର କୋହଚ୍ ଦାୟିତ୍ୱ ସମ୍ଭାଳିବେ ନାହିଁ, ସେ ମଧ୍ୟ ଅନ୍ୟ ଏଜ୍ ଗ୍ରୁପ୍ କୋଚ୍ ମାନଙ୍କୁ ପରାମର୍ଶ ଦେବେ ବୋଲି ବରୋଦା କ୍ରିକେଟ ସଂଘ ସମ୍ପାଦକ ଡେଭ୍ ହ୍ୱାଟମୋର ପ୍ରକାଶ କରିଛନ୍ତି। ଭାରତରେ ଅନେକ ଘରୋଇ ଟିମ୍‌ର କୋଚ୍ ଦାୟିତ୍ୱରେ ରହିଥିବା ହ୍ୱାଟମୋର ନିକଟରେ ନେପାଳ କୋଚ୍ ପଦ ଛାଡିଛନ୍ତି। ଭାରତୀୟ ଘରୋଇ କ୍ରିକେଟ ସିଜନ ଚଳିତମାସରୁ ଆରମ୍ଭ ହେବାକୁ ଯାଉଛି। ଗତ ସିଜନରେ ବାତିଲ ହୋଇଥିବା ରଣଜୀ ଟ୍ରଫି ଏବର୍ଷ ଆୟୋଜିତ ହେବ ବୋଲି ବିସିସିଆଇ ପକ୍ଷରୁ ଘୋଷଣା କରାଯାଇଛି।



## ଆଇଏସ୍‌ଏଲ୍‌କୁ ଯୋଗ୍ୟତା ଅର୍ଜନ କଲେ ଏକ କୋଟି ପୁରସ୍କାର

ଶିଲଂ,୨୪।୯ (ଏଜେନ୍ସି): ମେଘାଳୟର ଯଦି କୌଣସି କ୍ଲବ୍ ଇଣ୍ଡିଆନ୍ ସୁପର ଲିଗ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରେ, ତେବେ ଏହି କ୍ଲବ୍‌କୁ ଏକ କୋଟି ଟଙ୍କା ପୁରସ୍କାର ଦିଆଯିବ ବୋଲି କ୍ରୀଡ଼ାମନ୍ତ୍ରୀ ବାଣ୍ଟେଇଡୋର ଲିଙ୍ଗଡୋ ଘୋଷଣା କରିଛନ୍ତି। ଆର୍ଥିକ ସଙ୍କଟ ଯୋଗୁଁ ମେଘାଳୟର ଫୁଟବଲ କ୍ଲବ୍ ଗୁଡିକ ତିଷ୍ଠିପାରୁ ନାହାନ୍ତି। ଏଣୁ ସରକାର ସମସ୍ତ ପ୍ରକାର କ୍ଲବ୍‌ଗୁଡିକୁ ଆର୍ଥିକ ସହାୟତା ଦେବେ ବୋଲି ସେ କହିଛନ୍ତି। ରାଜ୍ୟର ଯଦି କୌଣସି କ୍ଲବ୍ ଦ୍ୱିତୀୟ ଡିଭିଜନ ଆଇ-ଲିଗ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରନ୍ତି, ତାହାକୁ ୧୦ ଲକ୍ଷ, ପ୍ରଥମ ଡିଭିଜନ ଆଇ-ଲିଗ୍ ଲାଗି ୪୦ ଲକ୍ଷ ଓ ଆଇଏସ୍‌ଏଲ୍ ଲାଗି ୧ କୋଟି ଟଙ୍କାର ପ୍ରୋତ୍ସାହନ ରାଶି କ୍ଲବ୍ ଗୁଡିକୁ ଦିଆଯିବ। ରାଜଧାନୀ ଶିଲଂରେ ୧୩୪ କୋଟି ଟଙ୍କା ଖର୍ଚ୍ଚରେ ବିଭିନ୍ନ ପ୍ରକାର କ୍ରୀଡ଼ା ଲାଗି ସୁବିଧା ସୁଯୋଗ ଯୋଗାଇ ଦିଆଯିବ।



## ଡୁରାଣ୍ଡ କପ୍ ସେମିରେ ଗୋଆ

କୋଲକାତା, ୨୪।୯ (ଏଜେନ୍ସି): ଏଫ୍‌ସି ଗୋଆ ଏହାର ଦମ୍‌ଦାର ପ୍ରଦର୍ଶନ ଜାରି ରଖି ଚଳିତ ଡୁରାଣ୍ଡ କପ୍ ୧୩୦ତମ ସଂସ୍କରଣର ସେମିଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଖେଳାଯାଇଥିବା ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଗୋଆ ୫-୧ ଗୋଲର ବୃହତ୍ ବ୍ୟବଧାନରେ ଦିଲ୍ଲୀ ଏଫ୍‌ସିକୁ ପରାସ୍ତ କରିଥିଲା। କୋଲକାତାର କଲ୍ୟାଣୀ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ଗୋଆ ପ୍ରଥମାର୍ଦ୍ଧରେ ୩ଟି ଗୋଲ୍ ଦେଇ ପ୍ରଭାବ ବିସ୍ତାର କରିଥିଲା। ବେଙ୍ଗାଲୁରୁ ଏଫ୍‌ସି ଓ ଆର୍ମି ଗ୍ରୀନ୍ ମଧ୍ୟରେ ଶନିବାର ଖେଳାଯିବାକୁ ଥିବା ଅନ୍ତିମ ତଥା ୪ର୍ଥ କ୍ୱାର୍ଟର ଫାଇନାଲର ବିଜେତାକୁ ଗୋଆ ସେମିଫାଇନାଲରେ ଭେଟିବ।

# ବାଙ୍ଗାଲୋରକୁ ହରାଇ ଚେନ୍ନଇ ଶୀର୍ଷରେ

**ଶାରଜା,୨୪।୯ (ଏଜେନ୍ସି)**

ବିରାଟ କୋହଲିଙ୍କ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ୬ ୱିକେଟରେ ହରାଇ ମହେନ୍ଦ୍ର ସିଂ ଧୋନିଙ୍କ ଚେନ୍ନଇ ସୁପର କିଙ୍ଗ୍‌ସ ଏଠାରେ ଚାଲିଥିବା ଆଇପିଏଲ୍-୨୦୨୧ ପଏଣ୍ଟ ଟେବଲର ଶୀର୍ଷସ୍ଥାନକୁ ଉନ୍ନୀତ ହୋଇଛି। ଶୁକ୍ରବାର ଏଠାରେ ଚେନ୍ନଇ ୯ମ ମ୍ୟାଚ୍‌ରୁ ୭ମ ବିଜୟ ଫଳରେ ଦିଲ୍ଲୀ କ୍ୟାପିଟାଲ୍ସ ସହ ସମାନ ୧୪ ପଏଣ୍ଟ ସଂଗ୍ରହ କରିଛି। କିନ୍ତୁ ଉନ୍ନତ ନେଟ୍ ରନ୍‌ରେଟ୍ ଯୋଗୁଁ ଚେନ୍ନଇ ପ୍ରଥମ ଓ ଦିଲ୍ଲୀ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ମ୍ୟାଚ୍‌ରେ କୋହଲି ୫୩ ଓ ଦେବଦତ୍ତ ପାଡିକଲ ୭୦ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ବେଙ୍ଗାଲୁରୁ ୬ ୱିକେଟରେ ୧୫୬ ରନ୍ କରିଥିଲା। ଜବାବରେ ଚେନ୍ନଇ ୧୮.୧ ଓଭରରେ ୪ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। ବିଜୟୀ ଦଳ ପକ୍ଷରୁ ଋତୁରାଜ ଗାଏକ୍ୱାଡ ସର୍ବାଧିକ ୩୮, ଅମ୍ବତି ରାୟୁଡୁ ୩୨, ଫାଫ୍ ଡୁ ପ୍ଲେସିସ୍ ୩୧ ଓ ମୋଇନ୍ ଅଲ୍ଲୀ ୨୩ ରନ୍ କରିଥିଲେ। ଖେଳ ଶେଷବେଳକୁ ସୁରେଶ ରାଇନା ୧୭ ଓ ଧୋନି ୧୧ ରନ୍‌ରେ ଅପରାଜିତ ରହିଥିଲେ। ପରାଜିତ ଦଳର ହର୍ଷଲ ପଟେଲଙ୍କୁ ୨ଟି ୱିକେଟ ମିଳିଥିଲା।

ଏଠାରେ ଚେନ୍ନଇ ଅଧିନାୟକ ଧୋନି ଟସ୍ ଜିତିବା ପରେ ବାଙ୍ଗାଲୋରକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲେ। ଦଳପକ୍ଷରୁ ଅଧିନାୟକ କୋହଲି ଓ ପାଡିକଲ ଚମତ୍କାର ବ୍ୟାଟିଂ କରି ଅର୍ଦ୍ଧଶତକ ପୂରଣ କରିବା ସହ ପ୍ରଥମ ୱିକେଟ ପାର୍ଟନରଶିପ୍‌ରୁ ୧୩.୨ ଓଭରରେ ୧୧୧ ରନ୍ ଉଠାଇ ଅନେକ ରେକର୍ଡ ପ୍ରତିଷ୍ଠା କରିଥିଲେ। ଦ୍ରୁତ ଗତିରେ ରନ୍ ସଂଗ୍ରହ କରିବାକୁ ଯାଇ କୋହଲି ୪୧ ବଲ୍‌ରେ ୬ ଚୌକା ଓ ୧ଛକା ୫୩ ରନ୍ କରି ବ୍ରାଭୋଙ୍କ ପ୍ରଥମ ଶିକାର ବନିଥିଲେ। ପାଡିକଲ ଓ ଏବି ଡି ଭିଲିୟର୍ସ ଦ୍ରୁତ ରନ୍ ସଂଗ୍ରହ କରିବାରେ ସମର୍ଥ ହୋଇ ପାରି ନଥିଲେ। ଏମାନେ ମଧ୍ୟ ଦ୍ରୁତ ରନ୍ କରିବାକୁ ଯାଇ ଆଉଟ ହୋଇଥିଲେ। ପାଡିକଲ ୫୦ ବଲ୍‌ରେ ୫ଚୌକା ଓ ୩ଛକା ସହ ସର୍ବାଧିକ ୭୦ ଓ ଡି ଭିଲିୟର୍ସ ୧୨ ରନ୍ କରି ଆଉଟ ହୋଇଥିଲେ। ଚେନ୍ନଇର ବୋଲରମାନେ ଲେଗ୍ କଟର, ୟର୍କରକୁ ଚମତ୍କାର ଭଙ୍ଗୀରେ ବୋଲିଂ କରି ପ୍ରତିପକ୍ଷ ବ୍ୟାଟ୍ସମ୍ୟାନଙ୍କୁ ସ୍ଲଗ୍ ଓଭରରେ ହାତଖୋଲା ସଟ୍ ଖେଳିବାକୁ ଦେଇ ନଥିଲେ। ଯାହା ଫଳରେ ବାଙ୍ଗାଲୋର ଶେଷ ୪ ଓଭରରେ ୨୫ ରନ୍ ଉଠାଇଥିଲେ ମଧ୍ୟ ୫ଟି ୱିକେଟ ହରାଇଥିଲେ। ପିଚ୍‌ରୁ ସହାୟତା ପାଇବା ପରେ ବ୍ରାଭୋ ଚମତ୍କାର ସ୍ଲୋ ବଲ ପକାଇ ସବୁଠାରୁ ସଫଳ ବୋଲର ସାବ୍ୟସ୍ତ ହୋଇଥିଲେ। ସେ ତାଙ୍କ ୪ ଓଭର ବୋଲିଂ କୋଟାରେ ମାତ୍ର ୨୪ ରନ୍ ଦେଇ ସର୍ବାଧିକ ୩ଟି ୱିକେଟ ଅକ୍ତିଆର କରିଥିଲେ। ଶାର୍ଦ୍ଦୁଳ ଠାକୁରଙ୍କ ଲେଗ୍ କଟରକୁ ମୁକାବିଲା କରି ନପାରି ୨ଜଣ ଖେଳାଳି ଆଉଟ ହୋଇଥିଲେ।



ଦେବଦତ୍ତ ପାଡ଼ିକଲ ଓ ବିରାଟ କୋହଲି ରନ୍ ନେବାକୁ ଦୌଡ଼ୁଛନ୍ତି।

### ଆଇପିଏଲ୍ ପଏଣ୍ଟ ଟେବ୍‌ଲ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ନେଟ୍ ରନ୍ |
|---|---|---|---|---|---|
| ଚେନ୍ନଇ | ୯ | ୭ | ୨ | ୧୪ | +୧.୧୮୫ |
| ଦିଲ୍ଲୀ | ୯ | ୭ | ୨ | ୧୪ | +୦.୬୧୩ |
| ବାଙ୍ଗାଲୋର | ୯ | ୫ | ୪ | ୧୦ | -୦.୭୨୦ |
| କୋଲକାତା | ୯ | ୪ | ୫ | ୮ | +୦.୩୬୩ |
| ରାଜସ୍ଥାନ | ୮ | ୪ | ୪ | ୮ | -୦.୧୫୪ |
| ମୁମ୍ବଇ | ୯ | ୪ | ୫ | ୮ | -୦.୩୧୦ |
| ପଞ୍ଜାବ | ୯ | ୩ | ୬ | ୬ | -୦.୩୪୫ |
| ହାଇଦରାବାଦ | ୮ | ୧ | ୭ | ୨ | -୦.୬୮୯ |

### ସଂକ୍ଷିପ୍ତ ସ୍କୋର

**ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର: ୧୫୬/୬**, ୨୦ ଓଭର (ଦେବଦତ୍ତ ପାଡିକଲ-୭୦, ବିରାଟ କୋହଲି-୫୩, ଡ୍ୱେନ୍ ବ୍ରାଭୋ-୩/୨୪, ଶାର୍ଦ୍ଦୁଳ ଠାକୁର-୨/୨୯)।

**ଚେନ୍ନଇ ସୁପର କିଙ୍ଗ୍‌ସ: ୧୫୭/୪**, ୧୮.୧ ଓଭର (ଋତୁରାଜ-୩୮, ଡୁ ପ୍ଲେସିସ୍-୩୧, ରାୟୁଡୁ-୩୨, ରାଇନା-୧୭*, ଧୋନୀ-୧୧*, ହର୍ଷଲ-୨/୨୫, ଚହଲ-୧/୨୬)।

### ଆଜିର ମ୍ୟାଚ୍

ଆଇପିଏଲ ୨୦୨୧

ଦିଲ୍ଲୀ ବନାମ ରାଜସ୍ଥାନ
ଭେନ୍ୟୁ-ଆବୁଧାବି
ଖେଳ ଆରମ୍ଭ- ଅପରାହ୍ନ ୩ଟା ୩୦

ହାଇଦରାବାଦ ବନାମ ପଞ୍ଜାବ
ଭେନ୍ୟୁ-ଶାରଜା
ଖେଳ ଆରମ୍ଭ- ରାତି ୭ଟା ୩୦

ପ୍ରସାରଣ- ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ
ଷ୍ଟ୍ରିମିଂ- ଡିସ୍‌ନୀ ହଟ୍‌ଷ୍ଟାର

### ଡେଭିଡ୍ ପ୍ରଥମ ସିଙ୍ଗାପୁର କ୍ରିକେଟର୍

ଶାରଜା, ୨୪।୯ (ଏଜେନ୍ସି): ସିଙ୍ଗାପୁରର ପ୍ରଥମ କ୍ରିକେଟର୍ ଭାବେ ଟିମ୍ ଡେଭିଡ୍ ଆଇପିଏଲ୍‌ରେ ପଦାର୍ପଣ କରିଛନ୍ତି। ଶୁକ୍ରବାର ଡେଭିଡ୍ ଚେନ୍ନଇ ସୁପର୍ କିଙ୍ଗ୍‌ସ ବିପକ୍ଷ ମ୍ୟାଚରେ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପକ୍ଷରୁ ଖେଳି ଆଇପିଏଲ୍ କ୍ୟାରିୟର ଆରମ୍ଭ କରିଛନ୍ତି। ଏହି ମ୍ୟାଚରେ ସେ ମାତ୍ର ୧ ରନ କରି ଦୀପକ ଚହରଙ୍କ ବଲରେ ଆଉଟ୍ ହୋଇଥିଲେ। ଫିନ୍ ଆଲେନ୍‌ଙ୍କ ବଦଳ ଖେଳାଳି ଭାବେ ଡେଭିଡ୍ ବାଙ୍ଗାଲୋର ଦଳରେ ସାମିଲ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଆଇସିସିର ଦିନିକିଆ କିମ୍ବା ଟେଷ୍ଟ ମାନ୍ୟତା ପାଇ ନଥିବା ଦେଶ 'ସିଙ୍ଗାପୁର'ରୁ ଡେଭିଡ୍ ବିଶ୍ୱର ପ୍ରଥମ କ୍ରିକେଟର୍ ଭାବେ ଆଇପିଏଲ୍ ଖେଳିଛନ୍ତି। ଏହି ଦେଶକୁ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ ମାନ୍ୟତା ମିଳିଛି।

# କ୍ୱାର୍ଟରରେ ଓଡ଼ିଶା ବାଳକ ଓ ବାଳିକା ଦଳ

ଜାତୀୟ ଜୁନିଅର ଖୋ ଖୋ

**ଭୁବନେଶ୍ୱର, ୨୪।୯ (ସମିସ)**

ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ବିଜୁ ପଟ୍ଟନାୟକ ଇନ୍‌ଡୋର କମ୍ପ୍ଲେକ୍ସଠାରେ ଚାଲିଥିବା ଜାତୀୟ ଜୁନିଅର ଖୋ ଖୋ ଚାମ୍ପିଅନ୍‌ସିପ୍‌ର ୪୦ତମ ସଂସ୍କରଣରେ ଆୟୋଜକ ଓଡ଼ିଶାର ଉଭୟ ବାଳକ ଓ ବାଳିକା ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାରେ ଓଡ଼ିଶା ବାଳିକା ଦଳ ୨୧ ପଏଣ୍ଟରେ ହିମାଚଳ ପ୍ରଦେଶକୁ ପରାସ୍ତ କରିଥିଲା। ଏଥିପୂର୍ବରୁ ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ବାଳିକା ଦଳ ୨୧ ପଏଣ୍ଟ ଓ ଇନିଂସ ବ୍ୟବଧାନରେ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରି ପ୍ରି-କ୍ୱାର୍ଟରରେ ପ୍ରବେଶ କରିଥିଲା। ସେହିଭଳି ଦିବସରେ ଅନୁଷ୍ଠିତ ବାଳିକା ବିଭାଗର ଅନ୍ୟ ମ୍ୟାଚଗୁଡ଼ିକରେ ଛତିଶଗଡ଼ ୧୦ ପଏଣ୍ଟରେ ଅରୁଣାଚଳ ପ୍ରଦେଶକୁ, କୋହ୍ଲାପୁର ୩ ପଏଣ୍ଟରେ ରାଜସ୍ଥାନକୁ, ହରିୟାଣା ୧ ପଏଣ୍ଟରେ କେରଳକୁ, ତାମିଲନାଡୁ ୧୬ ପଏଣ୍ଟରେ ମଧ୍ୟପ୍ରଦେଶକୁ, ପଞ୍ଜାବ ୧ ପଏଣ୍ଟରେ ଦିଲ୍ଲୀକୁ ଓ ପଶ୍ଚିମବଙ୍ଗ ୧ ପଏଣ୍ଟରେ ଗୁଜରାଟକୁ ହରାଇଥିଲା।

ଅପରପକ୍ଷରେ ବାଳକ ବିଭାଗରେ ଓଡ଼ିଶା ଦଳ ପ୍ରି-କ୍ୱାର୍ଟର ଫାଇନାଲରେ ମଣିପୁରକୁ ୭ ପଏଣ୍ଟରେ ପରାସ୍ତ କରି ଅନ୍ତିମ-୮ରେ ପ୍ରବେଶ କରିଥିଲା। ଅନ୍ୟ ମ୍ୟାଚଗୁଡ଼ିକରେ ମଣିପୁର, ଝାଡ଼ଖଣ୍ଡ, ଲେଲଙ୍ଗାନା, ହରିୟାଣା, କୋହ୍ଲାପୁର ଆନ୍ଧ୍ରପ୍ରଦେଶ ପ୍ରମୁଖ ବିଜୟୀ ହୋଇଥିଲେ। ସେହିଭଳି ଦିଲ୍ଲୀ ଓ ତାମିଲନାଡୁ ମଧ୍ୟରେ ଜୋଯାଇଥିବା ମ୍ୟାଚ୍ ୧୦-୧୦ ପଏଣ୍ଟରେ ଟାଇ ରହିଥିଲା।



MAHAVIR COLLEGE OF NURSING
Recognised by : Health & family welfare Department, Govt of Odisha, Odisha Nursing Council, Directorate of Medical Education & Training, Odisha
ADMISSION OPEN 2021-22
COURSES OFFERED :
1. ANM - 2Yrs: (+2 any Stream), 2. GNM - 3Years: (+2 any Stream)
3. DMLT - 2 Yrs (+2 Science) 4. B.Sc Nursing - 4 Yrs (+2 Science - PCB)
5. Diabetes Assistant - 1 Yr: (+2 Any Stream) 6. Dental Assistant - 1Yr: (+2 Any Stream)
7. GDA (General Duty Assistant) - 9 Monts :(10th Pass) 8. Dental Lab Tech. - 9 Monts :(10th Pass)
100% Placement Spot Admission Hostel Facility available
Address & Contact :
Campus1: Mahapatra Complex, Gobindpali, Chowk, Bargarh
Campus2: Near Fly Over Bridge, Bhatli Chowk, Bargarh
Contact No. 9937292549 | 8984918095
Mail ID : mahavircollegeofnursing@gmail.com | mahavirschoolofnursing@gmail.com
Website : www.mahavircollegeofnursing.org

ସକାଳ
THE SAKALA
www.thesakala.com
We require the following posts for Bhubaneswar City.
STRINGER
For Khandagiri, Old Town, Chandrasekharpur, Rasulgarh.
Qualification: Graduation with 3 yrs. experience.
Send your CV by 30.09.2021 to
DGM, HR
Email: hr@thesakala.com
SAKALA MEDIA PVT LTD,
Plot No.: N-3/441, Nayapalli, Bhubaneswar

## ମହିଳା କ୍ରିକେଟ

# ଶେଷ ବଲ୍‌ରେ ହାରିଲା ଭାରତ

**ମ୍ୟାକ୍‌କୟ (ଅଷ୍ଟ୍ରେଲିଆ), ୨୪।୯ (ଏଜେନ୍ସି)**

ଭ୍ରମଣକାରୀ ଭାରତୀୟ ମହିଳା କ୍ରିକେଟ୍ ଦଳ ବିପକ୍ଷରେ ଶୁକ୍ରବାର ଏଠାରେ ଖେଳାଯାଇଥିବା ଦ୍ୱିତୀୟ ଏକଦିବସୀୟ ମ୍ୟାଚରେ ଅଷ୍ଟ୍ରେଲିଆ ରୋମାଞ୍ଚକ ବିଜୟ ହାସଲ କରିଛି। ଭାରତ ପକ୍ଷରୁ ଧାର୍ଯ୍ୟ ୨୭୫ ରନର ଲକ୍ଷ୍ୟକୁ ପିଛା କରି ଘରୋଇ ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳ ୫ ୱିକେଟ୍ ହରାଇ ଅନ୍ତିମ ବଲରେ ବିଜୟୀ ହୋଇଥିଲା। ଅନ୍ତିମ ଓଭରରେ ବିଜୟ ଲାଗି ଅଷ୍ଟ୍ରେଲିଆକୁ ୧୩ ରନ୍ ଆବଶ୍ୟକ ହେଉଥିଲା। କିନ୍ତୁ ଭାରତର ଅଭିଜ୍ଞ ଦ୍ରୁତ ବୋଲର ଝୁଲଣ ଗୋସ୍ୱାମୀ ଏହି ରନ୍‌କୁ ଅଟକାଇବାରେ ବିଫଳ ହୋଇଥିଲେ। ଓପନର୍ ବେଥ୍ ମୁନୀ ଅପରାଜିତ ଶତକୀୟ ଇନିଂସ ଖେଳି ଅଷ୍ଟ୍ରେଲିଆ ବିଜୟରେ ନାୟିକା ସାଜିଥିଲେ। ପୂର୍ବରୁ ମଧ୍ୟ ପ୍ରଥମ ଏକଦିବସୀୟ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ୯ ୱିକେଟ୍ ଜିତିଥିଲା। ଫଳରେ ୩ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ଘରୋଇ ଦଳ ୨-୦ରେ ଆଗୁଆ କବ୍‌ଜା କରିନେଇଛି। ସିରିଜ ଅନ୍ତିମ ମ୍ୟାଚ୍ ରବିବାର ଖେଳାଯିବ।

ସ୍ଥାନ ହାରୁପ୍ ପାର୍କରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଅଷ୍ଟ୍ରେଲିଆ ଅଧିନାୟିକା ମେଗ୍ ଲାନ୍ନିଂ ପ୍ରଥମେ ଭାରତୀକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ। ଓପନିଂ ଯୋଡ଼ିରେ ଦୁଇ ଭାରତୀୟ ବ୍ୟାଟର୍ ସ୍ମୃତି ମନ୍ଧାନା ଓ ଶେଫାଳି ବର୍ମା ୧୧.୧ ଓଭରରେ ୭୪ ରନ ସଂଗ୍ରହ କରିଥିଲେ। ଏହି ସମୟରେ ଶେଫାଳିଙ୍କୁ ଆଉଟ୍ କରି ସୋଫି ମୋଲିନେଉକ୍ସ ଅଷ୍ଟ୍ରେଲିଆକୁ ପ୍ରଥମ ବ୍ରେକ୍‌ଥ୍ରୁ ଦେଇଥିଲେ। ଏହାପରେ ମନ୍ଧାନା ଗୋଟିଏ ପଟେ ଦୃଢ଼ତାର ସହ ବ୍ୟାଟିଂ ଜାରି ରଖିଥିବାବେଳେ ଅନ୍ୟପଟେ ପ୍ରତ୍ୟେକ ବ୍ୟାଟର୍ ତାଙ୍କୁ ସହଯୋଗ କରିଥିଲେ। ଫଳରେ ଭାରତ ୫୦ ଓଭରରେ ୭ ୱିକେଟ୍ ହରାଇ ୨୭୪ ରନ ସଂଗ୍ରହ କରିଥିଲା। ମନ୍ଧାନା ୯୪ ବଲରୁ ୮୬ ରନ କରି ଆଉଟ୍ ହୋଇଥିଲେ। ଏହି ଇନିଂସରେ ସେ ୧୧ ଚୌକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱିକେଟ୍‌କିପର ରିଚା ଘୋଷ ୪୪, ପୂଜା ବସ୍ତ୍ରକାର ୨୯, ଝୁଲଣ ଗୋସ୍ୱାମୀ ୨୮*, ଦୀପ୍ତି ଶର୍ମା ୨୩ ରନ କରିଥିଲେ। ଅଧିନାୟିକା ମିତାଲି ରାଜ ମାତ୍ର ୮ ରନ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଥିଲନ ମ୍ୟାକ୍‌ଗ୍ରା ୩ଟି ୱିକେଟ୍ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ପ୍ରାରମ୍ଭରୁ ୫୨ ରନରେ ୪ ୱିକେଟ୍ ହରାଇ ସଙ୍କଟରେ ପଡ଼ିଥିଲା। ତେବେ ଓପନର୍ ବେଥ୍ ମୁନୀ ଗୋଟିଏ ପାର୍ଶ୍ୱରେ ଧୈର୍ଯ୍ୟର ସହ ବ୍ୟାଟିଂ କରି ଦମ୍‌ଦାର ଶତକ ସହ ଦଳକୁ ୫ ୱିକେଟ୍‌ରେ ରୋମାଞ୍ଚକ ବିଜୟୀ କରାଇଥିଲେ। ଶେଷ ଓଭରରେ ୧୩ ଓ ଶେଷ ବଲରେ ୩ ରନ୍ ଆବଶ୍ୟକ ହେଉଥିଲେ ମଧ୍ୟ ମୁନୀ ଏହାକୁ ସଂଗ୍ରହ କରିନେଇଥିଲେ। ଭାରତ ପକ୍ଷରୁ ଶେଷ ଓଭର ବୋଲିଂ କରୁଥିବା ଗୋସ୍ୱାମୀ ଶେଷ ବଲରେ ନୋ ବଲ୍ ପକାଇ ଅଷ୍ଟ୍ରେଲିଆର ବିଜୟକୁ ସହଜ କରିଦେଇଥିଲେ। ମୁନୀ ୧୨୫ ରନରେ ଅପରାଜିତ ରହିଥିବାବେଳେ ମ୍ୟାକ୍‌ଗ୍ରା (୭୪ ରନ) ଓ ନିକୋଲା କ୍ୟାରୀ (୩୯*) ତାଙ୍କୁ ଉପଯୁକ୍ତ ସହାୟତା କରିଥିଲେ।



ଅଷ୍ଟ୍ରେଲିଆର ଶତକ ହାସଲକାରୀ ବେଥ୍ ମୁନୀ

ସକାଳ
THE SAKALA
SAKALA MEDIA PVT. LTD.
Plot No.- N-3/441,IRC Village, Nayapalli, Bhubaneswar-15
ପ୍ରିୟ ପାଠକ / ପାଠିକା,
'ସକାଳ' ଖବରକାଗଜ ପାଇବାରେ ଅସୁବିଧା ହେଉଥିଲେ ଆପଣ ନିମ୍ନ ପ୍ରଦତ୍ତ ନମ୍ବରରେ ଯୋଗାଯୋଗ କରିପାରିବେ।
BHUABNESWAR
Ashoka Market
Prabodha - 9776355222
Chandrasekharpur
Rajesh - 9090490990
Old Town
Dinabandhu - 9937615111
C.R.P.
Bijaya - 9040246520
Khandagiri
Ashok - 8114773314
KHURDA, NAYAGARH, PURI
Sudhanshu - 6371694142
BERHAMPUR, GANJAM GAJAPATI, KANDHAMALA
Kanhei- 9777127070
JEYPORE
SUDHIR- 9777005500
CUTTACK
Prasanta - 8249018397
SAMBALPUR
Sudam - 7008081464
Sibu - 9337050279
UPAKULA
Gyana - 7438865336
BALASORE
Kalinga - 9348955071
ପ୍ରସାର ବିଭାଗ, ସକାଳ

PUBLISHED BY AMIT KUMAR MALLICK FOR SAKALA MEDIA PVT. LTD., PLOT NO. N-3/441, IRC VILLAGE, NAYAPALLI, BHUBANESWAR-15, PH: 0674-2954342/ 2955342
PRINTED AT SAKALA MEDIA PVT. LTD, DENGSARGI, BAREIPALI, SAMBALPUR, ODISHA-768006
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର